

ବିବାହ କଲେ ରୋନାଲ୍ଡୋ

▶ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-50 ♦THURSDAY ♦13 AUGUST 2026 ♦PAGE-12 ♦₹ 7.00 | PANIKOILI | ♦ବର୍ଷ-୪୪ ♦ସଂଖ୍ୟା-୫୦ ♦ଗୁରୁବାର ♦୧୩ ଅଗଷ୍ଟ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


# ସଂସଦରେ ଅଚଳାବସ୍ଥା

## ଚର୍ଚ୍ଚା ପାଇଁ ସରକାର ପ୍ରସ୍ତୁତ: ଶାହା

## ଇସ୍ତଫା ଲୋଡ଼ା, ଭାଷଣ ନୁହେଁ: ରାହୁଲ





■ ନୂଆଦିଲ୍ଲୀ, ୧୨।୮ (ଏଜେନ୍ସି): ନିଟ୍ ଆନ୍ଦୋଳନକାରୀ ଛାତ୍ରଙ୍କ ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନ ଏବଂ ରାମ ମନ୍ଦିର ଦାନ ଅର୍ଥ ଚୋରି ଅଭିଯୋଗକୁ ନେଇ ଗୃହରେ ହଙ୍ଗାମା ଜାରି ରହିଛି। ସଂସଦରେ ଜାରି ରହିଥିବା ଗତିରୋଧକୁ ଦୂର କରିବା ପାଇଁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଆଲୋଚନା ପାଇଁ ପ୍ରସ୍ତାବ ଦେଇଥିବା ବେଳେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏହାକୁ ପ୍ରତ୍ୟାଖ୍ୟାନ କରିଛନ୍ତି।

ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ଚିଠି ଲେଖି ଗୃହମନ୍ତ୍ରୀ କହିଛନ୍ତି ଯେ, ନିଟ୍ ପରୀକ୍ଷା ବିଭ୍ରାଟ ବିରୋଧରେ ଆନ୍ଦୋଳନ ଏବଂ ପୁଲିସ କାର୍ଯ୍ୟାନୁଷ୍ଠାନ ନେଇ ସେ ସବୁ ପ୍ରକାର ଆଲୋଚନା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି। ଏହି ପ୍ରସଙ୍ଗରେ ସରକାରଙ୍କର କିଛି ଲୁଚାଇବାର ନାହିଁ। ବାଚସ୍ପତି ବିରୋଧୀ ଦଳ ସହ ବିଚାରବିମର୍ଶ କରି ସମୟଧାର୍ଯ୍ୟ କରନ୍ତୁ। ଆଲୋଚନା ବେଳେ ସେ ପ୍ରସ୍ତୁତ ରହିବେ ଏବଂ ସମସ୍ତ ପ୍ରଶ୍ନର ଉତ୍ତର ରଖିବାକୁ ପ୍ରସ୍ତୁତ ଅଛନ୍ତି। ଏହି ପ୍ରସଙ୍ଗରେ ସେ ବିରୋଧୀ ଦଳର ସମାଲୋଚନା କରି କହିଛନ୍ତି ଯେ ବିରୋଧୀ ଆଲୋଚନା ନକରି କେବଳ ▶ପୃଷ୍ଠା-୭

## ଜେପିସିକୁ ଗଲା ଏଫ୍‌ସିଆର୍‌ଏ ବିଲ୍

■ ନୂଆଦିଲ୍ଲୀ, ୧୨।୮ (ଏଜେନ୍ସି): ବିରୋଧୀ ଦଳଗୁଡ଼ିକର କ୍ରମାଗତ ହଙ୍ଗାମା ମଧ୍ୟରେ କେନ୍ଦ୍ର ସରକାର 'ବୈଦେଶିକ ଅଂଶଦାନ (ନିୟନ୍ତ୍ରଣ) ସଂଶୋଧନ ବିଲ୍, ୨୦୨୬' ଅର୍ଥାତ ଏଫ୍‌ସିଆରଏ ବିଲ୍‌କୁ ସମୀକ୍ଷା ପାଇଁ ଏକ ଯୁଗ୍ମ ସଂସଦୀୟ କମିଟି (ଜେପିସି) ନିକଟକୁ ପଠାଇଛନ୍ତି। କେନ୍ଦ୍ର ଗୃହରାଷ୍ଟ୍ର ମନ୍ତ୍ରୀ ନିତ୍ୟାନନ୍ଦ ରାୟ ଲୋକସଭାରେ ଏସଂପର୍କରେ ଏକ ପ୍ରସ୍ତାବ ଆଗତ କରିଥିଲେ ଏବଂ ଏହା ବାଚନିକ ଭୋଟରେ ଗୃହୀତ ହୋଇଥିଲା। ଏହି ଯୁଗ୍ମ କମିଟିରେ ମୋଟ ୩୧ ଜଣ ସାଂସଦ ରହିବେ, ଯେଉଁଥିରେ ଲୋକସଭାରୁ ୨୧ ଜଣ ଏବଂ ରାଜ୍ୟସଭାରୁ ୧୦ ଜଣ ସଦସ୍ୟ ମନୋନୀତ ହେବେ। କମିଟି ବିଲ୍‌ର ଗ୍ରହଣୀୟତା ଓ ବିଭିନ୍ନ ଦିଗ ସମ୍ପର୍କରେ ଅନୁଧାନ କରି ୨୦୨୬ ଶୀତକାଳୀନ ଅଧିବେଶନର ପ୍ରଥମ ସପ୍ତାହର ଶେଷ ସୁଦ୍ଧା ନିଜର ରିପୋର୍ଟ ପ୍ରଦାନ କରିବ। ▶ପୃଷ୍ଠା-୭

### ଘରୁ ପୋଡ଼ା ଟଙ୍କା ଜବତ ମାମଲା

## ଜଷ୍ଟିସ ବର୍ମା ଦୋଷୀ ସାବ୍ୟସ୍ତ



■ ନୂଆଦିଲ୍ଲୀ, ୧୨।୮ (ଏଜେନ୍ସି): ଦିଲ୍ଲୀ ହାଇକୋର୍ଟର ପୂର୍ବତନ ବିଚାରପତି ଯଶୋବନ୍ତ ବର୍ମାଙ୍କ ସରକାରୀ ବାସଭବନରୁ ବିପୁଳ ପରିମାଣର ପୋଡ଼ା ଟଙ୍କା ମିଳିବା ଘଟଣାରେ ସଂସଦୀୟ କମିଟି ତାଙ୍କୁ ଦୋଷୀ ସାବ୍ୟସ୍ତ କରିଛି।

ବୁଧବାର ସଂସଦରେ ଉପସ୍ଥାପିତ ହୋଇଥିବା ରିପୋର୍ଟ ଅନୁଯାୟୀ, ଜବତ ଟଙ୍କାର ଉତ୍ସ ଓ ମାଲିକାନା ସମ୍ପର୍କରେ ଜଷ୍ଟିସ୍ ବର୍ମା କୌଣସି ସନ୍ତୋଷଜନକ ଉତ୍ତର ଦେଇପାରିନାହାନ୍ତି। ଜଷ୍ଟିସ ବର୍ମାଙ୍କୁ ବହିଷ୍କାର କରିବା ଲାଗି ୨୦୦ରୁ ଅଧିକ ସାଂସଦ ନୋଟିସ ଦେବାପରେ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ଦ୍ୱାରା ସଂସଦୀୟ କମିଟି ଗଠନ କରାଯାଇଥିଲା।

ସୂଚନାଯୋଗ୍ୟ ଯେ ୧୪ ମାର୍ଚ୍ଚ ୨୦୨୫ ରାତିରେ ନୂଆଦିଲ୍ଲୀର ୩୦, ତୋଗଲକ କ୍ରେସେଣ୍ଟସ୍ଥିତ ତାଙ୍କ ସରକାରୀ ବାସଭବନରେ ନିଆଁ ଲାଗିଯାଇଥିଲା। ନିଆଁ ଲିଭାଇବା ପାଇଁ ଆସିଥିବା ଦମକଳବାହିନୀ ଷ୍ଟୋର୍‌ରୁମ୍‌ରୁ ଅଧାପୋଡ଼ା ୫୦୦ ଟଙ୍କିଆ ନୋଟ୍‌ର ବିପୁଳ ପରିମାଣର କ୍ୟାସ୍ ଠାବ କରିଥିଲେ। ଏହି ଟଙ୍କା କାହାର ଏବଂ କେଉଁଠୁ ଆସିଲା, ସେ ନେଇ ଜଷ୍ଟିସ୍ ବର୍ମା ସନ୍ତୋଷଜନକ ଉତ୍ତର ଦେଇ ପାରି ନାହାନ୍ତି ବୋଲି କମିଟି ଏହାର ରିପୋର୍ଟରେ ଦର୍ଶାଇଛି। ତାଙ୍କର ସ୍ପଷ୍ଟୀକରଣରେ ସ୍ୱଚ୍ଛତା ଓ ପ୍ରାତିଷ୍ଠାନିକ ଉତ୍ତରଦାୟିତ୍ୱର ଅଭାବ ଥିବା କମିଟି ଦର୍ଶାଇଛି। ଏହା ସହିତ କମିଟି କହିଛି ଯେ, ଘଟଣାପରେ ପ୍ରମାଣଗୁଡ଼ିକୁ ସୁରକ୍ଷିତ ରଖାଯାଇନଥିଲା ଏବଂ ଆଇନଗତ ଭାବେ ଷ୍ଟୋର୍‌ରୁମ୍ ସିଲ୍ ହେବା ପୂର୍ବରୁ ସେଠାରେ ହସ୍ତକ୍ଷେପ କରାଯାଇ ପ୍ରମାଣ ନଷ୍ଟ କରାଯାଇଥିଲା। ପୂର୍ବରୁ ତତ୍କାଳୀନ ପ୍ରଧାନ ବିଚାରପତି ସଞ୍ଜୀବ ଖାନ୍ନାଙ୍କ ଦ୍ୱାରା ଗଠିତ ଆଭ୍ୟନ୍ତରୀଣ କମିଟି ମଧ୍ୟ ଜଷ୍ଟିସ୍ ବର୍ମାଙ୍କ ଏହି ଷ୍ଟୋର୍‌ରୁମ୍ ଉପରେ ସିଧାସଳଖ ନିୟନ୍ତ୍ରଣ ଥିବା ସ୍ପଷ୍ଟ କରିଥିଲେ। ଏହି ବିବାଦ ପରେ ତାଙ୍କ ବିରୋଧରେ ସଂସଦରେ ▶ପୃଷ୍ଠା-୭

### ଡିଜିପି ନିଯୁକ୍ତି

# କ୍ଷମତା ଅଳିନ୍ଦରେ ଛାୟାଯୁଦ୍ଧ

■ ଭୁବନେଶ୍ୱର, ୧୨।୮ (ସମିସ): ରାଜ୍ୟରେ ପ୍ରଥମଥର ଓଡ଼ିଶା ପୁଲିସର ସର୍ବୋଚ୍ଚ ଡିଜି ପଦକୁ ନେଇ ଆରମ୍ଭ ହୋଇଛି ବିବାଦ ଓ ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଛି । ନୂତନ ଡିଜି ନିଯୁକ୍ତି ପ୍ରସଙ୍ଗରେ ୨୦୦୬ରେ କେନ୍ଦ୍ର ସରକାର ବନାମ ପ୍ରକାଶ ସିଂହ ମାମଲାରେ ସୁପ୍ରିମକୋର୍ଟ ପ୍ରଦାନ କରିଥିବା ରାୟକୁ ଉଲ୍ଲଂଘନ କରାଯାଇଥିବା ଅଭିଯୋଗ ହୋଇଛି। ଗତକାଲି ଏ ସଂକ୍ରାନ୍ତରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା ଓ ଆସନ୍ତା ମଙ୍ଗଳବାର ଏ ସଂକ୍ରାନ୍ତରେ ଶୁଣାଣି ହୋଇପାରେ ବୋଲି ଚର୍ଚ୍ଚା ଚାଲିଛି। ଅନ୍ୟପକ୍ଷରେ ଗତ ୭ ତାରିଖରେ ଅଧାରୁ ବନ୍ଦ ହୋଇଥିବା ୟୁପିଏସ୍‌ସି ଆସନ୍ତାକାଲି ଏମ୍ପାନେଲମେଣ୍ଟ କମିଟି ବୈଠକ ପରେ ସମ୍ଭାବ୍ୟ ଡିଜି ପଦ ପାଇଁ ରାଜ୍ୟ ସରକାରଙ୍କୁ ନାମ ସୁପାରିସ କରିପାରେ ବୋଲି ମଧ୍ୟ କୁହାଯାଉଛି। ମାତ୍ର ରାଜ୍ୟର ପରବର୍ତ୍ତୀ ଡିଜି ପଦକୁ ନେଇ କ୍ଷମତା ଅଳିନ୍ଦରେ ଯେଉଁ ଛାୟା ଯୁଦ୍ଧ ଆରମ୍ଭ

## ଆଜି ୟୁପିଏସ୍‌ସି ବୈଠକ ଉପରେ ସଭିଙ୍କ ନଜର

## ୧୮ ରେ ହୋଇପାରେ ସୁପ୍ରିମକୋର୍ଟରେ ଶୁଣାଣି

ହୋଇଛି; ଏହାର ପରିଣାମ କ'ଣ ହେବ ତାହା ଏଯାଏ ସ୍ପଷ୍ଟ ହୋଇନାହିଁ।

ଓଡ଼ିଶାର ବର୍ତ୍ତମାନର ଡିଜିପି ୱାଇ.ବି. ଖୁରାନିଆ ଅଗଷ୍ଟ ୧୬ରେ ଅବସର ନେବେ, ଏହା ପୂର୍ବରୁ ରାଜ୍ୟର ନୂଆ ପୁଲିସ ମୁଖିଆ ମନୋନୟନ କରିବା ରାଜ୍ୟ ସରକାରଙ୍କ ଦାୟିତ୍ୱ। ଡିଜିପି ନିଯୁକ୍ତି କେବଳ ପ୍ରଶାସନିକ ନିଯୁକ୍ତି ନୁହେଁ; ଏହା ରାଜ୍ୟର ପୁଲିସ ପ୍ରଶାସନ, ଆଇନଶୃଙ୍ଖଳା ଓ କ୍ଷମତା କେନ୍ଦ୍ର ସହ ଜଡ଼ିତ ଏକ ଅତ୍ୟନ୍ତ ସମ୍ବେଦନଶୀଳ ପଦକ୍ଷେପ। ପୁଣି ରାଜ୍ୟର ଆଇନଶୃଙ୍ଖଳା ସ୍ଥିତି, ଆଗାମୀ ଦିନରେ ବିଭିନ୍ନ ନିର୍ବାଚନ ଦୃଷ୍ଟିରୁ ଏହି ନିଯୁକ୍ତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେ ହେଉଛି। ପ୍ରଥମେ ରାଜ୍ୟର ପରବର୍ତ୍ତୀ ଡିଜି ପଦ ପାଇଁ ▶ପୃଷ୍ଠା-୭

### ବଙ୍ଗୋପସାଗରରେ ସୃଷ୍ଟି ହେଲା ଲଘୁଚାପ

# ଉତ୍ତର ଓଡ଼ିଶାରେ ଅଧିକ ପ୍ରଭାବ

### ପୂର୍ବ ଲଘୁଚାପ ତୁଳନାରେ କମ୍ ବର୍ଷା

■ ଭୁବନେଶ୍ୱର, ୧୨।୮ (ସମିସ): ବଙ୍ଗୋପସାଗର ପୁଣି ଏକ ଲଘୁଚାପ ସୃଷ୍ଟି ହୋଇଛି। ପଶ୍ଚିମବଙ୍ଗ ଓ ବାଂଲାଦେଶ ଉପକୂଳର ଉତ୍ତର ବଙ୍ଗୋପସାଗର ଉପରେ ଏହି ଲଘୁଚାପ ସୃଷ୍ଟି ହୋଇଛି। ଲଘୁଚାପଟି ଆଗାମୀ ୧୨ ଘଣ୍ଟା ମଧ୍ୟରେ ଏକ ସ୍ପଷ୍ଟ ଚିହ୍ନିତ ଲଘୁଚାପରେ ପରିଣତ ହେବା ସହ ପରବର୍ତ୍ତୀ ୨୪ ଘଣ୍ଟା ମଧ୍ୟରେ ଏକ ଅବପାତରେ ପରିଣତ ହେବ ବୋଲି ପାଣିପାଗ କେନ୍ଦ୍ର କହିଛି।

ତେବେ ଏହି ଲଘୁଚାପଟି ପଶ୍ଚିମବଙ୍ଗ ଓ ବାଂଲାଦେଶ ଉପକୂଳ ଉତ୍ତର ପଶ୍ଚିମ ଦିଗକୁ ଗତି କରିବାର ସମ୍ଭାବନା ରହିଥିବାରୁ ପୂର୍ବ ଲଘୁଚାପଗୁଡ଼ିକ ତୁଳନାରେ ଓଡ଼ିଶାରେ ଅପେକ୍ଷାକୃତ କମ୍ ବର୍ଷା ହେବ ବୋଲି ଅନୁମାନ କରାଯାଉଛି। ସାରା ରାଜ୍ୟରେ ବର୍ଷା ନ ହୋଇ ଉତ୍ତର ଓଡ଼ିଶାରେ ଲଘୁଚାପର ସର୍ବାଧିକ ପଡ଼ିପାରେ ବୋଲି ଆକଳନ କରାଯାଉଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ▶ପୃଷ୍ଠା-୭

# ୧୦ ପ୍ରସ୍ତାବକୁ କ୍ୟାବିନେଟ୍ ମୋହର

### ଜଳସେଚନ, ଅକ୍ଷୟ ଶକ୍ତି କ୍ଷେତ୍ରକୁ ପ୍ରାଧାନ୍ୟ

■ ଭୁବନେଶ୍ୱର, ୧୨।୮ (ସମିସ): ରାଜ୍ୟରେ କୃଷକଙ୍କୁ ସୁନିଶ୍ଚିତ ଜଳସେଚନ ଲକ୍ଷ୍ୟ ନେଇ ଆରମ୍ଭ ହୋଇଥିବା ପାର୍ବତୀଗିରି ଉଠାଜଳସେଚନ ପ୍ରକଳ୍ପ ଦ୍ୱାରା ବେଶ୍ ପ୍ରଭାବଶାଳୀ ସାବ୍ୟସ୍ତ ହୋଇପାରିଛି। ଏହି ପ୍ରକଳ୍ପ ଅଧୀନରେ ଏଯାବତ୍ ୨୩ ଜିଲ୍ଲାର ୨.୬୬ ଲକ୍ଷ ହେକ୍ଟର ଚାଷଜମିରେ ଜଳ ପହଞ୍ଚିପାରିଛି। କାର୍ଯ୍ୟକ୍ରମର ଉପାଦେୟତା ତଥା ଅଧିକରୁ ଅଧିକ ଚାଷଜମିରେ ସେଚ ସାମର୍ଥ୍ୟ ସୃଷ୍ଟି ପାଇଁ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ଏହି ଯୋଜନାକୁ ଆଉ ୫ ବର୍ଷ ବୃଦ୍ଧି ପାଇଁ ମୋହର ବାଜିଛି। ଏଥିପାଇଁ ୧୨୪୫୮ କୋଟି ଟଙ୍କାର ବ୍ୟୟବରାଦ ହୋଇଥିବା ବେଳେ ଏହ୍ୱାଦାରା ୨.୬୨ ଲକ୍ଷ ହେକ୍ଟର ଅତିରିକ୍ତ ଚାଷଜମିରେ ସେଚସାମର୍ଥ୍ୟ ସୃଷ୍ଟି ପାଇଁ ଲକ୍ଷ୍ୟ ରଖାଯାଇଛି। କ୍ୟାବିନେଟରେ ୬ଟି ବିଭାଗର ୧୦ ପ୍ରସ୍ତାବକୁ ମୋହର ବାଜିଥିବା ବେଳେ ଜଳସେଚନ, ଅକ୍ଷୟ ଶକ୍ତିକୁ ସର୍ବାଧିକ ଗୁରୁତ୍ୱ ମିଳିଛି। ସେହିପରି ଅନୁକମ୍ପାମୂଳକ ନିଯୁକ୍ତି କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର। ପ୍ରଚଳିତ ଥିବା ୧୦୦ ପଏଣ୍ଟ ମୂଲ୍ୟାୟନ ପଦ୍ଧତିକୁ ଉଚ୍ଛେଦ କରି ମୃତ କର୍ମଚାରୀଙ୍କ ପରିବାରର ଜଣେ ଯୋଗ୍ୟ ସଦସ୍ୟଙ୍କୁ ଗ୍ରୁପ-ଡି ମୂଳ ପଦବୀରେ ନିଯୁକ୍ତି ପ୍ରସ୍ତାବକୁ କ୍ୟାବିନେଟ ମୋହର ମାରିଛି।

ବୈଠକ ପରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ୨୦୨୬-୨୭ ଆର୍ଥିକ ବର୍ଷରୁ ୨୦୩୦-୩୧ ଆର୍ଥିକ ବର୍ଷ ମଧ୍ୟରେ ପାର୍ବତୀ ଗିରି ବୃହତ୍ ଉଠାଜଳସେଚନ ପ୍ରକଳ୍ପର ତୃତୀୟ ପର୍ଯ୍ୟାୟ କାର୍ଯ୍ୟକାରୀ କରାଯିବ। ଏହା ଅଧୀନରେ ରାଜ୍ୟର ସମସ୍ତ ଜିଲ୍ଲାରେ ୧୬୧ଟି ମେଗାଲିଫ୍ଟ ଜଳସେଚନ ପ୍ରକଳ୍ପ ▶ପୃଷ୍ଠା-୭

### ଅସନ୍ତୋଷ ପରେ ନଇଁଲେ ସରକାର

## ବଦଳିଲା ଏଗ୍ରିଷ୍ଟାକ୍ ନିଷ୍ପତ୍ତି

■ ଭୁବନେଶ୍ୱର, ୧୨।୮ (ସମିସ): ରାଜ୍ୟରେ ଖରିଫ ପଞ୍ଜୀକରଣ ଓ ଏଗ୍ରିଷ୍ଟାକ୍ ପଞ୍ଜୀକରଣକୁ ନେଇ ବିବାଦ ତୀବ୍ର ହେବା ପରେ ରାଜ୍ୟ ସରକାର ଶେଷରେ ମୁଣ୍ଡ ନୁଆଁଇଛନ୍ତି। ଏସମ୍ପର୍କରେ ରାଜ୍ୟ କ୍ୟାବିନେଟ୍‌ରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଭାବେ ଏଗ୍ରିଷ୍ଟାକ୍ ପଞ୍ଜୀକରଣ ନେଇ କୃଷକଙ୍କୁ ଚିନ୍ତା ନକରିବାକୁ କ୍ୟାବିନେଟ୍‌ର ପରାମର୍ଶ ଦେଇଛି। ଏହାସହିତ ଚଳିତ ବର୍ଷ ମଧ୍ୟ ପୂର୍ବବର୍ଷ ଭଳି ଧାନ କିଣା ପାଇଁ 'ପିପିଏସ୍' ବ୍ୟବସ୍ଥାରେ କୃଷକମାନଙ୍କ ପଞ୍ଜୀକରଣ ପ୍ରକ୍ରିୟା ଜାରି ରହିବ। କୃଷକମାନେ ଏଗ୍ରିଷ୍ଟାକ୍ ପଞ୍ଜୀକରଣ ସ୍ଥିତିକୁ ନେଇ ଭୟଭୀତ ନହୋଇ ପୂର୍ବବର୍ଷ ଭଳି ଧାନ ବିକ୍ରି ପାଇଁ 'ପିପିଏସ୍' ପଞ୍ଜୀକରଣ କରାଇପାରିବେ ବୋଲି କ୍ୟାବିନେଟ୍ ବୈଠକ ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ଏଗ୍ରିଷ୍ଟାକ୍‌ରେ କୃଷକ ପଞ୍ଜୀକରଣକୁ ନେଇ ଚାଷୀମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିବା ଯୋଗୁଁ ରାଜ୍ୟର ଅଧିକାଂଶ ସ୍ଥାନରେ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ଏଗ୍ରିଷ୍ଟାକ୍ କୃଷକ ▶ପୃଷ୍ଠା-୭

### ଓଡ଼ିଶାର ଲୁଣ ଚାଷୀଙ୍କ ହାତରୁ ଯିବ ୬୭୧୮ ଏକର ଜମି

# କର୍ପୋରେଟ ସଂସ୍ଥାର ସ୍ୱାର୍ଥ ପାଇଁ ଲିଜ୍ ବାତିଲ!

■ ଭୁବନେଶ୍ୱର, ୧୨।୮ (ସମିସ): ଓଡ଼ିଶାର ଲୁଣ ଚାଷୀଙ୍କ ହାତରୁ ଯିବ ୬,୭୧୮.୯୧ ଏକର ଜମି। ଏହି ଜମିର ଅନ୍ୟ ବ୍ୟବହାର ପାଇଁ ଯୋଜନା ହୋଇଛି, ମାତ୍ର ଲୁଣ ଚାଷୀ ଓ ଲୁଣ ଶ୍ରମିକଙ୍କ ପୁନର୍ବାସ, କ୍ଷତିପୂରଣ ଆଦି ସଂକ୍ରାନ୍ତରେ ଏଯାଏ କୌଣସି ନିଷ୍ପତ୍ତି ହୋଇ ନାହିଁ । କୌତୂହଳର କଥା ହେଉଛି ୨୦୨୫ ଫେବ୍ରୁଆରୀ ୩ ତାରିଖରେ ଡ଼ିପିଆଇଆଇଟି ଏ ସଂକ୍ରାନ୍ତରେ ବିଧିବଦ୍ଧ ନିଷ୍ପତ୍ତି ନେଇଛନ୍ତି ଓ ଜମିଗୁଡ଼ିକର ମାଲିକାନା ସ୍ଥାନାନ୍ତର ପାଇଁ ନୀତିଗତ ପ୍ରକ୍ରିୟା ଆରମ୍ଭ ହୋଇଥିଲେ ହେଁ ଓଡ଼ିଶା ସରକାର ଏ ସମ୍ପର୍କରେ ସମ୍ପୂର୍ଣ୍ଣ ନିରବ ରହିଛନ୍ତି । ଅନ୍ୟପକ୍ଷରେ କର୍ପୋରେଟ ସଂସ୍ଥାର ସ୍ୱାର୍ଥ ପାଇଁ ଏହି ଲୁଣ ଜମିର ଲିଜ୍ ବାତିଲ କରାଯାଇଥିବା ମଧ୍ୟ ଅଭିଯୋଗ ହୋଇଛି ।


ଅନୁସନ୍ଧାନରୁ ଜଣାପଡ଼ିଛି ଯେ ଡ଼ିପିଆଇଆଇଟିଇର ଆଭ୍ୟନ୍ତରୀଣ ମାର୍ଗଦର୍ଶିକା ୨୦୨୪ ଅନୁସାରେ ଓଡ଼ିଶାର ଲୁଣ ଜମିର ଲିଜ୍

### ୨୦୨୫ରେ ଡିପିଆଆଇଟି ପ୍ରସ୍ତୁତ କରିଛି ନୀତିଗତ ପ୍ରକ୍ରିୟା

### ଲୁଣ ଚାଷୀଙ୍କ ଭବିଷ୍ୟତ ଓ କ୍ଷତିପୂରଣକୁ ନେଇ ପ୍ରଶ୍ନବାସୀ

ଅଧିକାର ବାତିଲ ସହ ଲୁଣ ଶ୍ରମିକ ଓ ଚାଷୀଙ୍କ ପୁନର୍ବାସ ଖର୍ଚ୍ଚ ହସ୍ତାନ୍ତରକାରୀ ଏଜେନ୍ସି ବହନ କରିବା କଥା। ମାତ୍ର ଏଯାଏ କେତେଜଣ ଲିଜ୍‌ଧାରୀ ଏହାଦ୍ୱାରା ପ୍ରଭାବିତ ହେବେ ଓ କେତେ ଶ୍ରମିକଙ୍କୁ ପୁନର୍ବାସ ସହାୟତା ଦିଆଯିବ, କେତେ କ୍ଷତିପୂରଣ ଦିଆଯିବ ତାହା ସ୍ପଷ୍ଟ ହୋଇପାରି ନାହିଁ।

ଅନ୍ୟପକ୍ଷରେ ଓଡ଼ିଶାର ଲୁଣ ଜମି ହସ୍ତାନ୍ତର ପ୍ରକ୍ରିୟା ମଧ୍ୟ ସଂସଦରେ ଉଠିଛି । ତାମିଲନାଡୁର କେଏମ୍‌ଡ଼ିକେ ସାଂସଦ ଭି.ଏସ୍.ମାଥେଶ୍ୱରନ ଏହି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟକୁ ନେଇ ପ୍ରଶ୍ନ ଉଠାଇଛନ୍ତି । ଓଡ଼ିଶାର ଲୁଣ ଚାଷୀମାନଙ୍କ ଜମି ଲିଜ୍ ବାତିଲ କରାଯିବା ଓ ଏ ବାବଦରେ କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟକୁ ନେଇ ମଧ୍ୟ ପ୍ରଶ୍ନ କରିଛନ୍ତି। ଦଶନ୍ଧି ଦଶନ୍ଧି ଧରି ଏହି ଜମିରେ ଅନେକ ଲୋକ ଲୁଣ ଚାଷ କରୁଛନ୍ତି ଓ ଏହା ସହ ସେମାନଙ୍କର ଜୀବନ ଜୀବିକା ଜଡ଼ିତ ବୋଲି କୁହାଯାଉଛି। ତେଣୁ ଜମିର ବ୍ୟବହାର ବଦଳାଇବା ପୂର୍ବରୁ ଚାଷୀ ଓ ▶ପୃଷ୍ଠା-୭



# ଦେଶ ବିଦେଶ

ସକାଳ
THE SAKALA
www.sakalaepaper.com

## ଏସି ଅଚଳ ଯୋଗୁଁ ସ୍ପାଇସଜେଟ୍ ବିମାନ ବାତିଲ

### ୬ ଘଣ୍ଟା ଫସିରହିଲେ ୧୫୦ ଯାତ୍ରୀ, ଗର୍ଭବତୀ ମହିଳା ଅସୁସ୍ଥ

ନୂଆଦିଲ୍ଲୀ, ୧୨।୮(ଏଜେନ୍ସି): ଦିଲ୍ଲୀରୁ ପୁଣେ ଯାଉଥିବା ସ୍ପାଇସଜେଟ୍ ବିମାନର ଏୟାର କଣ୍ଡିସନର (ଏସି) ଓ ଭେଣ୍ଟିଲେସନ୍ ବ୍ୟବସ୍ଥା ଅଚଳ ହୋଇପଡ଼ିବାରୁ ପ୍ରାୟ ୧୫୦ ଜଣ ଯାତ୍ରୀ ନାହିଁ ନଥିବା ହଇରାଣ ହୋଇଛନ୍ତି। ବିମାନ ଭିତରେ ପ୍ରବଳ ଗରମ ଓ ଅମ୍ଳଜାନ ଅଭାବରୁ ଯାତ୍ରୀମାନଙ୍କୁ ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ହୋଇଥିବା ବେଳେ ଜଣେ ଗର୍ଭବତୀ ମହିଳା ଅସୁସ୍ଥ ହୋଇପଡ଼ିଥିଲେ। ବିମାନଟି ମଙ୍ଗଳବାର ରାତି ୯:୫୫ରେ ଉଡ଼ାଣ ଭରିବାର ଥିଲା, ମାତ୍ର ବିଳମ୍ବ ହୋଇ ୧୦:୩୦ରେ ବୋର୍ଡିଂ ଆରମ୍ଭ ହୋଇଥିଲା। ବୋର୍ଡିଂ ଶେଷ ହେବା ପରେ ବିମାନର ଏସି କାମ ନ କରିବାରୁ ପ୍ରବଳ ଗରମ ହୋଇଥିଲା ଏବଂ ଯାତ୍ରୀମାନେ ଝାଳରେ ଭିଜିଯାଇଥିଲେ। ବୈଷୟିକ ଟିମ୍ ସମସ୍ୟା ସୁଧାରିବାକୁ ଚେଷ୍ଟା କରିଥିଲେ ସୁଦ୍ଧା ସଫଳ ହୋଇନଥିଲେ। ଯାତ୍ରୀଙ୍କ ପ୍ରବଳ ପ୍ରତିବାଦ ଓ ହଙ୍ଗାମା ପରେ ବିମାନ ଉଡ଼ାଣକୁ ବାତିଲ କରାଯାଇଥିଲା। ଯାତ୍ରୀମାନେ ପ୍ରାୟ ୬ ଘଣ୍ଟାରୁ ଅଧିକ ସମୟ ବିମାନବନ୍ଦରରେ



ଫସିରହିଥିଲେ ଏବଂ ସେମାନଙ୍କୁ କୌଣସି ଖାଦ୍ୟ କିମ୍ବା ଜଳଖିଆ ଯୋଗାଇ ଦିଆଯାଇ ନ ଥିବା ଅଭିଯୋଗ ହୋଇଛି। ପରଦିନ ବୁଧବାର ସକାଳେ ସେମାନଙ୍କୁ ଅନ୍ୟ ଏକ ବିମାନ ଯୋଗେ ପୁଣେ ପଠାଯାଇଥିଲା। ଏହି ଘଟଣା ପରେ କ୍ଷୁବ୍ଧ ଯାତ୍ରୀମାନେ ସ୍ପାଇସଜେଟ୍ କର୍ତ୍ତୃପକ୍ଷଙ୍କ ବିରୋଧରେ ନାରାବାଜି କରିବା ସହ ବିମାନ ସେବାର ଅବହେଳାକୁ ନେଇ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି।

## ଯାନ୍ତ୍ରିକ ତ୍ରୁଟି; ଇଣ୍ଡିଗୋ ବିମାନର ଜରୁରୀ ଅବତରଣ

### ବର୍ତ୍ତିଲେ ୨୨୪ ଯାତ୍ରୀ



ଚେନ୍ନାଇ, ୧୨।୮ (ଏଜେନ୍ସି): କୋଲକାତାରୁ ଚେନ୍ନାଇ ଆସୁଥିବା ଇଣ୍ଡିଗୋ ବିମାନର ଇଞ୍ଜିନ୍‌ରେ ହଠାତ୍ ଯାନ୍ତ୍ରିକ ତ୍ରୁଟି ଦେଖାଯିବା ପରେ ମଙ୍ଗଳବାର ରାତିରେ ଚେନ୍ନାଇ ବିମାନବନ୍ଦରରେ ଜରୁରୀକାଳୀନ ଅବତରଣ (ଇମର୍ଜେନ୍ସି ଲ୍ୟାଣ୍ଡିଂ) କରାଯାଇଛି। ବିମାନରେ ଥିବା ସମସ୍ତ ୨୨୪ ଜଣ ଯାତ୍ରୀ ଓ କ୍ରୁ ସଦସ୍ୟ ସୁରକ୍ଷିତ ଅଛନ୍ତି। ଇଣ୍ଡିଗୋ ବିମାନ (୬ଇ-୭୨୩) କୋଲକାତାରୁ ବିଳମ୍ବରେ ଉଡ଼ାଣ ଭରି ଚେନ୍ନାଇରେ ଅବତରଣ କରିବାକୁ ଯାଉଥିବା ସମୟରେ, ପାଇଲଟ୍ ବାମ ପାର୍ଶ୍ୱ ଇଞ୍ଜିନ୍‌ରେ ସମସ୍ୟା ଥିବା ଲକ୍ଷ୍ୟ କରିଥିଲେ। ସେ ତୁରନ୍ତ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ (ଏଟିସି)କୁ ସୂଚିତ କରିବା ପରେ ରାତି ୧୧.୨୯ରେ ବିମାନବନ୍ଦରରେ ସମ୍ପୂର୍ଣ୍ଣ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଥିଲା। ପାଇଲଟଙ୍କ ସାହସିକତା ଓ ସଜାଗତା ଯୋଗୁଁ ରାତି ୧୧:୩୭ରେ ବିମାନଟି ରନୱେ-୨୫ରେ ସୁରକ୍ଷିତ ଭାବେ ଅବତରଣ କରିଥିଲା। ଏହି ଘଟଣାରେ କାହାରିକୁ ଆହାତ ହେବାକୁ ପଡ଼ିନାହିଁ। ବିମାନବନ୍ଦର କର୍ତ୍ତୃପକ୍ଷ ଇଞ୍ଜିନ୍ ଅଚଳ ହେବାର ମୁଖ୍ୟ କାରଣ ସମ୍ପର୍କରେ ଅନୁସନ୍ଧାନ ଆରମ୍ଭ କରିଛନ୍ତି। ଅବତରଣର କିଛି ସମୟ ପରେ ଜରୁରୀକାଳୀନ ସ୍ଥିତି ପ୍ରତ୍ୟାହାର କରାଯାଇଥିଲା ଏବଂ ବିମାନବନ୍ଦରରେ ଅନ୍ୟାନ୍ୟ ବିମାନ ଚଳାଚଳ ସ୍ୱାଭାବିକ ରହିଥିଲା।



## ଇମ୍ରାନ୍‌ଙ୍କ ମୃତ୍ୟୁ ଗୁଜବ

କରାଚୀ, ୧୨।୮(ଏଜେନ୍ସି): ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଆଡିଆଲା ଜେଲ୍‌ରେ ମୃତ୍ୟୁବରଣ କରିଥିବା ନେଇ ଦାବି କରିଥିବା ଆମେରିକାସ୍ଥିତ ପାକିସ୍ତାନୀ ସାମ୍ବାଦିକ ୱଜାହତ୍ ସୟିଦ୍ ଖାନ୍ ନିଜର ବକ୍ତବ୍ୟ ପ୍ରତ୍ୟାହାର କରିଛନ୍ତି। ଏହା ସତ୍ତ୍ୱେ ଇମ୍ରାନ୍ ଖାନ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ଓ ଜେଲ୍ ଭିତରେ ସୁରକ୍ଷାକୁ ନେଇ ପରିବାର ଏବଂ ତାଙ୍କ ଦଳ ପାକିସ୍ତାନ ତେହେରିକ୍-ଇ-ଇନସାଫ୍ (ପିଟିଆଇ) ପକ୍ଷରୁ ଗଭୀର ଚିନ୍ତା ପ୍ରକଟ କରାଯାଇଛି। ପରିବାର ଓ ଓକିଲମାନଙ୍କୁ ଦେଖା କରିବାକୁ ଦିଆଯାଉନଥିବାରୁ ଏହି ଗୁଜବ ଅଧିକ ତୀବ୍ର ହୋଇଥିଲା। ଏହି ଘଟଣା ପରେ ଖୈବର ପାଖତୁନଖ୍ୱାର ମୁଖ୍ୟମନ୍ତ୍ରୀ ସୋହେଲ୍ ଆଫ୍ରିଦି ଚେତାବନୀ ଦେଇଛନ୍ତି ଯେ ଇମ୍ରାନ୍‌ଙ୍କୁ ଭେଟିବାକୁ ଅନୁମତି ନମିଳିଲେ ୨୦ ଲକ୍ଷରୁ ଅଧିକ ଜନସାଧାରଣ ରାଜପଥକୁ ଓହ୍ଲାଇବେ। ଦଳ ପକ୍ଷରୁ ସେପ୍ଟେମ୍ବର ୨୭ରେ ଇସଲାମାବାଦ୍ ଅଭିମୁଖେ ବଡ଼ ଧରଣର 'ଲଙ୍ଗ୍ ମାର୍ଚ୍ଚ' ପାଇଁ ଆହ୍ୱାନ ଦିଆଯାଇଛି। ଅନ୍ୟପଟେ, ଆମେରିକାର ୧୩ ଜଣ ସାଂସଦ ବୈଦେଶିକ ସଚିବ ମାର୍କ ରୁବିଓଙ୍କୁ ଚିଠି ଲେଖି ଇମ୍ରାନ୍ ଖାନ୍‌ଙ୍କ ସହ ଜେଲ୍‌ରେ ହେଉଥିବା ଅମାନବୀୟ ବ୍ୟବହାର ଓ ମାନବାଧିକାର ଉଲ୍ଲଂଘନ ବିଷୟରେ ପାକିସ୍ତାନ ସରକାରଙ୍କ ସହ ଆଲୋଚନା କରିବାକୁ ଦାବି କରିଛନ୍ତି। ୨୦୨୩ ଅଗଷ୍ଟରୁ ଜେଲ୍‌ରେ ଥିବା ୭୩ ବର୍ଷୀୟ ଇମ୍ରାନ୍ ଖାନ୍ ୧୪ ବର୍ଷର କାରାଦଣ୍ଡ ଭୋଗୁଛନ୍ତି। ଇମ୍ରାନ୍ ଖାନ୍‌ଙ୍କ ମୃତ୍ୟୁ ଦାବିର କୌଣସି ପ୍ରମାଣ ମିଳିନଥିବା ବେଳେ, ଜେଲ୍ ପ୍ରଶାସନର କଟକଣା ଏବଂ ପିଟିଆଇର ଆନ୍ଦୋଳନ ଆହ୍ୱାନ ଯୋଗୁଁ ପାକିସ୍ତାନର ରାଜନୈତିକ ବାତାବରଣ ଅତ୍ୟନ୍ତ ସଂବେଦନଶୀଳ ହୋଇପଡ଼ିଛି।

## ପପୁ ଯାଦବଙ୍କୁ ସୁରକ୍ଷା ପାଇଁ କେନ୍ଦ୍ରକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୧୨।୮(ଏଜେନ୍ସି): ବିହାରର ପୂର୍ଣ୍ଣିଆର ସାଂସଦ ପପୁ ଯାଦବଙ୍କ ନିରାପତ୍ତା ଆବେଦନ ଉପରେ କେନ୍ଦ୍ର ସରକାର ନିଷ୍ପତ୍ତି ନେବା ପର୍ଯ୍ୟନ୍ତ ତାଙ୍କୁ ତୁରନ୍ତ ଜଣେ ଅତିରିକ୍ତ ବ୍ୟକ୍ତିଗତ ସୁରକ୍ଷା ଅଧିକାରୀ ଯୋଗାଇଦେବାକୁ ଦିଲ୍ଲୀ ହାଇକୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସାଂସଦ ପପୁ ଯାଦବ ନିଟ୍ ବିବାଦ ଏବଂ ରାମ ମନ୍ଦିର ଦାନ ଅର୍ଥ ଚୋରି ବିରୋଧରେ ସଂସଦରେ



ପ୍ରତିବାଦ କରିବା ପରେ ତାଙ୍କୁ ହତ୍ୟା ଧମକ ମିଳିଥିବା ନେଇ ଅଭିଯୋଗ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ସେ 'ୱାଇ ପ୍ଲସ୍' ବର୍ଗର ସୁରକ୍ଷା ଯୋଗାଇଦେବା ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେ ଅଗଷ୍ଟ ୫ ତାରିଖରେ ଗୃହ ମନ୍ତ୍ରଣାଳୟ ନିକଟରେ ଏନେଇ ଆବେଦନ କରିଥିବା କୋର୍ଟଙ୍କୁ ଜଣାଇଥିଲେ। କୋର୍ଟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ସାଂସଦଙ୍କୁ ଆବଶ୍ୟକ ସୁରକ୍ଷା ପୂର୍ବରୁ ଯୋଗାଇ ଦିଆଯାଇଛି। ତେବେ ତାଙ୍କର ଅତିରିକ୍ତ ସୁରକ୍ଷା ଆବେଦନ ଉପରେ ଆସନ୍ତା ତିନି ସପ୍ତାହ ମଧ୍ୟରେ ଅନ୍ତିମ ନିଷ୍ପତ୍ତି ନିଆଯିବ। ଧମକପୂର୍ଣ୍ଣ କଲ୍ ଏବଂ ଜୀବନପ୍ରତି ବିପଦକୁ ଦୃଷ୍ଟିରେ ରଖି କୋର୍ଟଙ୍କ ଏହି ନିର୍ଦ୍ଦେଶ ସାଂସଦଙ୍କ ନିରାପତ୍ତା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବ।

## ପିଲାଙ୍କୁ ମାଉସୀ ଘରେ ଛାଡ଼ି ଆତ୍ମହତ୍ୟା କଲେ ଦମ୍ପତି

ନୂଆଦିଲ୍ଲୀ, ୧୨।୮ (ଏଜେନ୍ସି): ତେଲଙ୍ଗାନାର ନିଜାମାବାଦ ଜିଲ୍ଲାରେ ଏକ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। ଆର୍ଥିକ ଅନାଟନ, ସ୍ୱାସ୍ଥ୍ୟ ସମସ୍ୟା ଓ ମାନସିକ ଅବସାଦ ସହି ନପାରି ଏକ ଦମ୍ପତି ଆତ୍ମହତ୍ୟା କରିଛନ୍ତି। ନିଜର ଦୁଇ ନାବାଳକ ପୁଅଙ୍କୁ ମାଉସୀ ଘରେ ଛାଡ଼ିବା ପରେ ସେମାନେ ଏହି ଚରମ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ମୃତ ଦମ୍ପତିଙ୍କ ନାମ ଶେଷାଲା ନରେଶ (୩୦) ଏବଂ ଶେଷାଲା ମେଘନା (୩୦) ବୋଲି ଚିହ୍ନଟ କରାଯାଇଛି। ନରେଶ ବିଦ୍ୟୁତ୍ ବିଭାଗରେ ଲାଇନ୍‌ମ୍ୟାନ୍ ଭାବେ କାର୍ଯ୍ୟ କରୁଥିଲେ। ମଙ୍ଗଳବାର ଦିନ ଦମ୍ପତି ନିଜର ଦୁଇ ପୁଅ ଆୟୁଂଶ ଏବଂ ମିଥୁନ୍‌ଙ୍କୁ ସମ୍ପର୍କୀୟା ମାଉସୀ ଘରେ ଛାଡ଼ି ନିଜ ଘରକୁ ଫେରିବା ପରେ ଆତ୍ମହତ୍ୟା କରିଥିଲେ। ପୁଲିସ ଘଟଣାସ୍ଥଳରୁ ଏକ ନୋଟ୍ ଜବତ କରିଛି, ଯେଉଁଥିରେ ଆର୍ଥିକ ସଙ୍କଟ, ଶାରୀରିକ ଅସୁସ୍ଥତା ଏବଂ ଗଭୀର ମାନସିକ ଅବସାଦ ଯୋଗୁଁ ସେମାନେ ଏହି ପଦକ୍ଷେପ ନେଉଥିବା ଉଲ୍ଲେଖ ରହିଛି। ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ସରକାରୀ ଡାକ୍ତରଖାନାକୁ ପଠାଯାଇଛି ଏବଂ ପୁଲିସ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

## ତୁର୍କିରୁ ଗୁପ୍ତ ଯାତ୍ରା

## ଟ୍ରମ୍ପଙ୍କ ଉପରେ ସାମ୍ବାଦିକ କ୍ଷୁବ୍ଧ

### ଗଣମାଧ୍ୟମ ପ୍ରତିନିଧିଙ୍କୁ ଢାଲ ବନାଇ ଅନ୍ୟ ବିମାନରେ ଗଲେ କାହିଁକି ?




ୱାଶିଂଟନ୍, ୧୨।୮ (ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସୁରକ୍ଷା ପାଇଁ ଏକ ଗୁପ୍ତ ଅଭିଯାନ ସମୟରେ ପ୍ରାୟ ଦଶରୁ ଅଧିକ ସାମ୍ବାଦିକଙ୍କୁ ଢାଲ ଭାବେ ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଛି। ଟ୍ରକ ମାଧ୍ୟମରେ ଟ୍ରମ୍ପଙ୍କୁ ସୁରକ୍ଷିତ ଭାବେ ଅନ୍ୟ ଏକ ବିମାନକୁ ନିଆଯାଇଥିବା ବେଳେ, ବିପଦପୂର୍ଣ୍ଣ ସ୍ଥିତିରେ ସାମ୍ବାଦିକମାନଙ୍କୁ ପୁରୁଣା ବିମାନରେ ପଠାଯାଇଥିବାରୁ ସାମ୍ବାଦିକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ମିଳିଥିବା ସୂଚନା ଅନୁଯାୟୀ, ଗତ ଜୁଲାଇ ୮ ତାରିଖରେ ତୁର୍କୀରେ ଥିବା ସମୟରେ ଆକ୍ରମଣର ଆଶଙ୍କା ଥିବାରୁ ସୁରକ୍ଷା କର୍ମୀମାନେ ଟ୍ରମ୍ପଙ୍କୁ ଗୁପ୍ତ ଭାବେ ସାମଗ୍ରୀ ପରିବହନ କରୁଥିବା ଏକ ବିଶେଷ ଗାଡ଼ି ଭିତରେ ରଖି ଅନ୍ୟ ଏକ ସାମରିକ ବିମାନକୁ ସ୍ଥାନାନ୍ତର କରିଥିଲେ। ମାତ୍ର ସାମ୍ବାଦିକମାନେ ଏହି ବିଷୟରେ କିଛି ନଜାଣି ମୂଳ ବିମାନରେ ହିଁ ଯାତ୍ରା କରିଥିଲେ। ଏହି ସୁରକ୍ଷା କୌଶଳକୁ ନେଇ ଗଣମାଧ୍ୟମ ପ୍ରତିନିଧିମାନେ କ୍ଷୋଭପ୍ରକାଶ କରିଛନ୍ତି। ଜଣେ ସାମ୍ବାଦିକଙ୍କ କହିବାନୁଯାୟୀ, ରାଷ୍ଟ୍ରପତିଙ୍କ ସମ୍ବାଦ ସଂଗ୍ରହ କରିବା ସାମ୍ବାଦିକଙ୍କ କାର୍ଯ୍ୟ, ମାତ୍ର ତାଙ୍କ ସୁରକ୍ଷା ପାଇଁ ନିଜ ଜୀବନକୁ ବାଜି ଲଗାଇ ମୋହରା ସାଜିବା ସେମାନଙ୍କ କର୍ତ୍ତବ୍ୟ ନୁହେଁ। ଅନ୍ୟପକ୍ଷରେ, ଆମେରିକା ଶାସନ ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ ରାଷ୍ଟ୍ରପତିଙ୍କ ପ୍ରତି ରହିଥିବା ଗୁରୁତର ବିପଦକୁ ଏଡ଼ାଇବା ପାଇଁ ସମସ୍ତ ସମ୍ଭାବ୍ୟ ସୁରକ୍ଷା ପଦକ୍ଷେପ ଗ୍ରହଣ କରାଯାଇଥିଲା। ସାମ୍ବାଦିକମାନଙ୍କୁ ଭ୍ରମିତ କରି ସେମାନଙ୍କ ଜୀବନ ବିପନ୍ନ କରିବା ଏବଂ ସ୍ପଷ୍ଟ ସୂଚନା ନଦେବା ଘଟଣା ଆମେରିକାର ସୁରକ୍ଷା ବ୍ୟବସ୍ଥା ଓ ଗଣମାଧ୍ୟମ ନୀତି ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଘଟଣା ସାମ୍ବାଦିକଙ୍କ ସୁରକ୍ଷା ଓ ସରକାରୀ ସ୍ୱଚ୍ଛତାର ଆବଶ୍ୟକତାକୁ ପୁଣି ଥରେ ସାମ୍ନାକୁ ଆଣିଛି।



## ମୋର ଶତ୍ରୁ ସଂଖ୍ୟା ବଢ଼ିଯାଇଛି


ୱାଶିଂଟନ୍, ୧୨।୮(ଏଜେନ୍ସି): ତୁର୍କୀରେ ଆୟୋଜିତ ନାଟୋ ସମ୍ମିଳନୀରୁ ଫେରିବା ସମୟରେ ଗୁପ୍ତଭାବେ ବିମାନ ବଦଳାଇବା ଘଟଣାକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜର ପ୍ରତିକ୍ରିୟା ରଖିଛନ୍ତି। ନିଜ ସୁରକ୍ଷା ପାଇଁ ଇରାନ ପକ୍ଷରୁ ସମ୍ଭାବ୍ୟ ବିପଦ ଥିବାରୁ ସୁରକ୍ଷା ସଂସ୍ଥା ଏବଂ ସେନାର ପରାମର୍ଶ କ୍ରମେ ସେ ଏହି ପଦକ୍ଷେପ ଗ୍ରହଣ କରିଥିଲେ ବୋଲି ସ୍ୱୀକାର କରିଛନ୍ତି। ଟ୍ରମ୍ପ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, 'ମୋ ପ୍ରତି ଅନେକ ବିପଦ ଓ ଧମକ ରହିଛି, ଯାହା ବିଷୟରେ ସାଧାରଣରେ ସୂଚନା ନାହିଁ। ସୁରକ୍ଷା ସଂସ୍ଥା ଏବଂ ସାମରିକ ବାହିନୀ ନିର୍ଦ୍ଦେଶ ଅନୁଯାୟୀ ମୁଁ ଅନ୍ୟ ଏକ ବିମାନରେ ଯାତ୍ରା କରିଥିଲି। ସେମାନେ ମୋତେ ଯାହା କରିବାକୁ କହିଥାନ୍ତି, ମୁଁ କେବଳ ତାହା ହିଁ ପାଳନ କରିଥାଏ।' ପ୍ରକାଶଯୋଗ୍ୟ ଯେ, ଗଣମାଧ୍ୟମ ଏବଂ କେତେକ କର୍ମଚାରୀଙ୍କୁ ପୁରୁଣା ବିମାନରେ ରଖି ଟ୍ରମ୍ପଙ୍କୁ ଗୁପ୍ତ ଭାବେ ଏକ ବିମାନ ସେବା ଯୋଗାଣ ଗାଡ଼ି ମାଧ୍ୟମରେ ସ୍ଥାନାନ୍ତର କରାଯାଇଥିଲା। ଗଣମାଧ୍ୟମ ପ୍ରତିନିଧିମାନେ ଥିବା ବିମାନଟିକୁ କେବଳ ଭ୍ରମ ସୃଷ୍ଟି କରିବା ପାଇଁ ବ୍ୟବହାର କରାଯାଇଥିଲା। ଏହି ସୁରକ୍ଷା କୌଶଳକୁ ନେଇ କିଛି ଗଣମାଧ୍ୟମ ସମାଲୋଚନା କରିଥିଲେ ମଧ୍ୟ ଟ୍ରମ୍ପ ନିଜର ଏହି ପଦକ୍ଷେପକୁ ସମ୍ପୂର୍ଣ୍ଣ ସୁରକ୍ଷା ଦୃଷ୍ଟିକୋଣରୁ ଗ୍ରହଣ କରାଯାଇଥିବା ଦର୍ଶାଇଛନ୍ତି।

## ମୃତ୍ୟୁର ୪୨ ଦିନ ପରେ ଏସ୍‌ଏମ୍‌ଏସ୍ 'ସୁସ୍ଥ ହୋଇ ଘରକୁ ଫେରୁଥିବାରୁ ଖୁସି'

ଅମ୍ବିକାପୁର, ୧୨।୮(ଏଜେନ୍ସି): ମୃତ୍ୟୁର ୪୨ ଦିନ ପରେ ଜଣେ ମୃତ ପୁଲିସ କର୍ମଚାରୀ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ବୀମା ଯୋଜନାରେ ସୁସ୍ଥ ହୋଇ ଘରକୁ ଫେରୁଥିବା ନେଇ ତାଙ୍କ ପରିବାର ନିକଟକୁ ଏକ ଏସଏମଏସ୍ ବା ମ୍ୟାସେଜ୍ ଆସିଛି। ପୁଲିସ କନଷ୍ଟେବଲ ଦେବ ନାରାୟଣ ରାମ ଗତ ଜୁନ ୨୬ ତାରିଖରେ ଅମ୍ବିକାପୁର ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ ଏବଂ ଚିକିତ୍ସାଧୀନ ଅବସ୍ଥାରେ ଜୁନ ୩୦ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ପରିବାର ଲୋକେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରିବା ସହ ସରକାରୀ ମୃତ୍ୟୁ ପ୍ରମାଣପତ୍ର ମଧ୍ୟ ହାସଲ କରିସାରିଥିଲେ। ମାତ୍ର ମୃତ୍ୟୁର ୪୨ ଦିନ ପରେ ତାଙ୍କ ପତ୍ନୀ ସୀମା କୁଜୁରଙ୍କ ମୋବାଇଲକୁ ଆୟୁଷ୍ମାନ ସାରଥୀ ପକ୍ଷରୁ ଏକ ମେସେଜ୍ ଆସିଥିଲା। ସେଥିରେ



ଲେଖାଯାଇଥିଲା, 'ପ୍ରିୟ ଦେବନାରାୟଣ ରାମ, ଆପଣ ସୁସ୍ଥ ହୋଇ ଘରକୁ ଫେରୁଥିବାରୁ ଆମେ ଆନନ୍ଦିତ, ଆଶା କରୁଛୁ ଆପଣ ଆୟୁଷ୍ମାନ ଭାରତ ଯୋଜନାର ମାଗଣା ଚିକିତ୍ସା ସେବାରେ ସନ୍ତୁଷ୍ଟ।' ଏହି ବାର୍ତ୍ତା ପାଇବା ପରେ ଶୋକସନ୍ତପ୍ତ ପରିବାର ସ୍ତବ୍ଧ ହୋଇଯାଇଛନ୍ତି। ନିଜେ ଜଣେ ସ୍ୱାସ୍ଥ୍ୟକର୍ମୀ ହୋଇଥିବା ସୀମା କୁଜୁର ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ଜାରି କରି ଏହି ଭୁଲ ପଛରେ କୌଣସି ବଡ଼ ଧରଣର ଆର୍ଥିକ ଅନିୟମିତତା କିମ୍ବା ଜାଲିଆତି ଥାଇପାରେ ବୋଲି ସନ୍ଦେହ ପ୍ରକାଶ କରିଛନ୍ତି। ସାଧାରଣ ଓ ଗରିବ ଜନସାଧାରଣଙ୍କ କ୍ଷେତ୍ରରେ ଏପରି ବ୍ୟବସ୍ଥାଗତ ତ୍ରୁଟି ଅତ୍ୟନ୍ତ ଭୟାନକ ହୋଇପାରେ ବୋଲି ଦର୍ଶାଇ ସେ ଏକ ଉଚ୍ଚସ୍ତରୀୟ ଓ ନିରପେକ୍ଷ ତଦନ୍ତ ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅନ୍ୟପକ୍ଷରେ, ମେଡିକାଲର ଡାକ୍ତର ଶୈଳେନ୍ଦ୍ର ଗୁପ୍ତା କହିଛନ୍ତି ଯେ, ତଥ୍ୟ ସଂଗ୍ରହକାରୀ କର୍ମଚାରୀଙ୍କ ଅବହେଳା ଯୋଗୁଁ ଆୟୁଷ୍ମାନ କାର୍ଡ ପ୍ରକ୍ରିୟା ବନ୍ଦ କରିବାରେ ବିଳମ୍ବ ଘଟିଥିଲା।



## ଲୋକସଭାରେ 'ଖଣି ଓ ଖଣିଜ ସଂଶୋଧନ ବିଲ୍' ପାରିତ

### ବିରୋଧୀଙ୍କ ଅଭିଯୋଗ: ସଂଘୀୟ ବ୍ୟବସ୍ଥାକୁ ବିପଦ

ନୂଆଦିଲ୍ଲୀ, ୧୨।୮ (ଏଜେନ୍ସି): ବିରୋଧୀ ଦଳଗୁଡ଼ିକର କ୍ରମାଗତ ହଙ୍ଗାମା ଓ ପ୍ରତିବାଦ ମଧ୍ୟରେ ବୁଧବାର ଲୋକସଭାରେ ବିନା କୌଣସି ଆଲୋଚନାରେ 'ଖଣି ଓ ଖଣିଜ (ବିକାଶ ଓ ନିୟନ୍ତ୍ରଣ) ସଂଶୋଧନ ବିଲ୍, ୨୦୨୬' ଗୃହୀତ ହୋଇଛି। ଖଣିଜ ଅଧିକାର ଉପରେ ରାଜ୍ୟ ସରକାର କୌଣସି ଅତିରିକ୍ତ ଟିକସ ଧାର୍ଯ୍ୟ କରିପାରିବେ ନାହିଁ ବୋଲି ଏହି ବିଲରେ ବ୍ୟବସ୍ଥା ଥିବାରୁ ବିରୋଧୀ ଦଳ ଏହାର ତୀବ୍ର ବିରୋଧ କରିଛନ୍ତି। ଏଭଳି କଟକଣା ସଂଘୀୟ ବ୍ୟବସ୍ଥା ପ୍ରତି ବିପଦ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଗୃହର ମଧ୍ୟଭାଗକୁ ଆସି ବିରୋଧୀ ସାଂସଦମାନେ ପ୍ରବଳ ନାରାବାଜି ଓ ହୋହାଲ୍ଲା କରିବା ଯୋଗୁଁ ଗୃହ କାର୍ଯ୍ୟକୁ ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଛି।

ଖଣି ଓ ଖଣିଜ (ବିକାଶ ଓ ନିୟନ୍ତ୍ରଣ) ଆଇନ (ଏମଏମଡିଆର) ଅନୁଯାୟୀ ସମସ୍ତ ଖଣି ଓ ଖଣିଜ ପଦାର୍ଥ ଉପରେ ସରକାରଙ୍କର ନିୟନ୍ତ୍ରଣ ରହିବ। ବିଲ୍ ଆଗତ କରିଥିଲେ କୋଇଲା ଓ ଖଣି ମନ୍ତ୍ରୀ କିଶନ ରେଡୀ। ବିଲ୍ ସପକ୍ଷର ଯୁକ୍ତି ରଖି ସେ କହିଥିଲେ ଯେ ଦେଶସାରା ଖଣି ନିୟନ୍ତ୍ରଣ ବ୍ୟବସ୍ଥାରେ ସ୍ୱଚ୍ଛତା ଓ ସମାନତା ଆଣିବା ଲାଗି ଏଥିରେ ବ୍ୟବସ୍ଥା କରାଯାଇଛି। ବିଲରେ କୁହାଯାଇଛି ଯେ ଏହା ଆଇନରେ ପରିଣତ ହୋଇଗଲେ ରାଜ୍ୟ ସରକାରଙ୍କ ପାଖରେ ଜମା ହୋଇନଥିବା ଟିକସ, ସେସ୍ କିମ୍ବା ଲେଭି ଆଉ ଆଦାୟ ହୋଇପାରିବ ନାହିଁ। ମନ୍ତ୍ରୀ କହିଲେ ଯେ ବିଭିନ୍ନ ରାଜ୍ୟ ମନଇଚ୍ଛା ଖଣିଜ ଟିକସ/ ସେସ୍ ଧାର୍ଯ୍ୟ କରୁଥିବାରୁ ଖଣିଜ ଅର୍ଥନୀତିରେ ଅସ୍ଥିରତା ସୃଷ୍ଟି ହେଉଛି। ଦେଶରେ ଖଣିଜ ପଦାର୍ଥ ମହଜୁଦ ଥିଲେ ମଧ୍ୟ ଏଭଳି ଅସ୍ଥିରତା ଯୋଗୁଁ କିଛି ଶିଳ୍ପସଂସ୍ଥା କୋଇଲା ଆମଦାନୀ ପାଇଁ ବାଧ୍ୟ ହୋଇପାରନ୍ତି। ପୁଞ୍ଜି ନିବେଶକ ମଧ୍ୟ ନିରୁତ୍ସାହିତ ହୋଇପାରନ୍ତି। ତେଣୁ ଏଭଳି ଅସ୍ଥିରତାକୁ ଦୂର କରିବା ଲାଗି ବିଲରେ ସଂଶୋଧନ କରାଯାଇଛି।

## କକ୍ରୋଚ୍ ପାର୍ଟିର ଯନ୍ତରମନ୍ତର-୨

ନୂଆଦିଲ୍ଲୀ, ୧୨।୮(ଏଜେନ୍ସି): କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ସଂସ୍ଥାପକ ଅଭିଜିତ୍ ଦୀପକେ ଆଉ ଏକ ନୂଆ ଆନ୍ଦୋଳନ କାର୍ଯ୍ୟକ୍ରମ ନେଇ ବୁଧବାର ଏକ ବଡ଼ ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ସାମାଜିକ ଗଣମାଧ୍ୟମରେ ଅନେକ ଯୁବକଙ୍କ ଅନୁରୋଧକୁ ଆଧାର କରି 'ଯନ୍ତରମନ୍ତର ସିଜନ୍ ୨' ଶୀଘ୍ର ଆରମ୍ଭ ହେବାକୁ ଯାଉଛି। ଅଭିଜିତ୍ କହିଛନ୍ତି ଯେ ସୋସିଆଲ ମିଡିଆ ପ୍ଲାଟଫର୍ମ ଇନ୍‌ଷ୍ଟାଗ୍ରାମ୍‌ରେ ଅନେକ ଲୋକ 'ଜନ୍ତର-ମନ୍ତର' ଆନ୍ଦୋଳନର ଦ୍ୱିତୀୟ ପର୍ଯ୍ୟାୟ କେବେ ଆରମ୍ଭ ହେବ ବୋଲି ପ୍ରଶ୍ନ ପଚାରୁଥିଲେ। ତେବେ ଏହି ଆନ୍ଦୋଳନର ନିର୍ଦ୍ଦିଷ୍ଟ ତାରିଖ, ସ୍ଥାନ କିମ୍ବା ମୁଖ୍ୟ ଦାବିଗୁଡ଼ିକ ସମ୍ପର୍କରେ ସେ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ସୂଚନା ଦେଇନାହାନ୍ତି। ଏହାପୂର୍ବରୁ ଉତ୍ତର ପ୍ରଦେଶର ହମୀରପୁରଠାରେ ବିଦ୍ୟାଳୟ ପାଇଁ ରାସ୍ତା ଦାବିରେ ପ୍ରାୟ ୩୦୦ ଛାତ୍ରଛାତ୍ରୀ ଓ ୧୦୦ ଅଭିଭାବକ କରିଥିବା ଶୋଭାଯାତ୍ରାକୁ ସେ ସମର୍ଥନ ଜଣାଇଥିଲେ। ଅନ୍ୟପଟେ, ଦିଲ୍ଲୀରେ ଦଳର ସ୍ୱେଚ୍ଛାସେବୀ ବୈଠକ ପାଇଁ ହଲ୍ ମିଳିବାରେ ବାଧା ସୃଷ୍ଟି ହୋଇଥିବା ନେଇ ସେ ବିଜେପି ଉପରେ ଚାପ ପକାଇବାର ଅଭିଯୋଗ ଆଣିଛନ୍ତି।

## ଜେଲ୍‌ରେ ରେବନ୍ନାଙ୍କ ନିକଟରୁ ମୋବାଇଲ୍, ପେନ୍‌ଡ୍ରାଇଭ୍ ଜବତ



ବେଙ୍ଗାଲୁରୁ, ୧୨।୮ (ଏଜେନ୍ସି): ଦୁଷ୍କର୍ମ ମାମଲାରେ ଆଜୀବନ କାରାଦଣ୍ଡ ଭୋଗୁଥିବା ପୂର୍ବତନ ସାଂସଦ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍‌ଡି ଦେବଗୌଡ଼ାଙ୍କ ନାତି ପ୍ରଜ୍ୱଳ ରେବନ୍ନାଙ୍କ ନିକଟରୁ ଏକ ମୋବାଇଲ୍ ଫୋନ୍, ପେନ୍ ଡ୍ରାଇଭ୍ ଏବଂ ଚାର୍ଜର ଜବତ ହୋଇଛି। ବେଙ୍ଗାଲୁରୁର ପରପ୍ପନ ଅଗ୍ରହାରା କେନ୍ଦ୍ରୀୟ କାରାଗାରରେ ସେଣ୍ଟ୍ରାଲ୍ କ୍ରାଇମ୍ ବ୍ରାଞ୍ଚ (ସିସିବି) ପକ୍ଷରୁ କରାଯାଇଥିବା ହଠାତ୍ ଚଢ଼ାଉ ସମୟରେ ଏହି ନିଷିଦ୍ଧ ସାମଗ୍ରୀଗୁଡ଼ିକ ମିଳିଛି। ସେଣ୍ଟ୍ରାଲ୍ କ୍ରାଇମ୍ ବ୍ରାଞ୍ଚର ବିଶେଷ ଟିମ୍ କାରାଗାରର ହାଇ-ପ୍ରୋଫାଇଲ୍ ବାରାକ୍‌ଗୁଡ଼ିକରେ ପ୍ରାୟ ୪ ରୁ ୫ ଘଣ୍ଟା ଧରି ଯାଞ୍ଚ ଅପରେସନ୍ ଚଳାଇଥିଲେ। ଏହି ସମୟରେ ପ୍ରଜ୍ୱଳ ରେବନ୍ନା ଏବଂ ତାଙ୍କ ସହବନ୍ଦୀ ପ୍ରତାପ ରାୟ ରହୁଥିବା କୋଠରୀରୁ ଫୋନ୍ ଓ ପେନ୍ ଡ୍ରାଇଭ୍ ଜବତ କରାଯାଇଥିଲା। ଏହି ଘଟଣା ପରେ ପରପ୍ପନ ଅଗ୍ରହାରା ଥାନାରେ କାରାଗାର ଆଇନର ଧାରା ୪୨ ଅଧୀନରେ ନୂତନ ମାମଲା ରୁଜୁ କରାଯାଇଛି। କାରାଗାରର ସୁରକ୍ଷା ବ୍ୟବସ୍ଥାରେ ଗୁରୁତର ତ୍ରୁଟି ପାଇଁ ଜେଲ୍ ସହକାରୀ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ନିଲମ୍ବିତ କରାଯାଇଥିବା ବେଳେ କେନ୍ଦ୍ରୀୟ କାରାଗାରର ସୁପରିଣ୍ଟେଣ୍ଡେଣ୍ଟଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ସେହିପରି ସିସିଟିଭି ଫୁଟେଜ୍‌ଗୁଡ଼ିକର ଅନୁଧ୍ୟାନ କରାଯାଉଛି। ସୂଚନାଯୋଗ୍ୟ ଯେ, ପ୍ରଜ୍ୱଳ ରେବନ୍ନାଙ୍କୁ ଜଣେ ଗୃହସହାୟିକାଙ୍କୁ ଦୁଷ୍କର୍ମ ମାମଲାରେ ଅଗଷ୍ଟ ୨୦୨୫ରେ ବିଶେଷ ଅଦାଲତ ଆଜୀବନ କାରାଦଣ୍ଡାଦେଶ ଶୁଣାଇଥିଲେ।

## ମୁମ୍ବାଇରେ ଭୂସ୍ଖଳନ; ୭ ମୃତ

ମୁମ୍ବଇ, ୧୨।୮(ଏଜେନ୍ସି): ମୁମ୍ବାଇର ଘାଟକୋପର ଅଞ୍ଚଳରେ ଘଟିଥିବା ଏକ ଭୟଙ୍କର ଭୂସ୍ଖଳନରେ ୭ ଜଣ ପ୍ରାଣ ହରାଇଥିବା ବେଳେ ଏବେ ବି ଅନେକ ଲୋକ ଧ୍ୱଂସାବଶେଷ ତଳେ ଫସି ରହିଥିବା ଆଶଙ୍କା କରାଯାଉଛି। ଫସିରହିଥିବା ଲୋକଙ୍କୁ ଉଦ୍ଧାର କରିବା ପାଇଁ ସ୍ୱତନ୍ତ୍ର ସନ୍ଧାନୀ କ୍ୟାମେରା ବ୍ୟବହାର କରାଯାଇ ବ୍ୟାପକ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ସୂଚନା ଅନୁଯାୟୀ, ବୁଧବାର ଭୋର ୩ଟା ୪୮ ମିନିଟରେ ଘାଟକୋପରର ଚିରାଗ ନଗରସ୍ଥିତ ଗୌସିଆ ଚାଲ୍ ନିକଟରେ ଏହି ଦୁର୍ଘଟଣା ଘଟିଥିଲା। ପାହାଡ଼ର ଏକ ବଡ଼ ଅଂଶ ଭୁଶୁଡ଼ି ପଡ଼ିବାରୁ ନିକଟରେ ଥିବା ୨ ରୁ ୩ଟି ଘର ସମ୍ପୂର୍ଣ୍ଣ ଭାବେ ଧ୍ୱଂସାବଶେଷ ତଳେ ଚାପି ହୋଇଯାଇଥିଲା। ସ୍ଥାନୀୟ ପ୍ରଶାସନ, ମୁମ୍ବାଇ ଅଗ୍ନିଶମ ବାହିନୀ, ପୋଲିସ ଏବଂ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍) ର ମିଳିତ ଟିମ୍



ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ମାଟି ଓ ପଥର ତଳେ ଚାପି ହୋଇ ରହିଥିବା ଜୀବନ୍ତ ଲୋକଙ୍କୁ ଖୋଜିବା ପାଇଁ ଅତ୍ୟାଧୁନିକ 'ଭିକ୍ଟିମ୍-ଡିଟେକ୍ସନ୍' କ୍ୟାମେରା ବ୍ୟବହାର କରାଯାଉଛି।

## ଭାରତରେ ପ୍ରତି ୧୦ ଲକ୍ଷ ଲୋକଙ୍କ ପାଇଁ ମାତ୍ର ୧୫ ଜଣ ବିଚାରପତି

### ବିଚାରପତି ବଢ଼ିଲେ; ଅନୁପାତ ବଢ଼ିଲାନି

ନୂଆଦିଲ୍ଲୀ, ୧୨।୮(ଏଜେନ୍ସି): ଭାରତରେ ବିଚାର ବ୍ୟବସ୍ଥା ଉପରେ ବଢ଼ୁଥିବା ମାମଲାର ଚାପ ମଧ୍ୟରେ ବିଚାରପତିଙ୍କ ଅଭାବ ଏକ ବଡ଼ ଚିନ୍ତାର କାରଣ ହୋଇଛି। ସାମ୍ପ୍ରତିକ ତଥ୍ୟ ଅନୁସାରେ, ଭାରତରେ ପ୍ରତି ୧୦ ଲକ୍ଷ ଲୋକଙ୍କ ପାଇଁ ମାତ୍ର ପ୍ରାୟ ୧୫ ଜଣ ବିଚାରପତି ଅଛନ୍ତି। ମାମଲାର ବଢ଼ୁଥିବା ବକେୟା ସଂଖ୍ୟାକୁ ଦୃଷ୍ଟିରେ ରଖି ଲୋକସଭା ସୁପ୍ରିମକୋର୍ଟରେ ବିଚାରପତିଙ୍କ ମଞ୍ଜୁରୀପ୍ରାପ୍ତ ସଂଖ୍ୟା ବୃଦ୍ଧି କରିବା ପାଇଁ 'ସୁପ୍ରିମକୋର୍ଟ (ବିଚାରପତିଙ୍କ ସଂଖ୍ୟା) ସଂଶୋଧନ ବିଲ୍' ପାରିତ କରିଛି। ଏହା ଅନୁସାରେ, ଭାରତର ପ୍ରଧାନ ବିଚାରପତିଙ୍କୁ ବାଦ ଦେଇ ସୁପ୍ରିମକୋର୍ଟର ବିଚାରପତି ସଂଖ୍ୟା ୩୩ରୁ ବଢ଼ି ୩୭ ହେବ। ଦେଶର ସମସ୍ତ ସ୍ତରର ଅଦାଲତକୁ ମିଶାଇ ବିଚାରପତିଙ୍କ ସଂଖ୍ୟା ୨୦୧୯ରେ ୨୦, ୫୭୩ ଥିବାବେଳେ ୨୦୨୫ରେ ଏହା ୨୧, ୮୪୧କୁ ବୃଦ୍ଧି ପାଇଛି। କିନ୍ତୁ ଜନସଂଖ୍ୟା ଓ ମାମଲା ସଂଖ୍ୟା ବୃଦ୍ଧି ତୁଳନାରେ ଏହି ବୃଦ୍ଧି ଅତ୍ୟନ୍ତ କମ୍ ରହିଛି। ୨୦୧୯ରେ ପ୍ରତି ୧୦ ଲକ୍ଷ ଲୋକଙ୍କ ପାଇଁ ବିଚାରପତିଙ୍କ ଅନୁପାତ ୧୫.୩ ଥିଲା। ୨୦୨୦ରେ ଏହା ୧୪.୮କୁ ହ୍ରାସ ପାଇଥିଲା। ୨୦୨୫ରେ ସାମାନ୍ୟ ବୃଦ୍ଧି ପାଇ ୧୫.୪ରେ ପହଞ୍ଚିଛି। ଅର୍ଥାତ୍, ଛଅ ବର୍ଷ ମଧ୍ୟରେ ଏହି ଅନୁପାତରେ ବଡ଼ ପରିବର୍ତ୍ତନ ହୋଇନାହିଁ। ସବୁଠାରୁ ଚିନ୍ତାଜନକ ଦିଗ ହେଉଛି ମାମଲାର ଭାର ତୁଳନାରେ ବିଚାରପତିଙ୍କ ଉପଲବ୍ଧତା। ୨୦୧୯ରେ ପ୍ରତି ୧୦ ଲକ୍ଷ ଲୋକଙ୍କ ପାଇଁ ବକେୟା ମାମଲା ତୁଳନାରେ ବିଚାରପତିଙ୍କ ଅନୁପାତ ୫୫୫ ଥିଲା। ୨୦୨୫ରେ ଏହା ହ୍ରାସ ପାଇ ୪୦୩ ହୋଇଛି। ଏଥିରୁ ମାମଲାର ଚାପ ବୃଦ୍ଧି ଓ ନିଯୁକ୍ତିର ଗତି ମଧ୍ୟରେ ଥିବା ତାରତମ୍ୟ ସ୍ପଷ୍ଟ ହେଉଛି। ବିଚାରପତି-ଜନସଂଖ୍ୟା ଅନୁପାତରେ ଭାରତର ସ୍ଥିତି ଅନ୍ୟ କେତେକ ବିକଶିତ ଦେଶ ତୁଳନାରେ ବହୁତ ପଛରେ। ୨୦୨୪ର ତଥ୍ୟ ଅନୁସାରେ, ଫ୍ରାନ୍ସରେ ପ୍ରତି ୧୦ ଲକ୍ଷ ଲୋକଙ୍କ ପାଇଁ ୪୧୮ ଜଣ, ବ୍ରିଟେନରେ ୨୮୬ ଜଣ ଏବଂ ଜର୍ମାନୀରେ ୨୪୯ ଜଣ ବିଚାରପତି ଥିଲେ। ଏହି ତୁଳନାରେ ଭାରତର ପ୍ରତି ୧୦ ଲକ୍ଷ ଲୋକଙ୍କ ପାଇଁ ପ୍ରାୟ ୧୫ ଜଣ ବିଚାରପତି ଥିବା ତଥ୍ୟ ଦେଶର ବିଚାର ବ୍ୟବସ୍ଥାରେ ଥିବା ବିଶାଳ ମାନବସମ୍ବଳ ଅଭାବକୁ ଦର୍ଶାଉଛି। ସୁପ୍ରିମକୋର୍ଟରେ ଚାରିଟି ଅତିରିକ୍ତ ପଦ ସୃଷ୍ଟି ତତ୍କାଳୀନ ଚାପ କିଛି ମାତ୍ରାରେ କମାଇପାରେ। କିନ୍ତୁ ଦୀର୍ଘକାଳୀନ ଭାବେ ନ୍ୟାୟ ପ୍ରଦାନକୁ ଦ୍ରୁତ ଓ ପ୍ରଭାବଶାଳୀ କରିବା ପାଇଁ ତଳସ୍ତରରୁ ସର୍ବୋଚ୍ଚ ଅଦାଲତ ପର୍ଯ୍ୟନ୍ତ ବିଚାରପତିଙ୍କ ସଂଖ୍ୟା ବୃଦ୍ଧି, ଖାଲି ପଦ ପୂରଣ ଓ ନ୍ୟାୟିକ ଭିତ୍ତିଭୂମିର ସୁଦୃଢ଼ୀକରଣ ଆବଶ୍ୟକ।



# ରାଜ୍ୟରେ ଉପକୂଳ ଅବକ୍ଷୟ ତୀବ୍ର

## ସାଗର ଗର୍ଭକୁ ଚାଲିଯିବ ୧୫୯.୬ କିମି ବେଳାଭୂମି



ଭୁବନେଶ୍ୱର,୧୨।୮ (ସମିସ): ଜଳବାୟୁ ଓ ପ୍ରାକୃତିକ ପରିବର୍ତ୍ତନ, ସମୁଦ୍ର ତରଙ୍ଗର ପ୍ରଭାବ ଓଡ଼ିଶାରେ ସାମୁଦ୍ରିକ ଉପକୂଳ ଅବକ୍ଷୟକୁ ତୀବ୍ର କରିଛି। ୧୯୯୦ରୁ ୨୦୨୨ ମଧ୍ୟରେ ଓଡ଼ିଶାର ୫୬୪.୧୪ କିଲୋମିଟର ଉପକୂଳର ୨୮.୩ ପ୍ରତିଶତ ଅଞ୍ଚଳ ଅବକ୍ଷୟ ହୋଇଥିବା କେନ୍ଦ୍ର ସରକାର ସୂଚନା ଦେଇଛନ୍ତି। ସୂଚନା ଅନୁସାରେ ରାଜ୍ୟର ସମୁଦାୟ ବିଶ୍ଳେଷିତ ଉପକୂଳ ମଧ୍ୟରୁ ୧୭.୬ ପ୍ରତିଶତ ଅଞ୍ଚଳ ସ୍ଥିର ରହିଥିବା ବେଳେ ୫୪.୧ ପ୍ରତିଶତ ଅଞ୍ଚଳରେ ପଟୁ ଦ୍ୱାରା ଭୂମି ଆଚ୍ଛାଦିତ ହୋଇଛି ବା ସମୁଦ୍ର ଉପକୂଳରେ ନୂଆ ଭୂମି ବୃଦ୍ଧି ବା ଆକ୍ରେସନ୍ ଦେଖାଯାଇଛି। ମାତ୍ର ଗଞ୍ଜାମ, ଜଗତସିଂହପୁର, କେନ୍ଦ୍ରାପଡ଼ା ଆଦି ଜିଲ୍ଲାରେ ସାମୁଦ୍ରିକ ଅବକ୍ଷୟ ତୀବ୍ର ହେବା ଉପକୂଳ ଗ୍ରାମ ପାଇଁ ବିପଦ ସୃଷ୍ଟି କରିଛି। ଗଞ୍ଜାମ ଜିଲ୍ଲାର ୬୦.୧୮ କିମି ଉପକୂଳ ମଧ୍ୟରୁ ୪୫.୭ ପ୍ରତିଶତ ଅଞ୍ଚଳ କ୍ଷୟମୁଖୀ ବୋଲି କୁହାଯାଉଛି। ଗୋପାଳପୁର ବନ୍ଦରର ଉତ୍ତର ପାର୍ଶ୍ୱରୁ ମୟୂରପଡ଼ା-ଭ୍ରମରକୁଡ଼ି ଅଞ୍ଚଳକୁ ବିପଦପ୍ରବଣ ଭାବେ ଚିହ୍ନଟ କରାଯାଇଛି। ଜଗତସିଂହପୁର ଜିଲ୍ଲାର ୫୫.୮୦ କିମି ଉପକୂଳ ମଧ୍ୟରୁ ୪୭.୬ ପ୍ରତିଶତ ଅଞ୍ଚଳ କ୍ଷୟର ସମ୍ମୁଖୀନ। କୁସୁପୁରରୁ ସାହାଡ଼ାବେଦୀ ଏବଂ ସାହାଡ଼ାବେଦୀରୁ ଜଟାଧାରତଣ୍ଡା ଅଞ୍ଚଳକୁ ବିପଦପ୍ରବଣ ଭାବେ ଚିହ୍ନଟ କରାଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲାର ୧୪୯.୩୬ କିମି ଉପକୂଳ ମଧ୍ୟରୁ ୪୫ ପ୍ରତିଶତ କ୍ଷୟମୁଖୀ। ହେତାମୁଣ୍ଡିଆ, ହୁକିଟୋଲା, ପେଣ୍ଠ-ସାତଭାୟା ଏବଂ ସାତଭାୟା-ଗହୀରମଥା ଅଞ୍ଚଳ ଦୀର୍ଘକାଳୀନ ଉପକୂଳ ପରିବର୍ତ୍ତନ ଆଧାରରେ ବିପଦପ୍ରବଣ ଭାବେ ଚିହ୍ନଟ ହୋଇଛି।

ମାତ୍ର ପୁରୀ ଜିଲ୍ଲାର ଚିତ୍ର ଭିନ୍ନ। ଏହି ଜିଲ୍ଲାର ୧୩୮.୧୬ କିମି ଉପକୂଳ ମଧ୍ୟରୁ ୧୦.୨ ପ୍ରତିଶତ କ୍ଷୟମୁଖୀ ଥିବା ବେଳେ ୭୮.୩ ପ୍ରତିଶତ ଅଞ୍ଚଳରେ ପଟୁ ଜମା ହୋଇ ଭୂମି ଅଞ୍ଚଳକୁ ବୃଦ୍ଧି କରିଛି। ତଥାପି ଚିଲିକା ସମୁଦ୍ରମୁହାଣର ଉଭୟ ପାର୍ଶ୍ୱ, କେଉଟାଜଙ୍ଗା, ଦେବୀ ନଦୀମୁହାଣର ଦକ୍ଷିଣ ପାର୍ଶ୍ୱ ଓ ଦେବୀ ନଦୀମୁହାଣକୁ ସମ୍ବେଦନଶୀଳ ଅଞ୍ଚଳ ଭାବେ ଚିହ୍ନଟ କରାଯାଇଛି। ଅନୁରୂପ ଭାବେ ଭଦ୍ରକର ୭୨.୩୬ କିମି ଉପକୂଳ ମଧ୍ୟରୁ ୪.୬ ପ୍ରତିଶତ କ୍ଷୟମୁଖୀ ଥିବା ବେଳେ ବାଲେଶ୍ୱରର ୮୮.୨୮ କିମି ଉପକୂଳର ୨୩.୮ ପ୍ରତିଶତ ଅଞ୍ଚଳ କ୍ଷୟର ସମ୍ମୁଖୀନ। ଭଦ୍ରକର ଅମରନଗର ଏବଂ ବାଲେଶ୍ୱରର ବାଗଡ଼ା, ଚୌମୁଖ, ନାରାୟଣ ମହାନ୍ତି ପଡ଼ିଆ ଓ ବିନ୍ଧାପଦ୍ମପୁର-ତାଳସାରି ଅଞ୍ଚଳ ବିପଦପ୍ରବଣ ତାଲିକାରେ ରହିଛି। ରାଜ୍ୟସଭାରେ ସାଂସଦ ସସ୍ମିତ ପାତ୍ରଙ୍କର ଏକ ପ୍ରଶ୍ନର ଉତ୍ତରରେ ଏଭଳି ସୂଚନା ପ୍ରଦାନ କରିଛନ୍ତି କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ।

# ପୁରୀ ଗୋବର୍ଦ୍ଧନ ପୀଠ, ସ୍ୱର୍ଗଦ୍ୱାର ବେଳାଭୂମିର ବିକାଶ ହେବ

- ପୁରୀ ବେଳାଭୂମି ହେବ 'ଆଧ୍ୟାତ୍ମିକ ବେଳାଭୂମି': ମୁଖ୍ୟମନ୍ତ୍ରୀ
- ପୀଠ ଜମି ସମସ୍ୟାର ସ୍ଥାୟୀ ସମାଧାନ ଉପରେ ଗୁରୁତ୍ୱ
- ପୂର୍ବାଚାର୍ଯ୍ୟଙ୍କ ସମାଧିସ୍ଥଳର ହେବ ସଂରକ୍ଷଣ
- ଗୋବର୍ଦ୍ଧନ ପୀଠର ଐତିହ୍ୟ ରକ୍ଷା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ



ଭୁବନେଶ୍ୱର,୧୨।୮ (ସମିସ): ପୁରୀ ଗୋବର୍ଦ୍ଧନ ପୀଠର ସର୍ବାଙ୍ଗୀନ ବିକାଶ, ସୁରକ୍ଷା ଏବଂ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରସାର ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନ ଠାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରୀର ଆଧ୍ୟାତ୍ମିକ ଗରିମାକୁ ବଢ଼ାଇବା ସହ ପୀଠର ସମ୍ପତ୍ତିର ସୁରକ୍ଷା ପାଇଁ ଏହି ବୈଠକରେ ମୁଖ୍ୟମନ୍ତ୍ରୀ ପୀଠର ପ୍ରତିନିଧିମାନଙ୍କ ସହ ଆଲୋଚନା କରିଛନ୍ତି।

ବୈଠକରେ ମୁଖ୍ୟମନ୍ତ୍ରୀ ପୁରୀ ସ୍ୱର୍ଗଦ୍ୱାର ସମ୍ମୁଖ ବେଳାଭୂମିରେ ପ୍ରତିଦିନ ଅନୁଷ୍ଠିତ ହେଉଥିବା ପବିତ୍ର 'ସନ୍ଧ୍ୟା ମହୋଦଧି ଆରତୀ' ଉପରେ ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି। ଏହି ଆରତୀ ସ୍ଥଳର ସୌନ୍ଦର୍ଯ୍ୟକରଣ କରାଯିବା ସହିତ ସନ୍ଧ୍ୟା ଆରତୀକୁ ଆହୁରି ଭବ୍ୟ ଆକାରରେ କରାଯିବ। ସମଗ୍ର ପୁରୀ ବେଳାଭୂମିକୁ ଏକ ଭବ୍ୟ ଆଧ୍ୟାତ୍ମିକ ବେଳାଭୂମି ଭାବେ ବିକଶିତ କରିବାକୁ ସେ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ଗୋବର୍ଦ୍ଧନ ପୀଠର ଜମି ଜମା ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପୁରୁଣା ଲ୍ୟାଣ୍ଡ ସେଟେଲମେଣ୍ଟ ଦସ୍ତାବିଜ୍‌କୁ ପୁନର୍ବାର ସମ୍ପୂର୍ଣ୍ଣ ଯାଞ୍ଚ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଜଗଦଗୁରୁ ଶଙ୍କରାଚାର୍ଯ୍ୟଙ୍କ ନିରାପତ୍ତା ଓ ପୀଠ ପରିସରର ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଗୋବର୍ଦ୍ଧନ ପୀଠର ସମସ୍ତ ପୂର୍ବାଚାର୍ଯ୍ୟମାନଙ୍କ ପବିତ୍ର ସମାଧି ସ୍ଥଳର ସୁରକ୍ଷା ଓ ସଂରକ୍ଷଣ ଉପରେ ସ୍ୱତନ୍ତ୍ର ପଦକ୍ଷେପ ନିଆଯିବ। ମଠର ପାରିପାର୍ଶ୍ୱିକ ବିକାଶ ସହିତ ମଠ ପରିସରରେ ଥିବା 'ଶ୍ରୀ ଗୋବର୍ଦ୍ଧନ ଗୋଶାଳା'ର ସୁପରିଚାଳନା ପାଇଁ ଆବଶ୍ୟକୀୟ ସୁବିଧା ସୁଯୋଗ ଯୋଗେଇଦେବା ଉପରେ ବୈଠକରେ ଆଲୋଚନା ହୋଇଥିଲା। ଏହି ବୈଠକରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଗୋବର୍ଦ୍ଧନ ପୀଠର ସାଧୁସନ୍ଥ ଏବଂ ରାଜ୍ୟ ସରକାରଙ୍କ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି ପୀଠର ଉନ୍ନତି ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡି. କେ. ସିଂହ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ, ଆଇନ ସଚିବ ଡକ୍ଟର ପବିତ୍ର ମୋହନ ସାମଲ, ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଏବଂ ପୁରୀ ଏସପି ପ୍ରତୀକ ସିଂହ ପ୍ରମୁଖ ଯୋଗଦେଇଥିଲେ। ଏହା ସହିତ ଗୋବର୍ଦ୍ଧନ ପୀଠର ବ୍ୟବସ୍ଥା ପ୍ରମୁଖ ପ୍ରଫୁଲ୍ଲ ଚୈତନ୍ୟ ମହାରାଜ, ଆଦିତ୍ୟ ବାହିନୀ ମୁଖ୍ୟ ପୀଠ ପ୍ରତିନିଧି ମାତୃ ପ୍ରସାଦ ମିଶ୍ର ତଥା ଅନ୍ୟାନ୍ୟ ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଓଡ଼ିଶା ଏବେ ବିନାଶ ପଥର ଯାତ୍ରୀ: କଂଗ୍ରେସ

- ବିଭିନ୍ନ ବିଭାଗରେ ବଜେଟ ଅର୍ଥ ଅଧା ଖର୍ଚ୍ଚ ହୋଇପାରୁନି
- ବିନା ଅର୍ଥ ଖର୍ଚ୍ଚରେ "ଓଡ଼ିଶା ସାରା ବିକାଶ ଧାରା" କିପରି ସମ୍ଭବ?




ଭୁବନେଶ୍ୱର,୧୨।୮ (ସମିସ): ରାଜ୍ୟ ସରକାର କ୍ରମାଗତ ଭାବେ ୨ ଆର୍ଥିକ ବର୍ଷ ୨୦୨୪-୨୫, ୨୫-୨୬ ଏବଂ ଚଳିତ ଆର୍ଥିକ ବର୍ଷ ୨୬-୨୭ରେ ବଜେଟର ଆକାରକୁ ବୃଦ୍ଧି କରିଛନ୍ତି। ହେଲେ ସରକାର ବଜେଟ ରାଶିର ଅର୍ଥକୁ ଖର୍ଚ୍ଚ କରିପାରୁ ନାହାନ୍ତି। ୨୦୨୪-୨୫ ପାଇଁ ରାଜ୍ୟ ସରକାର ବଜେଟର ଆକାର ୨ ଲକ୍ଷ ୬୫ ହଜାର କୋଟି ଟଙ୍କା ଥିଲା। କିନ୍ତୁ ସେଇ ଆର୍ଥିକ ବର୍ଷରେ ରାଜ୍ୟ ସରକାର ୨୦ ପ୍ରତିଶତରୁ ଅଧିକ ଅର୍ଥ, ଖର୍ଚ୍ଚ କରିପାରି ନ ଥିଲେ। ସମାନ ଭାବେ ୨୫-୨୬ ଆର୍ଥିକ ବର୍ଷରେ ବଜେଟକୁ ୨ ଲକ୍ଷ ୯୦ ହଜାର କୋଟି ଟଙ୍କାକୁ ବୃଦ୍ଧି କରାଗଲା। କିନ୍ତୁ ରାଜ୍ୟ ସରକାରଙ୍କ ପ୍ରମୁଖ ୪୪ ବିଭାଗ ମଧ୍ୟରୁ ୧୦ ଟି ବିଭାଗର ଖର୍ଚ୍ଚ ନଗଣ୍ୟ ରହିଥିଲା ବୋଲି କଂଗ୍ରେସ କହିଛି। ଏହାକୁ ନେଇ କଂଗ୍ରେସ ଦଳ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ମୁଖପାତ୍ର ରଜନୀ କୁମାର ମହାନ୍ତି ସରକାରଙ୍କୁ କଡ଼ା ସମାଲୋଚନା କରିବା ସହ ବିନା ବଜେଟ୍ ଅର୍ଥ ଖର୍ଚ୍ଚରେ 'ଓଡିଶା ସାରା ବିକାଶ ଧାରା' କିପରି ସମ୍ଭବ ବୋଲି ପ୍ରଶ୍ନ କରିଛନ୍ତି।

ଶ୍ରୀ ମହାନ୍ତି କହିଛନ୍ତି, ଓଡିଶା ସରକାରଙ୍କ ବିଭିନ୍ନ ବିଭାଗ ବଜେଟ ବ୍ୟୟ ବରାଦ ଅର୍ଥର ପଇସାଟିଏ ମଧ୍ୟ ଖର୍ଚ୍ଚ କରିପାରୁ ନାହାନ୍ତି। ଯଦି ପଇସା ଖର୍ଚ୍ଚ ହେବନାହିଁ, ତେବେ ରାଜ୍ୟର ବିକାଶ କିଭଳି ହେବ। ଏହା କେବଳ କଥାରେ ନା କାମରେ ବୋଲି ସେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ କରିଛନ୍ତି। ୨୦୨୫-୨୬ ଆର୍ଥିକ ବର୍ଷରେ ପୁଞ୍ଜି ବ୍ୟୟ ବରାଦ ୫୮,୧୯୫ ହଜାର କୋଟି ହୋଇଥିଲା। କିନ୍ତୁ ଖର୍ଚ୍ଚ ମାତ୍ର ୩୮ ହଜାର କୋଟି ଟଙ୍କା। ଏଭଳି ସ୍ଥିତରେ ଓଡ଼ିଶାର ବିକାଶ ହୋଇଛି ବୋଲି ଦମ୍ଭୋକ୍ତି ପ୍ରକାଶ କରାଯାଉଛି। ତାହା ସମ୍ପୂର୍ଣ୍ଣ ବୃଥା ଆସ୍ଫାଳନ।

ଏଷ୍ଟିମେଟ କମିଟି ଓ ପବ୍ଲିକ ଏକାଉଣ୍ଟସ କମିଟିର ଅଧ୍ୟକ୍ଷ ଏ ସମ୍ପର୍କରେ ଯେଉଁ ତଥ୍ୟ ରଖିଛନ୍ତି ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ରାଜ୍ୟ ସରକାରଙ୍କର ପାରିବା ପଣିଆର ସାର୍ଟିଫିକେଟ ବୋଲି ସେ କହିଛନ୍ତି। ପାଞ୍ଚବର୍ଷ ସରକାରର ଅଧା ସମୟ କେବଳ ରଙ୍ଗ ବଦଳା ଓ ମେଳା ମହୋତ୍ସବରେ ସରି ଗଲାଣି। ବର୍ତ୍ତମାନ ବଳିଥିବା ସମୟ ସରକାର ରାଜ୍ୟପ୍ରତି ଚିନ୍ତା କରିବେ କି ବୋଲି ସେ ପଚାରିଛନ୍ତି। ଶ୍ରୀ ମହାନ୍ତି କହିଛନ୍ତି, ଯେଉଁ ସବୁ ବିଭାଗର ମନ୍ତ୍ରୀମାନେ ଅର୍ଥ ଖର୍ଚ୍ଚ କରିପାରୁ ନାହାନ୍ତି ସେଇ ଅଯୋଗ୍ୟ ମନ୍ତ୍ରୀ ମାନଙ୍କୁ ବାହାର କରାଯାଉ। କିଛି କାମ ନକରି ସମସ୍ତ ସୁବିଧା ସୁଯୋଗ କାହିଁକି ଦିଆଯାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି। ମୁଖ୍ୟମନ୍ତ୍ରୀ ରାଜ୍ୟକୁ ପୁଞ୍ଜି ଆଣିବା ଲାଗି ବିଭିନ୍ନ ରାଜ୍ୟରେ ସମ୍ମିଳନୀ କରୁଛନ୍ତି। କିନ୍ତୁ ନିଜ ସରକାରଙ୍କ ଶିଳ୍ପ ଓ ଏମଏସଏମଇ ବିଭାଗ ବ୍ୟୟ ବରାଦ ଟଙ୍କା ଖର୍ଚ୍ଚ କରିପାରୁ ନାହାନ୍ତି। ଏହା ଆମ ସମସ୍ତଙ୍କ ପାଇଁ ଏକ ସତର୍କ ଘଣ୍ଟି। ଓଡିଶା ବିକାଶ ପଥରେ ଯାତ୍ରୀ ହେବା ପରିବର୍ତ୍ତେ ବିନାଶ ପଥରେ ଯାତ୍ରୀ ହେଲାଣି ବୋଲି ସେ କହିଛନ୍ତି।

# ଭିଜିଲାନ୍ସ ଜାଲରେ ରାଜସ୍ୱ ନିରୀକ୍ଷକ



ବାଲେଶ୍ୱର, ୧୨।୮ (ସମିସ) : ବାଲେଶ୍ୱର ଜିଲ୍ଲା ଖଇରା ତହସିଲ ଅନ୍ତର୍ଗତ ତୁଡ଼ିଗଡ଼ିଆ ରାଜସ୍ୱ ନିରୀକ୍ଷକ ଶରତ କୁମାର ସେଠୀ ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି।

ଜଣେ ଅଭିଯୋଗକାରୀ ନିଜ ଅଜାଙ୍କ ନାମରେ ଥିବା ପୈତୃକ ଜମିର ମ୍ୟୁଟେସନ କରାଇ ଜମି ପଟ୍ଟା ପାଇବା ପାଇଁ ତୁଡ଼ିଗଡ଼ିଆ ଆରଆଇ କାର୍ଯ୍ୟାଳୟରେ ନିୟମାନୁସାରେ ଆବେଦନ କରିଥିଲେ। ମାତ୍ର ଅଭିଯୁକ୍ତ ଆରଆଇ ଶରତ କୁମାର ସେଠୀ କୌଣସି ଆଇନଗତ କାରଣ ନଥାଇ ସମ୍ପୃକ୍ତ ଫାଇଲକୁ ବିଭିନ୍ନ ଆଳ ଦେଖାଇ ଦୀର୍ଘଦିନ ଧରି ଅଟକାଇ ରଖିଥିଲେ। ଅଭିଯୋଗକାରୀ ନିଜର କାମ ପାଇଁ ବାରମ୍ବାର କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନିରାଶ ହେବା ପରେ ଫିଲଡ଼ ଇନ୍କ୍ୟୁଆରି ରିପୋର୍ଟ ପ୍ରଦାନ ସହ ମ୍ୟୁଟେସନ ପ୍ରକ୍ରିୟା ଆଗକୁ ବଢ଼ାଇ ପଟ୍ଟା କରାଇଦେବା ବାବଦକୁ ଆରଆଇ ସିଧାସଳଖ ୫,୦୦୦ ଟଙ୍କା ଲାଞ୍ଚ ଦାବି କରିଥିଲେ। ସରକାରୀ ଅଧିକାରୀଙ୍କ ଏଭଳି ବେଆଇନ ଦାବି ଓ ଶୋଷଣରେ ଅତିଷ୍ଠ ହୋଇ ଅଭିଯୋଗକାରୀ ଲାଞ୍ଚ ଦେବାକୁ ମନା କରିଦେବା ସହ ସିଧାସଳଖ ବାଲେଶ୍ୱର ଭିଜିଲାନ୍ସ ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗର ସତ୍ୟତା ପରଖିବା ପରେ ଭିଜିଲାନ୍ସ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ପ୍ରସ୍ତୁତ ହୋଇଥିଲା। ପୂର୍ବ ଯୋଜନା ଅନୁଯାୟୀ, ବୁଧବାର ଆରଆଇ କାର୍ଯ୍ୟାଳୟ ଭିତରେ ଅଭିଯୋଗକାରୀଙ୍କଠାରୁ ଆରଆଇ ଶରତ ସେଠୀ ୫,୦୦୦ ଟଙ୍କା ଲାଞ୍ଚ ଗ୍ରହଣ କରୁଥିବା ସମୟରେ ପୂର୍ବରୁ ଜଗି ରହିଥିବା ଭିଜିଲାନ୍ସର ସ୍ୱତନ୍ତ୍ର ଟିମ୍ ତାଙ୍କୁ ମାଡ଼ି ବସିଥିଲା। ନିର୍ଦ୍ଦିଷ୍ଟ ସାକ୍ଷୀମାନଙ୍କ ଉପସ୍ଥିତିରେ ଅଭିଯୁକ୍ତ ଆରଆଇଙ୍କ ନିକଟରୁ ସମ୍ପୂର୍ଣ୍ଣ ଲାଞ୍ଚ ଟଙ୍କା ଜବତ କରାଯାଇଥିଲା। ଚଢ଼ଉ ପରେ ଭିଜିଲାନ୍ସ ଟିମ୍ ପକ୍ଷରୁ ଅଭିଯୁକ୍ତ ଆରଆଇଙ୍କ ଅନ୍ୟାନ୍ୟ ଆୟ ବହିର୍ଭୁତ ସମ୍ପତ୍ତିର ଖାନତଲାସି ଜୋରଦାର ଆରମ୍ଭ ହୋଇଛି। ଆରଆଇ ଶରତ ସେଠୀଙ୍କ ସିମୁଳିଆ ଥାନା ଅନ୍ତର୍ଗତ ବରୀ ଗ୍ରାମରେ ଥିବା ବାସଭବନ ଏବଂ ତାଙ୍କ ଟୁଡ଼ିଗଡ଼ିଆସ୍ଥିତ କାର୍ଯ୍ୟାଳୟରେ ଏକସାଙ୍ଗରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ ଜାରି ରହିଛି। ଏହି ଦୁର୍ନୀତି ନିବାରଣ ଘଟଣାରେ ବାଲେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତ ଆରଆଇଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି।

# ଖଟିଆରେ ବୁହାହେଲେ ରୋଗୀ

କପ୍ତିପଦା,୧୨।୮ (ସମିସ): କାଦୁଅ ରାସ୍ତା ଦେଲା ଅସହ୍ୟ ଯନ୍ତ୍ରଣା। ଜଣେ ଗୁରୁତର ରୋଗୀଙ୍କୁ କାଦୁଅ ପଚପଚ ରାସ୍ତାରେ ୩ କିଲୋମିଟର ଖଟିଆରେ ବୋହି ନେଲେ ଗ୍ରାମବାସୀ। ଏଭଳି ଚିତ୍ର ସାମ୍ନାକୁ ଆସିଛି କପ୍ତିପଦା ବ୍ଲକ୍ ନାଗାର୍ଜୁନସାହି ଗ୍ରାମରୁ। ଗ୍ରାମର ଦଧିଆ ସେନାପତିଙ୍କ ଦେହ ଅଚାନକ ଅସୁସ୍ଥ ହୋଇ ପଡ଼ିଥିଲା। ଫଳରେ ସେ ସଂଜ୍ଞାହୀନ ହୋଇ ପଡ଼ିଥିଲେ। ତାଙ୍କୁ ଡାକ୍ତରଖାନା ନେବା ପାଇଁ ଗ୍ରାମବାସୀ ଖଟିଆର ସାହାଯ୍ୟ ନେଇଥିଲେ। ଖଟିଆରେ ତାଙ୍କୁ ବୋହି ବୋହି ନେଇଥିଲେ। ପାଖାପାଖି ୩ କିଲୋମିଟର ଗ୍ରାମ ରାସ୍ତା ସମ୍ପୂର୍ଣ୍ଣ କାଦୁଅରେ ଭର୍ତ୍ତି ହୋଇଥିବାରୁ ଗ୍ରାମବାସୀ ତାଙ୍କୁ ଖଟିଆରେ ବୋହି ବୋହି କାଦୁଅ ରାସ୍ତା ପାରି କରାଇ ମୁଖ୍ୟ ରାସ୍ତାରେ ପହଞ୍ଚାଇ ଥିଲେ। ପରେ ତାଙ୍କୁ ଚିକିତ୍ସା ନିମନ୍ତେ ଉଦଳା ମେଡିକାଲରେ ଭର୍ତ୍ତି କରାଯାଇଛି। ହେଲେ ଅବସ୍ଥା ଗୁରୁତର ଥିବାରୁ ବାରିପଦା ସ୍ଥାନାନ୍ତର କରାଯାଇଛି। ଖରାପ ରାସ୍ତା ପାଇଁ ଖଟିଆରେ ରୋଗୀକୁ ବୋହି ନେବାକୁ ବାଧ୍ୟ ହୋଇଥିବା କହିଛନ୍ତି ଗ୍ରାମବାସୀ।

# ଶିକ୍ଷାବିତ୍ ପ୍ରଫେସର ଡ. ବିଶ୍ୱମୋହନ ମିଶ୍ରଙ୍କ ପରଲୋକ



ଭୁବନେଶ୍ୱର,୧୨।୮ (ସମିସ): ବିଶିଷ୍ଟ ଶିକ୍ଷାବିତ୍, ରାଜନୀତି ବିଜ୍ଞାନର ପୂର୍ବତନ ପ୍ରଫେସର ଓ ଶିକ୍ଷା ପ୍ରଶାସକ ଡ. ବିଶ୍ୱମୋହନ ମିଶ୍ରଙ୍କ ପରଲୋକ ଘଟିଛି। ମୁମ୍ବାଇସ୍ଥିତ ବ୍ରିଚ୍ କ୍ୟାଣ୍ଡି ହସ୍ପିଟାଲରେ ଚିକିତ୍ସିତ ଅବସ୍ଥାରେ ମଙ୍ଗଳବାର ତାଙ୍କର ପରଲୋକ ଘଟିଛି। ସେ ଗତ କିଛି ସମୟ ଧରି ଅସୁସ୍ଥ ଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ଥିଲେ। ସ୍ୱର୍ଗତଃ ମିଶ୍ର ଖଲ୍ଲିକୋଟ କଲେଜ (ବର୍ତ୍ତମାନର ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ)ର ଅଧ୍ୟକ୍ଷ, ଉତ୍କଳ ବିଶ୍ୱବିଦ୍ୟାଳୟର ଏକାଡେମିକ୍ ଷ୍ଟାଫ୍ କଲେଜର ନିର୍ଦ୍ଦେଶକ ତଥା କେନ୍ଦ୍ରାପଡ଼ା କଲେଜ, ଯାଜପୁରର ଏନ୍.ସି. କଲେଜ ଓ ନୟାଗଡ଼ କଲେଜର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଥିଲେ।

ପୁରୀ ଜିଲ୍ଲାର ବୀରପ୍ରତାପପୁର ଗାଁର ଏକ ସାମାଜିକ ଚେତନା ସମ୍ପନ୍ନ ପରିବାରରେ ସେ ଜନ୍ମଗ୍ରହଣ କରିଥିଲେ। ପ୍ରଫେସର ଡ ମିଶ୍ର ପୁରୀର ଏସ୍‌ସିଏସ୍ କଲେଜରୁ ସ୍ନାତକ ଓ ଆଲାହାବାଦ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ଏହାପରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଲୋକ ପ୍ରଶାସନରେ ଡି.ଲିଟ୍ ଡିଗ୍ରୀ ପ୍ରାପ୍ତ କରିଥିଲେ। ସେ ତାଙ୍କ ସମୟର ଜଣେ ଲୋକପ୍ରିୟ ଶିକ୍ଷକ ଥିଲେ। ତାଙ୍କ ଅନେକ ଛାତ୍ରଛାତ୍ରୀ ସିଭିଲ୍ ସର୍ଭିସ୍‌ରେ ଯୋଗଦେଇ ପ୍ରାଶାସନିକ ସେବାରେ ନିୟୋଜିତ ରହିଛନ୍ତି। ସେ ଚାକିରୀରୁ ଅବସର ଗ୍ରହଣ କରିବା ପରେ ମୁମ୍ବଇରେ ତାଙ୍କ ଝିଅଙ୍କ ପାଖରେ ରହୁଥିଲେ। ଆନ୍ତର୍ଜାତିକ ଆଇନ ସମ୍ବନ୍ଧୀୟ ଅନେକ ଗୁରୁତ୍ୱପୂର୍ଣ୍ଣ ପୁସ୍ତକକୁ ଓଡ଼ିଆ ଭାଷାରେ ଅନୁବାଦ କରିଥିଲେ। ପ୍ରଫେସର ମିଶ୍ରଙ୍କ ଦୁଇଟି ସନ୍ତାନ ଅଛନ୍ତି। ପୁତ୍ର ଡକ୍ଟର ସସ୍ମିତ ମିଶ୍ର ବର୍ତ୍ତମାନ ରାଜ୍ୟସଭା ସାଂସଦ ଥିବାବେଳେ କନ୍ୟା ଡକ୍ଟର ଲିପ୍ସା ମିଶ୍ର ଅବସରପ୍ରାପ୍ତ ପ୍ରଫେସର ଅଟନ୍ତି। ତାଙ୍କ ପରଲୋକରେ ଅନେକ ପ୍ରଶଂସକ ଜନପ୍ରତିନିଧି ଗଭୀର ଶୋକ ପ୍ରକାଶ କରିଛନ୍ତି।

# ଅଙ୍ଗଦାନ ପାଇଁ ସରକାରୀ ସ୍ତରୀୟ ସଚେତନତା ଅଭାବ

- କେଉଁଠି ନାହିଁ ବିଜ୍ଞାପନ
- ପାଠ୍ୟ ପୁସ୍ତକରେ ସାମିଲ ସହ ସର୍ବସାଧାରଣ ସ୍ଥାନରେ ସଚେତନତା ଆବଶ୍ୟକ
- ଆଜି ବିଶ୍ୱ ଅଙ୍ଗଦାନ ଦିବସ



ଭୁବନେଶ୍ୱର,୧୨।୮ (ସମିସ): ବିଜ୍ଞାନର ଅଭୁତପୂର୍ବ ଅଗ୍ରଗତି ସତ୍ତ୍ୱେ ମଣିଷର ଅଙ୍ଗ ତିଆରି କରିବାରେ ଚିକିତ୍ସା ବିଜ୍ଞାନ ଅସଫଳ। କିନ୍ତୁ ବିକଳ୍ପ ବ୍ୟବସ୍ଥା ସ୍ୱରୂପ ଅନ୍ୟ ଶରୀରରୁ(ଜୀବିତ କିମ୍ବା ମୃତ) ଅଙ୍ଗ ସଂଗ୍ରହ ଓ ପ୍ରତିରୋପଣ ଜରିଆରେ ଚିକିତ୍ସା ବିଜ୍ଞାନ ଅନେକ ଆଗରେ। ଚିକିତ୍ସା ବିଜ୍ଞାନରେ ଅଙ୍ଗଦାନ ଏକ ନୂଆ କ୍ଷେତ୍ର, ଯେଉଁଠି ମୃତ ମଣିଷର ହୃଦୟ, ଫୁସ୍‌ଫୁସ୍, ବୃକ୍କ, ଯକୃତ, ଆଖି, କର୍ଣ୍ଣିଆ ଆଦିକୁ ସଂଗ୍ରହ କରାଯାଇ ଅନ୍ୟ ଲୋକଙ୍କ ଦେହରେ ପ୍ରତିରୋପଣ କରାଯାଉଛି। କିନ୍ତୁ ଏ ଦିଗରେ ରହିଥିବା ଅନେକ ପ୍ରତିବନ୍ଧକର ପ୍ରତିକାର କରାଯାଇ ପାରିଲେ ଅଙ୍ଗଦାନ ମାନବ ସଭ୍ୟତାରେ ଏକ ନିର୍ଣ୍ଣାୟକ ଭୂମିକା ନିର୍ବାହ କରିପାରିବ। ଅଙ୍ଗଦାନର ମହତ୍ତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ଅଗଷ୍ଟ ମାସ ୧୩ ତାରିଖରେ 'ବିଶ୍ୱ ଅଙ୍ଗଦାନ ଦିବସ' ପାଳନ କରାଯାଏ। ଲୋକଙ୍କୁ ଅଧିକ ଜୀବନ ବଞ୍ଚାଇବା ପାଇଁ ମୃତ୍ୟୁ ପରେ ଅଙ୍ଗ ଦାନ କରିବାର ଗୁରୁତ୍ୱ ଉପରେ ଉତ୍ସାହିତ କରିବା ଏବଂ ଶିକ୍ଷା ଦେବା ଉଦ୍ଦେଶ୍ୟରେ ପାଳନ କରାଉଥିବା ବେଳେ ଏଥିପାଇଁ ସରକାରୀ ସ୍ତରରେ ସଚେତନତା ଅଭାବ ରହିଛି। ଅଙ୍ଗ ପ୍ରତିରୋପଣ ନିମନ୍ତେ ରାଜ୍ୟରେ ମୋଟ୍ ୧୨ଟି ହସ୍ପିଟାଲକୁ ସରକାରୀ ସ୍ୱୀକୃତି ମିଳିଥିବା ବେଳେ ସେଥିମଧ୍ୟରୁ ଭୁବନେଶ୍ୱରରେ ୧୧ଟି ଏବଂ କଟକରେ ଗୋଟିଏ ରହିଛି। ସେହିପରି ଟିସୁ ପ୍ରତିରୋପଣ ନିମନ୍ତେ ଭୁବନେଶ୍ୱର ୨ଟି ହସ୍ପିଟାଲକୁ ସରକାରୀ ସ୍ୱୀକୃତି ପ୍ରଦାନ କରାଯାଇଛି। ତେବେ କେବଳ ଅଙ୍ଗଦାତାଙ୍କୁ ବର୍ଷକୁ ଥରେ ପୁରସ୍କାର ଦେଇ ସରକାର ହାତଟେକି ଦେଇଥିବା ବେଳେ ଏଥିପାଇଁ ଲୋକଙ୍କ ମଧ୍ୟରେ ସଚେତନ ସୃଷ୍ଟି କରିବାକୁ କୌଣସି ଆଖିଦୃଶିଆ ପଦକ୍ଷେପ ନେଉ ନ ଥିବା କୁହାଯାଉଛି। ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ନିମନ୍ତେ ଚାରିଆଡ଼େ ବିଜ୍ଞାପନ ପୋଷ୍ଟର ଲଗାଯାଉଥିବା ବେଳେ ଅଙ୍ଗଦାନ ପାଇଁ ସେଭଳି କୌଣସି ପୋଷ୍ଟର, ଲିଫଲେଟ୍ ଦେଖିବାକୁ ମିଳୁନି।

ପ୍ରତିବର୍ଷ ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହରାଇ ବହୁ ସଂଖ୍ୟାରେ ଲୋକଙ୍କ ମୃତ୍ୟୁ ଘଟୁଛି। ବର୍ଷକୁ ପ୍ରାୟ ୨ଲକ୍ଷ ଲୋକେ ଯକୃତ ହରାଇବାରେ ମୃତ୍ୟୁବରଣ କରୁଥିବା ବେଳେ ପ୍ରାୟ ୫୦ ହଜାର ଲୋକଙ୍କର ହୃଦ୍‌ଘାତରେ ପ୍ରାଣ ଯାଉଛି। ସେହିପରି କିଡ୍‌ନୀ, ଅଗ୍ନାଶୟ, ଫୁସ୍‌ଫୁସ୍, ପାନ୍‌କ୍ରିୟାସ୍ ଭଳି ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହରାଇ ପ୍ରାଣ ହରାଉଛନ୍ତି। କିନ୍ତୁ ଏହିସବୁ ଅଙ୍ଗ ଆବଶ୍ୟକତା ଅନୁସାରେ ପ୍ରତିରୋପଣ ହୋଇପାରୁ ନାହିଁ। ତେବେ ଭାରତର ଦ୍ୱିତୀୟ ରାଜ୍ୟ ଭାବେ ଓଡ଼ିଶାରେ ଅଙ୍ଗଦାତାଙ୍କ ମରଶରୀରକୁ ରାଷ୍ଟ୍ରୀୟ ସମ୍ମାନ ପ୍ରଦାନ କରାଯିବା ସହ ଅଙ୍ଗଦାନ ପ୍ରତି ଆଗ୍ରହ ସୃଷ୍ଟି କରିବାକୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନୀବନ ପଟ୍ଟନାୟକ 'ସୁରଜ୍ ସମ୍ମାନ' ପ୍ରଦାନ ଆରମ୍ଭ କରିଥିବା ବେଳେ ଭାରତରେ ଏହା ପ୍ରଥମ ଅଟେ। କିନ୍ତୁ ଏହାର ପ୍ରଚାର ପ୍ରସାର ଏବଂ ଅଙ୍ଗଦାନ ପାଇଁ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ସରକାରୀ ସ୍ତରରେ ଗୁରୁତ୍ୱ ଦିଆଯାଉ ନ ଥିବା କୁହାଯାଉଛି। ଓଡ଼ିଶା ଜୀବନଦାନ ଅଭିଯାନ ଅଧୀନରେ ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ବ୍ୟକ୍ତି ଶରୀର ଦାନ ପାଇଁ ପଞ୍ଜୀକରଣ କରିଥିବା ବେଳେ ୨୦୦ରୁ ଉର୍ଦ୍ଧ୍ୱ ବଡ଼ି ବିଭିନ୍ନ ମେଡିକାଲ କଲେଜକୁ ପ୍ରଦାନ କରାଯାଇଛି। କିନ୍ତୁ ଅନେକ କ୍ଷେତ୍ରରେ ଏହା ସମ୍ଭବ ହୋଇ ନ ଥାଏ। କାରଣ ମୃତକଙ୍କ ଶରୀର ଗୋଲ୍‌ଡେନ୍ ଟାଇମ୍ ମଧ୍ୟରେ ହସ୍ପିଟାଲରେ ପହଞ୍ଚିପାରେ ନାହିଁ। ଏହାସହ ଗ୍ରାମାଞ୍ଚଳରେ ମୃତକଙ୍କ ପରିବାର ଅଙ୍ଗଦାନ ପାଇଁ ନିଷ୍ପତ୍ତି ନେଉଥିବା ବେଳେ ମୃତ ଶରୀରକୁ ହସ୍ପିଟାଲ ପହଞ୍ଚାଇବାକୁ ନିଜ ପକେଟ୍‌ରୁ ଖର୍ଚ୍ଚ କରିବାକୁ ପଡ଼ିଥାଏ। ତେଣୁ ଏଥିପାଇଁ ସରକାରୀ ପ୍ରୋତ୍ସାହନ ଦେବା ଆବଶ୍ୟକ ବୋଲି ଅଭିଯାନ ପକ୍ଷରୁ କୁହାଯାଇଛି। ସେହିପରି ଭାରତ ଶରୀର ଓ ଅଙ୍ଗଦାନ ସମିତି, ଅଧ୍ୟକ୍ଷ ଡ. ପ୍ରଭାସ ଆଚାର୍ଯ୍ୟ କହିଛନ୍ତି ଯେ, ମୁଁ ପ୍ରଥମେ ଓଡ଼ିଶାରେ ୨୦୧୨ ମସିହାରୁ ଭାରତ ଶରୀର ଅଙ୍ଗଦାନ ସମିତି ମାଧ୍ୟମରେ ସଚେତନତା ଆରମ୍ଭ କରିଥିଲି। ଏପର୍ଯ୍ୟନ୍ତ ୫୦ହଜାରରୁ ଉର୍ଦ୍ଧ୍ୱ ଲୋକେ ଅଙ୍ଗଦାନ ପାଇଁ ପଞ୍ଜୀକରଣ କରିଛନ୍ତି। ଏହାସହ ଅନ୍‌ଲାଇନ୍ (angadanna.com) ମାଧ୍ୟମରେ ମଧ୍ୟ ପଞ୍ଜୀକରଣ ସୁବିଧା ରହିଛି। କିନ୍ତୁ ଏ ସମ୍ପର୍କରେ ଶିକ୍ଷାନୁଷ୍ଠାନରେ ପାଠ୍ୟପୁସ୍ତକରେ ଏକ ସ୍ୱତନ୍ତ୍ର ବିଷୟକୁ ସ୍ଥାନ ଦେବା, ହସ୍ପିଟାଲ, ରେଳଷ୍ଟେସନ୍, ବସ୍‌ଷ୍ଟାଣ୍ଡ, ବିମାନବନ୍ଦର, ବିଭିନ୍ନ ଶିକ୍ଷାନୁଷ୍ଠାନ ସମେତ ଜନଗହଳି ସ୍ଥାନରେ ସଚେତନତା ବାର୍ତ୍ତା ପ୍ରଦାନ, ଅନ୍ୟ ସରକାରୀ ଯୋଜନା ଭଳି ଅଙ୍ଗଦାନ ନେଇ ଖବରକାଗଜ, ଟେଲିଭିଜନ୍, ସାମାଜିକ ଗଣମାଧ୍ୟମରେ ବିଜ୍ଞାପନ ଦେବା, ନାଟକ ମାଧ୍ୟମରେ ସଚେତନତ କରିବା ଆଦି ପଦକ୍ଷେପ ନେବା ଆବଶ୍ୟକ ସହ ଯେଉଁମାନେ ଏକ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି, ସେମାନଙ୍କୁ ସରକାର ସହଯୋଗ କରିବା ଆବଶ୍ୟକ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି।


SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ (ଏସବିଆଇ) ରେ କ୍ଲରିକାଲ କ୍ୟାଡରରେ ଜୁନିଅର ଆସୋସିଏଟ୍‌ସ (ଗ୍ରାହକ ସହାୟତା ଏବଂ ସେଲ୍‌ସ) ର ନିଯୁକ୍ତି
SC/ST/OBC ବକେୟା ଖାଲି ପଦବୀ ପାଇଁ ସ୍ୱତନ୍ତ୍ର ନିଯୁକ୍ତି ଅଭିଯାନ

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ନିୟମିତ ଆଧାରରେ ଜୁନିଅର ଆସୋସିଏଟ୍‌ସ (ଗ୍ରାହକ ସହାୟତା ଏବଂ ସେଲ୍‌ସ) ଭାବରେ ନିଯୁକ୍ତି ପାଇଁ ଯୋଗ୍ୟ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନଗୁଡିକ ଆମନ୍ତ୍ରଣ କରାଯାଉଛି

ଖାଲି ପଦବୀ ସଂଖ୍ୟା: 1538

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଇତ୍ୟାଦି), ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ସହିତ ଅନଲାଇନ୍ ଆବେଦନ ଦାଖଲ ଓ ଆବେଦନ ଫିସ୍ ଅନଲାଇନ୍ ଦେୟ ପାଇଁ ଲିଙ୍କ୍, ବ୍ୟାଙ୍କର ୱେବସାଇଟ **https://sbi.bank.in/web/careers/current-openings** ରେ ବିଜ୍ଞାପନ ନମ୍ବର **CRPD/CR/SPLDRIVE/2026-27/16** ଅଧୀନରେ ଉପଲବ୍ଧ। ପ୍ରାର୍ଥୀମାନେ ଆବେଦନ କରିବା ଏବଂ ଫିସ୍ ପଠାଇବା ପୂର୍ବରୁ ସେମାନଙ୍କର ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହୋଇ ସବିଶେଷ ବିଜ୍ଞାପନକୁ ଭଲ ଭାବେ ପଢ଼ିବା ପାଇଁ ପରାମର୍ଶ ଦିଆଯାଉଛି।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 07.08.2026 ରୁ 27.08.2026 ପର୍ଯ୍ୟନ୍ତ।**

ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟ **https://sbi.bank.in/web/careers/current-openings** ରେ ଉପଲବ୍ଧ।

**ସ୍ଥାନ:** ମୁମ୍ବାଇ
**ତାରିଖ:** 07.08.2026
**ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)**

## କ୍ଷୟକ୍ଷତି ବ୍ୟାପକ
# ରାସ୍ତାଘାଟରେ ବୁଲିଲେଣି ହାତୀପଲ



### ସଚେତନତାରେ ସୀମିତ ବନ ବିଭାଗ; ନିୟନ୍ତ୍ରଣରେ ବିଫଳ



ତୁରୁମୁଙ୍ଗା, ୧୨।୮ (ସମିସ)



କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜରେ ଦୁଇ ସପ୍ତାହ ଧରି ଉତ୍ପାତ ମଚାଇଛନ୍ତି ୨୭ ଟିକିଆ ହାତୀପଲ। ହାତୀପଲ ଦିନ ହେଉକି ରାତି ଚାଷ ଜମିରେ ପଶି ଏକର ଏକର ଧାନ ଫସଲ ନଷ୍ଟ କରିଦେଇଛନ୍ତି। ଗତ ଦୁଇ ସପ୍ତାହରେ ୬୦ରୁ ଅଧିକ ଘର ଭାଙ୍ଗି ସାରିଥିବା ବେଳେ ଘର ଭିତରୁ ଧାନ ଓ ଚାଉଳ ଖାଇ ନଷ୍ଟ କରିଦେଇଛନ୍ତି। ବୁଧବାର ଦିନବେଳା ହାତୀପଲ ଏରେଣ୍ଡେଇ ଗ୍ରାମର ପାଟନାଳି ଗ୍ରାମରେ ପଶି ଜଣେ ଅସହାୟ ମହିଳାଙ୍କ ଘର ଭାଙ୍ଗିଦେଇଥିବା ବେଳେ ବିଳମ୍ବିତ ରାତିରେ ୨ଟି ଘର ଭାଙ୍ଗି ଧାନ ଚାଉଳ ଖାଇ ନଷ୍ଟ କରିଦେଇଛନ୍ତି। ହାତୀପଲ ବଡ଼ ପାଟଣା ପଞ୍ଚାୟତ ଭବିଶାକୁଦର ଗ୍ରାମର ଦୋଳଗୋବିନ୍ଦ ମିଶ୍ରଙ୍କ ଦୁଇ ବଖରା ଘର ଭାଙ୍ଗି କ୍ୱିଣ୍ଟାଲ କ୍ୱିଣ୍ଟାଲ ଧାନ ଚାଉଳ ଖାଇ ନଷ୍ଟ କରିବା ସହ ଘରର ଡାଗୁଆକୁ ଭାଙ୍ଗି ଦେଇଛନ୍ତି। ସେହିପରି ଯମୁନାପଶି ଗ୍ରାମର ଚମ୍ପା ନାଏକ, ଭରାଣ୍ଡିଆ ଗ୍ରାମର ବୁଦ୍ଧଦେବ ମୁଣ୍ଡାଙ୍କ ଘରକୁ ମଧ୍ୟ ହାତୀପଲ ଭାଙ୍ଗି ନଷ୍ଟ କରିଦେଇଛନ୍ତି। ପାଟଣା ରେଞ୍ଜ ଅଞ୍ଚଳରେ ଏହି ହାତୀପଲ ପୃଥକ ଦଳରେ ଥାଇ ଆତଙ୍କ ଖେଳାଇ କେତେବେଳେ ଗାଁରେ ପଶି ଆତଙ୍କ ଖେଳାଉଛନ୍ତି ତ ଆଉ କେତେବେଳେ ରାଜପଥ ଉପରେ ଚାଲିଚାଲି ଭୟଭୀତ କରାଉଛନ୍ତି। ବୁଧବାର ସକାଳୁ ଏହି ହାତୀପଲ ୨୨୦ ନମ୍ବର ରାଜପଥ ପାଟଣା ଡେଙ୍କିକୋଟ ରାସ୍ତାରେ ଚାଲି ଚାଲି ଯାଇ ଅତିକ୍ରମ କରିଥିବାରୁ ଉକ୍ତ ରାସ୍ତାରେ ଗାଡି ଚଳାଚଳ ବ୍ୟାହତ ହେବା ସହ ଲୋକଙ୍କ ମନରେ ଭୟର ବାତାବାରଣ ଖେଳି ଯାଇଥିଲା। ଏବେ କୋଠାଘର ଓ ମାଧପୁର ଗାଁ ନିକଟରେ ଭାଗ ଭାଗ ହୋଇ ୨୭ ହାତୀ ଡେରା ପକାଇଥିବାରୁ ସ୍ଥାନୀୟ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ହାତୀ ଉପଦ୍ରବ ଅଞ୍ଚଳରେ ପୂର୍ବରୁ ସୋଲାର ଲାଇଟ ଲଗାଇବା ସହ ଲୋକଙ୍କୁ ଟର୍ଚ୍ଚ ପାଇଁ ଦାବି ହୋଇଥିଲେ ମଧ୍ୟ ବନ ବିଭାଗ ଗୁରୁତ୍ୱ ଦେଉ ନଥିବା ଭବିଶାକୁଦର ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି।

## ଜାଲି ହାତୀ ମୀନାରରେ ହସ୍ତୀ ସୁରକ୍ଷାର ସଂକଳ୍ପ

ତୁରୁମୁଙ୍ଗା, ୧୨।୮ (ସମିସ): ହାତୀଟି ଆଉ ନାହିଁ; କିନ୍ତୁ ତା'ର ସ୍ମୃତି ଆଜି ବି ଜୀବନ୍ତ ହୋଇ ରହିଛି। ମୃତ ହାତୀ ପ୍ରତି ଜଣେ ମାଆଙ୍କ ଭଲପାଇବା ଓ ଭାବନାରୁ ଜନ୍ମ ନେଇଥିବା ଏକ ମୀନାର ଆଜି ପାଲଟିଛି ହାତୀ ସୁରକ୍ଷାର ପ୍ରତୀକ। କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଜାଲି ପଞ୍ଚାୟତର ଜାଲିଗାଁରେ ଥିବା ଏହି ହାତୀ ମୀନାରରେ ବୁଧବାର ବନ ବିଭାଗ ଓ ଗ୍ରାମବାସୀଙ୍କ ପକ୍ଷରୁ ବିଶ୍ୱ ହସ୍ତୀ ଦିବସ ପାଳିତ ହୋଇଛି। ଏହି ଅବସରରେ ଗ୍ରାମବାସୀ ହାତୀ ସୁରକ୍ଷା ପାଇଁ ସଚେତନତାର ବାର୍ତ୍ତା ଦେଇଛନ୍ତି। ଆଧୁନିକ ବିକାଶର ଚାପରେ ହାତୀପଲ ବାଧ୍ୟ ହୋଇ ଗାଁମୁହାଁ ହେଉଛନ୍ତି। ଫଳରେ ମଣିଷ ଓ ହାତୀ ମଧ୍ୟରେ ସଂଘର୍ଷ ବଢ଼ିବାରେ ଲାଗିଛି।



କେଉଁଠି ଶିକାରୀଙ୍କ ଶିକାର ହୋଇ ହାତୀ ପ୍ରାଣ ହରାଉଛି ତ ଆଉ କେଉଁଠି ବିଦ୍ୟୁତ ଆଘାତ କିମ୍ବା ଦୁର୍ଘଟଣା ନେଇଯାଉଛି ହାତୀର ଜୀବନ। ହେଲେ ଏହି ସଂଘର୍ଷର ମଝିରେ ଜାଲିଗାଁ ଦେଉଛି ଏକ ଭିନ୍ନ ବାର୍ତ୍ତା। ହାତୀ ଶତ୍ରୁ ନୁହେଁ, ହାତୀ ଆମ ପରିବେଶର ଅମୂଲ୍ୟ ସମ୍ପଦ।

୨୦୦୯ରେ ଜାଲିଗାଁ ଦେଇ ଏକ ହାତୀପଲ ଯାଉଥିବା ସମୟରେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଗୋଟିଏ ଦନ୍ତା ହାତୀର ମୃତ୍ୟୁ ଘଟିଥିଲା। ହାତୀଟି ଗ୍ରାମର କୃଷ୍ଣଚନ୍ଦ୍ର ନାଏକଙ୍କ ଜମିରେ ମରିପଡ଼ିଥିଲା। ଘଟଣାଟି ଦେଖି ମର୍ମାହତ ହୋଇପଡ଼ିଥିଲେ କୃଷ୍ଣଚନ୍ଦ୍ରଙ୍କ ମାଆ ପଦ୍ମିନୀ। ସେହି ମୃତ ଦନ୍ତା ତାଙ୍କ ମନରେ ଏମିତି ଛାପ ଛାଡ଼ିଥିଲା ଯେ ହାତୀଟିର ସ୍ମୃତିକୁ ଜୀବନ୍ତ ରଖିବାକୁ ସେ ପୁଅ କୃଷ୍ଣଚନ୍ଦ୍ରଙ୍କୁ କହିଥିଲେ। ମାଆଙ୍କ ସେହି ଇଚ୍ଛାକୁ ମନରେ ରଖିଥିଲେ କୃଷ୍ଣଚନ୍ଦ୍ର। ସମୟ ବିତିଗଲା। ମାଆ ମଧ୍ୟ ଆଉ ନାହାନ୍ତି। ପରେ ୨୦୧୯ରେ ନିଜ ଜମିରେ ଏକ ବିଶାଳ ହାତୀ ମୀନାର ନିର୍ମାଣ କରିଥିଲେ। ଏହି ମୀନାର ଆଜି କେବଳ ଏକ ନିର୍ମାଣ ନୁହେଁ। ଏହା ଜଣେ ମାଆଙ୍କ ହାତୀ ପ୍ରତି ଥିବା ମମତାର ସ୍ମୃତି। ଏହା ପୁଅର ମାଆଙ୍କ ପ୍ରତି ସମ୍ମାନର ପ୍ରତୀକ। ଆଉ ଏହା ମଣିଷ ଓ ବନ୍ୟଜନ୍ତୁ ମଧ୍ୟରେ ଥିବା ଅଗାଢ଼ ଭଲପାଇବାର ଏକ ନିଆରା ଉଦାହରଣ। ପ୍ରତିବର୍ଷ ବିଶ୍ୱ ହସ୍ତୀ ଦିବସରେ ଏହି ମୀନାର ନିକଟରେ ଗ୍ରାମବାସୀ ଏକାଠି ହୋଇ ମୃତ ଦନ୍ତା ହାତୀର ସ୍ମୃତିଚାରଣ କରିବା ସହ ହାତୀ ସୁରକ୍ଷା ନେଇ ସଚେତନତା ସୃଷ୍ଟି କରିଥାଆନ୍ତି। ହାତୀ ଗାଁକୁ ଆସିଲେ ତାକୁ ହଇରାଣ ନକରିବା, ଉତ୍ତେଜିତ ନକରିବା ଏବଂ ବନ ବିଭାଗକୁ ସୂଚନା ଦେବା ପାଇଁ ଲୋକଙ୍କୁ ସଚେତନ କରାଯାଉଛି। ଜାଲି ଗାଁର ଏହି କାହାଣୀ ସମାଜ କୁ ଗୋଟିଏ କଥା ଶିଖାଉଛି ଯେ ବନ୍ୟଜନ୍ତୁଙ୍କୁ ବଞ୍ଚାଇବା କେବଳ ବନ ବିଭାଗର ଦାୟିତ୍ୱ ନୁହେଁ, ଏହା ଆମ ସମସ୍ତଙ୍କ ଦାୟିତ୍ୱ। ଗୋଟିଏ ହାତୀର ମୃତ୍ୟୁରୁ ଜନ୍ମ ନେଇଥିବା ଏହି ମୀନାର ଆଜି ଶହ ଶହ ଲୋକଙ୍କୁ ହାତୀ ସୁରକ୍ଷା ପାଇଁ ପ୍ରେରଣା ଦେଉଛି। ହାତୀ ସିନା ମରିଯାଇଛି କିନ୍ତୁ ତା ପ୍ରତି ଭଲପାଇବା ମରିନାହିଁ। ମୀନାରରେ ଜୀବନ୍ତ ରହିଛି ସେହି ସ୍ମୃତି, ଆଉ ସ୍ମୃତିରୁ ଜନ୍ମ ନେଉଛି ସୁରକ୍ଷାର ସଂକଳ୍ପ। କାର୍ଯ୍ୟକ୍ରମରେ ଉଖୁଣ୍ଡା ବନପାଳ ପ୍ରଦୀପ ବାରିକ, ସତ୍ୟବ୍ରତ ସିଂ, ବିଭୂତି ଭୂଷଣ ସିଂ, ରାଜୁ ମହାନ୍ତ ସମେତ ବନ ବିଭାଗର ପାରା ଷ୍ଟାଫ କ୍ଷୀରୋଦ ବେହେରା, ତରଣୀସେନ ମହାନ୍ତ, ନରେନ୍ଦ୍ର ମୁଣ୍ଡା, ମନୋଜ ମହାନ୍ତ, ସୁମନ୍ତ ମହାକୁଡ଼, ଗଜସାଥୀ ସାମିଲ ହୋଇଥିଲେ।

## ଚୋରି ବାଇକ୍ ଉଦ୍ଧାର; ଅଭିଯୁକ୍ତ ଗିରଫ

ଯୋଡ଼ା, ୧୨।୮ (ସମିସ): ଯୋଡ଼ା ଥାନାଞ୍ଚଳର ଦେଓଝରରୁ ଚୋରି ହୋଇଥିବା ଏକ ମୋଟରସାଇକଲକୁ ପୁଲିସ ଉଦ୍ଧାର କରିବା ସହ ଘଟଣାରେ ଜଣେ ଯୁବକଙ୍କୁ ଗିରଫ କରିଛି। ଏନେଇ ଯୋଡ଼ା ଥାନାରେ ମାମଲା ରୁଜୁ ହୋଇଥିଲା। ଦେଓଝରର ଭୀମସେନ ପାତ୍ରଙ୍କ ପତ୍ନୀ ଲକ୍ଷ୍ମୀ ପାତ୍ର (୩୦)ଙ୍କ ଅଭିଯୋଗ ଅନୁସାରେ, ତାଙ୍କ ଭାଇଙ୍କ ନାମରେ ପଞ୍ଜିକୃତ ଜେଏଚ୍ ୦୬-ଟି-୪୩୮୨ ନମ୍ବରର ବାଇକ୍‌ଟି ୧୦/୧୧ ଅଗଷ୍ଟ ରାତିରେ ଘର ଅଗଣାରୁ ଚୋରି ହୋଇଥିଲା। ଅଭିଯୋଗ ଆଧାରରେ ପୁଲିସ ମୋଟରସାଇକଲ୍‌ଟିକୁ ଝାଡ଼ଖଣ୍ଡର ନୋଆମୁଣ୍ଡି ଅଞ୍ଚଳର ଦିଲୀପ ବାର୍ଜୋ (୨୦)ଙ୍କ ନିକଟରୁ ଉଦ୍ଧାର କରିଥିଲା। ଦିଲ୍ଲୀପକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ନେଇ ଯୋଡ଼ା ଥାନାଧିକାରୀ ପ୍ରଶାନ୍ତ ସାମଲ ସୂଚନା ପ୍ରଦାନ କରିଛନ୍ତି।

## ବଲାଣି ଖଣି କଲୋନୀରେ ଚୋରି; ୨ ଗିରଫ

କେନ୍ଦୁଝର, ୧୨।୮ (ସମିସ): ବଲାଣି ଖଣି ଆବାସିକ କଲୋନୀରେ ଘଟିଥିବା ଚୋରି ଘଟଣାର ମାତ୍ର ୪୮ ଘଣ୍ଟା ମଧ୍ୟରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି ପୁଲିସ। ଗିରଫ ଅଭିଯୁକ୍ତ ଦୁଇଜଣ ହେଲେ ବଲାଣି ଶାନ୍ତିନଗର ଅଞ୍ଚଳର ଅର୍ଜୁନ ଗପ (୩୦) ଓ ମଙ୍ଗଳ ମୁଣ୍ଡା (୩୫)। ପୁଲିସ ଉଭୟଙ୍କୁ କୋର୍ଟ ଚାଲାଣ କରିଛି। ଗତ ରବିବାର ବଲାଣି ଖଣି କଲୋନୀର ଡବ୍ଲ୍ୟୁ-୩୫୦ ନମ୍ବର କ୍ୱାର୍ଟରରେ ରହୁଥିବା ସୁବାସଚନ୍ଦ୍ର ମିଶ୍ରଙ୍କ ଘରେ କେହି ନଥିବା ସୁଯୋଗ ନେଇ ଦୁର୍ବୃତ୍ତମାନେ ଟିଣ ଛାତ ତାଡ଼ି ଘରେ ପ୍ରବେଶ କରିଥିଲେ। ଘର ଭିତରୁ ନଗଦ ୨୦ ହଜାର ଟଙ୍କା ଚୋରି କରି ସେମାନେ ଫେରାର ହୋଇଯାଇଥିଲେ। ଏନେଇ ଘର ମାଲିକ ବଲାଣି ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରେ ମିଳିଥିବା ସୁରାକ ଆଧାରରେ ପୁଲିସ ଚଢ଼ଉ କରି ଉଭୟ ଅଭିଯୁକ୍ତଙ୍କୁ କାବୁ କରିଥିଲା। ସେମାନଙ୍କ ନିକଟରୁ ନଗଦ ୨,୬୫୦ ଟଙ୍କା ଜବତ ହୋଇଥିବା ବଲାଣି ଥାନାଧିକାରୀ ଝସକେତନ ଭୋଇ ସୂଚନା ଦେଇଛନ୍ତି।

## ଦୋକାନରୁ ଲୁଟ୍; ବୁଲିଲା ସନ୍ଧାନୀ କୁକୁର

ହାଟଡ଼ିହୀ, ୧୨।୮ (ସମିସ): ନନ୍ଦିପଦା ଥାନା ଅଧୀନ ଜଳକଳଙ୍ଗ ମେଡିକାଲ ଛକରେ ଥିବା ଏକ ଜଳଖିଆ ଦୋକାନର ତାଲା ଭାଙ୍ଗି ମଙ୍ଗଳବାର ରାତିରେ କେହି ଦୁର୍ବୃତ୍ତ ଗ୍ୟାସ୍ ସିଲିଣ୍ଡର ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ଦୋକାନୀ ଚକ୍ରଧର ସାହୁ ସକାଳେ ତାଙ୍କ ଦୋକାନ ତାଲା ଭଙ୍ଗା ଯାଇଥିବା ଏବଂ ଗୋଟିଏ ପଟ କବାଟ ଖୋଲା ରହିଥିବା ଦେଖିଥିଲେ। ଦୋକାନ ଭିତରୁ ସାମଗ୍ରୀ ଠିକଠାକ୍ ଥିବାବେଳେ କେବଳ ୪ଟି ଗ୍ୟାସ୍ ସିଲିଣ୍ଡର ନ ଥିଲା। ଏନେଇ ଅଭିଯୋଗ ଆଧାରରେ ନନ୍ଦିପଦା ପୁଲିସ କେନ୍ଦୁଝରରୁ ସନ୍ଧାନୀ କୁକୁର ଟିମକୁ ଡ଼କାଇ ତଦନ୍ତ ଜାରି ରଖିଛି। ସନ୍ଧାନୀ କୁକୁର ଦୋକାନରୁ ବାହାରି ଜଳକଳଙ୍ଗ ଗାଁ ଦେଇ ହାଟଡ଼ିହୀ ତହସିଲ ଛକରେ ବାହାରିଥିଲା। ତହସିଲ ଛକର ରାସ୍ତାକଡ଼ରେ ଥିବା ଏକ ଭଙ୍ଗା ଆଜବେଷ୍ଟସ ଘର ଯାଏଁ ସନ୍ଧାନୀ କୁକୁର ଯାଇ ସେଠାରୁ ଫେରିଥିଲେ ସୁଦ୍ଧା ଚୋର କିମ୍ବା ଚୋରି ସାମଗ୍ରୀ ବାବଦରେ ଏଯାଏଁ କୌଣସି ସୁରାକ୍ ମିଳିପାରିନାହିଁ। ସେହିପରି ୨ ଦିନ ତଳେ ହାଟଡ଼ିହୀ ତହସିଲ ଛକରେ ଥିବା ପବିତ୍ର ଦଳେଇଙ୍କ ଜଳଖିଆ ଦୋକାନର ତାଲା ଭାଙ୍ଗି ଦୁଇଟି ଗ୍ୟାସ୍ ସିଲିଣ୍ଡର ଓ କିଛି ନଗଦ ଟଙ୍କା ଚୋରି ହୋଇଥିଲା। ଏ ସମ୍ପର୍କରେ ଦୋକାନୀ ପବିତ୍ର ଦଳେଇ ଥାନାରେ କୌଣସି ଅଭିଯୋଗ କରି ନଥିବା ଜଣାଯାଇଛି। ବିଭିନ୍ନ ସିସିଟିଭି କ୍ୟାମେରାକୁ ପୁଲିସ୍ ଯାଞ୍ଚ କଲେ ହିଁ ଚୋରି ସମ୍ପର୍କରେ ଅଧିକ ତଥ୍ୟ ମିଳିପାରନ୍ତା ବୋଲି କୁହାଯାଇଛି।

## ପ୍ରାଥମିକ ଶିକ୍ଷକଙ୍କ ପଦୋନ୍ନତି ଦାବି; ୧୮ରୁ ଧାରଣା ଚେତାବନୀ

କେନ୍ଦୁଝର, ୧୨।୮ (ସମିସ): କେନ୍ଦୁଝର ଜିଲ୍ଲାରେ ପ୍ରାଥମିକ ଶିକ୍ଷକଙ୍କ ପଦୋନ୍ନତିର ଅହେତୁକ ବିଳମ୍ବ ନିମନ୍ତେ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜାଣିଶୁଣି କେନ୍ଦୁଝର ଜିଲ୍ଲାରେ ପ୍ରାଥମିକ ଶିକ୍ଷକଙ୍କ ପଦୋନ୍ନତି ପକ୍ରିୟାକୁ ମନ୍ଥର କରାଯାଉଛି ବୋଲି ସଂଘର କର୍ମକର୍ତ୍ତାମାନେ ଦାବି କରିଛନ୍ତି। ରାଜ୍ୟ ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘର ଉପସଭାପତି ମନୋଜ କୁମାର ମହାନ୍ତ ଜଣାଇଛନ୍ତି ଯେ ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟର ଅବହେଳା ଯୋଗୁଁ ବାରମ୍ବାର ଶିକ୍ଷକମାନଙ୍କୁ ମାନସିକ ନିର୍ଯାତନା ଦିଆଯାଉଛି। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ମତାମତକୁ ଆଧାର କରି ଯଦି ଏହି ପଦୋନ୍ନତି ପ୍ରକ୍ରିୟା ଆସନ୍ତା ୧୭/୦୮/୨୦୨୬ ସୁଦ୍ଧା ସମ୍ପୂର୍ଣ୍ଣ ନ କରାଯାଏ ତେବେ ଜିଲ୍ଲା ସଂଘର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଆସନ୍ତା ୧୮/୦୮/୨୦୨୬ଠାରୁ ପଦୋନ୍ନତି ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ଜିଲ୍ଲା ଶିକ୍ଷାଧିକାରୀ, କେନ୍ଦୁଝରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦେବେ ବୋଲି ଜିଲ୍ଲା ସଂଘର କର୍ମକର୍ତ୍ତା ଶ୍ରୀକାନ୍ତ ପଟ୍ଟନାୟକ ଜଣାଇଛନ୍ତି। ଏହି ପ୍ରତିବାଦ କାରଣରୁ ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ ତଥା ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟରେ କୌଣସି ବାଧା ସୃଷ୍ଟି ହେଲେ ସେଥିପାଇଁ ସଂଘ କୌଣସି ପରିସ୍ଥିତିରେ ଦାୟୀ ରହିବ ନାହିଁ ବୋଲି ମଧ୍ୟ ସ୍ପଷ୍ଟ କରାଯାଇଛି। ଆଲୋଚନା ପରେ ଶିକ୍ଷାଧିକାରୀ ଆସନ୍ତାକାଲି ଏହି ପଦୋନ୍ନତି ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ କରିବେ ବୋଲି ସମସ୍ତଙ୍କ ସମ୍ମୁଖରେ ପ୍ରକାଶ କରିଛନ୍ତି।

## 'ଆମରି ନାଆରେ ଆମେ ନାଉରୀ' ନୃତ୍ୟାଭିନୟ ମଞ୍ଚସ୍ଥ

ଆନନ୍ଦପୁର, ୧୨।୮ (ସମିସ): ଶାଳପଡା ବୀଣାପାଣି କଳା ନିକେତନ ନୃତ୍ୟାନୁଷ୍ଠାନର ନୃତ୍ୟଶିଳ୍ପୀମାନେ ଭୁବନେଶ୍ୱର ଏକ ଘରୋଇ ଟିଭି କାର୍ଯ୍ୟକ୍ରମରେ ନୃତ୍ୟ ଗୁରୁ ଜିତୁ ଦାଶଙ୍କ ନିର୍ଦ୍ଦେଶନା ଓ ପୂର୍ବତନ ଅଧକ୍ଷ ଡ଼ ପ୍ରଦୀପ ମହାନ୍ତିଙ୍କ ବଳିଷ୍ଠ ଗୀତ ରଚନାରେ ନୃତ୍ୟାଭିନୟ "ଆମରି ନାଆରେ ଆମେ ନାଉରୀ', ଆମରି ଗର୍ବ ଏ ମାଟି ମା'କୁ ମଞ୍ଚସ୍ଥ କରିଛନ୍ତି। ମୋନିକା ଦାଶ, ଅଭିନେତ୍ରୀ



ସୁଭଦ୍ରା ମହାନ୍ତି, ଗାୟତ୍ରୀ ସାମଲ, ଲିଜ଼ା ରାଣୀ ସାହୁ, ସାୟନି ନାୟକ, ପ୍ରିୟଙ୍କା ସାହୁ, ଦେବହୁତି ପଟ୍ଟନାୟକ, ପରିଣତି ଚକ୍ର, କ୍ରିଷ୍ଣା ପ୍ରିୟଦର୍ଶିନୀ ସାହୁ ନୃତ୍ୟ ପରିବେଷଣ କରିଥିଲେ। ମା' ମାଟିକୁ ସୁରକ୍ଷା ଦେବା ପାଇଁ ଲଢୁଆ ଭାରତୀୟ ସୈନିକମାନେ କିପରି ଏ ଜାତି ପାଇଁ ଜାଗି ଉଠିଛନ୍ତି, ତାହାକୁ ନେଇ ଅତି ଚମତ୍କାର ଢଙ୍ଗରେ ପରିବେଷଣ କରିଥିଲେ। ସ୍ୱାଧୀନତା ଦିବସରେ ଏହା ଟିଭିରେ ପ୍ରଦର୍ଶିତ ହେବ।

## ପଠାଣି ସାମନ୍ତ ଗଣିତ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା



ଆନନ୍ଦପୁର, ୧୨।୮ (ସମିସ): ୨୦୨୫-୨୬ ଶିକ୍ଷାବର୍ଷରେ ୬ଷ୍ଠ ଶ୍ରେଣୀ ପଠାଣି ସାମନ୍ତ ଗଣିତ ପ୍ରତିଭା ପରୀକ୍ଷାରେ ଆନନ୍ଦପୁର ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀ ସ୍ନେହା ସାଇନା ରାଉଳ, ମନିଷା ମଳିକ ଓ ଛାତ୍ର ରୋୟାଲ ରୋଶନ ବାରିକ୍ କୃତିତ୍ୱ ଅର୍ଜନ କରି ଶିଶୁ ମନ୍ଦିରର ଗର୍ବ ଓ ଗୌରବକୁ ବୃଦ୍ଧି କରିଛନ୍ତି। ଏହି ଉପଲକ୍ଷେ ବିଦ୍ୟାଳୟ ବୌଦ୍ଧିକ ମଣ୍ଡପଠାରେ ପରିଚାଳନା ସମିତିର କର୍ମକର୍ତ୍ତା ଓ ପ୍ରଧାନଆଚାର୍ଯ୍ୟଙ୍କ ଦ୍ୱାରା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମିତିର କର୍ମକର୍ତ୍ତା ଓ ସମସ୍ତ ଗୁରୁଜୀଗୁରୁମା ଶିଶୁମାନଙ୍କର ଭବିଷ୍ୟତ ଜୀବନ ଉଜ୍ଜ୍ୱଳମୟ କାମନା କରିଛନ୍ତି।

## ଚନ୍ଦ୍ରଶେଖର ମହାବିଦ୍ୟାଳୟରେ ଆଲୋଚନାଚକ୍ର

ଚମ୍ପୁଆ, ୧୨।୮ (ସମିସ): ଚନ୍ଦ୍ରଶେଖର ମହାବିଦ୍ୟାଳୟରେ ସ୍ନାତକ ବିଜ୍ଞାନ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ''ଶ୍ରେଣୀ ଗୃହ ଶିକ୍ଷାଦାନଠାରୁ ଗବେଷଣା: ଆକାଂକ୍ଷା, ନବୀକରଣ ଓ ରକ୍ଷଣଶୀଳତା' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର କାର୍ଯ୍ୟବାହ ଅଧ୍ୟକ୍ଷ ପ୍ରଶାନ୍ତ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ତଥା ଆଲୋଚକ ଡକ୍ଟର ଶାଶ୍ୱତ ଦାସ, ମଞ୍ଚ ସଂଚାଳକ ହରିଚନ୍ଦନ କର ଅଧ୍ୟାପକ ଶିକ୍ଷା ବିଭାଗ ଏବଂ ବିଷୟ ସମୀକ୍ଷକ ଡକ୍ଟର ସୁନୀଲ ସାହୁ ଅଧ୍ୟାପକ ପ୍ରାଣୀ ବିଜ୍ଞାନ ଯୋଗ ଦେଇଥିଲେ। ଶ୍ରୀଯୁକ୍ତ ଦାସ ତାଙ୍କ ଉପସ୍ଥାପନାରେ ପରିବେଶ ପରିଚାଳନା, ଇଞ୍ଜିନିୟରିଂ ସଂପର୍କିତ ଗବେଷଣାର ନିବନ୍ଧକୁ ସ୍ଥାନିତ କରିଥିଲେ। ଅଭିଜ୍ଞତା ଓ ଅନୁଭବ ରହିଲେ ନିଜ ଲକ୍ଷ୍ୟପଥ ସୁଗମ ହୋଇପାରିବ ବୋଲି ଛାତ୍ରଛାତ୍ରୀ ମତ ପୋଷଣ କରିଥିଲେ। ଅଧ୍ୟାପକ ଚମ୍ପେଶ୍ୱର ମିଶ୍ର, ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ଗିରିଙ୍କ ସହିତ ସମସ୍ତ ବିଜ୍ଞାନ ଅଧ୍ୟାପକ ଅଧ୍ୟାପିକା ଫକୀର ଚରଣ ମାଝି, ଡମ୍ବରୁଧର ସାମଲ, ରାଣାପ୍ରତାପ ଦାସ, ଉମାକାନ୍ତ ମହାନ୍ତ, ସଞ୍ଜୀବ ପ୍ରଧାନ ଚିନ୍ମୟୀ ମହାନ୍ତ, ଲିପିକା ପ୍ରଧାନ, ସହାୟକ ଅମିୟ ବୈଦ୍ୟ, ସୌମ୍ୟା ଖିଲାର, ଡିସିଲଭା ପାତ୍ର ତଥା ସମସ୍ତ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

## ଜନମଙ୍ଗଳ ଯୋଜନାର ପଞ୍ଚାୟତସ୍ତରୀୟ ସଚେତନତା

କେନ୍ଦୁଝର, ୧୨।୮ (ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ ଆୟୋଜନରେ ସଦର ବ୍ଲକ ଶିରିଶପାଳ ପଞ୍ଚାୟତ କାର୍ଯ୍ୟାଳୟରେ ସରକାରଙ୍କ ବିଭିନ୍ନ ଜନମଙ୍ଗଳ ଯୋଜନାର ସୁଫଳ ସାଧାରଣ ଜନତା ପାଇପାରିବା ସମ୍ପର୍କିତ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଓ ଦୌରାଜଜ୍ ଗୋପାଳଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାୟୀ ଲୋକ ଅଦାଲତର ଅଧ୍ୟକ୍ଷ ଇ. ବିଘ୍ନେଶ୍ୱର ରାଓ, ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ ଯୋଗ ଦେଇଥିଲା ବେଳେ ପ୍ରାଧିକରଣ ସଦସ୍ୟ ତଥା ତଦାଶା ସଂପାଦକ ଅକ୍ଷୟ କୁମାର ଚକ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଆଇନସେବା ପ୍ରାଧିକରଣର ମୁଖ୍ୟ କାର୍ଯ୍ୟାବଳୀ ଅବତାରଣା କରିଥିଲେ। ସୁରକ୍ଷା ଅଧିକାରିଣୀ ବର୍ଷା ଦାଶ ଜିଲ୍ଲା ଶିଶୁ ସୁରକ୍ଷା ସେଲ ମାଧ୍ୟମରେ ଶିଶୁ ମଙ୍ଗଳ ଯୋଜନା ଉପରେ ବିବରଣୀ ପ୍ରଦାନ କରିଥିଲେ। ଶିରିଶପାଳ ସରପଞ୍ଚ କେଦାର କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ଗ୍ରାମର ଜନସାଧାରଣ, ଯୋଗ ଦେଇଥିଲେ।

## ରାସ୍ତାରୁ ପାଇଥିବା ୧୨ ହଜାର ଟଙ୍କା ଫେରାଇଲେ ଘରୋଇ ଡାକ୍ତର

ତୁରୁମୁଙ୍ଗା, ୧୨।୮ (ସମିସ): ରାସ୍ତାରୁ ପାଇଥିବା ୧୨ ହଜାର ଟଙ୍କା ଥିବା ବ୍ୟାଗକୁ ପ୍ରକୃତ ମାଲିକଙ୍କୁ ଫେରାଇ ମାନବିକତାର ନିଦର୍ଶନ ଦେଖାଇଛନ୍ତି ଜଣେ ଘରୋଇ ଡାକ୍ତର। ତାଙ୍କର ଏହି ସଚ୍ଚୋଟତା ଓ ଉଦାରତାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ପାଟଣା ବ୍ଲକ ମିରିଗିଖୋଜି ଗ୍ରାମରେ ଘଟିଛି ଏହି ଘଟଣା। ଗ୍ରାମର ରାଉତ ମୁଣ୍ଡା ସିମେଣ୍ଟ କିଣିବା ପାଇଁ ୧୨ ହଜାର ଟଙ୍କା ଗାମୁଛାରେ ଗୁଡ଼ାଇ ଏକ ବ୍ୟାଗରେ ରଖି ସାଇକେଲ ଯୋଗେ କୁଣ୍ଡଳା ଯାଉଥିଲେ। ତେବେ ରାସ୍ତାରେ ଅଜାଣତରେ ଟଙ୍କା ଥିବା ବ୍ୟାଗଟି ଖସି ପଡ଼ିଥିଲା। କୁଣ୍ଡଳା ଗ୍ରାମରୁ ହାଟ ସାରି ମିରିଗିଖୋଜି ଫେରୁଥିବା ସେହି ଗ୍ରାମର ଘରୋଇ ଡାକ୍ତର ଅଭିଜିତ ମଣ୍ଡଳ ରାସ୍ତାରୁ ଟଙ୍କା ଥିବା ବ୍ୟାଗଟି ପାଇ ରଖିଥିଲେ। ଟଙ୍କା ଖୋଜି ଖୋଜି ରାଉତ ମୁଣ୍ଡା କୁଣ୍ଡଳାରୁ ମିରିଗିଖୋଜି ଫେରିବା ପରେ ଛକରେ ଟଙ୍କା ହଜିଯାଇଥିବା କଥା କହିଥିଲେ। ଏହା ଜାଣିବା ପରେ ଡାକ୍ତର ଅଭିଜିତ ମଣ୍ଡଳ ଟଙ୍କା ଥିବା ବ୍ୟାଗଟି ନିଜେ ପାଇଥିବା କହିବା ପରେ ବ୍ୟାଗଟି ଦେଖି ରାଉତ ମୁଣ୍ଡା ନିଜର ବୋଲି ଚିହ୍ନଟ କରିଥିଲେ। ଡାକ୍ତର ମଣ୍ଡଳ ସମସ୍ତ ୧୨ ହଜାର ଟଙ୍କା ସହ ବ୍ୟାଗଟିକୁ ତାଙ୍କୁ ଫେରାଇ ଦେଇଥିଲେ।

## ବିପଦସଂକୁଳ ଅଙ୍ଗନବାଡ଼ି କେନ୍ଦ୍ର; ବାରଣ୍ଡାରେ ଶିଶୁ

ଚମ୍ପୁଆ, ୧୨।୮ (ସମିସ): ଚମ୍ପୁଆ ଏନଏସି ଅନ୍ତର୍ଗତ ଗୋଧୂଳି ଗ୍ରାମର ଭଳିଆଡିପା ଅଞ୍ଚଳରେ ଥିବା ଅଙ୍ଗନବାଡ଼ି କେନ୍ଦ୍ର ଏବେ ବିପଦସଂକୁଳ ଅବସ୍ଥାରେ। ପ୍ରାୟ ୨୦ ବର୍ଷ ତଳେ ନିର୍ମିତ ଏହି କେନ୍ଦ୍ରର କାନ୍ଥ ଫାଟିଯାଇଥିବା ବେଳେ ଛାତ ମଧ୍ୟ ଦୁର୍ବଳ ହୋଇପଡ଼ିଛି। ଗତ ପ୍ରାୟ ୫ ବର୍ଷ ହେଲା ଏଭଳି ବିପଦସଂକୁଳ ଅବସ୍ଥା ଲାଗି ରହିଥିଲେ ମଧ୍ୟ ଏପର୍ଯ୍ୟନ୍ତ ନୂତନ ଗୃହ ନିର୍ମାଣ କିମ୍ବା ମରାମତି ଦିଗରେ ଆବଶ୍ୟକ ପଦକ୍ଷେପ

### ଉପଜିଲ୍ଲାପାଳଙ୍କୁ ଅଭିଯୋଗ

ନିଆଯାଇନଥିବା ନେଇ ଅଭିଯୋଗ କରିଛନ୍ତି ଗ୍ରାମବାସୀ। ବର୍ତ୍ତମାନ କେନ୍ଦ୍ର ଭିତରେ ଶିଶୁମାନଙ୍କୁ ବସାଇବା ନିରାପଦ ନଥିବାରୁ ବାରଣ୍ଡାରେ ବସି ପାଠ ପଢ଼ିବାକୁ ପଡୁଛି। ଏହି କାରଣରୁ ଅନେକ ଅଭିଭାବକ ନିଜ ଶିଶୁମାନଙ୍କୁ କେନ୍ଦ୍ରକୁ ପଠାଇବାକୁ ମଧ୍ୟ ଭୟ କରୁଥିବା ଜଣାପଡ଼ିଛି। କେବଳ ଶିଶୁମାନଙ୍କ ପାଠପଢ଼ା ନୁହେଁ, ଅଙ୍ଗନବାଡ଼ି କେନ୍ଦ୍ରରେ ହେଉଥିବା ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ମଧ୍ୟ ଏହି ସମସ୍ୟା ଯୋଗୁଁ ପ୍ରଭାବିତ ହେଉଛି। ଗର୍ଭବତୀ ଓ ପ୍ରସୂତି ମା'ମାନଙ୍କ କାର୍ଯ୍ୟକ୍ରମ, କିଶୋରୀ ବାଳିକାଙ୍କ ସଚେତନତା



କାର୍ଯ୍ୟକ୍ରମ ସମେତ ବିଭିନ୍ନ ବୈଠକରେ ଲୋକେ କେନ୍ଦ୍ର ଭିତରେ ବସିବାକୁ ଭୟ କରୁଥିବା ଅଭିଯୋଗ ହୋଇଛି। କେନ୍ଦ୍ରର ଦୟନୀୟ ଅବସ୍ଥା ସମ୍ପର୍କରେ ପୂର୍ବରୁ ସିଡିପିଓଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସମସ୍ୟାର ସ୍ଥାୟୀ ସମାଧାନ ହୋଇନଥିବା କୁହାଯାଉଛି। ଫଳରେ ଶିଶୁମାନଙ୍କ ସୁରକ୍ଷାକୁ ନେଇ ଅଭିଭାବକଙ୍କ ମଧ୍ୟରେ ଚିନ୍ତା ବଢ଼ିଛି। ଏନେଇ ଅଙ୍ଗନବାଡ଼ି କେନ୍ଦ୍ରର ପରିଚାଳନା କମିଟି, ଅଙ୍ଗନବାଡ଼ି କର୍ମୀ ପ୍ରେମଶିଳା ନାଏକଓ ସ୍ଥାନୀୟ କାଉନସିଲର ଛତ୍ରପତି ନାଏକ ନୂତନ ଗୃହ ଯୋଗାଇବା ଦାବିରେ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି। ତୁରନ୍ତ ନୂତନ ଅଙ୍ଗନବାଡ଼ି ଗୃହ ନିର୍ମାଣ କିମ୍ବା ସୁରକ୍ଷିତ ବିକଳ୍ପ ବ୍ୟବସ୍ଥା କରିବାକୁ ଅଭିଭାବକ ଓ ଗ୍ରାମବାସୀ ଦାବି କରିଛନ୍ତି।

## 'ହର୍ ଘର୍ ତ୍ରିରଙ୍ଗା' ଅଭିଯାନରେ ଜିଲ୍ଲାସ୍ତରୀୟ ସାଇକଲ ରାଲି

କେନ୍ଦୁଝର/ତୁରୁମୁଙ୍ଗା, ୧୨।୮ (ସମିସ):



ଆସନ୍ତା ସ୍ୱାଧୀନତା ଦିବସ ପାଳନ ଅବସରରେ କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ 'ହର ଘର ତ୍ରିରଙ୍ଗା' (ଘରେ ଘରେ ତ୍ରିରଙ୍ଗା) ଅଭିଯାନର ଶୁଭାରମ୍ଭ କରାଯାଇଛି। ଆଜି ସକାଳ ୯:୩୦ ମିନିଟ୍‌ରେ କେନ୍ଦୁଝର ଷ୍ଟାଡିୟମରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ବିଶାଳ ଜିଲ୍ଲାସ୍ତରୀୟ ସାଇକଲ ରାଲି ଅନୁଷ୍ଠିତ ହୋଇଯାଇଛି। ଯୁବପିଢ଼ି ଓ ସାଧାରଣ ଜନତାଙ୍କୁ ଜାତୀୟତାବୋଧର ସୂତ୍ରରେ ବାନ୍ଧିବା, ସେମାନଙ୍କ ମଧ୍ୟରେ ସାମାଜିକ ସଚେତନତା ସୃଷ୍ଟି କରିବା ଏବଂ ଶାରୀରିକ ସୁସ୍ଥତା ସହ ପ୍ରତ୍ୟେକ ଘରେ ତ୍ରିରଙ୍ଗା ପତାକା ଉତ୍ତୋଳନ କରିବା ପାଇଁ ଲୋକଙ୍କୁ ଉତ୍ସାହିତ କରିବା ଏହାର ଉଦ୍ଦେଶ୍ୟ ଥିଲା। ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ ଏହାର ଶୁଭାରମ୍ଭ କରିଥିଲେ। ଏହି ରାଲିରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶଚନ୍ଦ୍ର ନାୟକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ସରୋଜ ମଲ୍ଲିକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ଅଭିନନ୍ଦନ ରାୟ, କନିଷ୍ଠ କ୍ରୀଡ଼ା ପ୍ରଶିକ୍ଷକ ଜିତେନ୍ଦ୍ର ମହାକୁଡ଼, ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗୀୟ କର୍ମକର୍ତ୍ତାଙ୍କ ସମେତ ସ୍ଥାନୀୟ ବିଦ୍ୟାଳୟ ଓ ମହାବିଦ୍ୟାଳୟର ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସେହିଭଳି ଆସନ୍ତାକାଲି ଗୁରୁବାର ସକାଳରେ କେନ୍ଦୁଝର ଷ୍ଟାଡିୟମ୍‌ଠାରେ ଏକ ବିଶାଳ 'ତ୍ରିରଙ୍ଗା ପରେଡ୍' ସହ ସାମୂହିକ ଜାତୀୟ ସଙ୍ଗୀତ ଗାନ କାର୍ଯ୍ୟକ୍ରମ ରହିଛି। ଏହାସହିତ ଜିଲ୍ଲାର ପ୍ରତ୍ୟେକ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଶିକ୍ଷାନୁଷ୍ଠାନ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ନିର୍ଦ୍ଧାରିତ ତିଥିରେ 'ବନ୍ଦେ ମାତରମ୍'ର ସାମୂହିକ ଗାନ, ଅନଲାଇନ୍ କୁଇଜ୍ ଏବଂ "ଜାତୀୟ ପତାକା ବିକାଶ ଯାତ୍ରା' ଶୀର୍ଷକ ପ୍ରଦର୍ଶନୀ ଆୟୋଜନ କରାଯିବ। ବ୍ଲକ୍ ଓ ଗ୍ରାମପଞ୍ଚାୟତ ସ୍ତରରେ ମଧ୍ୟ ସାଇକଲ ରାଲି ଏବଂ କ୍ୟାଣ୍ଡଲ ଶୋଭାଯାତ୍ରାର ଆୟୋଜନ କରାଯିବ।

ସେହିପରି କେନ୍ଦୁଝର ଜିଲ୍ଲା ପାଟଣା ମୁଖ୍ୟାଳୟରେ ବୁଧବାର ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପାଟଣା ଆନନ୍ଦେଶ୍ୱର ମନ୍ଦିରରୁ ଏକ ବିରାଟ ଶୋଭାଯାତ୍ରା ବାହାରି ପାଟଣା ବଜାର ଦେଇ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ପାଟଣା ବ୍ଲକ ଅଧକ୍ଷା ବୀଣାପାଣି ନାୟକ ସାଂସଦଙ୍କ ପ୍ରତିନିଧି ପ୍ରହ୍ଲାଦ ପଲେଇ, ବିଧାୟକ ପ୍ରତିନିଧି କମଳାକାନ୍ତ ଦାଶ, ବରିଷ୍ଠ ନେତା ରାଧାକାନ୍ତ ମହାନ୍ତ, ପୂର୍ବତନ ବ୍ଲକ ଅଧକ୍ଷ ବିଶ୍ୱନାଥ ନାଏକଙ୍କ ସମେତ ଅବସରପ୍ରାପ୍ତ ସେନା ଓ ବହୁ ଲୋକ ଯୋଗ ଦେଇଥିଲେ। ବିଶେଷକରି କଲେଜ ଛାତ୍ରଛାତ୍ରୀ ଓ ମହିଳାମାନଙ୍କ ସକ୍ରିୟ ଯୋଗଦାନ ଶୋଭାଯାତ୍ରାକୁ ଆହୁରି ଆକର୍ଷଣୀୟ କରିଥିଲା। ଅଂଶଗ୍ରହଣକାରୀ ତ୍ରିରଙ୍ଗାକୁ ହାତରେ ଧରି ଏକତା, ଦେଶପ୍ରେମ ଓ ଜାତୀୟତାର ବାର୍ତ୍ତା ଦେଇଥିଲେ। ସେହିପରି ସାହାରପଡା ବ୍ଲକ ମୁଖ୍ୟାଳୟ ସହ ବିଭିନ୍ନ ମଣ୍ଡଳରେ ତ୍ରିରଙ୍ଗା ଶୋଭାଯାତ୍ରା ପାଳିତ ହୋଇଯାଇଛି। ଶୋଭାଯାତ୍ରାରେ ମଣ୍ଡଳ ସଭାପତି ସହ ବିଜେପି କାର୍ଯ୍ୟକର୍ତ୍ତାଙ୍କ ସହ ସ୍ଥାନୀୟ ଲୋକେ ସାମିଲ ହୋଇଥିଲେ।

## ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ଶ୍ରୀଜିଉଙ୍କୁ 'ସ୍ୱର୍ଣ୍ଣ ଚିତା' ଲାଗି



ବାରିପଦା,୧୨।୮ (ସମିସ): ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ଶ୍ରୀଶ୍ରୀ ହରିବଳଦେବଜିଉ ମହାପ୍ରଭୁଙ୍କ ମନ୍ଦିରରେ ଶ୍ରୀଜିଉଙ୍କ ଶ୍ରୀମସ୍ତକରେ ସ୍ୱର୍ଣ୍ଣ ଚିତା ଲାଗି ହୋଇଛି। ଚିତାଲାଗି ଅମାବାସ୍ୟା ତିଥିରେ ବୁଧବାର ପାରମ୍ପରିକ ରୀତିନୀତିରେ ସ୍ୱର୍ଣ୍ଣଚିତା ଲାଗି କରାଯାଇଛି। ଠାକୁରଙ୍କ ଦେବସ୍ନାନ ପୂର୍ଣ୍ଣିମା ପୂର୍ବରୁ ଯେଉଁ ଚିତା ଲାଗିଥିଲା ତାହା ସ୍ନାନ ପୂର୍ଣ୍ଣିମା ପରେ ଓହ୍ଲାଯାଇ ଭଣ୍ଡାର ଘରେ ରଖାଯାଇଥିଲା। ରଥଯାତ୍ରାରେ ମହାପ୍ରଭୁଙ୍କ ସୋଲ ଜରି ଓ ରୂପାର ଚିତା ଲାଗି ହୋଇ ରଥଯାତ୍ରା ପାଳିତ ହୋଇଥିଲା। ରଥଯାତ୍ରା ପରେ ଶ୍ରାବଣ ମାସ ଅମାବାସ୍ୟା ତିଥିରେ ସନ୍ଧ୍ୟା ଆରତୀ ପରେ ଭଣ୍ଡାର ଘରୁ ସୁବର୍ଣ୍ଣ ଚିତାମାନ ଅଣାଯିବା ପରେ ପରିଚ୍ଛା, ପୂଜାପଣ୍ଡା ଓ ସେବାୟତଙ୍କ ଦ୍ୱାରା ବେଢ଼ା ପରିକ୍ରମା କରାଯାଇ ଠାକୁରଙ୍କଠାରେ ପ୍ରଥମେ ଓ ପରେ ଦେବୀ ସୁଭଦ୍ରାଙ୍କୁ ଚିତାଲାଗି କରାଯାଇଥିଲା। ଚିତାଲାଗି ପରେ ପୂଜକଙ୍କ ଦ୍ୱାରା ପଞ୍ଚ ଉପଚାରରେ ପୂଜା ବନ୍ଦନା ଓ ନୂତନ ବସ୍ତ୍ର ତଥା ଚନ୍ଦନ ଲାଗି କରାଯାଇଥିଲା। ଚିତଉ ପିଠା, ଖିରି, କାକରା, ମିଷ୍ଟାନ୍ନ ଭୋଗ ଲାଗି କରାଯାଇଥିଲା। ସନ୍ଧ୍ୟାରେ ବହୁ ଭକ୍ତ ଠାକୁରଙ୍କ ସ୍ୱର୍ଣ୍ଣ ଚିତା ଲାଗି ପୂଜା ବନ୍ଦାପନା ଉପଭୋଗ କରିଥିଲେ।

## ମହୁମାଛି ଆକ୍ରମଣରେ ବୃଦ୍ଧା ମୃତ, ୨ ଗୁରୁତର



ରାଇରଙ୍ଗପୁର,୧୨।୮ (ସମିସ): ରାଇରଙ୍ଗପୁର ଅଞ୍ଚଳରେ ବାଘୁଆ ମହୁମାଛି ଆତଙ୍କ ଦେଖିବାକୁ ମିଳିଛି। ବାଘୁଆ ମହୁମାଛି ଆକ୍ରମଣରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଥିବାବେଳେ ୨ ଜଣ ଗୁରୁତର ହୋଇଛନ୍ତି। ମହୁମାଛି ଆକ୍ରମଣରେ ପ୍ରାଣ ହରାଇଥିବା ବୃଦ୍ଧା ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ୱାର୍ଡ ନମ୍ବର ୧୪ ଇଚିଣ୍ଡାର ସ୍ୱର୍ଗତ ନିମନା ଦାସଙ୍କ ସ୍ତ୍ରୀ ବାସନ୍ତୀ ଦେବୀ (୬୬)। ଗୁରୁତର ଦୁଇଜଣ ବାଦାମପାହାଡ଼ ଥାନା ଅନ୍ତର୍ଗତ ସାନପୁରୁଣାପାଣି ଗ୍ରାମର ଖଗେଶ୍ୱର ଗିରି (୬୪) ଓ ସୁବାସ ଗିରି (୪୬)। ରବିବାର ବାସନ୍ତୀଙ୍କୁ ଆକ୍ରମଣ କରିଥିଲା ମହୁମାଛି। ମୃତ ବାସନ୍ତୀ ଦେବୀଙ୍କ ସମ୍ପର୍କୀୟ ରାଜକୁମାର ରାମଙ୍କ କହିବାନୁଯାୟୀ, ବାସନ୍ତୀ ଦେବୀଙ୍କ କେହି ନ ଥିବାରୁ ସେ ରାଇରଙ୍ଗପୁର ଡେଲି ମାର୍କେଟ ହନୁମାନ ବାଟିକା ନିକଟସ୍ଥ ନିଜ ସମ୍ପର୍କୀୟଙ୍କ ଘରେ ରହୁଥିଲେ। ପ୍ରତ୍ୟେକ ଦିନ ଭଳି ରବିବାର ଦିନ ସେ ରାଇରଙ୍ଗପୁର ବଜାରରେ ଥିବା ସମ୍ପର୍କୀୟ ଘରକୁ ଆସିଥିଲେ। ସେଠାରେ ଖାଇ ସାରି ଦିନ ୪ଟା ସମୟରେ ରେଳ ଲାଇନ୍ ଦେଇ ଚାଲିଚାଲି ଇଚିଣ୍ଡାସ୍ଥ ନିଜ ଘରକୁ ଯାଉଥିଲେ। ସେ ସମୟରେ ବାଘୁଆ ମହୁମାଛି ଆକ୍ରମଣର ଶିକାର ହୋଇଥିଲେ। ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର ପରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସେହିପରି ବାଦାମପାହାଡ଼ ଥାନା ପୁରୁଣାପାଣି ଗ୍ରାମର ଖଗେଶ୍ୱର ଗିରି (୬୪) ଓ ସୁବାସ ଗିରି (୪୬) ଗାଈ ଚରାଉଥିବା ସମୟରେ ବାଘୁଆ ମହୁମାଛି ଆକ୍ରମଣରେ ଗୁରୁତର ଆହତ ହୋଇଥିଲେ।

## ବିଭିନ୍ନ ସ୍ଥାନରେ ତ୍ରିରଙ୍ଗା ଶୋଭାଯାତ୍ରା

କୁଆମରା,୧୨।୮ (ସମିସ): ସ୍ୱାଧୀନତା ଦିବସ ଅବସରରେ ଖୁଣ୍ଟା ବ୍ଲକ କହ୍ନେଇବନ୍ଧ ମଣ୍ଡଳ ବିଜେପି ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ଦୁଷ୍ମନ୍ତ ଘୋଷଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବାରିପଦା ବିଧାୟକ ପ୍ରକାଶ ସୋରେନ ଅତିଥି ଭାବେ ଯୋଗ ଦେଇଥିଲେ। ବଡାମ୍ ମଣ୍ଡପରୁ ଏହି ଶୋଭାଯାତ୍ରା ବାହାରି ହନୁମାନ ମନ୍ଦିର ଦେଇ ସ୍ଥାନୀୟ ବଜାର ପରିକ୍ରମା କରିଥିଲା। ହାତରେ ତିରଙ୍ଗା ପତାକା ଧରି ସ୍ଥାନୀୟ ଜନସାଧାରଣ ଓ ବିଦ୍ୟାଳୟର ଛାତ୍ରଛାତ୍ରୀ ଭାରତମାତା ଓ ବନ୍ଦେ ମାତରମ୍ ନାରା ଦେଇଥିଲେ। ଏଥିରେ ପୂର୍ବ ମୟୂରଭଞ୍ଜ ଜିଲ୍ଲା ବିଜେପି ଉପ ସଭାପତି ରଞ୍ଜନ କୁମାର ମଡୁଆଳ, ମଣ୍ଡଳ ପ୍ରଭାରୀ ପ୍ରମୋଦ କୁମାର ସାହୁ, ସାଧାରଣ ସମ୍ପାଦକ ପଦ୍ମଲୋଚନ ନାୟକ ଓ ସୁଦର୍ଶନ ବେହେରା, ଯୁବ ମୋର୍ଚ୍ଚା ସଭାପତି ମଦନମୋହନ ପାତ୍ର, ଦୀପକ କୁମାର ଚୈାଧୁରୀ ପ୍ରମୁଖ ଯୋଗ ଦେଇ ଶୋଭାଯାତ୍ରା କୁ ସଫଳ କରିଥିଲେ। ସେହିପରି ଗୋପବନ୍ଧୁ ନଗର ବ୍ଲକ କୁଆମରା ସାରସ୍ୱତ ଡିଗ୍ରୀ କଲେଜର ଅଧ୍ୟକ୍ଷ ପ୍ରଭାତ କୁମାର ସେନାପତିଙ୍କ ତତ୍ତ୍ୱାବଧାନରେ ଛାତ୍ର ଛାତ୍ରୀ କଲେଜ ପରିସର ରୁ ବାହାରି ସ୍ଥାନୀୟ ବଜାର ପରିକ୍ରମା କରିଥିଲେ। ପରେ ହରହର ତ୍ରିରଙ୍ଗା ଉପରେ ଛାତ୍ର ଛାତ୍ରୀ ମାନଙ୍କୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଯୁବ ରେଡକ୍ରସ୍ ଅଧିକାରୀ ବିଶ୍ୱନାଥ ବେହେରା, ଜାତୀୟ ସେବା ଯୋଜନା ଅଧିକାରୀ ଗୋପିନାଥ ପଣ୍ଡା, ଅଧ୍ୟାପକ ପ୍ରଦୀପ କୁମାର ପଣ୍ଡା, ଅବନୀ କୁମାର ମହାନ୍ତି, ମିତାରାଣୀ ଦ୍ୱିବେଦୀ, ଶୁଭ୍ରସ୍ମିତା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।




'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' ଦାବି

# ସହକାରୀ ଉପ-ଜିଲ୍ଲାପାଳଙ୍କୁ ପଞ୍ଚାୟତବାସୀଙ୍କ ଫେରାଦ

ଶରତ,୧୨।୮ (ସମିସ):

କପ୍ତିପଦା ବ୍ଲକ ରାଣୀପୋଖରୀ ଗ୍ରାମ ପଞ୍ଚାୟତ ରଜତନଗର ରାଜସ୍ୱ ଗ୍ରାମରେ ଥିବା ଦୁମୁହାଣୀ ପ୍ରାଥମିକ ବିଦ୍ୟାଳୟକୁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ(ଜିମଏପି.ଭି) ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ନିମନ୍ତେ ଆଜି ରାଣୀପୋଖରୀ ପଞ୍ଚାୟତବାସୀ କପ୍ତିପଦା ସହକାରୀ ଉପ-ଜିଲ୍ଲାପାଳ ପ୍ରତୀକ ପଣ୍ଡାଙ୍କୁ ଫେରାଦ ହୋଇଛନ୍ତି। ଶ୍ରୀ ପଣ୍ଡାଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଏହି ଦାବିପତ୍ର ପ୍ରଦାନ କରିଥିବା ଜଣାପଡ଼ିଛି। ଦାବିପତ୍ରରେ ଦର୍ଶାଯାଇଛି ଯେ, ଦୁମୁହାଣୀ ପ୍ରାଥମିକ ବିଦ୍ୟାଳୟ କପ୍ତିପଦା ବ୍ଲକର ସବୁଠାରୁ ଉପାନ୍ତ ତଥା ଦୂରବର୍ତ୍ତୀ ଅଗମ୍ୟ ଅଞ୍ଚଳରେ ଅବସ୍ଥିତ ରହିଛି। ଏହି ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୧୪୩ ଜଣ ପିଲା ପାଠ ପଢୁଛନ୍ତି। ଏହି ଅଞ୍ଚଳ ହୋ



ଆଦିବାସୀଙ୍କ ବାସସ୍ଥଳୀ ଏବଂ ଏଠାରେ ନିରକ୍ଷରତା ହାର ଅଧିକ ରହିଛି। ଦୁମୁହାଣୀ ପ୍ରାଥମିକ ବିଦ୍ୟାଳୟକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ପାରିଲେ ବିଦ୍ୟାଳୟର ଭିତ୍ତିଭୂମିର ବିକାଶ ହୋଇ ପାରିବ ଏବଂ ଉପାନ୍ତ ଅଞ୍ଚଳର ପିଲାମାନେ ଉପକୃତ ହୋଇ ପାରିବେ।

ସୂଚନା ଥାଉ କି, ବର୍ତ୍ତମାନ ସମୟରେ ଓଡ଼ିଶା ସରକାର ୬,୭୯୪ ଗୋଟି ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ମଡେଲ ସ୍କୁଲ ଭାବେ ଉନ୍ନୀତ ଓ ସୁଦୃଢ଼ କରିବା ପାଇଁ ଯୋଜନା ଅଧୀନରେ ଅନୁମୋଦନ ଦେଇଛନ୍ତି। ଏହି ଯୋଜନା ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ଗୋଟିଏ କରି ମଡେଲ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କରିବାକୁ ଲକ୍ଷ୍ୟ ରଖିଛି। ଦାବିପତ୍ର ପ୍ରଦାନ ଦେବା ସମୟରେ ଗ୍ରାମର ଗାମାଏ ରାମିଲ ସିଂ ଗୋଇପାଇ, ଜାମାଦାର ବାଲମୁଚୁ, ନବୀନ ମୁଣ୍ଡରୀ, ରାଜୁ ହୋ, ପିମେନ ପୂର୍ତ୍ତି, ଦୁଲାରାମ ବାନାରା, କମଳାକାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଦାବିପତ୍ରରେ କହିଛନ୍ତି ଯେ, ସେମାନଙ୍କର ଏହି ଦାବି ନ ପୂରଣ ହୋଇ ପାରିଲେ ସେମାନେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଏବଂ ଗଣଧାରଣା ପ୍ରଦର୍ଶନ କରିବା ସହିତ ସରକାର ଦୁମୁହାଣୀ ପ୍ରାଥମିକ ବିଦ୍ୟାଳୟକୁ ମଡେଲ ଯୋଜନାରେ ସାମିଲ କରାଯିବା ଦିଗରେ ଟାଳଟୁଳ ନୀତି ଅବଲମ୍ବନ କରିଲେ ଗ୍ରାମବାସୀ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଜନ ସ୍ୱାର୍ଥ ମାମଲା ଦାୟର କରିବେ ବୋଲି ଚେତାବନୀ ଦେଇଛନ୍ତି।

## ସରସ୍ୱତୀ ଶିଶୁ ମନ୍ଦିରରେ ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା



ମହୁଲଡିହା,୧୨।୮ (ସମିସ): କରଞ୍ଜିଆ ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଆବାସିକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର କେନ୍ଦୁଜିଆଣୀରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ସତ୍ରରେ ମୁଖ୍ୟ ଅତିଥି ଭାବେ କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପିକା ଗୀତାଞ୍ଜଳି ବାରତୀୟା ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ କରଞ୍ଜିଆ ସ୍ୱୟଂ ଶାସିତ ମହାବିଦ୍ୟାଳୟର କେମିଷ୍ଟ୍ରି ଅଧ୍ୟାପକ ସତ୍ୟବ୍ରତ ସାହୁ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ବାଣୀତୀର୍ଥ କରଞ୍ଜିଆର ପ୍ରଧାନ ଆଚାର୍ଯ୍ୟ ମହେନ୍ଦ୍ର କୁମାର ସାହୁ ଉପସ୍ଥିତ ରହିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପର୍ଶୁରାମ ମହାନ୍ତ ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳାରେ ଶିଶୁ, ବାଳ ଓ କିଶୋର ବର୍ଗର ୩ ଟି ବିଭାଗରେ ମୋଟ ୨୧୨ ଟି ବିଜ୍ଞାନ ଓ ଗଣିତ ପ୍ରକଳ୍ପ, ପତ୍ର ବାଚନ, ପ୍ରୟୋଗ, ବିଜ୍ଞାନ ଓ ଗଣିତ ପ୍ରଶ୍ନମଞ୍ଚ, ନିବନ୍ଧ, କାହାଣୀ କଥନ, ତତ୍କାଳୀନ ଭାଷଣ ସଂସ୍କୃତି ଜ୍ଞାନ, ମୂର୍ତ୍ତି କଳା ଆଦି ପ୍ରଦର୍ଶିତ ହୋଇଥଲା। ପ୍ରଥମ ସ୍ଥାନ ହାସଲ କରି ଥିବା ପ୍ରତିଭାଗୀଙ୍କୁ ସଂଭାଗ ସ୍ତରୀୟଜ୍ଞାନ ବିଜ୍ଞାନ ମେଳା ନିମନ୍ତେ ଚୟନ କରାଯାଇଥିଲା। ସାମାରୋପ ସତ୍ରରେ ମୁଖ୍ୟ ଅତିଥି ଭାବେ ଆସନବଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଦୀପକ କୁମାର ପଣ୍ଡା, ମୁଖ୍ୟ ବକ୍ତା ଭାବେ ଆସନବଣୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଦିଲ୍ଲୀପ କୁମାର ବାରିକ ଯୋଗଦେଇଥିଲେ। ଅତିଥି ପରିଚୟ ପ୍ରଦାନ କରିଥିଲେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପର୍ଶୁରାମ ମହାନ୍ତ ଏବଂ ଆଚାର୍ଯ୍ୟ ତ୍ରିଲୋଚନ ମହାନ୍ତ ମଞ୍ଚ ପରିଚାଳନା କରିଥିଲେ। ଆଚାର୍ଯ୍ୟ ଭଗୀରଥି ପତି ଧନ୍ୟବାଦ ଅର୍ପଣ କରିଥିଲେ।

## କଙ୍କଡ଼ାଣି ଗ୍ରାମରେ ଫୁଟବଲ ପ୍ରତିଯୋଗିତା

ଯଶିପୁର,୧୨।୮ (ସମିସ): ଯଶିପୁର ବ୍ଲକର ମାଟିଆଗୋଡ଼ ଗ୍ରାମପଞ୍ଚାୟତ କଙ୍କଡାଣି ଗ୍ରାମର ଆୟୋଜିତ ପଣ୍ଡିତ ରଘୁନାଥ ମୁର୍ମୁ ମେମୋରିଆଲ କ୍ଲବ ଆନୁକୂଲ୍ୟରେ



ସପ୍ତମ ତମ ତିନିଦିନିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ବିଶ୍ୱ ଆଦିବାସୀ ଦିବସରେ ନାୟକେ ବାବା କୀର୍ତ୍ତୁ ମୁର୍ମୁ ପୂଜାର୍ଚ୍ଚନା କରିଥିବା ବେଳେ ମୁଖ୍ୟଅତିଥି ଭାବେ ବିଜେଡି ନେତା ଚକ୍ରଧର ହେମ୍ବ୍ରମଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୩୨ଟି ଟିମ ଅଂଶ ଗ୍ରହଣ କରିଥିବା ବେଳେ ଫାଇନାଲ ମ୍ୟାଚରେ ପ୍ରଥମ ସ୍ଥାନ ଅଧିକାର କରି ଚାମ୍ପିଅନ ସହ ବିନ୍ଦାସ ଏଫ୍‌ସି ଖୋଡ଼ିକାପୋଡ଼ା ଟିମ ୩୦ ହଜାର ଟଙ୍କା ପୁରସ୍କାର ରାଶି ଗ୍ରହଣ କରିଛି। ସେହିପରି ଦ୍ୱିତୀୟ ରୋହିତ ଏଫ୍‌ସି ବାଦାମପାହାଡ଼ ଟିମ୍ ୨୫ ଟଙ୍କା, ତୃତୀୟ ଏନ୍ ଉୟା. ସି. ରାଇରଙ୍ଗପୁର ଟିମ ୧୮ ହଜାର ଟଙ୍କା ଏବଂ ଚତୁର୍ଥ ଭାବରେ ରୋହିତ ଏଫ. ସି. ବାଦାମପାହାଡ଼ ଟିମ ୧୫ ହଜାର ଟଙ୍କା ଏବଂ ଭେଟେରାନ ଟିମ ଭାବରେ ଏମର୍ଜେନସି ୧୦୮ ଟିମ ଦଶ ହଜାର ଟଙ୍କା, ଦ୍ୱିତୀୟ ଏନ.ଉୟା.ସି ଏଫ୍‌ସି ସାଢ଼େ ୭ ହଜାର ଟଙ୍କା ପୁରସ୍କାର ରାଶି ଗ୍ରହଣ କରିଛି। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଜେଡି ନେତା ଚକ୍ରଧର ହେମ୍ବ୍ରମ, ମୁଖ୍ୟ ବକ୍ତା ଜିଲ୍ଲା ପରିଷଦ ସଦସ୍ୟା ସୁଜାତା ହୋ, ସମ୍ମାନିତ ଅତିଥି ଭାବେ ଚେମେଟ ଆଶ୍ରା, ସଭାପତି ବାସ୍ତା ସୋରେନ, ମାଝୀବାବାଙ୍କ ମଧ୍ୟରେ ସୁନାରାମ ମାଝୀ କଙ୍କଡ଼ାଣି, ଯୋଗେଶ୍ୱର ସୋରେନ ଝାଗଡ଼ାହିଁ, କିସୁନ ହେମ୍ବ୍ରମ କାଳିଆଣି, ଦିବ୍ୟଲୋଚନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। କମିଟି ସଭାପତି ବିଜୟ ହାଁସଦା, ଉପସଭାପତି ଲାଖିରାମ ମୁର୍ମୁ , ସେକ୍ରେଟାରୀ ମଧୁସୂଦନ ମୁର୍ମୁ , କୋଷାଧକ୍ଷ ଜୟପାଲ ହାଁସଦା, ଭଗାନ ସୋରେନ ଗଣେଶ ମୁର୍ମୁ, ସୁନୀଲ ସିଂ, ଘାସିରାମ ହାଁସଦା ଏବଂ ମେଚକୁ ରେଫେରୀ ଭାବରେ କେଦାରନାଥ କାଲୁଣ୍ଡିଆ, ଅମ୍ବିକା ହେମ୍ବ୍ରମ, କେଶବ ସୋରେନ ଆଦାନ ମୁର୍ମୁ ଓ ବିଜୟ ମାଝୀ ଖେଳ ପରିଚାଳନା କରିଥିବା ବେଳେ କୁତୁଲ ସୋରେନ ଧାରାବିରଣୀ ପ୍ରଦାନ କରିଥିଲେ।

### ବିନ୍ଦାସ ଏଫ୍‌ସି ଖୋଡ଼ିକାପୋଡ଼ା ଚାମ୍ପିଅନ

● ଚାଉଳ ବଣ୍ଟନ ସମୟରେ ଗଣ୍ଡଗୋଳ ଘଟଣା

## ଦୁଇ ଆସାମୀଙ୍କୁ ଦଣ୍ଡାଦେଶ ଶୁଣାଇଲେ ବିଚାରପତି

ମୋରଡ଼ା,୧୨।୮ (ସମିସ): ମୋରଡା ଜେଏମଏଫସି କୋର୍ଟ ଏକ ମାମଲାର ବିଚାର କରି ଦୁଇ ଆସାମୀକୁ ଦଣ୍ଡ ଶୁଣାଣି କରିଛନ୍ତି ବିଚାରପତି। ସୂଚନା ଅନୁଯାୟୀ, ମୋରଡା ଥାନା ଅଧୀନ ନୂହାଝାଳିଆ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଗତ ୨୦୨୩ ମସିହା ୧୭ ତାରିଖ ଦିନ ଉଷାମଣି ଥୟାଲ ହିତାଧିକାରୀଙ୍କୁ ଚାଉଳ ବଣ୍ଟନ କରୁଥିବା ସମୟରେ ଅଜିତ ପାଣିପାତ୍ର ଏବଂ ମୃତ୍ୟୁଞ୍ଜୟ ଧଳ କାର୍ଯ୍ୟାଳୟକୁ ଆସି ଚାଉଳ ବଣ୍ଟନ ହେଉଥିବା ଗୃହକୁ ତାଲା ପକାଇଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗ୍ରାମସଭା ମୋବିଲାଇଜର ଏବଂ ଦୁଇଜଣ ହିତାଧିକାରୀଙ୍କୁ ଉଦ୍ଧାର କରିଥିଲା। ତେବେ ପୁଲିସ ଯିବା ପରେ ପୁଣି ଉକ୍ତ ଦୁଇ ଜଣ ଯୁବକ ଆସି ପାଟି ତୁଣ୍ଡ କରିବା ସହିତ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲେ। ଏନେଇ ସରପଞ୍ଚ ମୋରଡା ଥାନାରେ ଲିଖିତ ଅଭିଯୋଗ କରିବା ପରେ ୨୫୭/୨୩ରେ ଏକ ମାମଲା ରୁଜୁ ହୋଇ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ତେବେ ଆଜି ଉକ୍ତ ଘଟଣାର ବିଚାର କରି ଉକ୍ତ ଦୁଇ ଅଭିଯୁକ୍ତଙ୍କୁ ଜିଲା ଶିକ୍ଷାନବିଶ ଅଧିକାରୀ ପାଖରେ ଏକ ବର୍ଷ ପାଇଁ ପିଓ ଆକ୍ଟରେ ଛଡା ଯିବା ସହିତ ମୋରଡା କୋର୍ଟ ଅଧୀନ ଅଞ୍ଚଳ ବାହାରକୁ ମଧ ଯାଇ ପାରିବେ ନାହିଁ ବୋଲି ଶୁଣାଣି କରିଛନ୍ତି ବିଚାରପତି ଶ୍ରୁତି ପଟ୍ଟନାୟକ। ଉକ୍ତ ମାମଲାକୁ ପରିଚାଳନା କରୁଥିଲେ ଏପିପି ସମ୍ବିତ ଦାସ ଓ ରବୀନ୍ଦ୍ର ବେହେରା।

## ବିଭିନ୍ନ ସ୍ଥାନରେ ସାଇବର ସଚେତନତା କାର୍ଯ୍ୟକ୍ରମ




କୁଆମରା,୧୨।୮ (ସମିସ): ଗୋପବନ୍ଧୁ ନଗର ବ୍ଲକ କୁଆମରା ସାରସ୍ୱତ ଡିଗ୍ରୀ କଲେଜ, ସାଇଁକୁଲା ପଞ୍ଚପଲ୍ଲୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଟିକାୟତପୁର ବାଳିକା ଉଚ୍ଚ ବିଦ୍ୟାଳୟରେ ଆଜି ଖୁଣ୍ଟା ପୁଲିସ ପକ୍ଷରୁ ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୁଆମରା କଲେଜର ଅଧ୍ୟକ୍ଷ ଡଃ ପ୍ରଭାତ କୁମାର ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଖୁଣ୍ଟା ଥାନା ଆଇଆଇସି ଆଦିତ୍ୟ ପ୍ରସାଦ ଜେନା, କୁଆମରା ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି, ଥାନା ଏ ଏସ୍ ଆଇ ସବ୍ୟସାଚୀ ସାମଲ, ବିକାଶ ପଣ୍ଡା ପ୍ରମୁଖ ଯୋଗଦେଇ ସାଇବର ଠକେଇ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ବୁଝାଇବା ସହ ଅଚିହ୍ନା ଓ ଅଜଣା ଲୋକଙ୍କ ପ୍ରଲୋଭନ ଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ଗୋଟିଏ ବର୍ଷ ମଧ୍ୟରେ ଉକ୍ତ ଥାନା ଅଞ୍ଚଳର ୫୦ରୁ ଅଧିକ ସାଇବର ଜାଲରେ ପଡି ଅନେକ ଲୋକ ଠକାମୀର ଶୀକାର ହୋଇଛନ୍ତି। ଏଣୁ ଏ ଦିଗରେ ସଚେତନ ନହେଲେ ଅନେକ କ୍ଷତି ଘଟିବ। ତେବେ କେତେବେଳେ କେହି ଅଜାଣତରେ ଠକେଇର ଶିକାର ହେଲେ ତୁରନ୍ତ ସ୍ଥାନୀୟ ପୋଲିସ ଷ୍ଟେସନ ଓ ସାଇବର ଥାନା କୁ ଜଣାଇବାକୁ କହିଥିଲେ। କାର୍ଯ୍ୟକ୍ରମ କୁ ଅଧ୍ୟାପକ ଅବନୀ କୁମାର ମହାନ୍ତି, ଅଶ୍ୱନୀ କୁମାର ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ପଞ୍ଚପଲ୍ଲୀ କଲେଜର ଅଧ୍ୟକ୍ଷ ଗୁଣାକର ଦାସ ଓ ଟିକାୟତପୁର ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭବାନୀ ଶଙ୍କର ବେହେରାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ମହିଳାଙ୍କ ଅକାଳ ମୃତ୍ୟୁ

କୁଆମରା,୧୨।୮ (ସମିସ): ଖୁଣ୍ଟା ଥାନା ଅଙ୍ଗାରକୁଣ୍ଡିଆ ଗ୍ରାମର ଗତ ରାତିରେ ଜଣେ ମହିଳାଙ୍କର ଆକସ୍ମିକ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ସ୍ୱର୍ଗତ ପଦ୍ମଲୋଚନ ବିନ୍ଧାଣୀଙ୍କ ପତ୍ନୀ ଶଂଖ (୩୮)। ଗତ ରାତିରେ ସେ ହଠାତ୍ ଅସୁସ୍ଥ ହୋଇ ପଡିବାରୁ ତାଙ୍କୁ ପ୍ରଥମେ ଡୁକୁରା ଡାକ୍ତରଖାନା ଓ ବାରିପଦା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ମାତ୍ର ସେଠାରେ ପହଞ୍ଚିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁର ସଠିକ କାରଣ ଜଣାପଡ଼ି ନଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ସଠିକ କାରଣ ଜଣାପଡିବ ବୋଲି ଡୁକୁରା ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପତି କହିଛନ୍ତି। ଆଜି ଡାକ୍ତରଖାନାରେ ବ୍ୟବଚ୍ଛେଦ ହୋଇଥିବା ବେଳେ ଏ ନେଇ ୪୫/୨୬ ନମ୍ବରରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଅଖଣ୍ଡ ମୟୂରଭଞ୍ଜ ଦାବିରେ ଆନ୍ଦୋଳନ

କରଞ୍ଜିଆ,୧୨।୮ (ସମିସ):

ମୟୂରଭଞ୍ଜ ଜିଲ୍ଲାରେ ସମାନ୍ତରାଳ ବିକାଶ ଦାବିକୁ ନେଇ 'ମୟୂରଭଞ୍ଜ ବଞ୍ଚାଅ' ଅଭିଯାନ କମିଟି ପକ୍ଷରୁ ଚାଲିଥିବା ଆନ୍ଦୋଳନ କ୍ରମେ ଜୋରଦାର ହେବାରେ ଲାଗିଛି। କମିଟିର ପୂର୍ବ ନିଷ୍ପତ୍ତି ଅନୁଯାୟୀ ସ୍ଥାନୀୟ ଉପଜିଲ୍ଲାପାଳ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଚାଲିଥିବା ପ୍ରତୀକ ଧାରଣା ବୁଧବାର ତୃତୀୟ ଦିନରେ ପହଞ୍ଚିଛି। ଜିଲ୍ଲାର ସମସ୍ତ ଉପଖଣ୍ଡରେ ସମାନ ଓ ସାମନ୍ତରାଳ ବିକାଶ ଦାବିରେ ଆସନ୍ତା ଅଗଷ୍ଟ ୧୪ ତାରିଖ ପର୍ଯ୍ୟନ୍ତ ଏହି ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଜାରି ରହିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ଆନ୍ଦୋଳନକାରୀଙ୍କ କହିବା ଅନୁଯାୟୀ, ପାଞ୍ଚପୀଢ଼ ଓ ବାମନଘାଟି ଉପଖଣ୍ଡ ସମେତ ଜିଲ୍ଲାର ବିଭିନ୍ନ ଅଞ୍ଚଳର ବିକାଶ ଧାରାକୁ ସମାନ ଢାଞ୍ଚାରେ ଆଣିବା ଆବଶ୍ୟକ। ଅଞ୍ଚଳଭିତ୍ତିକ ବିକାଶରେ ଅସମାନତା ଦୂର କରି ସମସ୍ତ ଉପଖଣ୍ଡକୁ ସମାନ ସୁବିଧା ଓ ସୁଯୋଗ ଦେବା ଦାବି ନେଇ ଏହି ଆନ୍ଦୋଳନ ଚାଲିଛି।ଧାରଣାରେ ଆଇନଜୀବୀ ସଞ୍ଜୟ କୁମାର ସାହୁ, ଆଇନଜୀବୀ ସୁଦର୍ଶନ ବେହେରା, ସମାଜସେବୀ ସଚ୍ଚିଦାନନ୍ଦ, ସିଦ୍ଧାର୍ଥ ରାୟ, ଚିତ୍ରଶିଳ୍ପୀ ଦୁଃଶାସନ ମହାନ୍ତ, ପରିମଳ ବେହେରା, ପ୍ରଦୀପ ଶତପଥୀ ଓ କବି ହରେକୃଷ୍ଣ ମହାନ୍ତଙ୍କ ସମେତ ବିଭିନ୍ନ ବର୍ଗର ଲୋକେ ନେତୃତ୍ୱ ନେଉଛନ୍ତି। ଅନ୍ୟପକ୍ଷରେ, ମୟୂରଭଞ୍ଜକୁ ବିଭିନ୍ନ ଉପଖଣ୍ଡରେ ବିଭାଜନ କରାଗଲେ ଜିଲ୍ଲାର ଏକତା ଓ ପ୍ରାକୃତିକ ସମ୍ପଦକୁ ନେଇ ଭବିଷ୍ୟତରେ ବିଭିନ୍ନ ମତାନ୍ତର ସୃଷ୍ଟି ହୋଇପାରେ ବୋଲି ଆନ୍ଦୋଳନକାରୀମାନେ ମତ ଦେଇଛନ୍ତି। ବିଶେଷକରି ଶିମିଳିପାଳ ଜାତୀୟ ଉଦ୍ୟାନ, ଖଣି ଓ ଖଣିଜ ସମ୍ପଦ ଭଳି ପ୍ରାକୃତିକ ସମ୍ପଦକୁ ନେଇ ଭବିଷ୍ୟତରେ ବିବାଦ ଓ ମତାନ୍ତର ଦେଖାଦେବାର ଆଶଙ୍କା ରହିଛି। ଏହି ପରିପ୍ରେକ୍ଷୀରେ ମୟୂରଭଞ୍ଜକୁ ଅଖଣ୍ଡ ରଖିବା ସହ ସମଗ୍ର ଜିଲ୍ଲାର ସମାନ ବିକାଶ ନିଶ୍ଚିତ କରିବା ଦାବିରେ ବିଭିନ୍ନ ପ୍ରାନ୍ତରୁ ସ୍ୱର ଉଠୁଛି।

### ତୃତୀୟ ଦିନରେ ଧାରଣା, ୧୪ ଯାଏଁ ଆନ୍ଦୋଳନ

## ରାଇରଙ୍ଗପୁରରେ ସ୍ୱାଧୀନତା ଦିବସ ଅଭ୍ୟାସ ପରେଡ୍

ରାଇରଙ୍ଗପୁର, ୧୨ ଅଗଷ୍ଟ ୨୦୨୬: ଆଗାମୀ ୮୦ତମ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ରାଇରଙ୍ଗପୁର ଠାରେ ଆଜିଠାରୁ ଅଭ୍ୟାସ ପ୍ୟାରେଡ ଆରମ୍ଭ ହୋଇଛି। ରାଇରଙ୍ଗପୁରରେ ଏକ ନୂତନ ପୁଲିସ ଜିଲ୍ଲା ଗଠନ ହେବାପରେ ଚଳିତ ବର୍ଷ ପ୍ରଥମ କରି ପୋଲିସ ଉଇଙ୍ଗସ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପ୍ୟାରେଡରେ ଅଂଶ ଗ୍ରହଣ କରିବାକୁ ଯାଉଛି ଏତଦବ୍ୟତୀତ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ପାଖାପାଖି ୨୭ ଟି ପ୍ୟାରେଡ ଦଳ ସ୍ୱାଧୀନତା ଦିବସରେ ଭାଗ ନେବେ। ଉପଖଣ୍ଡ ସ୍ତରୀୟ ସ୍ୱାଧୀନତା ଦିବସ ସମାରୋହକୁ ଶୃଙ୍ଖଳିତ ଓ ଆକର୍ଷଣୀୟ କରିବା ଲକ୍ଷ୍ୟରେ ଆଜି ରାଇରଙ୍ଗପୁର ଆରକ୍ଷୀ ଅଧିକ୍ଷକ ଶ୍ରୀ ସୁରେଶ ଚନ୍ଦ୍ର ପାତ୍ରଙ୍କ ତତ୍ତ୍ୱାବଧାନରେ ରିଜର୍ଭ ଇନ୍ସେକ୍ଟର ଅଫ ପୋଲିସ ଶ୍ରୀ ଏମ ଲକ୍ଷ୍ମୀରଞ୍ଜନ ଏବଂ ସେକେଣ୍ଡ ଇନ କମାଣ୍ଡ ଶ୍ରୀ ରାଜେନ୍ଦ୍ର ସାହୁଙ୍କ ଦ୍ୱାରା ଅଭ୍ୟାସ ପ୍ୟାରେଡ ପରିଚାଳିତ ହୋଇଥିଲା। "ପ୍ୟାରେଡରେ ଅଂଶଗ୍ରହଣକାରୀ ଦଳମାନେ ପ୍ୟାରେଡର ବିଭିନ୍ନ କୌଶଳ, ବ୍ୟାଣ୍ଡର ତାଳେ ତାଳେ ପଦଚାଳନା, ଅଭିବାଦନ ଜଣାଇବା ଇତ୍ୟାଦି ବିଷୟରେ ଶୃଙ୍ଖଳାର ସହ ଅଭ୍ୟାସ କରୁଛନ୍ତି। ଆର. ଅଫ ପୋଲିସଙ୍କ ଦ୍ୱାରା



ଆସନ୍ତା କାଲି ମଧ ଏହି ଅଭ୍ୟାସ ପ୍ୟାରେଡ ସକାଳ ୭ ଘଟିକା ସମୟରେ ଅନୁଷ୍ଠିତ ହେବ।"ସ୍ୱାଧୀନତା ଦିବସ ଅବସରରେ ଜାତୀୟ ଭାବନା, ଦେଶପ୍ରେମ ଓ ଏକତାର ବାର୍ତ୍ତାକୁ ଜନମାନସରେ ପହଞ୍ଚାଇବା ସହିତ ସମାରୋହକୁ ସୁନ୍ଦର ଓ ସୁସଂଗଠିତ ଭାବେ ଆୟୋଜନ କରିବା ପାଇଁ ବାମନଘାଟୀ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଜୋରଦାର କରାଯାଇଛି।"


## ବଣ୍ୟପ୍ରାଣୀ ସଚେତନତା ସପ୍ତାହରେ ଚିତ୍ରାଙ୍କନ ପ୍ରତିଯୋଗିତା




ଠାକୁରମୁଣ୍ଡା,୧୨।୮ (ସମିସ): କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ଠାକୁରମୁଣ୍ଡା ବନାଞ୍ଚଳ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା ଠାକୁରମୁଣ୍ଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ୧୨ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ବନ୍ୟପ୍ରାଣୀ ସଚେତନତା ସପ୍ତାହ ପାଳନ ଅବସରରେ ଏହି ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ପଞ୍ଚମ - ସପ୍ତମ ଶ୍ରେଣୀ ପାଇଁ ପ୍ରକୃତି ଭିତରେ ମଣିଷ ଏବଂ ଅଷ୍ଟମ - ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରକୃତି ଭିତରେ ମଣିଷ ବିଷୟବସ୍ତୁ ଉପରେ ଚିତ୍ର ଆଙ୍କିବା ପାଇଁ ଦିଆଯାଇଥିଲା।ଉଭୟ ଗ୍ରୁପ ରେ ୩ ଟି ଲେଖାଏଁ ପୁରସ୍କାର ରହିଛି। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ପାଇଁ ଯଥାକ୍ରମେ ୫ ହଜାର, ୪ହଜାର ଓ ୩ହଜାର ଟଙ୍କା ରହିଛି। ପ୍ରଧାନ ଶିକ୍ଷୟିତ୍ରୀ କର୍ମେଳା ଲାକ୍ରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ରେଞ୍ଜ ଅଧିକାରୀ ଉମାକାନ୍ତ ବେହେରା ଯୋଗଦେଇ ପ୍ରତିଯୋଗିତା ସମ୍ପର୍କରେ ସୂଚନା ଦେଇଥିଲେ। ଠାକୁରମୁଣ୍ଡା ବ୍ଲକର ବିଭିନ୍ନ ସ୍କୁଲରୁ ୩୮ ଜଣ ଛାତ୍ର ଛାତ୍ରୀ ଯୋଗଦେଇ ପ୍ରତିଯୋଗିତାରେ ଭାଗ ନେଇଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ପୃଥିବୀ ଏକ ବ୍ୟାୟାମଶାଳା, ଯାହାର ବିଭିନ୍ନ ଉପାଦାନକୁ ଉପଯୋଗ କରି ଆମେ ନିଜକୁ ଦକ୍ଷ ଓ ଶକ୍ତ କରିପାରିବା।
-ବିବେକାନନ୍ଦ

## ସଂରକ୍ଷଣର ସୁବିଧାବାଦୀଙ୍କୁ ସୁରକ୍ଷା!

ସରକାରୀ ଶିକ୍ଷା ଓ ଚାକିରିରେ ଦୀର୍ଘବର୍ଷ ଧରି ସମ୍ବିଧାନ ପ୍ରଦତ୍ତ ସଂରକ୍ଷଣ ଅଧିକାର ଭୋଗ କରି ସାମାଜିକ ଓ ଆର୍ଥିକ ଦୃଷ୍ଟିରୁ ଉନ୍ନତ ସ୍ଥିତିରେ ଥିବା(କ୍ରିମିଲେୟାର) ଅନୁସୂଚିତ ଜାତି ଓ ଜନଜାତି ବର୍ଗ(ଏସ୍‌ସି ଓ ଏସ୍‌ଟି)ର ପରବର୍ତ୍ତୀ ପିଢ଼ି ବା ପରିବାର ସଦସ୍ୟଙ୍କୁ ସଂରକ୍ଷଣ ସୁବିଧାରୁ ବାଦ୍ ଦେବା ପାଇଁ ବିଭିନ୍ନ ମହଲରୁ ଦାବି ହୋଇଆସୁଛି। ଦେଶର ସର୍ବୋଚ୍ଚ ନ୍ୟାୟାଳୟର ବୃହତ୍ତର ସମ୍ବିଧାନ ଖଣ୍ଡପୀଠ ମଧ୍ୟ ସମସ୍ତ ସଂରକ୍ଷିତ ବର୍ଗର କ୍ରିମିଲେୟାରଙ୍କୁ ସଂରକ୍ଷଣ ସୁବିଧାରୁ ବାଦ୍ ଦେବା ସପକ୍ଷରେ ରାୟ ଦେଇଛନ୍ତି। କିନ୍ତୁ ଏହି ମତକୁ ବିରୋଧ କରି କେନ୍ଦ୍ର ସରକାର ନିକଟରେ ସର୍ବୋଚ୍ଚ ନ୍ୟାୟାଳୟରେ ସତ୍ୟପାଠ ଦାଖଲ କରିଛନ୍ତି। ଏସ୍‌ସି ଓ ଏସ୍‌ଟି ବର୍ଗର କ୍ରିମିଲେୟାରଙ୍କୁ ବାଦ୍ ଦିଆଯାଇପାରିବ ନାହିଁ ଏବଂ ଏହା ସମ୍ପୂର୍ଣ୍ଣ ରୂପେ ବିଧାନପାଳିକାର ନିଷ୍ପତ୍ତି ବୋଲି ଉକ୍ତ ସତ୍ୟପାଠରେ ଉଲ୍ଲେଖ ରହିଛି।

୨୦୨୪, ଅଗଷ୍ଟ ମାସରେ ସର୍ବୋଚ୍ଚ ଅଦାଲତଙ୍କ ସାତଜଣିଆ ଖଣ୍ଡପୀଠ ସଂଖ୍ୟାଗରିଷ୍ଠ ମତରେ କ୍ରିମିଲେୟାରଙ୍କୁ ସଂରକ୍ଷଣ ସୁବିଧାରୁ ବାଦ୍ ଦେବା ପ୍ରକ୍ରିୟା ସମସ୍ତ ସଂରକ୍ଷିତ ବର୍ଗଙ୍କ ପାଇଁ ସମ୍ପ୍ରସାରିତ କରିବାକୁ ରାୟ ଦେଇଥିଲେ। ସେହି ରାୟକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ବିଜେପି ନେତା ତଥା ଆଇନଜ୍ଞ ଅଶ୍ୱିନୀ କୁମାର ଉପାଧ୍ୟାୟ ଅଦାଲତରେ ଏକ ଜନସ୍ୱାର୍ଥମାମଲା ଦାୟର କରିଥିଲେ। ଏହି ମାମଲାରେ ନିଜ ପକ୍ଷ ରଖି କେନ୍ଦ୍ର ସରକାର ଉପରୋକ୍ତ ସତ୍ୟପାଠ ଦାଖଲ କରିଛନ୍ତି। ଏସ୍‌ସି ଓ ଏସ୍‌ଟି ବର୍ଗ ସହିତ ସଂରକ୍ଷଣର କ୍ରିମିଲେୟାର ଚିନ୍ତାଧାରା ନ ଯୋଡ଼ିବା ସମ୍ପର୍କରେ କେନ୍ଦ୍ର ସରକାର ଯୁକ୍ତି ଦର୍ଶାଇଛନ୍ତି ଯେ ଏହି ଦୁଇବର୍ଗଙ୍କୁ କେବଳ ଅର୍ଥନୈତିକ ଦୃଷ୍ଟିରୁ ପଛୁଆ ଥିବା ଦୃଷ୍ଟିରୁ ସଂରକ୍ଷଣ ସୁବିଧା ଦିଆଯାଇନାହିଁ। ଏସ୍‌ସି ବର୍ଗ ଦୀର୍ଘକାଳ ଧରି ଅସ୍ପୃଶ୍ୟତତା ପରି ସାମାଜିକ ପାତରଅନ୍ତରର ଶିକାର ହୋଇଆସିଛନ୍ତି। ସେହିପରି ଏସ୍‌ଟି ବର୍ଗ ସାଂସ୍କୃତିକ, ଭୌଗୋଳିକ ଦୃଷ୍ଟିରୁ ପଛୁଆ ଏବଂ ସାମାଜର ମୁଖ୍ୟଧାରାରୁ ବିଚ୍ଛିନ୍ନ ରହିଛନ୍ତି। ଅପରପକ୍ଷରେ ଓବିସି(ଅନ୍ୟାନ୍ୟ ପଛୁଆ ବର୍ଗ) ଓ ଇବିସି(ଅର୍ଥନୈତିକ ପଛୁଆ ବର୍ଗ)ମାନେ କେବଳ ସମୟାନୁସାରେ ସାମାଜିକ, ଶିକ୍ଷା ଓ ଅର୍ଥନୈତିକ କ୍ଷେତ୍ରରେ ପଛୁଆ ହୋଇଛନ୍ତି। ତେଣୁ ଓବିସି ବର୍ଗ ପାଇଁ ସଂରକ୍ଷଣର କ୍ରିମିଲେୟାର ଅବଧାରଣା ଏସ୍‌ସି ଓ ଏସ୍‌ଟି ବର୍ଗରେ ଲାଗୁ ହୋଇପାରିବ ନାହିଁ। ଏସ୍‌ସି, ଏସ୍‌ଟି ବର୍ଗରେ କ୍ରିମିଲେୟାର ବ୍ୟବସ୍ଥା କାର୍ଯ୍ୟକାରୀ ହେଲେ ସାମାଜିକ ବୈଷମ୍ୟ ଦୂରୀକରଣ ଲକ୍ଷ୍ୟ ସଫଳ ହେବନାହିଁ।

ଏସ୍‌ସି ଏସ୍‌ଟି ବର୍ଗଙ୍କୁ 'କ୍ରିମିଲେୟାର-ସଂକଟ'ରୁ ସୁରକ୍ଷା ଦେବା ପାଇଁ କେନ୍ଦ୍ର ସରକାର ୧୯୯୨ ମସିହାରେ ଇନ୍ଦ୍ରା ସାହାଣୀ ଏବଂ ୨୦୦୮ ମସିହାରେ ଅଶୋକ କୁମାର ଠାକୁର ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟ ଦେଇଥିବା ରାୟକୁ ଉଲ୍ଲେଖ କରିଛନ୍ତି, ଯେଉଁଥିରେ ଏସ୍‌ସି ଓ ଏସ୍‌ଟି ବର୍ଗଙ୍କ ମଧ୍ୟରୁ ଆର୍ଥିକ ଦୃଷ୍ଟିରୁ ଉନ୍ନତ ପରିବାରକୁ ସଂରକ୍ଷଣରୁ ବାଦ୍ ଦିଆଯାଇପାରିବ ନାହିଁ ବୋଲି ଉଲ୍ଲେଖ ଥିଲା। ସେହିପରି ୨୦୦୫ରେ ଇ ଭି ଚେନ୍ନାୟା ରାୟକୁ ମଧ୍ୟ କେନ୍ଦ୍ର ସରକାର ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ଏସ୍‌ସି ବର୍ଗରେ କ୍ରିମିଲେୟାର ବ୍ୟବସ୍ଥା ଲାଗୁ କରିବାର ଅଧିକାର କେବଳ ବିଧାନପାଳିକାର ବୋଲି ଏହି ରାୟରେ ଉଲ୍ଲେଖ ରହିଛି। ଏସ୍‌ସି ଓ ଏସ୍‌ଟି ବର୍ଗଙ୍କୁ ସୁରକ୍ଷା ଦେବା ପାଇଁ କେନ୍ଦ୍ର ସରକାର ଆହୁରି ମଧ୍ୟ ସମ୍ବିଧାନର ଧାରା ୩୪୧ ଓ ୩୪୨କୁ ଉଦ୍ଧୃତି କରିଛନ୍ତି। ଏହି ଧାରା ଅନୁଯାୟୀ ଏସ୍‌ସି ଓ ଏସ୍‌ଟି ତାଲିକା ପ୍ରସ୍ତୁତ କରିବା ଭାରତର ରାଷ୍ଟ୍ରପତିଙ୍କ ଅଧିକାରଭୁକ୍ତ। ରାଷ୍ଟ୍ରପତିଙ୍କ ଦ୍ୱାରା ପ୍ରସ୍ତୁତ ଓ ଅନୁମୋଦିତ ଏହି ତାଲିକାରୁ କାହାକୁ ବାଦ୍ ଦେବାକୁ ହେଲେ ବିଧାନପାଳିକା ବହୁମତରେ ସେ ନିଷ୍ପତ୍ତି ନେବ। କୌଣସି ରାଜ୍ୟ, ଅଦାଲତ କିମ୍ବା ଟ୍ରିବ୍ୟୁନାଲ୍ ସେଥିପାଇଁ ଅଧିକୃତ ନୁହନ୍ତି। ଜନସ୍ୱାର୍ଥ ସମ୍ବଳିତ ନୀତିଗତ ନିଷ୍ପତ୍ତି ଓ ନୀତି ନିର୍ଦ୍ଧାରଣରେ ଅଦାଲତ ହସ୍ତକ୍ଷେପ କରିପାରିବେ ନାହିଁ। ଅର୍ଥାତ୍ ପରୋକ୍ଷରେ କେନ୍ଦ୍ର ସରକାର ସତ୍ୟପାଠ ମାଧ୍ୟମରେ କହିବାକୁ ଚାହୁଁଛନ୍ତି ଯେ ରାୟ ଦେବା କାମ ନ୍ୟାୟପାଳିକାର; ତାହାକୁ କାର୍ଯ୍ୟକାରୀ କରାଯିବ କି ନାହିଁ ସେ ନିଷ୍ପତ୍ତି ବିଧାନପାଳିକାର ବା ସରକାରଙ୍କର।

କେନ୍ଦ୍ର ସରକାରଙ୍କ ଯୁକ୍ତି ସମ୍ବଳିତ ସତ୍ୟପାଠକୁ ଅସ୍ୱୀକାର କରାଯାଇପାରିବ ନାହିଁ। କିନ୍ତୁ ଇତିମଧ୍ୟରେ ସମୟ ଗଡ଼ିଛି। ସର୍ବୋଚ୍ଚ ନ୍ୟାୟାଳୟର ସାତଜଣିଆ ସମ୍ବିଧାନ ଖଣ୍ଡପୀଠ ଏସ୍‌ସି, ଏସ୍‌ଟି ବର୍ଗରେ କ୍ରିମିଲେୟାର କାର୍ଯ୍ୟକାରୀ ସପକ୍ଷରେ ରାୟ ଦେବା ପରେ ପୁରୁଣା ରାୟଗୁଡ଼ିକ ଆପେ ଆପେ ଅକାମୀ ହୋଇଯାଇଛି। ତେଣୁ ସରକାର ପୁରୁଣା ରାୟ ଆଧାରରେ ସତ୍ୟପାଠ ଦାଖଲ କରିବା କେବଳ ଭୋଟ ରାଜନୀତି ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏବେ ଯୁକ୍ତିତର୍କ ଛାଡ଼ି ବାସ୍ତବତାକୁ ଗ୍ରହଣ କରିବାକୁ ପଡ଼ିବ। ଏହା ହିଁ ସମୟର ଆହ୍ୱାନ। ଉଦ୍ଦେଶ୍ୟମୂଳକ ପାତରଅନ୍ତରର ଯୁଗ ସମାପ୍ତ ହେବାକୁ ଯାଉଛି। ସମୟର ଗତିବିଧିକୁ ଠଉରାଇବା ହିଁ ବିଜ୍ଞତାର ପରିଚୟ। ଏହାର ପ୍ରତିକୂଳ ସ୍ରୋତରେ ଚାଲିଲେ ପରିମାଣ କ'ଣ ହେବ ତାହା ବୁଝାଇ କହିବା ଆବଶ୍ୟକ ନାହିଁ। ସମ୍ପ୍ରତି ସଂରକ୍ଷଣ ବିରୋଧୀ ଆନ୍ଦୋଳନ ତେଜିବାରେ ଲାଗିଛି। ଯଦି ସରକାର ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ଉପେକ୍ଷା କରନ୍ତି ତେବେ ଉଚ୍ଚବର୍ଗ ବା ଅଣସଂରକ୍ଷିତ ବର୍ଗର ଭୋଟ ହରାଇବା ସାର ହେବ। 'ଯଦି ଏସ୍‌ସି, ଏସ୍‌ଟି ବର୍ଗ କ୍ରିମିଲେୟାର ବ୍ୟବସ୍ଥାରୁ ବାଦ୍ ପଡ଼ିବେ ତେବେ ଆମେ କାହିଁକି ନୁହଁ?' ଏହି ପ୍ରଶ୍ନ ଓବିସି ବର୍ଗ ମଧ୍ୟ ପଚାରିବେ। ମାମଲା ପୁଣି ସର୍ବୋଚ୍ଚ ନ୍ୟାୟାଳୟକୁ ଯିବ। ସେତେବେଳେ କେନ୍ଦ୍ର ସରକାର ସମ୍ବିଧାନ ଖଣ୍ଡପୀଠଙ୍କ ରାୟର ସାହାରା ନେବାକୁ ବାଧ ହେବେ।

ଏସ୍‌ସି, ଏସ୍‌ଟି ବର୍ଗଙ୍କୁ ସଂରକ୍ଷଣରୁ ବାଦ୍ ଦେବା ପାଇଁ ଉପରୋକ୍ତ ଜନସ୍ୱାର୍ଥ ମାମଲାରେ ଦାବି/ଅନୁରୋଧ/ଆବେଦନ କରାଯାଇନାହିଁ। କେବଳ ସଂରକ୍ଷଣର ସୁବିଧାବାଦୀ ଗୋଷ୍ଠୀଙ୍କୁ ବାଦ୍ ଦେବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ସରକାରଙ୍କୁ ବିହିତ ନିର୍ଦ୍ଦେଶ ଦେବା ଲାଗି ଆବେଦନ କରାଯାଇଛି। ଏହି ଦାବି ଏସ୍‌ସି, ଏସ୍‌ଟି ବର୍ଗର ଆଭ୍ୟନ୍ତରୀଣ ସ୍ୱର। ସଂରକ୍ଷିତ ବର୍ଗର ପ୍ରତିପତ୍ତି ଓ ପ୍ରଭାବଶାଳୀ ଗୋଷ୍ଠୀଙ୍କୁ ତୁଷ୍ଟ କରିବାକୁ ଯାଇ ସରକାର ଅନୁସୂଚିତ ଜାତି ଓ ଜନଜାତିର ବୃହତ୍ତର ଅବହେଳିତ ବର୍ଗର ସ୍ୱରକୁ ଶୁଣିବାରେ ଅବହେଳା କଲେ ବିରୋଧାଭାସ ଉଠିବା ସ୍ୱାଭାବିକ। ●

## ଭିତ୍ତିଭୂମିରେ ଆଗୁଆ, ପ୍ରଦର୍ଶନରେ ପଛୁଆ

**ରଞ୍ଜନ କୁମାର ରାୟ**

ସଦ୍ୟସମାପ୍ତ ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୨୬ ସଂସ୍କରଣ ଭାରତୀୟ କ୍ରୀଡ଼ାବିତ୍‌ଙ୍କ ପାଇଁ ଉତ୍ସାହଜନକ ଓ ସକାରାତ୍ମକ ସଙ୍କେତ ଆଣିଛି। କିନ୍ତୁ ଓଡ଼ିଶାର କ୍ରୀଡ଼ାପ୍ରେମୀଙ୍କ ପାଇଁ ଏହା ନୈରାଶ୍ୟଜନକ ଅନୁଭୂତି ଦେଇଛି। ଓଡ଼ିଶା ସରକାର ଗତ କିଛି ବର୍ଷ ହେବ ରାଜ୍ୟକୁ ବିଶ୍ୱର 'କ୍ରୀଡ଼ା ହବ୍' ଭାବେ ଗଢ଼ିତୋଳିବାର ପ୍ରଶଂସନୀୟ ଉଦ୍ୟମ କରିଚାଲିଛନ୍ତି। ଅପରପକ୍ଷରେ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଓଡ଼ିଆ କ୍ରୀଡ଼ାବିତ୍‌ମାନଙ୍କର ପ୍ରଦର୍ଶନ ଅତି ନିମ୍ନମାନର ରହିଛି। ଏହା କ୍ରୀଡ଼ା ବିଶେଷଜ୍ଞଙ୍କ ସମେତ ଓଡ଼ିଶାର କ୍ରୀଡ଼ାପ୍ରେମୀଙ୍କୁ ଯେତିକି ହତାଶ କରିଛି, ତା'ଠାରୁ ଅଧିକ ଆଶ୍ଚର୍ଯ୍ୟ ଓ ଚିନ୍ତିତ କରିଛି। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଏଥର ମାତ୍ର ୪ ଜଣ ଓଡ଼ିଆ ଖେଳାଳି ଅଂଶଗ୍ରହଣ କରିଥିଲେ। ଜିମ୍ନାଷ୍ଟ ତପନ ମହାନ୍ତି କିଛିଟା ଆଖିଦୃଶିଆ ପ୍ରଦର୍ଶନ କରିଥିଲେ ମଧ୍ୟ ଅନ୍ୟମାନେ ଶୋଚନୀୟ ଭାବେ ବିଫଳ ହୋଇଥିଲେ। ଭାରତର ଉସେନ ବୋଲ୍ଟ କୁହାଯାଉଥିବା ଅନିମେଶ କୁଜୁର ମଧ୍ୟ ଆଶାନୁରୂପ ପ୍ରଦର୍ଶନ କରି ନପାରି ସେମିଫାଇନାଲରୁ ବାଦ୍ ପଡ଼ିଥିଲେ।

କଳିଙ୍ଗ ଷ୍ଟାଡିୟମରୁ ଆରମ୍ଭ କରି ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍ ପର୍ଯ୍ୟନ୍ତ ବିଶ୍ୱସ୍ତରୀୟ ଭିତ୍ତିଭୂମି, ବିଦେଶୀ କୋଚ୍ ଏବଂ ଶହ ଶହ କୋଟି ଟଙ୍କାର ବଜେଟ୍ ସତ୍ତ୍ୱେ କାହିଁକି ଆମର କ୍ରୀଡ଼ାବିତ୍‌ମାନେ ପଦକ ଦୌଡ଼ରୁ ବହୁ ଦୂରରେ ରହିଗଲେ - ଏହି ପ୍ରଶ୍ନ ଏବେ ପ୍ରତ୍ୟେକ ଓଡ଼ିଆଙ୍କ ମନରେ ଆଲୋଡ଼ନ ସୃଷ୍ଟି କରିଛି। ଗ୍ଲାସଗୋରେ ଓଡ଼ିଆ ଆଥଲେଟଙ୍କ ପ୍ରଦର୍ଶନ କେବଳ ନିରାଶାଜନକ ନୁହେଁ, ବରଂ ରାଜ୍ୟର କ୍ରୀଡ଼ା ନୀତି ଓ ଯୋଜନାର ବାସ୍ତବତା ଉପରେ ଏକ ବିରାଟ ପ୍ରଶ୍ନବାଚୀ ଛିଡ଼ା କରିଛି। ଗ୍ଲାସଗୋ ମହାକୁମ୍ଭ ଆରମ୍ଭ ହେବା ପୂର୍ବରୁ ଓଡ଼ିଶାର କ୍ରୀଡ଼ା ପ୍ରଶାସକମାନେ ବହୁ ଆଶା ଦେଖାଇଥିଲେ। ଦୌଡ଼କୁଦ, ହକି, ଭାରୋତ୍ତୋଳନ, ବ୍ୟାଡମିଣ୍ଟନ୍ ପରି କ୍ରୀଡ଼ାରେ ଓଡ଼ିଶାର ପ୍ରତିଯୋଗୀମାନେ ଭାରତୀୟ ଦଳର ନେତୃତ୍ୱ ନେଉଥିବା କୁହାଯାଉଥିଲା। ବିଶେଷକରି 'ଓଡ଼ିଶା ଆଥଲେଟିକ୍ସ ଏକାଡେମୀ' ଓ ବିଭିନ୍ନ 'ହାଇ-ପରଫର୍ମାନ୍ସ ସେଣ୍ଟର' (ଏଚ୍‌ପିସି) ରୁ ତାଲିମପ୍ରାପ୍ତ ଖେଳାଳିଙ୍କ ଉପରେ ସମସ୍ତଙ୍କର ନଜର ଥିଲା। କିନ୍ତୁ 'ଗ୍ରାଉଣ୍ଡ ଜିରୋ' ବା ବାସ୍ତବ କ୍ଷେତ୍ରରେ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ ଥିଲା। ଦୌଡ଼କୁଦରେ ଆମର ମାନ୍ୟତାପ୍ରାପ୍ତ କ୍ରୀଡ଼ାବିତ୍‌ମାନେ ନିଜର ବ୍ୟକ୍ତିଗତ ଶ୍ରେଷ୍ଠ ଉପଲବ୍ଧି(ଟାଇମିଂ) ଛୁଇଁବାରେ ମଧ୍ୟ ବିଫଳ ହୋଇଥିଲେ। 'ହିଟ୍ସ' ଓ ପ୍ରାରମ୍ଭିକ ରାଉଣ୍ଡରୁ ହିଁ ଓଡ଼ିଆ କ୍ରୀଡ଼ାବିତ୍‌ମାନେ ବିଦାୟ ନେଇଥିଲେ। ସେହିପରି ଯେଉଁ ହକି କ୍ରୀଡ଼ାକୁ ଓଡ଼ିଶା ସରକାର ଦୀର୍ଘବର୍ଷ ଧରି ପ୍ରାୟୋଜନ କରିଆସୁଛନ୍ତି, ସେଥିରେ ଭାରତୀୟ ଦଳରେ ସ୍ଥାନ ପାଇଥିବା ଓଡ଼ିଆ ଖେଳାଳିଙ୍କ ପ୍ରଦର୍ଶନ ମଧ୍ୟ ହାରାହାରି ସ୍ତରର ଥିଲା। ଗତକାଲି ପର୍ଯ୍ୟନ୍ତ ଯେଉଁରାଜ୍ୟର ଖେଳାଳିମାନେ ଦେଶକୁ ଗୌରବାନ୍ୱିତ କରୁଥିଲେ, ଆଜି ଗ୍ଲାସଗୋରେ ସେମାନଙ୍କର ନୈରାଶ୍ୟଜନକ ପ୍ରଦର୍ଶନ ସମସ୍ତଙ୍କୁ ବ୍ୟଥିତ କରିଛି।

ଓଡ଼ିଶାରେ କ୍ରୀଡ଼ା ଭିତ୍ତିଭୂମିର କୌଣସି ଅଭାବ ନାହିଁ। ଭୁବନେଶ୍ୱର ଓ ସୁନ୍ଦରଗଡ଼ରେ ଗଢ଼ିଉଠିଥିବା ଷ୍ଟାଡିୟମ୍‌ଗୁଡ଼ିକ ବିଶ୍ୱର ଯେକୌଣସି ବିକଶିତ ଦେଶ ସହ ସମକକ୍ଷ। କିନ୍ତୁ କେବଳ କଂକ୍ରିଟ୍‌ର ସୌଧ ଓ ଗ୍ଲାସ୍ ବିଲ୍ଡିଂ ଠିଆ କରିଦେଲେ ପଦକ ମିଳେନାହିଁ, ଏହା ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପ୍ରତିଯୋଗିତା ପୁଣି ଥରେ ପ୍ରମାଣିତ କରିଦେଲା। ଆମର ସମସ୍ତ ଧ୍ୟାନ ଏବେ ଇଭେଣ୍ଟ ମ୍ୟାନେଜମେଣ୍ଟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତା ଆୟୋଜନ ଉପରେ ସୀମିତ ରହିଯାଇଛି। ଆମେ ବିଶ୍ୱକପ୍ ଓ ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜନ କରି ପ୍ରଶଂସା ସାଉଣ୍ଟୁଛୁ ସତ, କିନ୍ତୁ ନିଜ ରାଜ୍ୟର ଗ୍ରାମାଞ୍ଚଳରୁ ପ୍ରତିଭା ସନ୍ଧାନ କରି ସେମାନଙ୍କୁ ଅନ୍ତର୍ଜାତୀୟ ସ୍ତରର ପ୍ରତିଯୋଗୀକ୍ଷମ କରିବାରେ ବଡ଼ ଧରଣର ଭୁଲ୍ ରହିଯାଉଛି। ତୃଣମୂଳ ସ୍ତରରେ ଯେଉଁ ଭଳି ପ୍ରଶିକ୍ଷଣ ଓ ପ୍ରତିଯୋଗିତା ଆବଶ୍ୟକ, ତାହା କେବଳ କାଗଜପତ୍ର ଓ ସହରୀ ପରିସୀମା ମଧ୍ୟରେ ସୀମିତ ହୋଇରହିଛି।

କଳିଙ୍ଗ ଷ୍ଟାଡିୟମରେ କର୍ପୋରେଟ୍ ସଂସ୍ଥାଗୁଡ଼ିକ ସହ ମିଶି ଦଶରୁ ଅଧିକ ହାଇ-ଏଚ୍‌ପିସି ସ୍ଥାପନ କରାଯାଇଛି। ସେଠାରେ ଅତ୍ୟାଧୁନିକ ବ୍ୟାୟାମଶାଳା, ସାଇଣ୍ଟିଫିକ୍ ଆନାଲିସିସ୍, ନିଉଟ୍ରିସନିଷ୍ଟ ଓ ବିଦେଶୀ କୋଚ୍ ରଖାଯାଇଛି। ଏହି କେନ୍ଦ୍ରଗୁଡ଼ିକ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। କିନ୍ତୁ ପ୍ରଶ୍ନ ଉଠୁଛି, ଏଠାରୁ କେତେଜଣ ଓଡ଼ିଆ କ୍ରୀଡ଼ାବିତ୍ ବାହାରି ଅନ୍ତର୍ଜାତୀୟ ସ୍ତରରେ ପଦକ ଜିତୁଛନ୍ତି? ଅନେକ ସମୟରେ ଅଭିଯୋଗ ହୁଏ ଯେ, ଏହି ଏଲିଟ୍ ଏକାଡେମୀଗୁଡ଼ିକରେ ଅନ୍ୟ ରାଜ୍ୟର ଖେଳାଳିମାନଙ୍କୁ ଆଣି ସୁବିଧା ସୁଯୋଗ ଦିଆଯାଉଛି, ଅଥଚ ଓଡ଼ିଶାର ଗ୍ରାମାଞ୍ଚଳରୁ ଆସୁଥିବା ଈଶ୍ୱରଦତ୍ତ ପ୍ରତିଭାସମ୍ପନ୍ନ କ୍ରୀଡ଼ାବିତ୍‌ମାନେ ସେହି ସୁଯୋଗରୁ ବଞ୍ଚିତ ହେଉଛନ୍ତି। ଗ୍ଲାସଗୋରେ ଓଡ଼ିଶାର ପ୍ରତିନିଧିତ୍ୱ କରୁଥିବା ଖେଳାଳିଙ୍କ ବ୍ୟର୍ଥତା ପରେ ଏବେ ଏହି ଏଚ୍‌ପିସିଗୁଡ଼ିକର କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନ ଉଠିଛି। ଅନ୍ତର୍ଜାତୀୟ କ୍ରୀଡ଼ାରେ କେବଳ ଶାରୀରିକ ଦକ୍ଷତା ଯଥେଷ୍ଟ ନୁହେଁ, ମାନସିକ ଦୃଢ଼ତା ଏବଂ ବାସ୍ତବିକ ପ୍ରତିଯୋଗିତାର ଅନୁଭୂତି ଅତ୍ୟନ୍ତ ଜରୁରୀ। ଗ୍ଲାସଗୋରେ ଓଡ଼ିଆ କ୍ରୀଡ଼ାବିତ୍‌ମାନେ ଚାପ ବୋଝରେ ନିଜର ସ୍ୱାଭାବିକ ଖେଳ ପ୍ରଦର୍ଶନ କରିପାରି ନ ଥିବା ମତ ପ୍ରକାଶ ପାଇଛି। ଅବଶ୍ୟ ବିଫଳତା ପଛର ଏହି କାରଣ ତର୍କସାପେକ୍ଷ।

ଆମର କ୍ରୀଡ଼ାବିତ୍‌ମାନଙ୍କୁ ଦେଶ ମଧ୍ୟରେ ଅନୁଷ୍ଠିତ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ପ୍ରଦର୍ଶନ ଆଧାରରେ ବଛାଯାଉଛି ସତ, କିନ୍ତୁ ଅନ୍ତର୍ଜାତୀୟ ସ୍ତରର ପ୍ରତିଯୋଗୀଙ୍କ ସହ ଲଢ଼ିବା ପାଇଁ ଯେଉଁ 'ଏକ୍ସପୋଜର' ବା ଦକ୍ଷତା/କୌଶଳ ଆବଶ୍ୟକ ହେଉଛି ତାହା ମିଳୁନାହିଁ। ବିଦେଶୀ ଜଳବାୟୁ, ପ୍ରତିଯୋଗୀଙ୍କ ରଣନୀତି ଏବଂ ବଡ଼ ମଞ୍ଚର ଚାପକୁ ସାମ୍ନା କରିବାରେ ଆମ ଖେଳାଳିମାନେ ଦୁର୍ବଳ ପ୍ରମାଣିତ ହୋଇଛନ୍ତି। 'ସ୍ପୋର୍ଟ୍ସ ସାଇକୋଲୋଜି'(କ୍ରୀଡ଼ା ମନସ୍ତତ୍ତ୍ୱ) ଏବଂ 'ବାୟୋମେକାନିକ୍ସ'(ଶାରୀରିକ ଜୈବରସାୟନ)ର ସଠିକ୍ ବ୍ୟବହାର କାଗଜପତ୍ରରେ ସୀମିତ ନ ରହି ବାସ୍ତବ କ୍ଷେତରେ ପ୍ରୟୋଗ ହେବା ଆବଶ୍ୟକ। ଗ୍ଲାସଗୋ କମନୱେଲଥ ଗେମ୍ସ ୨୦୨୬ର ବିଫଳତାକୁ ଏକ ଚେତାବନୀ ଓ ସଙ୍କେତ ଭାବେ ନେବାକୁ ପଡ଼ିବ। ଯଦି ଆମେ ଏବେ ବି ଆତ୍ମସମୀକ୍ଷା ନ କରିବା, ତେବେ ଆଗାମୀ ଏସିଆନ୍ ଗେମ୍ସ ଓ ଅଲିମ୍ପିକ୍ସରେ ମଧ୍ୟ ସମାନ ପରିଣାମ ଭୋଗିବାକୁ ପଡ଼ିବ।

ଭୁଲରୁ ଶିଖିପାରିଲେ ସଫଳତା ନିଶ୍ଚୟ ମିଳିବ। ଏଥିପାଇଁ ରଣନୀତିରେ କେତେକ ସମୟୋପଯୋଗୀ ପରିବର୍ତ୍ତନ କରିବାକୁ ପଡ଼ିବ। ପ୍ରଥମତଃ, ତୃଣମୂଳସ୍ତର ଅର୍ଥାତ ଜିଲ୍ଲା ଓ ବ୍ଲକସ୍ତରରେ ପ୍ରତିଭା ସନ୍ଧାନ ପ୍ରକ୍ରିୟାକୁ ସ୍ୱଚ୍ଛ ଓ ସକ୍ରିୟ କରିବା ଆବଶ୍ୟକ। ସ୍କୁଲ୍ ଓ କଲେଜସ୍ତରରୁ ହିଁ ପ୍ରତିଭାସମ୍ପନ୍ନ କ୍ରୀଡ଼ାବିତ୍‌ଙ୍କୁ ଚିହ୍ନଟ କରି ସେମାନଙ୍କୁ ଦୀର୍ଘକାଳୀନ ପ୍ରଶିକ୍ଷଣ ଦିଆଗଲେ ଭବିଷ୍ୟତରେ ସେମାନେ ନିଜକୁ ଆନ୍ତର୍ଜାତିକ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ କରିପାରିବେ। କେବଳ ବିଦେଶୀ କୋଚ୍‌ଙ୍କ ଉପରେ ନିର୍ଭର ନକରି ଓଡ଼ିଶାର ସ୍ଥାନୀୟ କୋଚ୍‌ମାନଙ୍କୁ ଅନ୍ତର୍ଜାତୀୟ ସ୍ତରର ତାଲିମ୍ ଦିଆଗଲେ ସେମାନେ ତୃଣମୂଳ ସ୍ତରରୁ ଖେଳାଳି ଗଢ଼ିପାରିବେ। ଏଚ୍‌ପିସି ଓ କ୍ରୀଡ଼ା ଏକାଡେମୀଗୁଡ଼ିକର ପ୍ରଦର୍ଶନର ବାର୍ଷିକ ସମୀକ୍ଷା କରାଯାଉ। କୋଟି କୋଟି ଟଙ୍କାର ସରକାରୀ ଓ କର୍ପୋରେଟ୍ ଫଣ୍ଡ କେଉଁଠି ଖର୍ଚ୍ଚ ହେଉଛି ଏବଂ ଫଳାଫଳ କ'ଣ, ତାହାର ହିସାବ ସାର୍ବଜନିନ କରାଯାଉ। ଦଳ ଚୟନ ଏବଂ ଏକାଡେମୀ ପ୍ରବେଶରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଓ ପାରଦର୍ଶିତା ଆଣିବା ଜରୁରୀ, ଯେପରି କୌଣସି ଯୋଗ୍ୟ ପ୍ରତିଭା ସୁଯୋଗରୁ ବଞ୍ଚିତ ନହୁଅନ୍ତି।

ଖେଳରେ ଜୟ-ପରାଜୟ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। କିନ୍ତୁ ବିନା ପ୍ରତିଦ୍ୱନ୍ଦ୍ୱିତାରେ ଆତ୍ମସମର୍ପଣ କରିବା ଗ୍ରହଣଯୋଗ୍ୟ ନୁହେଁ। ଓଡ଼ିଶା ସରକାର କ୍ରୀଡ଼ା ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଯେଉଁ ନିଷ୍ଠା ଓ ଆନ୍ତରିକତା ଦେଖାଇଛନ୍ତି, ତାହା ନିଶ୍ଚିତ ଭାବେ ପ୍ରଶଂସନୀୟ। କିନ୍ତୁ ବର୍ତ୍ତମାନ ସମୟ ଆସିଛି 'ପରିମାଣ'ରୁ ବାହାରି 'ଗୁଣବତ୍ତା' ଉପରେ ଧ୍ୟାନ ଦେବାର। କ୍ରୀଡ଼ା ଭିତ୍ତିଭୂମି ଏବଂ ବଡ଼ ବଡ଼ ଇଭେଣ୍ଟର ବ୍ରାଣ୍ଡିଂ ମାଧ୍ୟମରେ ନୁହେଁ, ବରଂ ପଦକ ତାଲିକାରେ ନିଜର ସ୍ଥାନ ସୁନିଶ୍ଚିତ କରିବା ଦ୍ୱାରା ହିଁ ଓଡ଼ିଶା ପ୍ରକୃତରେ ବିଶ୍ୱର କ୍ରୀଡ଼ା ହବ୍ ଭାବେ ପରିଗଣିତ ହେବ। ଗ୍ଲାସଗୋ-କାହାଣୀରୁ ଶିକ୍ଷା ନେଇ ଆମକୁ ଆମର ରଣନୀତି ବଦଳାଇବାକୁ ପଡ଼ିବ। ନଚେତ୍ କ୍ରୀଡ଼ାର ଏହି ଚମକପ୍ରଦ ଦୁନିଆରେ ଓଡ଼ିଶା କେବଳ ଜଣେ ଆୟୋଜକ ହୋଇରହିଯିବ, ବିଜେତା ହୋଇପାରିବ ନାହିଁ। ●

ଭୁବନେଶ୍ୱର, ମୋ: ୯୬୯୨୦୮୩୯୦୪

## ଜନ୍ତର ମନ୍ତର: ବିଜ୍ଞାନ, ଇତିହାସ ଓ ଗଣତନ୍ତ୍ରର ପ୍ରତୀକ

**ବିଦ୍ୟାଧର ମହାରଣା**

ରାଜଧାନୀ ନୂଆଦିଲ୍ଲୀର କନଟ୍ ପ୍ଲେସ୍ ନିକଟରେ ଅବସ୍ଥିତ ଜନ୍ତର ମନ୍ତର କେବଳ ପ୍ରାଚୀନ ଭାରତର ଏକ ପ୍ରସିଦ୍ଧ ଐତିହାସିକ ଓ ଜ୍ୟୋତିର୍ବିଜ୍ଞାନ ପର୍ଯ୍ୟବେକ୍ଷଣ କେନ୍ଦ୍ର ନୁହେଁ, ବରଂ ଏହା ଭାରତର ବୈଜ୍ଞାନିକ ଚିନ୍ତାଧାରା ଓ ଗଣତାନ୍ତ୍ରିକ ପରମ୍ପରାର ଏକ ଜୀବନ୍ତ ପ୍ରତୀକ। ଜନ୍ତର ମନ୍ତରରେ ନିର୍ମିତ ବିଶାଳ ଯନ୍ତ୍ରଗୁଡ଼ିକ ଅତୀତରେ ସମୟ ନିର୍ଣ୍ଣୟ, ଗ୍ରହମାନଙ୍କର ସ୍ଥିତି ନିର୍ଦ୍ଧାରଣ ଏବଂ ଖଗୋଳୀୟ ପର୍ଯ୍ୟବେକ୍ଷଣରେ ଅତ୍ୟନ୍ତ ସଠିକ୍ ଭୂମିକା ନିର୍ବାହ କରୁଥିଲେ। ଆଧୁନିକ ପ୍ରଯୁକ୍ତିର ଯୁଗରେ ମଧ୍ୟ ଏହା ଆମ ପୂର୍ବପୁରୁଷମାନଙ୍କର ବୈଜ୍ଞାନିକ ଦକ୍ଷତା ଓ ସୃଜନଶୀଳତାର ଏକ ଅମୂଲ୍ୟ ନିଦର୍ଶନ। ପ୍ରତିବର୍ଷ ଦେଶ-ବିଦେଶରୁ ହଜାର ହଜାର ପର୍ଯ୍ୟଟକ ଏହାକୁ ଦେଖିବାକୁ ଆସନ୍ତି। ରାଜସ୍ଥାନ ଜୟପୁର ସହରରେ ମଧ୍ୟ ଆଉ ଏକ ଜନ୍ତର ମନ୍ତର ଅଛି, ଯାହା ଦିଲ୍ଲୀର ଜନ୍ତର ମନ୍ତର ଠାରୁ ବଡ଼। ଦିଲ୍ଲୀ ଜନ୍ତର ମନ୍ତରକୁ ୧୭୨୪ ମସିହାରେ ଜୟପୁରର ମହାରାଜା ସାୱାଇ ଜୟସିଂହ(ଦ୍ୱିତୀୟ) ନିର୍ମାଣ କରିଥିଲେ। ସୂର୍ଯ୍ୟ, ଚନ୍ଦ୍ର ଏବଂ ଗ୍ରହମାନଙ୍କ ଗତିବିଧିକୁ ଜାଣିବା, ସଠିକ୍ ସମୟ ମାପିବା ଏବଂ ଗ୍ରହଣ ଆକଳନ କରିବା ପାଇଁ ଏଠାରେ ବଡ଼ ବଡ଼ ୧୩ ଗୋଟି ଜ୍ୟୋତିଷ ମାପ ଯନ୍ତ୍ର (ଯଥା- ରାମ ଯନ୍ତ୍ର, ସମ୍ରାଟ ଯନ୍ତ୍ର, ମିଶ୍ର ଯନ୍ତ୍ର, ଜୟପ୍ରକାଶ ଯନ୍ତ୍ର, ରାଶି ବଳୟ ଯନ୍ତ୍ର ଆଦି) ରହିଛି।

ସ୍ୱାଧୀନତା ପରବର୍ତ୍ତୀ ସମୟରେ ଏହି ଖଗୋଳୀୟ ପ୍ରେକ୍ଷାଳୟ ଗଣତାନ୍ତ୍ରିକ ଆନ୍ଦୋଳନ, ଶାନ୍ତିପୂର୍ଣ୍ଣ ଧାରଣା ଓ ଜନପ୍ରତିବାଦର ଏକ ପ୍ରମୁଖ ସ୍ଥାନ ଭାବେ ପରିଚିତ ହୋଇଛି। ଆଗରୁ ବୋଟ କ୍ଲବଠାରେ ଦେଶର ବଡ଼ବଡ଼ ପ୍ରତିବାଦ ସଭା ହେଉଥିଲା। ୧୯୮୮ କୃଷକ ଆନ୍ଦୋଳନ ପରେ ସରକାର ସୁରକ୍ଷା କାରଣରୁ ଏହା ଉପରେ କଟକଣା ଲଗାଇବାରୁ ଏହାର ସ୍ଥାନ ନେଲା ଜନ୍ତର ମନ୍ତର। ଆଜିର ଦିନରେ ଏହା ଭାରତର ସବୁଠାରୁ ପ୍ରସିଦ୍ଧ ଶାନ୍ତପୂର୍ଣ୍ଣ 'ପ୍ରତିବାଦ ସ୍ଥଳ' ଭାବେ ପରିଚିତ। ଦେଶର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ଛାତ୍ର, କୃଷକ, ମହିଳା, ସାମାଜିକ ସଂଗଠନ ଓ ଅନ୍ୟାନ୍ୟ ନାଗରିକ ଗୋଷ୍ଠୀ ନିଜ ଦାବି ଓ ସମସ୍ୟାକୁ ସରକାରଙ୍କ ସମ୍ମୁଖରେ ଉପସ୍ଥାପନ କରିବା ପାଇଁ ଏହି ସ୍ଥାନକୁ ବାଛିଛନ୍ତି। ଏହି କାରଣରୁ ଜନ୍ତର ମନ୍ତରକୁ ଭାରତୀୟ ଗଣତନ୍ତ୍ରର 'ଜନସ୍ୱରର ମଞ୍ଚ' ବୋଲି କୁହାଯାଏ।

ଜନ୍ତର ମନ୍ତର ସହ ଅନେକ ଗୁରୁତ୍ୱପୂର୍ଣ୍ଣ ଆନ୍ଦୋଳନ ଜଡ଼ିତ ରହିଛି। ଦୁର୍ନୀତି ବିରୋଧୀ ଅଭିଯାନ, କୃଷକଙ୍କ ଦାବି, ସାମାଜିକ ନ୍ୟାୟ ଓ ବିଭିନ୍ନ ଜନସ୍ୱାର୍ଥ ସମ୍ପର୍କିତ ପ୍ରତିବାଦ ଏହି ସ୍ଥାନକୁ ଜାତୀୟ ଆଲୋଚନାର କେନ୍ଦ୍ରବିନ୍ଦୁ କରିଛି। ଦିଲ୍ଲୀର ଜନ୍ତର ମନ୍ତର ଏବଂ ରାମଲୀଳା ମଇଦାନରେ 'ଜନ ଲୋକପାଳ ବିଲ୍' ପାଇଁ ଆନ୍ନା ହଜାରେ ଆମରଣ ଅନଶନ କରିଥିଲେ। ଆନ୍ନାଙ୍କ ସହିତ ଅରବିନ୍ଦ କେଜରିୱାଲ, ପ୍ରଶାନ୍ତ ଭୂଷଣ ଓ କିରଣ ବେଦୀ ମଧ୍ୟ ଯୋଗ ଦେଇଥିଲେ। ଏହି ଅନଶନକୁ ଓଡ଼ିଶା ସମେତ ସମଗ୍ର ଦେଶରେ ବ୍ୟାପକ ଜନସମର୍ଥନ ମିଳିଥିଲା। ଆନ୍ନା ହଜାରେଙ୍କ ୧୨ ଦିନର ଅନଶନ ପରେ ସଂସଦରେ ଲୋକପାଳ ବିଲ୍ ଗୃହୀତ ହୋଇଥିଲା ଏବଂ ସେ ଅନଶନ ଭାଙ୍ଗିଥିଲେ।

୨୦୧୨ ମସିହା ଡିସେମ୍ବର ୧୬ ତାରିଖରେ ନୂଆଦିଲ୍ଲୀରେ ଘଟିଥିବା ଜଘନ୍ୟ ଗଣଦୁଷ୍କର୍ମ ଓ ହତ୍ୟାକାଣ୍ଡ ( ନିର୍ଭୟା) ବଡ଼ ରାଷ୍ଟ୍ରୀୟ ଆନ୍ଦୋଳନର ରୂପ ନେଇଥିଲା। ଏହି ଦୁଃଖଦ ଘଟଣା ପରେ ସମଗ୍ର ଦେଶରେ ତୀବ୍ର ପ୍ରତିବାଦ ଏବଂ ନାରୀ ସୁରକ୍ଷା ପାଇଁ କଡ଼ା କାନୁନ ଦାବି ହୋଇଥିଲା। ଦିଲ୍ଲୀର ଇଣ୍ଡିଆ ଗେଟ୍ ଏବଂ ସଂସଦ ଭବନ ଆଗରେ ହଜାର ହଜାର ଯୁବକଯୁବତୀ ଓ ସାଧାରଣ ଲୋକ ଏକାଠି ହୋଇ କୋହଭରା ପ୍ରତିବାଦ କରିଥିଲେ ଏହି ଜନଆନ୍ଦୋଳନର ଚାପରେ ସରକାର ଜଷ୍ଟିସ୍ ଜେ.ଏସ୍. ବର୍ମା କମିଟି ଗଠନ କରିଥିଲେ। ଫଳସ୍ୱରୂପ ଦେଶରେ ଦୁଷ୍କର୍ମ ବିରୋଧୀ ଆଇନକୁ ଅଧିକ କଡ଼ାକଡ଼ି କରାଯାଇଥିଲା ଏବଂ 'ନିର୍ଭୟା ପାଣ୍ଠି' ସୃଷ୍ଟି କରାଯାଇଥିଲା। ତାମିଲନାଡୁର କୃଷକମାନେ ୨୦୧୭ ମସିହାରେ କୃଷକମାନଙ୍କ ପାଇଁ ମରୁଡ଼ି ସହାୟତା, କୃଷିଋଣ ଛାଡ଼ ଏବଂ ଅନ୍ୟାନ୍ୟ ସାହାଯ୍ୟ ପାଇଁ ଧର୍ମଘଟ କରିଥିଲେ। ୨୦୧୯ ମସିହାରେ ନାଗରିକ ସଂଶୋଧନ ଆଇନ୍ ବିରୁଦ୍ଧରେ ଜନ୍ତରମନ୍ତର ଠାରେ ଧର୍ମଘଟ ହୋଇଥିଲା। ୨୦୨୩ ମସିହାରେ ପ୍ରଖ୍ୟାତ କୁସ୍ତିଯୋଦ୍ଧାମାନେ ଭାରତୀୟ କୁସ୍ତି ମହାସଂଘ ବିରୁଦ୍ଧରେ ଧର୍ମଘଟ କରିଥିଲେ।

ନିକଟରେ ଜନ୍ତର ମନ୍ତରକୁ 'କକ୍ରୋଚ ଜନତା ପାର୍ଟି' ପକ୍ଷରୁ ନିଟ୍ ପେପର ଲିକ୍ ବିରୋଧ ପ୍ରଦର୍ଶନ ପାଇଁ ବାଛିବାର କିଛି ପ୍ରମୁଖ କାରଣ ଥିଲା। ଜନ୍ତର ମନ୍ତର ସଂସଦ ଭବନ ଓ କେନ୍ଦ୍ରୀୟ ସରକାରୀ କାର୍ଯ୍ୟାଳୟ ନିକଟରେ ଥିବାରୁ ସେଠାରେ ପ୍ରତିବାଦ କଲେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହଜ ହୁଏ। ଦିଲ୍ଲୀରେ ଆୟୋଜିତ ପ୍ରତିବାଦକୁ ଜାତୀୟ ଗଣମାଧ୍ୟମ ବ୍ୟାପକ ଭାବେ ଗୁରୁତ୍ୱ ଦିଏ। ଫଳରେ ନିଟ୍ ପେପର ଲିକ୍ ମାମଲା ସାରା ଦେଶରେ ଆଲୋଚନାର ବିଷୟ ହୋଇପାରିଥିଲା। ସୋନମ ୱାଙ୍ଗଚୁକ୍ ମଧ୍ୟ ଜୁନ ମାସରେ ଏଠାରେ ଆମରଣ ଅନଶନ ଆରମ୍ଭ କରିଥିଲେ। ଜନ୍ତର ମନ୍ତର ପ୍ରମାଣ କରେ ଯେ ଗଣତନ୍ତ୍ରରେ ଶାନ୍ତିପୂର୍ଣ୍ଣ ମତପ୍ରକାଶ ଓ ସଂଳାପର ଗୁରୁତ୍ୱ କେତେ ଅଧିକ।

ଆଜିର ପିଢ଼ି ପାଇଁ ଜନ୍ତର ମନ୍ତର ଏକ ଦ୍ୱିମୁଖୀ ଶିକ୍ଷା ଦିଏ। ଏକପଟେ ବୈଜ୍ଞାନିକ ଚେତନାକୁ ସମ୍ମାନ କରିବାର ପ୍ରେରଣା, ଅନ୍ୟପଟେ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁଦୃଢ଼ କରିବାର ସନ୍ଦେଶ। ଏହି ଐତିହାସିକ ସ୍ଥାନର ସଂରକ୍ଷଣ ଏବଂ ଏହାର ଐତିହ୍ୟ ସମ୍ପର୍କରେ ଯୁବପିଢ଼ିକୁ ସଚେତନ କରିବା ଆମ ସମସ୍ତଙ୍କ ଦାୟିତ୍ୱ। ଜନ୍ତର ମନ୍ତର ଆମକୁ ସ୍ମରଣ କରାଏ ଯେ ଜ୍ଞାନ, ବିଜ୍ଞାନ ଓ ଗଣତନ୍ତ୍ର - ଏହି ତିନୋଟି ହେଉଛି ଏକ ଶକ୍ତିଶାଳୀ ରାଷ୍ଟ୍ରର ମୂଳଭିତ୍ତି। ●

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

## ପଞ୍ଚକୋଷ: ମଣିଷ ଗଠନର ଦର୍ଶନ

**ନିର୍ମଳ କୁମାର ରଣା**

ଶିକ୍ଷାର ଉଦ୍ଦେଶ୍ୟ କେବଳ ସୂଚନା ପ୍ରଦାନ କିମ୍ବା ଜୀବିକା ଅର୍ଜନର ଉପାୟ ସୃଷ୍ଟି କରିବା ନୁହେଁ; ବରଂ ଏପରି ଜଣେ ମଣିଷ ଗଢ଼ି ତୋଳିବା, ଯିଏ ଶାରୀରିକ ଭାବେ ସୁସ୍ଥ, ମାନସିକ ଭାବେ ସନ୍ତୁଳିତ, ବୌଦ୍ଧିକ ଭାବେ ପ୍ରଖର, ନୈତିକ ଭାବେ ଦୃଢ଼ ଏବଂ ଆଧ୍ୟାତ୍ମିକ ଭାବେ ସଚେତନ ହୋଇଥିବ। ଏହି ସର୍ବାଙ୍ଗୀଣ ମାନବ ବିକାଶର ଧାରଣା ଭାରତୀୟ ଜ୍ଞାନ ପରମ୍ପରାରେ ହଜାର ହଜାର ବର୍ଷ ପୂର୍ବରୁ ତୈତ୍ତିରୀୟ ଉପନିଷଦରେ 'ପଞ୍ଚକୋଷ ତତ୍ତ୍ୱ' ରୂପେ ପ୍ରତିପାଦିତ। ଆଜିର 'ଜାତୀୟ ଶିକ୍ଷାନୀତି ୨୦୨୦' ମଧ୍ୟ ଏହି ସମନ୍ୱିତ ଶିକ୍ଷାଦର୍ଶନକୁ ନୂତନ ପ୍ରସଙ୍ଗରେ ପୁନଃସ୍ଥାପିତ କରିଛି।

ଉପନିଷଦ କହେ, ମଣିଷ କେବଳ ଶରୀର ନୁହେଁ; ତାହାର ଅସ୍ତିତ୍ୱ ପାଞ୍ଚଟି ଆବରଣ ବା କୋଷରେ ବିକଶିତ। ଅନ୍ନମୟ, ପ୍ରାଣମୟ, ମନୋମୟ, ବିଜ୍ଞାନମୟ ଓ ଆନନ୍ଦମୟ। ଏହି ପାଞ୍ଚଟିସ୍ତରର ସୁସମ ବିକାଶ ହିଁ ପ୍ରକୃତ ଶିକ୍ଷା ଓ ପ୍ରକୃତ ମାନବ ଗଠନର ମୂଳମନ୍ତ୍ର। ପ୍ରଥମ ସ୍ତର ଅନ୍ନମୟ କୋଷ। ଏହା ମଣିଷର ସ୍ଥୂଳ ଶରୀର। ଅନ୍ନରୁ ଶରୀରର ଜନ୍ମ, ବୃଦ୍ଧି ଓ ପୋଷଣ ହୁଏ। ସେଥିପାଇଁ ସୁସ୍ଥ ଶରୀର ବିନା କୌଣସି ଉଚ୍ଚତର ବିକାଶ ସମ୍ଭବ ନୁହେଁ। ପୌଷ୍ଟିକ ଖାଦ୍ୟ, ସ୍ୱଚ୍ଛତା, ନିୟମିତ ବ୍ୟାୟାମ, ଯୋଗାଭ୍ୟାସ ଓ ସୁସ୍ଥ ଜୀବନଶୈଳୀ ଏହି କୋଷକୁ ସୁଦୃଢ଼ କରେ। ଆଜି ବିଦ୍ୟାଳୟରେ କ୍ରୀଡ଼ା, ଯୋଗ ଓ ସ୍ୱାସ୍ଥ୍ୟ ଶିକ୍ଷାକୁ ଯେଉଁ ଗୁରୁତ୍ୱ ଦିଆଯାଉଛି, ତାହାର ମୂଳ ଏହି ଦର୍ଶନରେ ନିହିତ। ଦ୍ୱିତୀୟ ସ୍ତର ପ୍ରାଣମୟ କୋଷ। ଏହା ଜୀବନଶକ୍ତିର ଆଧାର। ଶ୍ୱାସ-ପ୍ରଶ୍ୱାସ, ରକ୍ତସଞ୍ଚାଳନ, ପାଚନ ଓ ସମସ୍ତ ଜୀବନକ୍ରିୟା ଏହି ପ୍ରାଣଶକ୍ତି ଦ୍ୱାରା ପରିଚାଳିତ ହୁଏ। ଯୋଗ, ପ୍ରାଣାୟାମ, ଶୁଦ୍ଧ ବାୟୁ, ଶୃଙ୍ଖଳିତ ଦୈନନ୍ଦିନ ଜୀବନ ଏହି କୋଷକୁ ସକ୍ରିୟ ରଖେ। ଦ୍ରୁତଗତିର ଆଧୁନିକ ଜୀବନରେ ଶାରୀରିକ କ୍ଲାନ୍ତି ସହ ମାନସିକ ଅବସାଦ ବଢ଼ୁଥିବା ବେଳେ ପ୍ରାଣମୟ କୋଷର ସନ୍ତୁଳନ ଅଧିକ ପ୍ରାସଙ୍ଗିକ।

ତୃତୀୟ ସ୍ତର ମନୋମୟ କୋଷ। ମଣିଷର ମନ, ଭାବନା, କଳ୍ପନା, ସମ୍ବେଦନଶୀଳତା ଓ ମୂଲ୍ୟବୋଧ ଏହି ସ୍ତର ସହ ଜଡ଼ିତ। ଆଜିର ସମାଜରେ ଚାପ, ପ୍ରତିଯୋଗିତା ଓ ଡିଜିଟାଲ ନିର୍ଭରତା ମଣିଷର ମାନସିକ ସନ୍ତୁଳନକୁ ପ୍ରଭାବିତ କରୁଛି। ଏପରି ସମୟରେ ସାହିତ୍ୟ, ସଙ୍ଗୀତ, କଳା, ଧ୍ୟାନ, ପ୍ରାର୍ଥନା, ପରିବାରିକ ସଂସ୍କାର ଓ ସକାରାତ୍ମକ ପରିବେଶ ମନୋମୟ କୋଷକୁ ସୁସ୍ଥ ରଖିବାର ଶ୍ରେଷ୍ଠ ଉପାୟ। ଚତୁର୍ଥ ସ୍ତର ବିଜ୍ଞାନମୟ କୋଷ। ଏହା ବୁଦ୍ଧି, ବିବେକ, ବିଚାରଶକ୍ତି ଓ ଜ୍ଞାନର କେନ୍ଦ୍ର। କେବଳ ତଥ୍ୟ ସଂଗ୍ରହ କରିବା ଶିକ୍ଷା ନୁହେଁ; ସଠିକ୍ ନିଷ୍ପତ୍ତି ନେବା, ସତ୍ୟ-ଅସତ୍ୟର ବିଚାର କରିବା ଓ ସମାଜ ପ୍ରତି ଦାୟିତ୍ୱବୋଧ ଜାଗ୍ରତ କରିବା ହେଉଛି ପ୍ରକୃତ ଜ୍ଞାନ। ତେଣୁ ଶିକ୍ଷାରେ ପ୍ରଶ୍ନ କରିବାର ସ୍ୱାଧୀନତା, ସୃଜନଶୀଳତା, ଗବେଷଣାମନସ୍କତା ଓ ସମସ୍ୟା ସମାଧାନର କୌଶଳକୁ ଗୁରୁତ୍ୱ ଦେବା ଆବଶ୍ୟକ। ସବୁଠାରୁ ଅନ୍ତର୍ନିହିତ ସ୍ତର ଆନନ୍ଦମୟ କୋଷ। ଏହା ମଣିଷର ଅନ୍ତର୍ଶାନ୍ତି, କରୁଣା, ସେବାଭାବ, ସତ୍ୟନିଷ୍ଠା ଓ ଆଧ୍ୟାତ୍ମିକ ଚେତନାର ପ୍ରତୀକ। ବାହ୍ୟ ସଫଳତା କ୍ଷଣସ୍ଥାୟୀ ଆନନ୍ଦ ଦେଇପାରେ; କିନ୍ତୁ ସ୍ଥାୟୀ ଶାନ୍ତି ଆସେ ଅନ୍ତରର ପରିଶୁଦ୍ଧତାରୁ। ତେଣୁ ଭାରତୀୟ ଦର୍ଶନ ସଦା କହିଆସିଛି, ଜ୍ଞାନର ଚରମ ଲକ୍ଷ୍ୟ କେବଳ ଜୀବିକା ନୁହେଁ, ଜୀବନର ପରିଷ୍କାର।

ପଞ୍ଚକୋଷ ତତ୍ତ୍ୱର ସବୁଠାରୁ ବଡ଼ ବିଶେଷତା ହେଉଛି ଏହା ମଣିଷକୁ ଖଣ୍ଡ ଖଣ୍ଡ ଭାବେ ନୁହେଁ, ଏକ ସମ୍ପୂର୍ଣ୍ଣ ସତ୍ତା ଭାବେ ଦେଖେ। ଏଠାରେ ଶରୀର, ପ୍ରାଣ, ମନ, ବୁଦ୍ଧି ଓ ଆତ୍ମଚେତନା ପରସ୍ପର ପୂରକ। ଏହି କାରଣରୁ ଆଜି ସାରା ବିଶ୍ୱରେ ସମଗ୍ର ଶିକ୍ଷା, ଯୋଗ, ଧ୍ୟାନ, ମୂଲ୍ୟବୋଧ ଶିକ୍ଷା ଓ ମାନସିକ ସ୍ୱାସ୍ଥ୍ୟ ଉପରେ ବଢ଼ୁଥିବା ଗୁରୁତ୍ୱ ଭାରତୀୟ ଜ୍ଞାନ ପରମ୍ପରାର ପ୍ରାସଙ୍ଗିକତାକୁ ପୁନଃ ପ୍ରତିଷ୍ଠିତ କରୁଛି। ଜାତୀୟ ଶିକ୍ଷାନୀତି ୨୦୨୦ ଶିକ୍ଷାକୁ କେବଳ ପରୀକ୍ଷା କୈନ୍ଦ୍ରିକ ନ କରି, ସର୍ବାଙ୍ଗୀଣ ବ୍ୟକ୍ତିତ୍ୱ ବିକାଶର ମାଧ୍ୟମ ଭାବେ ଦେଖିଛି। ଏହି ଦୃଷ୍ଟିରୁ 'ପଞ୍ଚକୋଷ ତତ୍ତ୍ୱ' କେବଳ ଆଧ୍ୟାତ୍ମିକ ଆଲୋଚନାର ବିଷୟ ନୁହେଁ; ଆଧୁନିକ ଶିକ୍ଷା, ପରିବାର, ସମାଜ ଓ ରାଷ୍ଟ୍ର ଗଠନର ଏକ ସମୟୋପଯୋଗୀ ଦିଗଦର୍ଶନ।

ଆଜି ଆବଶ୍ୟକ ଉଚ୍ଚଶିକ୍ଷିତ, ସୁସଂସ୍କୃତ, ସମ୍ବେଦନଶୀଳ, ଚରିତ୍ରବାନ୍ ଓ ଦାୟିତ୍ୱବାନ୍ ନାଗରିକ। 'ପଞ୍ଚକୋଷ ତତ୍ତ୍ୱ' ଆମକୁ ସେହି ମାର୍ଗ ଦେଖାଏ, ଯେଉଁଠାରେ ଶିକ୍ଷାର ଲକ୍ଷ୍ୟ କେବଳ ସଫଳତା ନୁହେଁ, ବରଂ ମଣିଷତ୍ୱର ପୂର୍ଣ୍ଣ ବିକାଶ। ●

ପୁରୁଣାକଟକ(ବୌଦ୍ଧ),
ମୋ: ୯୯୩୭୬୬୯୫୫୧

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପୂର୍ବତନ ମେଡିକାଲ ଅଫିସର ଚାକିରିରୁ ବହିଷ୍କୃତ

ଭୁବନେଶ୍ୱର, ୧୨।୮ (ସମିସ): ଦୁର୍ନୀତି ବିରୁଦ୍ଧରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଡ଼ା ଆଭିମୁଖ୍ୟ ଜାରି ରଖିଛନ୍ତି। ସୁନ୍ଦରଗଡ ଜିଲ୍ଲା ଗୁରୁଣ୍ଡିଆ ସି.ଏଚ୍. ସି ଡାକ୍ତରଖାନାର ପୂର୍ବତନ ମେଡିକାଲ ଅଫିସର ଡାକ୍ତର ପତିତପାବନ ବାରିକ ଦୁର୍ନୀତି ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହେବାପରେ ତାଙ୍କୁ ଚାକିରିରୁ ବହିଷ୍କୃତ କରିଛନ୍ତି। ଡାକ୍ତର ବାରିକ ବର୍ତ୍ତମାନ ଗଜପତି ଜିଲ୍ଲା ଗୁରାଣ୍ଡି ସି.ଏଚ୍.ସିରେ କାର୍ଯ୍ୟରତ ଅଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସଂସଦରେ ଅଚଳାବସ୍ଥା...

ଗୃହକାର୍ଯ୍ୟ ବନ୍ଦ କରିବାରେ ମାତିଛନ୍ତି। ଅନ୍ୟପକ୍ଷରେ, କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଏହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରି କହିଛନ୍ତି ଯେ ଗୃହମନ୍ତ୍ରୀଙ୍କଠାରୁ ବିରୋଧୀ ଦଳ କୌଣସି ଭାଷଣ ଶୁଣିବାକୁ ଚାହୁଁନାହାନ୍ତି। ଛାତ୍ରମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ କିଏ ନିର୍ଦ୍ଦେଶ ଦେଇଥିଲା, ସରକାର ସେହି ପ୍ରଶ୍ନର ସ୍ପଷ୍ଟ ଉତ୍ତର ଦିଅନ୍ତୁ। ଯଦି ଏହି ନିର୍ଦ୍ଦେଶ ଗୃହମନ୍ତ୍ରୀ ଦେଇଛନ୍ତି, ତେବେ ସେ ତୁରନ୍ତ ଇସ୍ତଫା ଦେବା ଆବଶ୍ୟକ। ଦୀର୍ଘଦିନ ଧରି ଚାଲିଥିବା ଏହି ବିବାଦ ଯୋଗୁଁ ସଂସଦର ମୌସୁମୀ ଅଧିବେଶନର କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ସରକାର ଓ ବିରୋଧୀଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ଏହି ଅଚଳାବସ୍ଥା ମଧ୍ୟରେ ସରକାର ବିନା ଆଲୋଚନାରେ କେତେକ ବିଲ୍ ପାସ୍ କରାଇ ନେଇଛନ୍ତି।

### ଜେପିସିକୁ ଗଲା...

ଅନ୍ୟପଟେ କଂଗ୍ରେସ ଓ ସମାଜବାଦୀ ପାର୍ଟି ଭଳି ବିରୋଧୀ ଦଳଗୁଡ଼ିକ ଏହି ବିଲ୍‌କୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିବାକୁ ଦାବି କରିଛନ୍ତି। ଏହି ସଂଶୋଧନ ଜରିଆରେ ସାମାଜିକ ସଂଗଠନ ଓ ସଂଖ୍ୟାଲଘୁ ଅନୁଷ୍ଠାନଗୁଡ଼ିକୁ ଟାର୍ଗେଟ୍ କରାଯାଉଥିବା ବିରୋଧୀ ଅଭିଯୋଗ କରିଛନ୍ତି। ତେବେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ଏହି ଅଭିଯୋଗକୁ ଖଣ୍ଡନ କରି କହିଛନ୍ତି ଯେ ବିଲ୍‌ରେ ସଂଖ୍ୟାଲଘୁ ଅନୁଷ୍ଠାନ ବିରୋଧୀ କୌଣସି ବ୍ୟବସ୍ଥା ନାହିଁ। ବୈଦେଶିକ ଅନୁଦାନର ସଠିକ୍ ବିନିଯୋଗ ନିଶ୍ଚିତ କରିବା ପାଇଁ ଏହି ବିଲ୍ ଆଗତ କରାଯାଇଥିବା ସେ କହିଛନ୍ତି।

### ଜଷ୍ଟିସ ବର୍ମା...

ବହିଷ୍କାର ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଜଷ୍ଟିସ ବର୍ମା ନିଜ ପଦବୀରୁ ଇସ୍ତଫା ଦେଇସାରିଛନ୍ତି। ସଂସଦୀୟ କମିଟି ନିଜ ରିପୋର୍ଟରେ ପୂର୍ବତନ ବିଚାରପତିଙ୍କ ଆଚରଣକୁ କଠୋର ଭାବେ ସମାଲୋଚନା କରିବା ସହ ଘଟଣାପରେ ଟଙ୍କା ଗାୟବ ହୋଇଯିବା ଏବଂ ପ୍ରମାଣ ନଷ୍ଟ ହେବା ନେଇ ତଦନ୍ତକାରୀ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦିଲ୍ଲୀ ହାଇକୋର୍ଟର ବିଚାରପତି ଥିବା ବେଳେ ତାଙ୍କ ଘରୁ ଟଙ୍କା ମିଳିଥିଲା। ଏହାକୁ ନେଇ ବିବାଦ ସୃଷ୍ଟି ହେବାରୁ ଜଷ୍ଟିସ ବର୍ମାଙ୍କୁ ଅହ୍ଲାବାଦ ହାଇକୋର୍ଟକୁ ବଦଳି କରାଯାଇଥିଲା। ତେବେ ସେଠାରେ ତାଙ୍କୁ ତୀବ୍ର ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଥିଲା।

### କ୍ଷମତା ଅଳିନ୍ଦରେ...

ସୁଧାଂଶୁ ଷଡ଼ଙ୍ଗୀଙ୍କ ନାମ ଚର୍ଚ୍ଚାର ପରିଧିରେ ଥିଲା। ଏହାପରେ ଅନ୍ୟ ଦୁଇ ବରିଷ୍ଠ ଅଧିକାରୀ ଆର୍.ପି.କୋଚେ ଓ ସୁଶାନ୍ତ ନାଥଙ୍କ ନାମ ମଧ୍ୟ ଏଥିରେ ସାମିଲ ହୋଇଥିଲା। ସୁଧାଂଶୁ ଷଡ଼ଙ୍ଗୀଙ୍କୁ ସରକାର ପସନ୍ଦ କରୁ ନ ଥିଲେ, ଆର୍.ପି.କୋଚେଙ୍କୁ ବିଜେପିର ରାଜ୍ୟ ସଂଗଠନ ପ୍ରସନ୍ଦ କରୁ ନ ଥିଲା ଓ ପୁଲିସ ଏସ୍ଆଇ ନିଯୁକ୍ତି ପ୍ରସଙ୍ଗରେ ସୁଶାନ୍ତ ନାଥ ବିବାଦୀୟ ହୋଇ ପଡ଼ିଥିଲେ। ଯେଉଁଥିପାଇଁ ୱାଇ.ବି.ଖୁରାନିଆଙ୍କ ଉତ୍ତରାଧିକାରୀ ନିଯୁକ୍ତି ଚୂଡ଼ାନ୍ତ ହୋଇ ପାରି ନ ଥିଲା।

ମାତ୍ର ଗତ ୭ ତାରିଖରେ ୟୁପିଏସ୍‌ସି ଏମ୍ପାନେଲମେଣ୍ଟ କମିଟି ବୈଠକରେ ଘଟିଥିବା ଘଟଣା ସବୁ ଅଙ୍କକୁ ଗୋଳମାଳ କରି ଦେଇଥିଲା। ସୁଶାନ୍ତ ନାଥଙ୍କୁ ଏହି ପ୍ରକ୍ରିୟାରୁ ବାଦ ଦେବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ମୁଖ୍ୟ ସଚିବ ଓ ବର୍ତ୍ତମାନର ଡିଜିପି ୟୁପିଏସ୍‌ସିକୁ ଅନୁରୋଧ କରିଥିଲେ। ଫଳରେ ବିନା ନିଷ୍କର୍ଷରେ ବୈଠକ ସ୍ଥଗିତ ରହିଥିଲା। ଯାହାକୁ ନେଇ ବିଭିନ୍ନ ମହଲରେ ସନ୍ଦେହ ସୃଷ୍ଟି ହୋଇଛି ଏବଂ ଏହା କେବଳ ରାଜ୍ୟର ଡିଜି ପଦ ନୁହେଁ, କ୍ଷମତା ରାଜନୀତିରେ ଚାଲିଥିବା ଛାୟା ଯୁଦ୍ଧର ପ୍ରତିଫଳନ ବୋଲି କୁହାଯାଉଛି। ରାଜ୍ୟ ବିଜେପିରେ ଚାଲିଥିବା ଆଭ୍ୟନ୍ତରୀଣ କନ୍ଦଳ, ସରକାରରେ ବାବୁମାନଙ୍କ ପତିଆରା ଓ ପୁଲିସ ବିଭାଗରେ ବରିଷ୍ଠ ବର୍ଗ ଅଧିକାରୀଙ୍କ ମଧ୍ୟରେ ବିଭେଦକୁ ମଧ୍ୟ ଏହା ସ୍ପଷ୍ଟ କରିଛି ବୋଲି କୁହାଯାଉଛି। ଏହି କ୍ରମରେ ଆସନ୍ତାକାଲିର ୟୁପିଏସ୍‌ସି ବୈଠକ ବେଶ୍ ଗୁରୁତ୍ୱ ବହନ କରୁଛି। ଏମ୍ପାନେଲମେଣ୍ଟ କମିଟି କାହା ନାମ ଏଥିପାଇଁ ସୁପାରିସ କରିବ ଓ ସରକାର କାହାକୁ ଡିଜି କରିବେ ତାହା ଉପରେ ସମସ୍ତଙ୍କର ନଜର ରହିଛି। ମାତ୍ର ଏହା ମଧ୍ୟରେ ସୁପ୍ରିମକୋର୍ଟରେ ରୁଜୁ ହୋଇଥିବା ଜନସ୍ୱାର୍ଥ ମାମଲାରେ ଯଦି କିଛି ପ୍ରତିକୂଳନ ନିର୍ଦ୍ଦେଶ ଆସେ, ତେବେ ସମଗ୍ର ପ୍ରକ୍ରିୟାର ଗତିପଥ ବଦଳିପାରେ। ତେବେ ଇତିମଧ୍ୟରେ ଅନ୍ୟ ଦୁଇ ବରିଷ୍ଠ ଆଇପିଏସ୍ ସଞ୍ଜୀବ ପଣ୍ଡା ଓ ଯଶୋବନ୍ତ ଜେଠୱାଙ୍କୁ ଡିଜି ପାହ୍ୟାକୁ ପଦୋନ୍ନତି ଦିଆଯାଇଥିବାରୁ ପରବର୍ତ୍ତୀ ଡିଜି ଭାବରେ ଶ୍ରୀ ପଣ୍ଡାଙ୍କ ନାମ ସର୍ବାଧିକ ଚର୍ଚ୍ଚାରେ ରହିଛି।

### ଉତ୍ତର ଓଡ଼ିଶାରେ...

ଗୁରୁବାର ଉତ୍ତର ଓଡ଼ିଶାରେ ବର୍ଷାର ଅଧିକ ପ୍ରଭାବ ରହିବା ସହ କେନ୍ଦୁଝରରେ ଅତ୍ୟନ୍ତ ପ୍ରବଳ ବର୍ଷା ହୋଇପାରେ। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ପକ୍ଷରୁ କେନ୍ଦୁଝର ପାଇଁ ରେଡ୍ ଆଲର୍ଟ ଜାରି କରାଯାଇଛି। ଏହା ବ୍ୟତୀତ ଯାଜପୁର, କଟକ, ଢେଙ୍କାନାଳ, ଅନୁଗୁଳ, ଦେବଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ବାଲେଶ୍ୱର ଓ ମୟୂରଭଞ୍ଜରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି। ସେହିପରି କେନ୍ଦ୍ରାପଡ଼ା, ପୁରୀ, ଜଗତସିଂହପୁର, ଭଦ୍ରକ, ଖୋରଧା, ନୟାଗଡ଼, ବୌଦ୍ଧ, ସୁବର୍ଣ୍ଣପୁର, ବରଗଡ଼, ବଲାଙ୍ଗିର ଆଦି ୧୦ଟି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ କାଁ ଭାଁ ବର୍ଷା ନେଇ ଆକଳନ କରାଯାଇଛି। ଲଘୁଚାପଟି ଓଡ଼ିଶା ଆଡ଼କୁ ବିଶେଷ ନ ଆସିବା ହେତୁ ୧୩ ପରେ ବର୍ଷାର ପ୍ରଭାବ କମିଯିବ। ଯଦିଓ ୧୪ ଓ ୧୫ରେ ବର୍ଷା କିଛି ପରିମାଣରେ ହେବ ବୋଲି ପାଣିପାଗ କେନ୍ଦ୍ର କହିଛି, ମାତ୍ର ଏହାର ପ୍ରଭାବ ଯଥେଷ୍ଟ କମ୍ ରହିବା ନେଇ କେନ୍ଦ୍ର ପକ୍ଷରୁ ଜାରି ବୁଲେଟିନ୍‌ରେ ଦର୍ଶାଯାଇଛି।

ଲଘୁଚାପ ପ୍ରଭାବରେ ଓଡ଼ିଶା ଉପକୂଳରେ ମେଘୁଆ ପାଗ ବର୍ଷା ସହ ସମୁଦ୍ର ମଧ୍ୟରେ ୪୦-୫୦ କିମି ବେଗରେ ପବନ ବହିବ। ଏହା ବୃଦ୍ଧି ପାଇ ସର୍ବାଧିକ ୬୦ କିମି ବେଗରେ ମଧ୍ୟ ବହିପାରେ। ପବନର ବେଗ ଅଧିକ ରହିବା ହେତୁ ସମୁଦ୍ର ଅଶାନ୍ତ ରହିବ। ଏଥିପାଇଁ ୧୨ରୁ ୧୪ ତାରିଖ ଯାଏଁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି। ଏହାସହ ସମସ୍ତ ବନ୍ଦର ଗୁଡ଼ିକୁ ପାଇଁ ମଧ୍ୟ ୩ ନମ୍ବର ବିପଦ ସଂକେତ ଜାରି କରାଯାଇଛି। ଅନ୍ୟପଟେ ଗତ ୨୪ ଘଣ୍ଟାରେ ଗୋଟିଏ ସ୍ଥାନରେ ପ୍ରବଳ ବର୍ଷା ହୋଇଥିବା ବେଳେ ଦେବଗଡ଼ ଜିଲ୍ଲାର ବାରକୋଟରେ ୭୫.୨ ମିମି ସର୍ବାଧିକ ବର୍ଷା ରେକର୍ଡ ହୋଇଛି।

### ୧୦ ପ୍ରସ୍ତାବକୁ...

ମାଧ୍ୟମରେ ଅତିରିକ୍ତ ୨ ଲକ୍ଷ ୬୨ ହଜାର ୨୭୫ ହେକ୍ଟର ଜମିକୁ ଜଳସେଚନ ସୁବିଧା ମିଳିବ। ପ୍ରକଳ୍ପରେ ଭୂତଳ ପାଇପ୍‌ଲାଇନ୍ ମାଧ୍ୟମରେ ଚାପଯୁକ୍ତ ଜଳ ବଣ୍ଟନ ବ୍ୟବସ୍ଥା ରହିବ। ଏହାଦ୍ୱାରା ଜଳ ପରିବହନ ସମୟରେ ହେଉଥିବା କ୍ଷୟକ୍ଷତି କମିବା ସହ ଜଳର ଦକ୍ଷ ବ୍ୟବହାର ସମ୍ଭବ ହେବ। ସେହିପରି ଜଳାଶୟ ଏବଂ କ୍ଷୁଦ୍ର ଉଠାଜଳସେଚନ ପ୍ରକଳ୍ପର ଉନ୍ନତିକରଣ-ପର୍ଯ୍ୟାୟ ୩କୁ ମଧ୍ୟ କ୍ୟାବିନେଟ ଅନୁମୋଦନ ମିଳିଛି। ଏହି ଯୋଜନା ୨୦୨୬-୨୭ରୁ ୨୦୨୯-.୩୦ ପର୍ଯ୍ୟନ୍ତ ଅର୍ଥାତ୍ ୪ ବର୍ଷ କାର୍ଯ୍ୟକାରୀ ହେବାକୁ ଥିବାବେଳେ ଏଥିପାଇଁ ୩୮ ୯ କୋଟିର ବ୍ୟୟ ଅଟକଳ କରାଯାଇଛି। ଏହା ମାଧ୍ୟମରେ ପ୍ରାୟ ୧୫୭୦୦ ହେକ୍ଟର ହଜିଯାଇଥିବା ଜଳସେଚନ କ୍ଷେତ୍ର(ଆୟକଟ)ର ପୁନରୁଦ୍ଧାର କରାଯିବ। ସେହିପରି ଯୋଜନା ଅଧିନରେ ରାଜ୍ୟର ୬୮୦ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ସଂସ୍କାର ଓ ପୁନରୁଦ୍ଧାର କରାଯିବ ବୋଲି ଶ୍ରୀମତି ଗର୍ଗ ସୂଚନା ଦେଇଛନ୍ତି। ସେହିପରି ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଅନୁଯାୟୀ ଓଡ଼ିଶା ବେସାମରିକ ସେବା(ପୁନର୍ବାସ ସହାୟତା) ନିୟମାବଳୀ, ୨୦୨୬ ପ୍ରଣୟନକୁ ଅନୁମୋଦନ ଦେଇଛନ୍ତି ରାଜ୍ୟ କ୍ୟାବିନେଟ। ଏହି ନିଷ୍ପତ୍ତି ଅନୁଯାୟୀ ଅନୁକମ୍ପାମୂଳକ ନିଯୁକ୍ତିରେ ପୂର୍ବରୁ ପ୍ରଚଳିତ ୧୦୦ ପଏଣ୍ଟ ମୂଲ୍ୟାୟନ ପଦ୍ଧତି ଯୋଗ୍ୟତା ସର୍ତ୍ତବ ପ୍ରତ୍ୟାହାର କରିନିଆଯାଇଛି। ଏହାସହ ପୁନର୍ବାସ ସହାୟତା ଯୋଜନା ଅଧିନରେ ମୂଳସ୍ତରର ଗ୍ରୁପ-ଡି ପଦବୀର ୫୦ ପ୍ରତିଶତ ସୀମାକୁ ମଧ୍ୟ ପ୍ରତ୍ୟାହାର କରାଯାଇଛି। ଏହାସହ ୨୦୨୦ ମସିହା ନିୟମାବଳୀ ଅନୁଯାୟୀ ୧୦୦ ପଏଣ୍ଟ ମୂଲ୍ୟାୟନ ଆଧାରରେ ପ୍ରତ୍ୟାଖ୍ୟାତ ହୋଇଥିବା ଆବେଦନଗୁଡ଼ିକର ପୁନଃବିଚାର କରାଯିବ ବୋଲି ନିଷ୍ପତ୍ତି ହୋଇଛି। ରାଜ୍ୟର ସମସ୍ତ ପ୍ରମୁଖ କାର୍ଯ୍ୟାଳୟରୁ ପେପର ଲେସ୍ କରିବା ପାଇଁ ପୂର୍ବରୁ କାର୍ଯ୍ୟକାରୀ ହୋଇଥିବା ଓସ୍ୱାସ୍ ୨.୦କୁ ସଫଳତା ମିଳିବା ପରେ ଓସ୍ୱାସ୍ ୩.୦କୁ ଆଜି ରାଜ୍ୟ କ୍ୟାବିନେଟରେ ମୋହର ବାଜିଛି। ୨୦୨୫-୨୬ରେ ଓସ୍ୱାସ୍ ୨.୦ କାର୍ଯ୍ୟକାରୀ ହୋଇଥିବା ବେଳେ ଏଥିରେ ବ୍ଲକସ୍ତରୀୟ କାର୍ଯ୍ୟାଳୟକୁ ସାମିଲ କରାଯାଇପାରିଛି। ଓସ୍ୱାସ୍ ୩.୦ ପ୍ରକଳ୍ପ ପାଇଁ ନୂଆ ସିଷ୍ଟମ ଡେଭଲପର ମନୋନୟନ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏହିକ୍ରମରେ ଟିସିଏସର ୧୨୨ କୋଟି ୭୦ ଲକ୍ଷ ୨୫୪୩୬ ଟଙ୍କାର ଟେଣ୍ଡରକୁ ଅନୁମୋଦନ ମିଳିଥିବା ବେଳେ ଏହା ୫ ବର୍ଷ ପାଇଁ ଆବଶ୍ୟକୀୟ ସମସ୍ତ ସହାୟତା ଯୋଗାଇ ଦେବ। ସେହିପରି ଓଡ଼ିଶାରେ ନବୀକରଣଯୋଗ୍ୟ ଶକ୍ତିର ବିକାଶକୁ ତ୍ୱରାନ୍ୱିତ କରିବା, ନିବେଶକଙ୍କ ଆତ୍ମବିଶ୍ୱାସ ବଢ଼ାଇବା ଏବଂ ରାଜ୍ୟବାସୀଙ୍କ ପାଇଁ ସୁଲଭ ମୂଲ୍ୟରେ ସବୁଜ ବିଦ୍ୟୁତ୍ ଉପଲବ୍ଧ କରାଇବା ଲକ୍ଷ୍ୟରେ ଓଡ଼ିଶା ନବୀକରଣଯୋଗ୍ୟ ଶକ୍ତି ନୀତି, ୨୦୨୨ର କେତେକ ବ୍ୟବସ୍ଥାରେ ସଂଶୋଧନକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। ପ୍ରମୁଖ ସଂଶୋଧନ ମଧ୍ୟରେ ପୁରାତନ କ୍ଷୁଦ୍ର ଜଳବିଦ୍ୟୁତ୍ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟାନ୍ୱୟନ ପାଇଁ ଗ୍ରୀଡକୋକୁ ନୋଡାଲ ସଂସ୍ଥା ଭାବରେ ନିଯୁକ୍ତି ମିଳିଥିବା ବେଳେ ଅକ୍ଷୟ ଶକ୍ତିର ଉତ୍ପାଦନ , ଆହରଣକୁ ପ୍ରୋତ୍ସାହନ ପାଇଁ ଏକାଧିକ ପଦକ୍ଷେପ ନିଆଯାଇଛି। ଶକ୍ତି ବିଭାଗର ଅନ୍ୟ ଏକ ପ୍ରସ୍ତାବକ୍ରମେ ରାଜ୍ୟରେ ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପ(ପିଏସପି)ର ବିକାଶକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ 'ଓଡ଼ିଶା ପିଏସପି ନୀତି,୨୦୨୫ ଏବଂ ଏହାର ପରିଚାଳନା ନିର୍ଦ୍ଦେଶାବଳୀରେ ସଂଶୋଧନକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। ଏହା ଆସନ୍ତା ୨୦୩୦ ମସିହା ମାର୍ଚ୍ଚ ୩୧ ତାରିଖ ଯାଏଁ ବଳବତ୍ତର ରହିବ। ନବୀକରଣଯୋଗ୍ୟ ଶକ୍ତିର ବଢୁଥିବା ବ୍ୟବହାର ମଧ୍ୟରେ ଦୀର୍ଘ ସମୟ ପାଇଁ ଶକ୍ତି ସଂରକ୍ଷଣ କରିବାରେ ପମ୍ପଡ୍ ଷ୍ଟୋରେଜ୍ ହାଇଡ୍ରୋ ପ୍ରକଳ୍ପ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। ଅଫ୍-ପିକ୍ ସମୟରେ ଅତିରିକ୍ତ ବିଦ୍ୟୁତ୍ ସଂରକ୍ଷଣ କରି ପିକ୍ ଡିମାଣ୍ଡ ସମୟରେ କିମ୍ବା ନବୀକରଣଯୋଗ୍ୟ ଶକ୍ତିର ଉପଲବ୍ଧତା କମ୍ ଥିବା ବେଳେ ଏହାକୁ ବ୍ୟବହାର କରାଯାଇପାରିବ। ୨୦୩୦ ସୁଦ୍ଧା ରାଜ୍ୟରେ ନବୀକରଣଯୋଗ୍ୟ ଶକ୍ତି ଉତ୍ସରୁ ପ୍ରାୟ ୧୧ ହଜାର ମେଗାୱାଟ୍ କ୍ଷମତା ଯୋଗ କରିବାକୁ ଓଡ଼ିଶାର ଲକ୍ଷ୍ୟ ରହିଛି। ଏହି ଲକ୍ଷ୍ୟ ପୂରଣରେ ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପଗୁଡ଼ିକ ଗୁରୁତ୍ୱ ବହନ କରିବ ବୋଲି ସରକାର ଲକ୍ଷ୍ୟ ରଖିଛନ୍ତି। ଅନ୍ୟ ଏକ ପ୍ରସ୍ତାବ ଅନୁଯାୟୀ ଓଡ଼ିଶାରେ ସେମିକଣ୍ଡକ୍ଟର ଶିଳ୍ପର ବିକାଶକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ 'ଓଡ଼ିଶା ସେମିକଣ୍ଡକ୍ଟର ମାନୁଫାକ୍‌ଚରିଂ ଆଣ୍ଡ ଫ୍ୟାବ୍‌ଲେସ୍ ପଲିସି'ର ତୃତୀୟ ସଂଶୋଧନକୁ ମୋହର ମାରିଛି କ୍ୟାବିନେଟ୍। ନୂଆ ବ୍ୟବସ୍ଥାରେ ସେମିକଣ୍ଡକ୍ଟର ଉପକରଣ, ସେମିକଣ୍ଡକ୍ଟର-ଗ୍ରେଡ୍ କେମିକାଲ୍, ସ୍ପେସିଆଲିଟି ଗ୍ୟାସ୍, ଆଡଭାନ୍ସଡ୍ ମ୍ୟାଟେରିଆଲ୍ ଓ ସପ୍ଲାଇ ଚେନ୍‌ର ବିଭିନ୍ନ ଅଂଶକୁ ପ୍ରୋତ୍ସାହନ ମିଳିବ। ଭାରତ ସେମିକଣ୍ଡକ୍ଟର ମିଶନ୍ ଅନୁମୋଦିତ ପ୍ରକଳ୍ପଗୁଡ଼ିକ ପାଇଁ ରାଜ୍ୟ ସରକାର ଯୋଗ୍ୟ ପୁଞ୍ଜି ଖର୍ଚ୍ଚର ୨୫ ପ୍ରତିଶତ ଅତିରିକ୍ତ ଆର୍ଥିକ ସହାୟତା ଦେବ। ଏହା ସହ ମେଗା ପ୍ରକଳ୍ପ ପାଇଁ ସ୍ୱତନ୍ତ୍ର ପ୍ରୋତ୍ସାହନ ପ୍ୟାକେଜ୍‌ର ବ୍ୟବସ୍ଥା ରହିଛି। ସରକାରଙ୍କ ଏହି ପଦକ୍ଷେପ ସେମିକଣ୍ଡକ୍ଟର ଶିଳ୍ପ ସହ ଆନୁଷଙ୍ଗିକ କ୍ଷେତ୍ରରେ ନିଯୁକ୍ତି, ଦକ୍ଷତା ବିକାଶ ଓ ଏମଏସଏମଇ ବିକାଶକୁ ବୃଦ୍ଧି କରିବା ନେଇ ଆଶା କରାଯାଉଛି।

ଅସହାୟ ଶିଶୁମାନଙ୍କ ପାଇଁ ରାଜ୍ୟ ସ୍ତରୀୟ ଯୋଜନା 'ଯଶୋଦା' ଏବଂ ଉପ-ଯୋଜନା 'ଆଶୀର୍ବାଦ'କୁ ଆଗାମୀ ୫ ବର୍ଷ ପାଇଁ ଜାରି ରଖିବାକୁ ନିଷ୍ପତ୍ତି ନେଇଛି କ୍ୟାବିନେଟ। ଏଥିପାଇଁ ୨୯୬.୯୯ କୋଟିର ବ୍ୟୟବରାଦ କରାଯାଇଛି। ଅସହାୟ ଶିଶୁମାନଙ୍କ ସୁଦୃଢ଼ ଆର୍ଥିକ, ଶିକ୍ଷାଗତ ଏବଂ ସାମାଜିକ ସୁରକ୍ଷା ପ୍ରଦାନ ପାଇଁ ଏହି ଯୋଜନା କାର୍ଯ୍ୟକାରୀ କରାଯାଉଛି। ସେହିପରି ଭାବେ ମାଳତୀ ଦେବୀ ପ୍ରାକ୍ ବିଦ୍ୟାଳୟ ପରିଧାନ ଯୋଜନାକୁ ମଧ୍ୟ ଆଉ ୫ ବର୍ଷ ପର୍ଯ୍ୟନ୍ତ ଜାରି ରଖିବା ସମ୍ପର୍କିତ ପ୍ରସ୍ତାବ ଉପରେ କ୍ୟାବିନେଟ ମୋହର ବାଜିଛି। ଏଥିପାଇଁ ୫୮୬ କୋଟି ୫୦ ଲକ୍ଷ ୭୫୪୮୦ ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ଏହାଦ୍ୱାରା ଓଡ଼ିଶାରେ ପ୍ରତିବର୍ଷ ପ୍ରାୟ ୧୪.୬୭ ଲକ୍ଷ ପ୍ରାକ୍ ବିଦ୍ୟାଳୟ ପିଲା ଉପକୃତ ହେବେ।

### ବଦଳିଲା ଏଗ୍ରିଷ୍ଟାକ୍...

ପଞ୍ଜୀକରଣରେ ସମସ୍ୟା ଯୋଗୁଁ ଧାନ କିଣା ପାଇଁ 'ପିପିଏସ୍' ବ୍ୟବସ୍ଥାରେ ପଞ୍ଜୀକରଣରେ ବାଧା ସୃଷ୍ଟି ହେଉଥିବା ନେଇ ଗଣମାଧ୍ୟମରେ ପ୍ରକାଶିତ ଖବରକୁ କ୍ୟାବିନେଟ୍ ଗୁରୁତ୍ୱର ସହ ନେଇଥିବା ସରକାର କହିଛନ୍ତି। ଏହି ପ୍ରସଙ୍ଗରେ କ୍ୟାବିନେଟ୍‌ରେ ବିସ୍ତୃତ ଆଲୋଚନା ହୋଇଥିଲା। ଆଲୋଚନା ପରେ ସ୍ପଷ୍ଟ କରାଯାଇଛି ଯେ, ଏଗ୍ରିଷ୍ଟାକ୍‌ରେ କୃଷକ ପଞ୍ଜୀକରଣ ଏବଂ ଧାନ କିଣା ପାଇଁ 'ପିପିଏସ୍' ପଞ୍ଜୀକରଣ ପରସ୍ପର ସହ ସଂଯୁକ୍ତ ନୁହେଁ। ତେଣୁ ଏଗ୍ରିଷ୍ଟାକ୍ କୃଷକ ରେଜିଷ୍ଟ୍ରିରେ ପଞ୍ଜୀକରଣ ହୋଇନଥିବା କିମ୍ବା ଏଥିରେ କୌଣସି ସମସ୍ୟା ଥିବା କାରଣରୁ କୃଷକମାନେ ଧାନ ବିକ୍ରି ନେଇ ଚିନ୍ତିତ ହେବାର ଆବଶ୍ୟକତା ନାହିଁ।

ସୂଚନା ଥାଉ କି ଚଳିତ ବର୍ଷ ଚାଷୀଙ୍କୁ ପଞ୍ଜିକରଣ କରିବା ପାଇଁ ସମୟରେ ଏଗ୍ରିଷ୍ଟାକ୍ ଆଇଡି ମଗାଯାଉଥିଲା। ଏହି ଆଇଡି କେବଳ ନିଜ ନାମରେ ଥିବା ଜମି ମାଲିକମାନେ ହିଁ ସୃଷ୍ଟି କରିବାରେ ସଫଳ ହେଉଥିଲେ। ମାତ୍ର ଯେଉଁମାନଙ୍କର ବାପା କିମ୍ବା ଜେଜେବାପାଙ୍କ ନାମରେ ଜମି ଅଛି, ସେମାନେ ଏହି ଆଇଡି ପ୍ରସ୍ତୁତ କରିବାରେ ବିଫଳ ହେଉଛନ୍ତି। ଏଥିପାଇଁ ସେମାନେ ପଞ୍ଜିକରଣରୁ ବାଦ୍ ପଡ଼ିବାର ଆଶଙ୍କା ସୃଷ୍ଟି ହୋଇଥିଲା। ଏହି କାରଣ ପାଇଁ ଚାଷୀ ନାନା ସମସ୍ୟାର ସମ୍ମୁଖିନ ହେଉଥିଲେ। ଓଡ଼ିଶାର ପ୍ରାୟ ୭୦ ଭାଗ ଚାଷୀଙ୍କ ନାମରେ ନିଜସ୍ୱ ଜମି ପଟ୍ଟା ନାହିଁ। ଜମି ସେମାନଙ୍କ ବାପା କିମ୍ବା ଜେଜେବାପାଙ୍କ ନାମରେ ରହିଛି। ଏହି କାରଣରୁ ଆଇନଗତ ଉତ୍ତରାଧିକାରୀ ପ୍ରମାଣପତ୍ର ଯୋଗାଡ଼ କରିବା ପାଇଁ ଚାଷୀଙ୍କୁ ଆର୍ଆଇ ଅଫିସକୁ ଦୌଡ଼ିବାକୁ ପଡୁଥିଲା। ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଏହି ପ୍ରକ୍ରିୟା ଶେଷ କରି ଖରିଫ ପଞ୍ଜୀକରଣ କରିବା ମଧ୍ୟ ଚାଷୀଙ୍କ ପାଇଁ କାଠିକର ପାଠ ହୋଇଥାନ୍ତା। ଏହାକୁ ନେଇ ସାରା ରାଜ୍ୟରେ ଚାଷୀଙ୍କ ମଧ୍ୟ ଅସନ୍ତୋଷ ବଢ଼ିବା ସହ ଉଭୟ ବିଜେଡି ଓ କଂଗ୍ରେସ ମଧ୍ୟ ସରକାରଙ୍କୁ ଏହି ପ୍ରସଙ୍ଗରେ ଘେରିଥିଲେ। ଏବେ ଏହି ନିଷ୍ପତ୍ତି ପରିବର୍ତ୍ତନ ସହ ଚାଷୀଙ୍କୁ ସରକାର ଆଶ୍ୱସ୍ତ କରିଛନ୍ତି।

### କର୍ପୋରେଟ ସଂସ୍ଥାର...

ଶ୍ରମିକଙ୍କ ସ୍ୱାର୍ଥ ସୁରକ୍ଷା, ବିକଳ୍ପ ଜୀବିକା ଏବଂ ଯଥୋଚିତ କ୍ଷତିପୂରଣ ନିଶ୍ଚିତ କରିବା ଆବଶ୍ୟକ। ହେଲେ ସରକାର କେବଳ ନୀତିଗତ ବ୍ୟବସ୍ଥା କଥା କହୁଛନ୍ତି; କିନ୍ତୁ ବାସ୍ତବତଃ ଏହାର କୌଣସି କାର୍ଯ୍ୟାନ୍ୱୟନ ହେଉ ନ ଥିବା ମଧ୍ୟ ଅଭିଯୋଗ ହୋଇଛି। ଏପରିକି କର୍ପୋରେଟ ସଂସ୍ଥାର ଆବଶ୍ୟକତା ପାଇଁ ଏହି ଜମି ଉଚ୍ଛେଦ କରାଯାଉଛି ଏବଂ ପରବର୍ତ୍ତୀ ସମୟରେ ଏହାକୁ ଦୀର୍ଘକାଳୀନ ଲିଜ୍ ମାଧ୍ୟମରେ ପ୍ରଦାନ କରାଯାଇପାରେ ବୋଲି ଅନେକ ଆଶଙ୍କା ପ୍ରକାଶ କରିଛନ୍ତି।

**ଶ୍ରୀମନ୍ଦିରରେ ଚିତା ଲାଗି ନୀତି**

## ଶ୍ରୀମୁଖରେ ଝଲସିଲା ରତ୍ନ ଚିତା

ପୁରୀ,୧୨।୮ (ସମିସ): ପବିତ୍ର ଚିତାଲାଗି ଅମାବାସ୍ୟା ତିଥିରେ ବୁଧବାର ଶ୍ରୀମନ୍ଦିରରେ ଚିତା ଲାଗି ନୀତି ସମ୍ପନ୍ନ ହୋଇଛି। ତିନିଠାକୁରଙ୍କୁ ଦଇତାପତି ସେବକମାନେ ରତ୍ନଖଚିତ ସୁବର୍ଣ୍ଣ ଚିତା ଲାଗି କରାଇଛନ୍ତି। ମହାପ୍ରଭୁଙ୍କ ଶ୍ରୀମୁଖରେ ଝଲସିଉଠୁଛି ରତ୍ନଚିତା। ଶ୍ରୀମନ୍ଦିରରେ ଅପରାହ୍ଣ ୨ଟା ୫୦ରେ ଭୋଗମଣ୍ଡପ ନୀତି ସମ୍ପନ୍ନ ପରେ ପୁଷ୍ପାଳକ ସେବକ ତିନିବାଡ଼ରେ ମଇଲମ କରିଥିଲେ। ରତ୍ନସିଂହାସନରୁ ଶ୍ରୀଦେବୀ ଓ ଭୁଦେବୀଙ୍କୁ ହାତରେ ନିଆଯାଇ ଖଟଶେଜ ଘରେ ବିଜେ କରାଯାଇଥିଲା। ଏହାପରେ ୩ଟା ୧୦ରେ ଜୟ ବିଜୟ ଦ୍ୱାର ବନ୍ଦ ହୋଇଥିଲା। ଅପରାହ୍ଣ ୩ଟା ୧୫ରେ ଦଇତାପତି ସେବକମାନେ ଚିତା ଲାଗି ପାଇଁ ଗର୍ଭଗୃହକୁ ପ୍ରବେଶ କରିଥିଲେ। ରତ୍ନସିଂହାସନକୁ ଯାଇ ପ୍ରଥମେ ବଡ଼ଠାକୁର ଶ୍ରୀବଳଭଦ୍ର ପରେ ଦେବୀ ସୁଭଦ୍ରା ଏବଂ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ରତ୍ନଖଚିତ ସୁବର୍ଣ୍ଣ ଚିତା ଲାଗି କରାଇଥିଲେ। ଶୁଦ୍ଧସୁଆରଙ୍କ ଘରୁ ଆସିଥିବା ଓଷ ଓ ପାଟରା ସେବକଙ୍କଠାରୁ ଆସିଥିବା ପାଟଡୋର ଦ୍ୱାରା ତିନିଠାକୁରଙ୍କ ଶ୍ରୀମୁଖରେ ଏହି ଚିତା ଲାଗି କରାଇଥିଲେ। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ହୀରା ଖଚିତ ସୁବର୍ଣ୍ଣ ଚିତା ଲାଗି କରାଯାଇଥିବା ବେଳେ ବଡ଼ଠାକୁର ଶ୍ରୀବଳଭଦ୍ର ନୀଳା ଖଚିତ ସୁବର୍ଣ୍ଣ ଚିତା ଏବଂ ଦେବୀ ସୁଭଦ୍ରା ମାଣିକ୍ୟ ଖଚିତ ସୁବର୍ଣ୍ଣ ଚିତା ଲାଗି ହୋଇଥିଲେ। ସନ୍ଧ୍ୟା ୬ଟା ୨୫ରେ ଚିତା ଲାଗି ସମ୍ପନ୍ନ ପରେ ପୂଜାପଣ୍ଡା ସାମନ୍ତ ତିନିବାଡ଼ରେ ମହାସ୍ନାନ କରିଥିଲେ। ପରେ ଖଟଶେଜ ଘରେ ଥିବା ଶ୍ରୀଦେବୀ, ଭୂଦେବୀଙ୍କୁ ରତ୍ନସିଂହାସନକୁ ବିଜେ କରାଯାଇଥିଲା। ମାଳଫୁଲ ଲାଗି ବେଶ ବଢ଼ିବା ପରେ ମହାପ୍ରଭୁଙ୍କୁ ୬ ମୂର୍ତ୍ତି ଅଳଙ୍କାର ଲାଗି ହୋଇଥିଲା। ମଧ୍ୟାହ୍ନ ଧୂପ ବଢ଼ି ପାଣି ପଡ଼ିବା ପରେ ପୂଜାପଣ୍ଡା, ମୁଦିରସ୍ତ ଏବଂ ପତିମହାପାତ୍ର ତିନିବାଡ଼ରେ ବନ୍ଦାପନା କରିଥିଲେ। ଏହାପରେ ଶ୍ରୀମନ୍ଦିରରେ ଅନ୍ୟାନ୍ୟ ନୀତି ବଢ଼ିଥିଲା। ଚିତା ଲାଗି ତଥା ଚିତଉ ଅମାବାସ୍ୟାରେ ଠାକୁରଙ୍କୁ ସକାଳ ଧୂପରେ ଚିତଉ ପିଠା ଲାଗି କରାଯାଇଥିଲା।

ସୂଚନାଯୋଗ୍ୟ, ସ୍ନାନ ପୂର୍ଣ୍ଣିମା ଦିନ ଅଣସର ଘରେ ଠାକୁରମାନଙ୍କ ଶ୍ରୀମସ୍ତକରୁ ଚିତାମାନ ଓଲାଗି କରାଯାଇ ରଖାଯାଇଥାଏ। ଶ୍ରୀଗୁଣ୍ଡିଚା ଯାତ୍ରାରେ ତିନିଠାକୁର ରଥରେ ସୋଲ ନିର୍ମିତ ଚିତା ଧାରଣ କରିଥାନ୍ତି। ଚିତାଲାଗି ଅମାବାସ୍ୟାରେ ସୋଲ ଚିତା ଓଲାଗି ହୋଇ ରତ୍ନଖଚିତ ସୁବର୍ଣ୍ଣ ଚିତା ଠାକୁରମାନେ ଲାଗି ହୋଇଥାନ୍ତି।

**■ ଆଜି ମହାପ୍ରଭୁଙ୍କ ବନକଲାଗି**

## ୪ ଘଣ୍ଟା ବନ୍ଦ ରହିବ ଦର୍ଶନ

ପୁରୀ,୧୨।୮ (ସମିସ): ଶ୍ରାବଣ ଶୁକ୍ଳ ପ୍ରତିପଦ ତିଥିରେ ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବନକଲାଗି ବା ଶ୍ରୀମୁଖ ଶୃଙ୍ଗାର ନୀତି ଅନୁଷ୍ଠିତ ହେବ। ଏଥିପାଇଁ ଦ୍ୱିତୀୟ ଭୋଗମଣ୍ଡପ ଶେଷ ହେବା ପରେ ଆପାତତଃ ସନ୍ଧ୍ୟା ୬ଟାରୁ ରାତି ୧୦ଟା ୪ଘଣ୍ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବନକଲାଗି ହେଉଛି ମହାପ୍ରଭୁଙ୍କର ଏକ ଗୁପ୍ତ ନୀତି। ଏହି ନୀତି ପାଇଁ ଜୟ ବିଜୟ ଦ୍ୱାର ବନ୍ଦ ରହିବ। ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ। ଏଥିପାଇଁ ଦତ୍ତମହାପାତ୍ର ସେବକ ପ୍ରାକୃତିକ ରଙ୍ଗ ପ୍ରସ୍ତୁତ କରିଥାନ୍ତି।


**ପଶ୍ଚିମ ରେଳବାଇ - ରତଲାମ ମଣ୍ଡଳ**

ନଂ.: W/623/5/1/NIT, ତାରିଖ- ୧୧.୦୮.୨୦୨୬

**ଇ-ଟେଣ୍ଡରିଂ ବିଜ୍ଞପ୍ତି**

ମଣ୍ଡଳ କାର୍ଯ୍ୟାଳୟ, ରତଲାମ କାର୍ଯ୍ୟାଳୟ (କାର୍ଯ୍ୟ ଶାଖା), ପଶ୍ଚିମ ରେଳବାଇ, ରତଲାମ ମଣ୍ଡଳ ପକ୍ଷରୁ ନିମ୍ନଲିଖିତ କାର୍ଯ୍ୟ ପାଇଁ "ଖୋଲା ଟେଣ୍ଡର" ଇ-ଟେଣ୍ଡର ମାଧ୍ୟମରେ ୱେବସାଇଟ୍ www.ireps.gov.in ରେ ଆମନ୍ତ୍ରଣ କରାଯାଉଛି। କ୍ରମିକ ନଂ.: ୧, ଇ-ଟେଣ୍ଡର ନଂ.: RTM-2026-27-44, କାର୍ଯ୍ୟର ନାମ: Godhra - Nagda Section - Br. No. 169, 195, 302, 306 (UP/DN) ଠାରେ ଷ୍ଟିଲ୍ ଗର୍ଡରଗୁଡ଼ିକୁ PSC ସ୍ଲାବ୍‌ରେ ପରିବର୍ତ୍ତନ କରିବା ସମ୍ବନ୍ଧରେ ବିଦ୍ୟମାନ ଷ୍ଟିଲ୍ ଗର୍ଡର୍ ବ୍ରିଜ୍‌ଗୁଡ଼ିକର ପିଅର୍/ଆବଟମେଣ୍ଟରେ ଜ୍ୟାକେଟିଂ ଏବଂ ସୁଦୃଢ଼ୀକରଣ କାର୍ଯ୍ୟ। ଆନୁମାନିକ ମୂଲ୍ୟ: ଟ. ୫,୦୫,୦୭,୨୪୦.୩୨/-, ବୟନା ରାଶି: ଟ. ୧୦,୧୦,୨୦୦/-, କାର୍ଯ୍ୟ ସମାପ୍ତି ଅବଧି: ୧୨ ମାସ, ୱେବସାଇଟ୍‌ରେ ଅପଲୋଡ୍ ତାରିଖ: ୧୦.୦୮.୨୦୨୬, ଟେଣ୍ଡର ଖୋଲିବା ତାରିଖ: ୦୨.୦୯.୨୦୨୬। କ୍ରମିକ ନଂ.: ୨, ଇ-ଟେଣ୍ଡର ନଂ.: RTM-2026-27-85, କାର୍ଯ୍ୟର ନାମ: ରତଲାମ - ନାଗଦା ଷ୍ଟେସନର PF ନଂ. ୨, ୩, ୪ ଏବଂ ୫ ଏବଂ ଦାହୋଦର PF ନଂ. ୧ ଠାରେ Ballast-less Track ବ୍ୟବସ୍ଥା କରିବା। ଆନୁମାନିକ ମୂଲ୍ୟ: ଟ. ୩୦,୫୦,୫୪,୮୯୯.୦୦/-, ବୟନା ରାଶି: ଟ. ୬୧,୦୦,୧୦୦/-, କାର୍ଯ୍ୟ ସମାପ୍ତି ଅବଧି: ୧୮ ମାସ, ୱେବସାଇଟ୍‌ରେ ଅପଲୋଡ୍ ତାରିଖ: ୧୧.୦୮.୨୦୨୬, ଟେଣ୍ଡର ଖୋଲିବା ତାରିଖ: ୦୪.୦୯.୨୦୨୬। ବିସ୍ତୃତ ଟେଣ୍ଡର ବିଜ୍ଞପ୍ତି, ଯୋଗ୍ୟତା ଏବଂ ନିୟମ ଓ ସର୍ତ୍ତାବଳୀ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ।

AK/5/1/201

Like us on: facebook.com/WesternRly



13001/1510/2627

**OFFICE OF THE NOTIFIED AREA COUNCIL, REDHAKHOL. (ODISHA), DIST- SAMBALPUR**
E-mail:- eonacrdl@gmail.com

No. 2701 /NAC | Dated. 11.08.2026

**NOTICE INVITING SHORT QUOTATIONS**

Sealed quotations are hereby invited from interested parties/suppliers having valid GSTIN for the renovation of the Council Hall for conversion into a Video Conferencing Room, including panelling with ply and Sunmica including electrical items, at Redhakhol NAC. The sealed quotations should reach the undersigned on or before **11:30 A.M. on 17.08.2026**. The quotations shall be opened on the same day at **12:00 Noon** in the presence of the quotationers or their authorized representatives/agents. The successful quotationer shall be required to complete the work within **04 (four) days** from the date of issue of the work order, failing which the work order shall stand cancelled. The cost of transportation of all materials shall be borne by the supplier.

The undersigned reserves the right to accept or reject any or all quotations, either in full or in part, without assigning any reason thereof.

Executive Officer,
NAC, Redhakhol.

OIPR-13001/13175/1/26-27/0013



**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 1097, dated 07.08.2026, I, RAJKISHOR SOURA, Son of - Ganga Soura, permanent resident of Village - Tumberla, PO - Tumberla, PS - Papadahandi, Dist - Nabarangpur, Odisha, Pin - 764071, declare that I have changed my name from RAJAKISWARI SOURA to RAJKISHOR SOURA. Henceforth, I shall be known as **RAJKISHOR SOURA** for all purposes.

Sd/- Rajkishor Soura

**AFFIDAVIT**

By virtue of an affidavit no. 19 before Addl. Executive Magistrate, Phiringia, Kandhamal, dtd.12.08.2026, I, Pitabas Kanhar, At-Similisha, Po-Phiringia, Dist-Kandhamal-762011do hereby declare that I have changed the name of my minor son from Antish Kanhar to Hardip Kanhar. Henceforth, he shall be known as **Hardip Kanhar** for all purposes.

Sd/-PITABAS KANHAR

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 1098, dated 10.08.2026, I, MANAMADA DORA, Son of - P Ramurty Dora, Resident of Village - Dungriguda, PO - Bikrampur, PS - Nabarangpur, Dist - Nabarangpur, Odisha, Pin - 764059, declare that I have changed my name from MANMADA DORA to MANAMADA DORA. Henceforth, I shall be known as **MANAMADA DORA** for all purposes.

Sd/- Manamada Dora

**AFFIDAVIT**

I, Stithi Prajna, D/o - Prashanta Kumar Sahoo, resident of Flat No- 502, Banalata Appartment, Saheed Nagar, Bhubaneswar, Dist-Khorda, Pin- 751007, Odisha declare by this affidavit No- 3500, dated-11.08.2026 that now onwards I shall be known as **STITHI PRAJNA SAHOO** for all future purposes.

**AFFIDAVIT**

By virtue of an affidavit before Executive Magistrate, Bhadrak vide affidavit No-8482 on dtd 20.07.26. I, Ajaya Kumar Mohanty, S/o.- Late Laxmidhar Mohanty, R/o Vill- Bandiarisahi, P.o-Biradia, Dist- Bhadrak, Odisha -756129, declare that my name has been wrongly mentioned as "ajay Kumar Mohanty "in the class 10 educational records of my daughter, Sushmita Mohanty. My correct name is **"Ajaya Kumar Mohanty "**, which may kindly be read and amended accordingly.

Sd/- Ajaya Kumar Mohanty



ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
सेन्ट्रल बैंक ऑफ़ इंडिया
Central Bank of India
CENTRAL TO YOU SINCE 1911

**ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
(ଭାରତ ସରକାରଙ୍କ ଏକ ଉପକ୍ରମ)
ଭୁବନେଶ୍ୱର ଶାଖା, ୧୦୮, ସୂର୍ଯ୍ୟ ନଗର, ୟୁନିଟ୍-୭
ଭୁବନେଶ୍ୱର-୭୫୧୦୦୩, ମୋବାଇଲ: ୭୩୮୧୦୧୦୨୩୪
ଇମେଲ: bmbhub1234@centralbank.bank.in

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**
(ସ୍ଥାବର ସମ୍ପତ୍ତି ନିମନ୍ତେ)

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) ବ୍ୟବସ୍ଥା ଅନୁଯାୟୀ ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ପାଇଁ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।**

ଏତଦ୍‌ଦ୍ୱାରା ସର୍ବସାଧାରଣ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କୁ ଜଣାଇ ଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ସ୍ଥାବର ସମ୍ପତ୍ତି ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ / ଚାର୍ଜ ସୂତ୍ରରେ ରହିଅଛି ଯାହା ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ/ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା **ଗଠନାତ୍ମକ/ ସାଙ୍କେତିକ ଦଖଲ** ନିଆଯାଇଅଛି, ଯାହାକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"** ଭିତ୍ତିରେ ନିମ୍ନଦର୍ଶିତ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ଠାରୁ ବ୍ୟାଙ୍କ / ସୁରକ୍ଷିତ ଋଣଦାତାଙ୍କ ବକେୟା ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ନିର୍ଦ୍ଦିଷ୍ଟ ତାରିଖ ଏବଂ ସମୟରେ ସମ୍ପତ୍ତିକୁ ବିକ୍ରୟ କରାଯିବ। ସମ୍ପୃକ୍ତ ସମ୍ପତ୍ତିଗୁଡ଼ିକ ନିମନ୍ତେ ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ନିମ୍ନରେ ଦର୍ଶାଯାଇଛି।

| ଭୁବନେଶ୍ୱର ଶାଖା / ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ଜାମିନ୍‌ଦାର ଏବଂ ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ରାଶି/ ଡିମାଣ୍ଡ ନୋଟିସ୍ ତାରିଖ/ ଦଖଲ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା ରାଶି / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ଋଣଗ୍ରହୀତା: ୧) ମେସର୍ସ ଓଡିଆଇ ଟେକ୍ ପ୍ରପର୍ଟିଜ୍ ପ୍ରାଇଭେଟ୍ ଲିମିଟେଡ୍, ସା: ପ୍ଲଟ୍ ନଂ.: ୧୬, ଡିଷ୍ଟ୍ରିକ୍ଟ ସେଣ୍ଟର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଓଡ଼ିଶା, ପିନ୍-୭୫୧୦୧୬, ୨) ଶ୍ରୀ ରଞ୍ଜନ କୁମାର ନନ୍ଦ (ପରିଚାଳନା ନିର୍ଦ୍ଦେଶକ), ପିତା: ୰ ଯୁଗଳ କିଶୋର ନନ୍ଦ, ୩) ଶ୍ରୀମତୀ ରଞ୍ଜନା ଷଡଙ୍ଗୀ (ନିର୍ଦ୍ଦେଶକ), ସ୍ୱାମୀ: ଶ୍ରୀ ରଞ୍ଜନ କୁମାର ନନ୍ଦ, ୪) ଶ୍ରୀମତୀ ରେଣୁବାଳା ନନ୍ଦ (ନିର୍ଦ୍ଦେଶକ), ସ୍ୱାମୀ: ୰ ଯୁଗଳ କିଶୋର ନନ୍ଦ, ସମସ୍ତଙ୍କ ଠିକଣା- ସା: ପ୍ଲଟ୍ ନଂ.: ୩୧୧/ ୨୧୬୧, ନୀଳାଦ୍ରି ବିହାର, ମେନ୍ ରୋଡ୍, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଓଡ଼ିଶା, ପିନ୍-୭୫୧୦୨୧ | ଜାମିନଦାର ଏବଂ ବନ୍ଧକଦାତାମାନେ: ୧) ଶ୍ରୀ ରଞ୍ଜନ କୁମାର ନନ୍ଦ (ପରିଚାଳନା ନିର୍ଦ୍ଦେଶକ), ପିତା: ୰ ଯୁଗଳ କିଶୋର ନନ୍ଦ, ୨) ଶ୍ରୀମତୀ ରଞ୍ଜନା ଷଡଙ୍ଗୀ (ନିର୍ଦ୍ଦେଶକ), ସ୍ୱାମୀ: ଶ୍ରୀ ରଞ୍ଜନ କୁମାର ନନ୍ଦ, ୩) ଶ୍ରୀମତୀ ରେଣୁବାଳା ନନ୍ଦ (ନିର୍ଦ୍ଦେଶକ), ସ୍ୱାମୀ: ୰ ଯୁଗଳ କିଶୋର ନନ୍ଦ, ସମସ୍ତଙ୍କ ଠିକଣା- ସା: ପ୍ଲଟ୍ ନଂ.: ୩୧୧/୨୧୬୧, ନୀଳାଦ୍ରି ବିହାର, ମେନ୍ ରୋଡ୍, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଓଡ଼ିଶା, ପିନ୍-୭୫୧୦୨୧, ୪) ଶ୍ରୀ ଅରବିନ୍ଦ କୁମାର ଛୋଟରାୟ, ପିତା: ସୁରେନ୍ଦ୍ରନାଥ ଛୋଟରାୟ, ସା: ତରାପି, ପୋ: ସୋରଣ, ଥାନା: ଟାଙ୍ଗୀ, ଜିଲ୍ଲା: ଖୋର୍ଦ୍ଧା, ୫) ଶ୍ରୀ ପ୍ରଦୀପ୍ତ କୁମାର ମହାନ୍ତି, ପିତା: ୰ ଲକ୍ଷ୍ମୀଧର ମହାନ୍ତି, ସା: ପ୍ଲଟ୍ ନଂ.: ୨୬୧(ଅଂଶ), ନୀଳାଦ୍ରି ନଗର, ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ୬) ଶ୍ରୀ ଅଶୋକ କୁମାର ମହାନ୍ତି, ପିତା: ସର୍ବେଶ୍ୱର ମହାନ୍ତି, ସା: ପ୍ଲଟ୍ ନଂ.: ୧୮୨, ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା | (୧) ମେସର୍ସ ଓଡିଆଇ ଟେକ୍ ପ୍ରପର୍ଟିଜ୍ ପ୍ରାଇଭେଟ୍ ଲିମିଟେଡ୍‌ର ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଡୁମୁଡୁମା, ତହସିଲ/ଏସ୍ଆରଓ: ଭୁବନେଶ୍ୱର, ଥାନା: ଖଣ୍ଡଗିରି, ଥାନା ନଂ. ୪, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୪୩୨/୧୮୭୮, ପ୍ଲଟ୍ ନଂ.: ୫୬୪/୩୭୭୪, କ୍ଷେତ୍ର: ଏକର୦.୦୭୫ ଡିସିମିଲି, ଖାତା ନଂ.: ୪୩୨/୧୮୮୫, ପ୍ଲଟ୍ ନଂ.: ୫୬୫/ ୩୭୭୭, କ୍ଷେତ୍ର: ଏକର୦.୧୨୫ ଡିସିମିଲି, ଖାତା ନଂ.: ୪୩୨/୧୮୮୬, ପ୍ଲଟ୍ ନଂ.: ୫୬୪, କ୍ଷେତ୍ର: ଏକର୦.୧୨୫ ଡିସିମିଲି, ଖାତା ନଂ.: ୨୩୯୫, ପ୍ଲଟ୍ ନଂ.: ୫୫୯/୫୯୪୭, କ୍ଷେତ୍ର: ଏକର୦.୦୨୨ ଡିସିମିଲି, ଏହାର ଚାରିପାର୍ଶ୍ୱରେ- ପୂର୍ବ: ପ୍ଲଟ୍ ନଂ. ୫୬୮, ୫୬୫ ଏବଂ ୫୬୬, ପଶ୍ଚିମ: ପ୍ଲଟ୍ ନଂ. ୫୬୪, ୫୬୫(ଅଂଶ), ଉତ୍ତର: ପ୍ଲଟ୍ ନଂ. ୫୭୦, ଦକ୍ଷିଣ: ରାସ୍ତା | ଟ.୭,୯୬,୩୭,୨୮୫/- ଯୁକ୍ତ ସୁଧ ଏବଂ ସେବାବଦ ଖର୍ଚ୍ଚ / ୨୭.୦୪.୨୦୨୬ / ୨୮.୦୭.୨୦୨୬ | ଟ.୧୯,୩୨,୮୭,୦୦୦/- / ଟ.୧,୯୩,୨୮,୭୦୦/- / ଟ.୫୦,୦୦୦/- |
| | | (୨) ମେସର୍ସ ଓଡିଆଇ ଟେକ୍ ପ୍ରପର୍ଟିଜ୍ ପ୍ରାଇଭେଟ୍ ଲିମିଟେଡ୍‌ର ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ନିର୍ମଳା, ତହସିଲ: ପିପିଲି, ଥାନା: ପିପିଲି, ଥାନା ନଂ. ୧୫୬, ଜିଲ୍ଲା: ପୁରୀ, ଖାତା ନଂ.: ୩୨୨/୨୦୩, ପ୍ଲଟ୍ ନଂ.: ୨୮୬, କ୍ଷେତ୍ର: ଏକର୧.୦୫ ଡିସିମିଲି, ଏହାର ଚାରିପାର୍ଶ୍ୱରେ- ପୂର୍ବ: ଖୁଦ ସେଠୀ ଏବଂ ଅନ୍ୟମାନେ, ପଶ୍ଚିମ: ରାସ୍ତା, ଉତ୍ତର: ଚକ ନାଳି, ଦକ୍ଷିଣ: ସୂର୍ଯ୍ୟମଣୀ ସାହୁ | | ଟ.୨,୧୯,୪୧,୦୦୦/- / ଟ.୨୧,୯୪,୧୦୦/- / ଟ.୫୦,୦୦୦/- |
| | | (୩) ମେସର୍ସ ଓଡିଆଇ ଟେକ୍ ପ୍ରପର୍ଟିଜ୍ ପ୍ରାଇଭେଟ୍ ଲିମିଟେଡ୍‌ର ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ସହଜପୁର, ତହସିଲ: ପିପିଲି, ଜିଲ୍ଲା: ପୁରୀ, ଖାତା ନଂ.: ୩୬୮/୧୪୭, ପ୍ଲଟ୍ ନଂ.: ୩୬୨, କ୍ଷେତ୍ର: ଏକର୦.୦୨୦ ଡିସିମିଲି, ପ୍ଲଟ୍ ନଂ.: ୪୨୮, କ୍ଷେତ୍ର: ଏକର୦.୧୩୦ ଡିସିମିଲି, ପ୍ଲଟ୍ ନଂ.: ୩୬୩, କ୍ଷେତ୍ର: ଏକର୦.୦୪୦ ଡିସିମିଲି, ଖାତା ନଂ.: ୩୬୮/୧୪୮, ପ୍ଲଟ୍ ନଂ.: ୩୫୮/୯୮୧, କ୍ଷେତ୍ର: ଏକର୦.୧୬୦ ଡିସିମିଲି, ପ୍ଲଟ୍ ନଂ.: ୩୬୧, କ୍ଷେତ୍ର: ଏକର୦.୧୪୦ ଡିସିମିଲି, ପ୍ଲଟ୍ ନଂ.: ୩୬୪, କ୍ଷେତ୍ର: ଏକର୦.୧୫୦ ଡିସିମିଲି, ପ୍ଲଟ୍ ନଂ.: ୩୫୯/୯୮୯, କ୍ଷେତ୍ର: ଏକର୧.୦୦ ଡିସିମିଲି, ଖାତା ନଂ.: ୩୬୮/୧୪୯, ପ୍ଲଟ୍ ନଂ.: ୩୫୭, କ୍ଷେତ୍ର: ଏକର୨.୧୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ- ପୂର୍ବ: ମୌଜା ଜନାର୍ଦ୍ଦନପୁର ସରହଦ, ପଶ୍ଚିମ: ଚକ ରାସ୍ତା, ଉତ୍ତର: ପ୍ଲଟ୍ ନଂ. ୩୫୫, ଦକ୍ଷିଣ: କ୍ରେତା | | ଟ.୨,୬୦,୪୬,୦୦୦/- / ଟ.୨୬,୦୪,୬୦୦/- / ଟ.୫୦,୦୦୦/- |

୧. ଇ-ନିଲାମ ତାରିଖ ଏବଂ ସମୟ: ୧୮.୦୯.୨୦୨୬ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ, ପ୍ରତ୍ୟେକ ୧୦ ମିନିଟ୍‌ର ସ୍ୱତଃ ବର୍ଦ୍ଧିତ ସମୟ ସହିତ
୨. ଅମାନତ ଜମା ରାଶି ଅନ୍‌ଲାଇନ୍‌ରେ ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ: ୧୮.୦୯.୨୦୨୬ ରିଖ ଅପରାହ୍ନ ୪.୦୦ ଘଟିକା ସୁଦ୍ଧା
୩. ସମ୍ପତ୍ତି ତନଖି ତାରିଖ ଏବଂ ସମୟ: ୧୩.୦୮.୨୦୨୬ରୁ ୧୭.୦୯.୨୦୨୬, ଭୁବନେଶ୍ୱର ଶାଖା ମୁଖ୍ୟଙ୍କ ପରାମର୍ଶରେ ଯେକୌଣସି କାର୍ଯ୍ୟଦିବସରେ କାର୍ଯ୍ୟାଳୟ ସମୟ ମଧ୍ୟରେ
୪. ଇ-ନିଲାମ ବିକ୍ରୟରେ ଅଂଶଗ୍ରହଣ କରିବା ପାଇଁ, ଇଚ୍ଛୁକ ନିଲାମଧାରୀମାନେ ସେବା ପ୍ରଦାନକାରୀଙ୍କୁ ସେମାନଙ୍କର ବିବରଣୀ https://baanknet.com/eauction-psb/bidder-registration ରେ ସଠିକ ଭାବେ ପଞ୍ଜିକୃତ କଲାପରେ, ୟୁଜର ଆଇଡ଼ି ଏବଂ ପାସୱାର୍ଡ ପାଇପାରିବେ। ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ଦୟାକରି https://baanknet.com ରେ ପ୍ରଦତ୍ତ ଲିଙ୍କକୁ ଅନୁସରଣ କରନ୍ତୁ ଏବଂ ସୁରକ୍ଷିତ ଋଣଦାତାଙ୍କ ୱେବସାଇଟ୍ ଯଥା www.centralbankofindia.bank.in ଦେଖନ୍ତୁ। ଆଗ୍ରହୀ ନିଲାମଧାରୀମାନେ ଯେଉଁମାନେ ଲଗଇନ୍ ଆଇଡ଼ି ଏବଂ ପାସୱାର୍ଡ ସୃଷ୍ଟି କରିବାରେ, ଡାଟା ଅପଲୋଡ୍ କରିବାରେ ସହାୟତା ଆବଶ୍ୟକ କରନ୍ତି, ଦୟାକରି URL: https://baanknet.comରେ USER MANUAL ଦେଖନ୍ତୁ। ଯେକୌଣସି ସହାୟତା ନିମନ୍ତେ ଦୟାକରି ମୋବାଇ ନଂ.: ୮୨୯୧୨୨୦୨୨୦ରେ କଲ କରନ୍ତୁ କିମ୍ବା ମେଲ୍ ଆଇଡ଼ି: support.baanknet@psballiance.com କୁ ମେଲ କରନ୍ତୁ।
୫. ସମ୍ପତ୍ତି ସମ୍ବନ୍ଧୀୟ କୌଣସି ପ୍ରଶ୍ନ ଥିଲେ, ନିଲାମଧାରୀମାନେ: ଶ୍ରୀ ରୋହିତ କୁମାର ଝା, ଶାଖା ମୁଖ୍ୟ, ଭୁବନେଶ୍ୱର ଶାଖା, ମୋବାଇଲ ନଂ.: ୭୩୮୧୦୧୦୨୩୪, ଇମେଲ୍ ଆଇଡ଼ି: bmbhub1234@centralbank.bank.in ରେ କାର୍ଯ୍ୟଦିବସରେ କାର୍ଯ୍ୟାଳୟ ସମୟ ମଧ୍ୟରେ ଯୋଗାଯୋଗ କରିପାରିବେ।
୬. କ୍ରେତା ପ୍ରଯୁଜ୍ୟ ଷ୍ଟାମ୍ପ ଡ୍ୟୁଟି / ଅତିରିକ୍ତ ଷ୍ଟାମ୍ପ ଡ୍ୟୁଟି / ଟ୍ରାନ୍ସଫର ଚାର୍ଜ, ଫି ଇତ୍ୟାଦି ଏବଂ ସମସ୍ତ ବୈଧାନିକ / ଅଣ-ବୈଧାନିକ ଦେୟ, ଟିକସ, ଟିଡିଏସ୍, ରେଟ୍ସ, ଫି ଇତ୍ୟାଦି ଯଦି କାହାକୁ ଦେବାକୁ ଥାଏ ତାହା ବହନ କରିବେ।
୭. ଅନ୍ୟାନ୍ୟ ନିୟମ ଏବଂ ସର୍ତ୍ତାବଳୀ ନିଲାମ ସାଇଟ୍‌ରେ ଉପଲବ୍ଧ।

**ସରଫେଶୀ ଆକ୍ଟ ୨୦୦୨ର ରୁଲ୍ ୮(୬) ଅନୁଯାୟୀ ୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍।**

ସ୍ଥାନ: ଭୁବନେଶ୍ୱର, ତାରିଖ: ୧୨.୦୮.୨୦୨୬ | କ୍ଷମତାପ୍ରାପ୍ତ ଅଧିକାରୀ, ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

### ଉପକୂଳ ଗାଁକୁ ଚିନ୍ତାରେ ପକାଉଛି ବେଆଇନ ଇଟାଭାଟି

# ବଢୁଛି ବାୟୁ ପ୍ରଦୂଷଣ, ନଷ୍ଟ ହେଉଛି ଉର୍ବର ମାଟି

ଚନ୍ଦନେଶ୍ୱର, ୧୨।୮ (ସମିସ)



ଉପକୂଳ ଅଞ୍ଚଳର ନିର୍ମଳ ପରିବେଶ ଏବେ ବେଆଇନ ଇଟାଭାଟିର କଳାଧୂଆଁରେ ଆଚ୍ଛାଦିତ ହେବାକୁ ବସିଛି। ଭୋଗରାଇ ବ୍ଲକର ବିଭିନ୍ନ ଅଞ୍ଚଳରେ ଦିନକୁ ଦିନ ଇଟାଭାଟି ସଂଖ୍ୟା ବଢୁଥିବା ବେଳେ ଏହାର ପ୍ରତିକୂଳ ପ୍ରଭାବ ପଡୁଛି ପରିବେଶ, କୃଷିଜମି ଓ ଜନଜୀବନ ଉପରେ। ବିଶେଷକରି ସୁବର୍ଣ୍ଣରେଖା ନଦୀକୂଳ ଭଳି ପରିବେଶ ସମ୍ବେଦନଶୀଳ ଅଞ୍ଚଳରେ ମାଟି ଖନନ ଓ ଇଟା ପୋଡ଼ିବା ଯୋଗୁଁ ପ୍ରାକୃତିକ ସନ୍ତୁଳନ ଗୁରୁତର ଭାବେ ବିଗିଡ଼ିବାର ଆଶଙ୍କା ଦେଖାଦେଇଛି। ଏହାକୁ ନେଇ ଉପକୂଳବାସୀଙ୍କ ମଧ୍ୟରେ ଦିନକୁ ଦିନ ଅସନ୍ତୋଷ ଓ ଉଦ୍‌ବେଗ ବଢୁଛି। ଭୋଗରାଇ ବ୍ଲକର ଜୀବନରେଖା ଭାବେ ପରିଚିତ ସୁବର୍ଣ୍ଣରେଖା ନଦୀ ଏହି ଅଞ୍ଚଳର ଅର୍ଥନୀତି ଓ କୃଷି ବ୍ୟବସ୍ଥାର ମୁଖ୍ୟ ଆଧାର। ନଦୀକୂଳର ଉର୍ବର ମାଟିରେ ଚାଷୀମାନେ ଧାନ, ତୈଳବୀଜ, ପନିପରିବା ସମେତ ବିଭିନ୍ନ ଫସଲ ଉତ୍ପାଦନ କରି ପରିବାର ପ୍ରତିପୋଷଣ କରୁଛନ୍ତି। କିନ୍ତୁ ଇଟା ତିଆରି ପାଇଁ ଉର୍ବର ମାଟିର ଅତ୍ୟଧିକ ଖନନ ଚାଷୀଙ୍କ ପାଇଁ ନୂଆ ସଙ୍କଟ ସୃଷ୍ଟି କରୁଛି। ଉର୍ବର ମାଟି ହଟିଯିବାରୁ ଜମିର ପ୍ରାକୃତିକ ଉତ୍ପାଦନ କ୍ଷମତା କମିବା ସହ ଭବିଷ୍ୟତରେ କୃଷି ଉପରେ ଏହାର ଦୀର୍ଘମିଆଦୀ ପ୍ରଭାବ ପଡ଼ିବା ନେଇ ଚାଷୀମାନେ ଚିନ୍ତା ପ୍ରକାଶ କରିଛନ୍ତି। କଳାଧୂଆଁରେ ଅଣନିଃଶ୍ୱାସୀ ଗାଁ। ଇଟାଭାଟିରୁ ନିରନ୍ତର ନିର୍ଗତ ହେଉଥିବା କଳାଧୂଆଁ, ଧୂଳିକଣା ଓ ଅନ୍ୟାନ୍ୟ ବାୟୁ ପ୍ରଦୂଷକ ଆଖପାଖ ଗାଁର ପରିବେଶକୁ ଦୂଷିତ କରୁଥିବା ଅଭିଯୋଗ ହେଉଛି। ଭାଟି ଜଳିବା ସମୟରେ ଧୂଆଁ ପବନରେ ମିଶି ଦୂରଦୂରାନ୍ତ ପର୍ଯ୍ୟନ୍ତ ପହଞ୍ଚୁଛି। ଫଳରେ ଘର, ରାସ୍ତା, ଗଛଲତା ଓ ଚାଷଜମି ଉପରେ ଧୂଳିର ଆସ୍ତରଣ ପଡୁଥିବା ବେଳେ ଲୋକେ ଦୂଷିତ ବାୟୁ ନିଶ୍ୱାସ ନେବାକୁ ବାଧ ହେଉଛନ୍ତି। ଶିଶୁ, ବୟସ୍କ ଓ ଶ୍ୱାସକଷ୍ଟରେ ପୀଡ଼ିତ ଲୋକଙ୍କ ପାଇଁ ଏପରି ପ୍ରଦୂଷିତ ପରିବେଶ ବିଶେଷ ଭାବେ ଚିନ୍ତାଜନକ ବୋଲି ସ୍ଥାନୀୟମାନେ କହିଛନ୍ତି। ଇଟାଭାଟିରେ କୋଇଲା, କାଠ ଓ ଅନ୍ୟାନ୍ୟ ଜାଳେଣି ବ୍ୟବହାର ହେବାରୁ ବାୟୁମଣ୍ଡଳକୁ ଅଧିକ ପରିମାଣରେ ଧୂଆଁ ଓ ଗ୍ରୀନ୍‌ହାଉସ୍ ଗ୍ୟାସ୍ ନିର୍ଗତ ହେଉଛି। ଏହା ସ୍ଥାନୀୟ ବାୟୁର ଗୁଣବତ୍ତାକୁ ପ୍ରଭାବିତ କରିବା ସହ ବୃହତ୍ତର ପରିବେଶୀୟ ସନ୍ତୁଳନ ଉପରେ ମଧ୍ୟ ପ୍ରଭାବ ପକାଇପାରେ। ଏହା ସହ ଜାଳେଣି ପାଇଁ ଅବୈଧ ଭାବେ କାଠ ବ୍ୟବହାର ହେଲେ ବୃକ୍ଷ ସମ୍ପଦ ହ୍ରାସ ପାଇବା ସହ ପରିବେଶର ସନ୍ତୁଳନ ଆହୁରି ବିଗିଡ଼ିବାର ଆଶଙ୍କା ରହିଛି। ଇଟା ପାଇଁ ନଦୀକୂଳରୁ ଅତ୍ୟଧିକ ମାଟି ଉଠାଯିବା ଫଳରେ ନଦୀତଟର ସ୍ଥିରତା ନେଇ ମଧ୍ୟ ପ୍ରଶ୍ନ ଉଠିଛି। ବର୍ଷା ଓ ବନ୍ୟା ସମୟରେ ଦୁର୍ବଳ ନଦୀତଟରୁ ମାଟି ଧସିବାର ଆଶଙ୍କା ବଢ଼ିଥାଏ। ଏପରି ମାଟି ଖନନ ଜାରି ରହିଲେ ନଦୀର ସ୍ୱାଭାବିକ ଗତିପଥ, ନଦୀକୂଳର ଭୌଗୋଳିକ ସନ୍ତୁଳନ ଓ ଆଖପାଖ କୃଷିଜମି ପ୍ରଭାବିତ ହେବାର ଆଶଙ୍କା ରହୁଛି। ଏକପଟେ ଉର୍ବର ମାଟି ହରାଇବା, ଅନ୍ୟପଟେ ଇଟାଭାଟିର ଧୂଆଁ ଓ ଧୂଳି ଫସଲ ଉପରେ ପଡ଼ିବା ଯୋଗୁଁ ଚାଷୀଙ୍କ ଚିନ୍ତା ବଢୁଛି। ଦୀର୍ଘ ସମୟ ଧରି ଚାଷଜମି ନିକଟରେ ଇଟାଭାଟି ଚାଲିଲେ ମାଟିର ଗୁଣବତ୍ତା ଓ ଫସଲ ଉତ୍ପାଦନ ଉପରେ କି ପ୍ରଭାବ ପଡୁଛି, ତାହାର ବୈଜ୍ଞାନିକ ଯାଞ୍ଚ କରାଯିବାକୁ ଚାଷୀମାନେ ଦାବି କରିଛନ୍ତି। ସ୍ଥାନୀୟମାନଙ୍କ ଅଭିଯୋଗ ଅନୁଯାୟୀ, କେତେକ ଇଟାଭାଟି ଆବଶ୍ୟକ ଅନୁମତି ଓ ପରିବେଶ ସମ୍ବନ୍ଧୀୟ ନିୟମ ପାଳନ କରୁନଥିବା ସତ୍ତ୍ୱେ ଚାଲୁଥିବା ଅଭିଯୋଗ ରହିଛି। ତେବେ କେଉଁ ଇଟାଭାଟିର ବୈଧ ଅନୁମତି ରହିଛି ଏବଂ କେଉଁଗୁଡ଼ିକ ନିୟମ ଉଲ୍ଲଂଘନ କରୁଛି, ତାହାର ଯାଞ୍ଚ କରିବା ସହ ଅବୈଧ ଭାଟି ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ଜୋର ଧରିଛି। ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ନିୟମିତ ଯାଞ୍ଚ କରି ରିପୋର୍ଟ ସାର୍ବଜନୀନ କରନ୍ତୁ ବୋଲି ମଧ୍ୟ ଦାବି ହୋଇଛି। ଉପକୂଳ ଅଞ୍ଚଳର ପରିବେଶ ଏକ ସମ୍ବେଦନଶୀଳ ପ୍ରାକୃତିକ ସମ୍ପଦ। ଆଜି କେବଳ କିଛି ଟଙ୍କାର ଲାଭ ପାଇଁ ଉର୍ବର ମାଟି, ନଦୀକୂଳ ଓ ସ୍ୱଚ୍ଛ ବାୟୁକୁ ନଷ୍ଟ କରାଗଲେ ଆଗାମୀ ପିଢ଼ି ଏହାର ଭୟାବହ ମୂଲ୍ୟ ଦେବାକୁ ପଡ଼ିବ। ତେଣୁ ବେଆଇନ ଇଟାଭାଟି ଚିହ୍ନଟ କରି ତୁରନ୍ତ ଯାଞ୍ଚ, ଆଇନସମ୍ମତ କାର୍ଯ୍ୟାନୁଷ୍ଠାନ, ପ୍ରଦୂଷଣ ମାପ ଓ ମାଟି ଖନନ ଉପରେ ନିୟନ୍ତ୍ରଣ ପାଇଁ ସ୍ଥାନୀୟମାନେ ଦାବି କରିଛନ୍ତି। ପରିବେଶବିତ୍‌ମାନଙ୍କ ମତରେ, ଉନ୍ନତିର ନାଁରେ ପ୍ରକୃତିକୁ ଧ୍ୱଂସ କରିବା କୌଣସି ସ୍ଥାୟୀ ବିକାଶ ନୁହେଁ। ତେଣୁ ପ୍ରଶାସନ ଏବେଠାରୁ ସଚେତନ ହୋଇ ପଦକ୍ଷେପ ନନେଲେ ଆଗାମୀ ଦିନରେ ସୁବର୍ଣ୍ଣରେଖା କୂଳର ଉର୍ବର ମାଟି, ସ୍ୱଚ୍ଛ ପବନ ଓ ନିରାପଦ ଜନଜୀବନ ଉପରେ ଏହାର ଗଭୀର ପ୍ରଭାବ ପଡ଼ିବ ବୋଲି ସାଧାରଣରେ ଆଶଙ୍କା ପ୍ରକାଶ ପାଇଛି।

## ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟ ଓ ନୀଳଗିରି ଉପଖଣ୍ଡ ଉନ୍ନତୀକରଣ ପାଇଁ ସାଂସଦ ପାଣ୍ଠି ସୁପାରିସ୍

ବାଲେଶ୍ୱର, ୧୨।୮ (ସମିସ): ଓଡ଼ିଶାର ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ରାଜ୍ୟସଭା ସାଂସଦ ତଥା କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସାଂସଦ ସ୍ଥାନୀୟ କ୍ଷେତ୍ର ଉନ୍ନୟନ ପାଣ୍ଠି ଅଧୀନରେ ୩ କୋଟି ୧୦ ଲକ୍ଷ ଟଙ୍କାର ବିଭିନ୍ନ କାର୍ଯ୍ୟ ପାଇଁ ସୁପାରିଶ କରିଛନ୍ତି। ଏହି ସୁପାରିସ ଅନୁଯାୟୀ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ପାଇଁ ୧ କୋଟି ୪୦ ଲକ୍ଷ ଟଙ୍କା ଏବଂ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ଡିଏଚଏଚ) ପାଇଁ ୧ କୋଟି ୭୦ ଲକ୍ଷ ଟଙ୍କାର କାର୍ଯ୍ୟ ଅନ୍ତର୍ଭୁକ୍ତ ରହିଛି। ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଇନ୍‌ଡୋର ପେସେଣ୍ଟ ବିଭାଗ (ଆଇପିଡି), ଔଷଧ ଗୋଦାମ, ରୋଗୀ ବିଶ୍ରାମାଗାର, କାଜୁଆଲିଟି ୱାର୍ଡ, ରିଫ୍ରେସ୍‌ମେଣ୍ଟ ହଲ୍, ସର୍ଜରୀ ୱାର୍ଡ ଓ ଅପରେସନ ଥିଏଟର, ଏସ୍‌ଡିଏମ୍‌ଓ କାର୍ଯ୍ୟାଳୟ ଏବଂ ଓପିଡି ବ୍ଲକର ଉନ୍ନତୀକରଣ କାର୍ଯ୍ୟ କରାଯିବ। ସେହିପରି ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମେଡିସିନ ବ୍ଲକ, ଔଷଧ ଗୋଦାମ, ମଦର୍ ଆଣ୍ଡ ଚାଇଲ୍ଡ କମ୍ପ୍ଲେକ୍ସ, କାଜୁଆଲିଟି ୱାର୍ଡ, ଆଣ୍ଟି-ରେଟ୍ରୋଭାଇରାଲ୍ ଥେରାପି କେନ୍ଦ୍ର, ସର୍ଜରୀ ୱାର୍ଡ ଓ ଅପରେସନ ଥିଏଟରର ଉନ୍ନତୀକରଣ କରାଯିବ। ଏଥିସହ ରୋଗୀଙ୍କ ପାଇଁ ନୂତନ ବିଶ୍ରାମାଗାର ନିର୍ମାଣ ଏବଂ ଓପିଡି ବ୍ଲକର ରିଫ୍ରେସ୍‌ମେଣ୍ଟ ହଲ୍‌ର ଉନ୍ନତୀକରଣ ମଧ୍ୟ ପ୍ରସ୍ତାବରେ ସାମିଲ ରହିଛି। ଏହି ପଦକ୍ଷେପ ନୀଳଗିରି ଓ ବାଲେଶ୍ୱର ଅଞ୍ଚଳର ଲୋକଙ୍କ ଦୀର୍ଘଦିନର ସ୍ୱାସ୍ଥ୍ୟସେବା ସମ୍ବନ୍ଧୀୟ ଆବଶ୍ୟକତା ପୂରଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ମନେ କରାଯାଉଛି। ବିଶେଷକରି ମାତୃ ଓ ଶିଶୁ ସ୍ୱାସ୍ଥ୍ୟସେବା, ଜରୁରୀକାଳୀନ ଚିକିତ୍ସା, ଦୀର୍ଘକାଳୀନ ଚିକିତ୍ସାଧୀନ ରୋଗୀଙ୍କ ସୁବିଧା ଏବଂ ରୋଗୀଙ୍କ ସହ ଆସୁଥିବା ପରିବାରବର୍ଗଙ୍କ ପାଇଁ ଉନ୍ନତ ପରିବେଶ ସୃଷ୍ଟି ହେବ। ଉଲ୍ଲେଖଯୋଗ୍ୟ ଯେ, ଏହି ପ୍ରସ୍ତାବଗୁଡ଼ିକ ସାଂସଦ ଉନ୍ନୟନ ପାଣ୍ଠିରୁ ମଞ୍ଜୁରୀ ପାଇଁ ସୁପାରିସ କରାଯାଇଛି। ବୈଷୟିକ, ଆର୍ଥିକ ଓ ପ୍ରଶାସନିକ ଯାଞ୍ଚ ପରେ ଚୂଡ଼ାନ୍ତ ଅନୁମୋଦନ ମିଳିବ ଏବଂ ଏମପିଲାଡ୍ ନିର୍ଦ୍ଦେଶାବଳୀ ଅନୁଯାୟୀ କାର୍ଯ୍ୟଗୁଡ଼ିକ ସମ୍ପନ୍ନ କରାଯିବ।

**● ଆଇନଜୀବୀଙ୍କୁ ଭୁଜାଲିରେ ହାଣିବା ଘଟଣା**

## ଦ୍ୱିତୀୟ ଦିନରେ ଓକିଲ ସଂଘର କଲମ ଛାଡ଼ ଆନ୍ଦୋଳନ

ଜଳେଶ୍ୱର ବ୍ଲକ, ୧୨।୮ (ସମିସ): କୋର୍ଟ କାମ ସାରି ଘରକୁ ଫେରୁଥିବା ଜଳେଶ୍ୱର ନାମ୍ପ ଗ୍ରାମର ଆଇନଜୀବୀ ସିଦ୍ଧାର୍ଥ ଦାସ (୫୨)ଙ୍କୁ ଗତ ସୋମବାର ୧୬ ନମ୍ବର ଜାତୀୟ ରାଜପଥର ଶାନ୍ତିଆ ବ୍ରିଜ୍ ନିକଟରେ ଭୁଜାଲିରେ ଆକ୍ରମଣ ଘଟଣାରେ ସେ ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗପତ୍ରରେ ଶ୍ରୀ ଦାସ ଦର୍ଶାଇଛନ୍ତି ଯେ, ଖାଲିନା ଗ୍ରାମର ସରୋଜ କୁମାର ବାରିକଙ୍କ ସହ ଗତ ଜୁନ୍ ୨୭ ତାରିଖ ଦିନ କୌଣସି କାରଣରୁ ତାଙ୍କର ମନୋମାଳିନ୍ୟ ହୋଇଥିଲା। ପରେ ନାମ୍ପ ଫାଣ୍ଡିରେ ଏହି ଘଟଣାର ସମାଧାନ ହୋଇଥିଲା। ଏହାସତ୍ତ୍ୱେ ଶ୍ରୀ ବାରିକ ତାଙ୍କୁ ହାଣି ଜୀବନରୁ ମାରିଦେବେ ବୋଲି ଧମକ ଦେଇଥିଲେ। ଶ୍ରୀ ବାରିକ ଯୋଜନାବଦ୍ଧ ଭାବେ ସୁପାରି କିଲର୍‌ଙ୍କ ଜରିଆରେ ତାଙ୍କୁ ହତ୍ୟା ଉଦ୍ଦେଶ୍ୟରେ ଆକ୍ରମଣ କରାଇଛନ୍ତି। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରିଥିବା ବେଳେ ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ, ଜଣେ ଆଇନଜୀବୀଙ୍କୁ ଦିନ ଦ୍ୱିପ୍ରହରରେ ବିଟ୍ ରାସ୍ତାରେ ଏଭଳି ପ୍ରାଣାନ୍ତକ ଆକ୍ରମଣ ଘଟଣାକୁ ଆଜି ଜଳେଶ୍ୱର ଓକିଲ ସଂଘ ବାର୍ ସମ୍ମିଳନୀ କକ୍ଷରେ ସଂଘର ସାଧାରଣ ପରିଷଦ ବୈଠକରେ ଘଟଣାକୁ ନିନ୍ଦା କରାଯିବା ସହ ଦିନକ ପାଇଁ ଅନିର୍ଦ୍ଦିଷ୍ଟ ପାଇଁ କଲମ ଛାଡ ଆନ୍ଦୋଳନ କରାଯାଇଛି। ଆସନ୍ତାକାଲି ପୁଣି ବୈଠକ ବସି ପରବର୍ତ୍ତୀ କାର୍ଯ୍ୟପନ୍ଥା ସ୍ଥିର କରାଯିବ। ସେହିପରି ବୈଠକ ପରେ ଓକିଲ ସଂଘ ସଭାପତି କୁଞ୍ଜବିହାରୀ ଦାସ, ସମ୍ପାଦକ ରାଜେଶ ପାତ୍ରଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଆଇନଜୀବୀ ଜଳେଶ୍ୱର ଥାନାରେ ପହଞ୍ଚି ଏସ୍‌ଡିପିଓ ଓ ଆଇଆଇସିଙ୍କୁ ଭେଟିଥିଲେ। ଆଗାମୀ ୨୪ ଘଣ୍ଟା ମଧ୍ୟରେ ଅଭିଯୁକ୍ତମାନଙ୍କୁ ଗିରଫ ନକଲେ ସଂଘ ପକ୍ଷରୁ ଆନ୍ଦୋଳନକୁ ଓହ୍ଲାଯିବ ବୋଲି ଚେତାବନୀ ଦେଇଥିଲେ। ଏଥିସହ କୋର୍ଟ ନିକଟରେ ପୁଲିସ ଫୋର୍ସ ମୁତୟନ କରିବାକୁ ସଂଘ ଦାବି କରିଥିଲା।

## ବସ୍ତାରେ ନୂତନ ଠିକାଦାର ସଂଘର କମିଟି ଚୟନ

ରାଜଘାଟ, ୧୨।୮ (ସମିସ): ସ୍ଥାନୀୟ ଠିକାଦାରଙ୍କ ସ୍ୱାର୍ଥ ରକ୍ଷା ଏବଂ ବାଲେଶ୍ୱର ଜିଲ୍ଲାରେ ସ୍ୱଚ୍ଛ ଭାବେ କାର୍ଯ୍ୟ କରିବା ଉଦ୍ଦେଶ୍ୟରେ ରବିବାର ଦିନ ବସ୍ତା ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ବସ୍ତା ନୂତନ ଠିକାଦାର ସଂଘର ଚୟନ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହୋଇଛି ଯେ, 'ବି' ଶ୍ରେଣୀର ବାହାର ଜିଲ୍ଲା ଠିକାଦାର ମାନଙ୍କୁ ଆଉ ବାଲେଶ୍ୱର ଜିଲ୍ଲାର କୌଣସି ଟେଣ୍ଡର ଓ କାର୍ଯ୍ୟରେ ସୁଯୋଗ ଦିଆଯିବ ନାହିଁ। କେବଳ ଜିଲ୍ଲାର ପଞ୍ଜୀକୃତ ସ୍ଥାନୀୟ ଠିକାଦାରଙ୍କୁ ପ୍ରାଥମିକତା ଦିଆଯିବ ଅର୍ଥାତ ୩ କୋଟି ଟଙ୍କାରୁ କମ ମୂଲ୍ୟ ର କାର୍ଯ୍ୟକୁ ବାହାର ଜିଲ୍ଲାର ଠିକଦାର ବାଲେଶ୍ୱର ଜିଲ୍ଲାରେ କାର୍ଯ୍ୟ ନକରିବା ନେଇ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି, ଏବଂ କୌଣସି ଲେସ ବିନା ଟେଣ୍ଡର ପକାଇବା ପାଇଁ ସିଦ୍ଧାନ୍ତ ହୋଇଛି। ସର୍ବ ସମ୍ମତି ବୈଠକରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ପ୍ରଥମେ ଉପଦେଷ୍ଟା କମିଟିରେ ରବୀନ୍ଦ୍ର କୁମାର ମହାନ୍ତି, ବିଜୟ କୁମାର ସିଂ, ଧନଞ୍ଜୟ ମହାନ୍ତି, ପ୍ରିୟବ୍ରତ ମହାପାତ୍ର, ପ୍ରଫୁଲ୍ଲ କୁମାର ଗିରିଙ୍କୁ ଚୟନ କରାଯାଇଥିଲା ଏବଂ ପରେ ସଭାପତି ଜ୍ୟୋତିରଞ୍ଜନ ବାରିକ, ଯୁଗ୍ମ ଉପସଭାପତି ସୁଜିତ କୁମାର ମହାନ୍ତି ଓ ସୁମିତ କୁମାର ଭୂୟାଁ, ସମ୍ପାଦକ ଲକ୍ଷ୍ମୀଧର ସାହୁ, ସହସମ୍ପାଦକ ଗଗନ କୁମାର ସିଂ, ଯୁଗ୍ମ କୋଷାଧ୍ୟକ୍ଷ ପ୍ରଦୀପ କୁମାର ଦାସ ଓ ସଞ୍ଜୟ କୁମାର ଜେନା, ଗଣମାଧ୍ୟମ ସଂଯୋଜକ ସତ୍ୟଜିତ ବେହେରା ଥିବା ବେଳେ କାର୍ଯ୍ୟାନୁଷ୍ଠାନ କମିଟି ରେ ସଞ୍ଜୟ କୁମାର ବୁଗୁଡ଼ି, ସୁରେନ୍ଦ୍ର କୁମାର ସେଠୀ, ସୁଧାକର ସାହୁ, ସୂର୍ଯ୍ୟ କୁମାର ସାହୁ ଅଛନ୍ତି ସେହିପରି କାର୍ଯ୍ୟ ନିର୍ବାହୀ କମିଟିରେ ବେଦ ପ୍ରକାଶ ବିଶ୍ୱାଳ ଓ ପିଣ୍ଟୁ ବୈଠାଙ୍କୁ ଚୟନ କରାଯାଇଥିଲା। ସଂଘର ସଦସ୍ୟମାନେ ଅଭିଯୋଗ କରିଛନ୍ତି ଯେ, ବାହାର ଜିଲ୍ଲାର ବଡ ଠିକାଦାରମାନେ କମ୍ ଦରରେ ଟେଣ୍ଡର ନେଇ ନିମ୍ନମାନର କାମ କରୁଛନ୍ତି। ଫଳରେ ସ୍ଥାନୀୟ ଛୋଟ ଓ ମଝିଓଲିଆ ଠିକାଦାର କାମ ପାଇପାରୁନାହାନ୍ତି। ଏଥିସହ ସ୍ଥାନୀୟ ସ୍ତରରେ ରୋଜଗାର ମଧ୍ୟ ହ୍ରାସ ପାଉଛି। ଏହି ବୈଠକରେ ବସ୍ତା ବ୍ଲକର ଅନେକ ଠିକାଦାର ଯୋଗ ଦେଇଥିଲେ।

## ଶିକ୍ଷାବିତ୍‌ଙ୍କ ପରଲୋକ



ବାଲିଆପାଳ, ୧୨।୮ (ସମିସ): ବାଲିଆପାଳ ବ୍ଲକ ପ୍ରତାପପୁର ପଞ୍ଚାୟତର ନଇଘାଟି ଗ୍ରାମର ବିଶିଷ୍ଟ ଶିକ୍ଷାବିତ୍ ହରି ନାରାୟଣ ପାଣିଗ୍ରାହୀଙ୍କର ବୁଧବାର ତାଙ୍କ ବାସଭବନରେ ପରଲୋକ ଘଟିଛି। ସେ ବାର୍ଦ୍ଧକ୍ୟ ଜନିତ ଅସୁସ୍ଥ ଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୮୪ ବର୍ଷ ବୟସ ହୋଇଥିଲା। ସ୍ୱର୍ଗତ ପାଣିଗ୍ରାହୀ ୪୦ ବର୍ଷ ଧରି ଶିକ୍ଷକତା କରି କୁଣ୍ଡୁଳି ପଞ୍ଚାୟତରେ ନିମପଦା ହରପ୍ରସାଦ ଉପ୍ରା ବିଦ୍ୟାଳୟରୁ ଅବସର ନେଇଥିଲେ। ସେ ଜଣେ ଅନୁଷ୍ଠାନ ପ୍ରେମୀ, ମିଷ୍ଟଭାଷୀ, ସମୟାନୁବର୍ତ୍ତୀତା ଓ ପରୋପକାରୀ ଥିଲେ। ତାଙ୍କ ପ୍ରଚେଷ୍ଟାରେ ଯୋଗାଇ ସ୍ଥିତ କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟ ଓ ଲତାଯୋଡି ଠାରେ ଧ୍ରୁବଚରଣ ସଂସ୍କୃତ ମହାବିଦ୍ୟାଳୟ ସ୍ଥାପନା ହୋଇଥିଲା। ଏହା ବ୍ୟତିତ ବହୁ ଅନୁଷ୍ଠାନରେ ସେ ଜଡିତ ଥିଲେ। ବଡ ପୁଅ ନନ୍ଦନନ୍ଦନ ପାଣିଗ୍ରାହୀ ମୁଖାଗ୍ନି ଦେଇଥିଲେ। ଅନ୍ୟ ଦୁଇ ପୁଅ କାଳିପଦ ପାଣିଗ୍ରାହୀ, ନୀଳକଣ୍ଠ ପାଣିଗ୍ରାହୀ ଉପସ୍ଥିତ ଥିଲେ। ସମାଜସେବୀ ଏକାଦୋଶୀ ପାତ୍ର, ଭାଗବତ ବିଶ୍ୱାଳ, ଜଗାଇ କଲେଜ ଅଧ୍ୟକ୍ଷ ରତିକାନ୍ତ ବେହେରା ଶେଷ ଦର୍ଶନ କରି ପୁଷ୍ପ ମାଲ୍ୟାର୍ପଣ କରିଥିଲେ।

## ଜଳେଶ୍ୱର ବିକାଶ ପରିଷଦ ପକ୍ଷରୁ ହର୍ ଘର୍ ତିରଙ୍ଗା

ଜଳେଶ୍ୱର/ଜଳେଶ୍ୱର ବ୍ଲକ, ୧୨।୮ (ସମିସ): ଜଳେଶ୍ୱର ବିକାଶ ପରିଷଦ ପକ୍ଷରୁ ସେଣ୍ଟ ଜାଭିୟର୍ସ ଇଣ୍ଟରନେସନାଲ ସ୍କୁଲରେ ହର ଘର ତିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦେଶରେ ୮୦ତମ ସ୍ୱାଧିନତା ଦିବସ ପାଳନ ଅବସରରେ ହର ଘର ତ୍ରୀରଙ୍ଗା କାର୍ଯ୍ୟକ୍ରମ ପାଳନ ହେଉଥିବା ବେଳେ ଜଳେଶ୍ୱର ବିକାଶ ପରିଷଦର ସଭାପତି କମଳ ଚକ୍ରବର୍ତ୍ତୀ ଏବଂ ବିଦ୍ୟାଳୟର ପ୍ରତିଷ୍ଠାତା ବିରେନ୍ଦ୍ର ନାଥ ପାତ୍ରଙ୍କ ଦ୍ୱାରା ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ବିଦ୍ୟାଳୟର ଅଧ୍ୟକ୍ଷ ବରୁଣ କୁମାର ଜେନା ସମସ୍ତଙ୍କୁ ସ୍ୱାଧିନତାର ବାର୍ତ୍ତା ପ୍ରଦାନ କରିଥିବା ବେଳେ ବିକାଶ ପରିଷଦର ସମ୍ପାଦକ ମନୋରଞ୍ଜନ ଦାସ କାର୍ଯ୍ୟକ୍ରମର ଆଭିମୁଖ୍ୟ ବିଷୟରେ ସୂଚନା ଦେବା ସହିତ ଅଗଷ୍ଟ ୯ ତାରିଖ କ୍ରାନ୍ତି ଦିବସ ଉପଲକ୍ଷେ ବାଲେଶ୍ୱର ଭେନ୍ୟା ପାରାଡାଇସ ଠାରେ ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ସମସ୍ତଙ୍କୁ ଜାତୀୟ ପତାକା ଦେଇ ହର ଘର ତ୍ରୀରଙ୍ଗା କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ସେହିଦିନ ଠାରୁ ଏହି କାର୍ଯ୍ୟକ୍ରମ ବାଲେଶ୍ୱର ଜିଲ୍ଲାରେ ବିକାଶ ପରିଷଦ ଦ୍ୱାରା ଅନୁଷ୍ଠିତ ହେଉଛି ବୋଲି ସୂଚନା ଦେଇଥିଲେ।




ଏହି ଅବସରରେ ବିଦ୍ୟାଳୟର କୁନିକୁନି ପିଲାମାନଙ୍କ ଦ୍ୱାରା ଜାତୀୟ ପତାକାର ଚିତ୍ରାଙ୍କନ ପ୍ରତିଯୋଗୀତା କରାଯାଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ ରୋଜାଲିନ ସାମଲ, ବିଦ୍ୟା ଦାସ ମହାପାତ୍ର, ସୁକାନ୍ତି ବାରିକ, ରସ୍ମିତା ସାହୁ, ସସ୍ମିତା ରଣା, କନକଲତା ଚନ୍ଦ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ବିକାଶ ପରିଷଦର କୋଷାଧ୍ୟକ୍ଷ ସୌଭିକ କୁମାର ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ସହିତ ମିଷ୍ଟାନ୍ନ ବଣ୍ଟନ କରିଥିଲେ।

## ପୌରପାଳିକାକୁ ଉଠା ଦୋକାନୀଙ୍କ ଦାବିପତ୍ର



ବାଲେଶ୍ୱର, ୧୨।୮ (ସମିସ): ବାଲେଶ୍ୱର ସହରର ଏଡିଏମ ଛକ ଠାରୁ ରାଜାବଗିଚା ରାଧାକୃଷ୍ଣ ମନ୍ଦିର ପର୍ଯ୍ୟନ୍ତ ବହୁ ଚର୍ଚ୍ଚିତ ଫୁଡ଼ ଷ୍ଟ୍ରିଟ୍‌ର ଦୁଇ ପାର୍ଶ୍ୱରେ ଖୋଲାଯାଇଥିବା ସଂଖ୍ୟାଧିକ ଷ୍ଟଲ ଯୋଗୁଁ ସମ୍ପୃକ୍ତ ରାସ୍ତାରେ ଯାତାୟତ କରିବା ଏକ ପ୍ରକାର ଅସମ୍ଭବ ହୋଇପଡ଼ିଥିଲା। ତେଣୁ ଷ୍ଟଲଗୁଡିକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ସାଧାରଣରେ ଦାବି ହେଉଥିଲା। ବାରମ୍ବାର ରାସ୍ତା ଅବରୋଧ ଅଭିଯୋଗ ପରେ ଏଡିଏମ ଛକର ଫୁଡ ଷ୍ଟ୍ରିଟ୍‌ରୁ ଦୋକାନ ଉଚ୍ଛେଦ କରିଥିଲା ପୌରପାଳିକା। ତେବେ ଏହି ଉଚ୍ଛେଦକୁ ସମର୍ଥନ ଜଣାଇ ସ୍ୱତଃପ୍ରବୃତ ଭାବେ ଷ୍ଟଲ ଅପସାରଣ କରିନେଇଥିବା ୩୩ଜଣ ଦୋକାନୀ ପରିବାର ପ୍ରତିପୋଷଣ ପାଇଁ ସେମାନଙ୍କୁ ସହରର ଯେ କୌଣସି ସ୍ଥାନରେ ବ୍ୟବସାୟ ଚଳାଇବା ନିମନ୍ତେ ସୁଯୋଗ ଦେବାକୁ ନିବେଦନ କରିଛନ୍ତି। ଉଚ୍ଛେଦ ପରେ ପୌରପାଳିକାର ୯ ନଂ ୱାର୍ଡ ସୀମାରେ ଷ୍ଟଲ ଖୋଲିଥିବା ସମସ୍ତ ଦୋକାନୀ ସ୍ଥାନୀୟ କାଉନସିଲର ସଞ୍ଜିବ ଦାସଙ୍କୁ ଭେଟି ସେମାନଙ୍କ ଦୁଃଖ ଜଣାଇଥିଲେ। ସେହି କ୍ରମରେ ଶ୍ରୀ ଦାସଙ୍କ ନେତୃତ୍ୱରେ ସମସ୍ତ ଦୋକାନୀ ପୌର ପରିଷଦ ଅଧ୍ୟକ୍ଷା ସବିତା ସାହୁ ଓ ପୌର ପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସିରିୟଲ ଶୁଭ୍ର ପଟେଲଙ୍କୁ ସାକ୍ଷାତ ପୂର୍ବକ ବାଲେଶ୍ୱର ସହରରେ ଅନ୍ୟତ୍ର ଥଇଥାନ ପାଇଁ ନିବେଦନ ସହ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

## ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘର ସ୍ମୃତିସଭା



ଜଳେଶ୍ୱର, ୧୨।୮ (ସମିସ): ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ ଜଳେଶ୍ୱର ବ୍ଲକ ପକ୍ଷରୁ ମାସିକ ଅଧିବେଶନ ଶିକ୍ଷକ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଖଗେନ୍ଦ୍ର ନାଥ ସାହୁଙ୍କ ସଭାପତିତ୍ୱରେ ଆନୁଷ୍ଠିତ ଏହି ସଭାରେ ସ୍ୱର୍ଗତ ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ରତ୍ନାକର ଦାସଙ୍କ ପରଲୋକରେ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଥିଲା। ସ୍ୱର୍ଗତ ଦାସ ତା୨୪-୦୭-୨୦୨୬ ରିଖରେ ତାଙ୍କ ନିଜସ୍ୱ ବାସ ଭବନ ଜଳେଶ୍ୱର ବ୍ଲକସ୍ଥିତ ଚମାର ଗା ଠାରେ ପରଲୋକ ଗମନ କରିଛନ୍ତି। ସେ ଜଣେ ଆଦର୍ଶ ଶିକ୍ଷକ, ସଂଗଠକ, ବିଶିଷ୍ଟ କଳାକାର, ମିଷ୍ଟ ଭାଷୀ ସରଳ ମଣିଷ ଥିଲେ। ଦିବଂଗତ ଆତ୍ମାଙ୍କ ସଦଗତି ଉଦ୍ଦେଶ୍ୟରେ ପ୍ରଥମେ ନିରବ ପ୍ରାର୍ଥନା କରାଯାଇଥିଲା। ସ୍ମୃତି ଚାରଣ ସଭାରେ ଶିକ୍ଷକ ଜ୍ୟୋତିଷ ଚନ୍ଦ୍ର କର, ଡ଼ ଅଜିତ କୁମାର ମହାନ୍ତି, କପିଳେଶ୍ୱର ମହାନ୍ତି, ଡ. ରମାକାନ୍ତ ଭଞ୍ଜ, ବ୍ରଜବଲ୍ଲଭ ସାହୁ, ଶରତ ଚନ୍ଦ୍ର ପରିଡ଼ା, ବନମାଳୀ ଧଳ, ଶଶୀକାନ୍ତ ପ୍ରଧାନ, ରାଜାରାମ କରଶର୍ମା, ପୂର୍ଣ୍ଣଚନ୍ଦ୍ର ଓଝା, କମଳ ଲୋଚନ ମାହାପାତ୍ର, ଅଧିର କୁମାର ପ୍ରମାଣିକ, ଗଣେଶ ଚନ୍ଦ୍ର ପରିଡ଼ା, କାଳୀ ଚରଣ ପୃଷ୍ଟି, ଯୋଗେଶ ଚନ୍ଦ୍ର ରାଉଳ, ମଦନ ମୋହନ ମହାନ୍ତି ପ୍ରମୁଖ ବହୁ ଶିକ୍ଷକ ଯୋଗଦେଇ ସ୍ମୃତି ଚାରଣ କରିଥିଲେ।

## ଓଡ଼ିଶା କୃଷକ ସଭା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର




ଜଳେଶ୍ୱର, ୧୨।୮ (ସମିସ): ଓଡ଼ିଶା କୃଷକ ସଭା ଜଳେଶ୍ୱର ବ୍ଲକ କମିଟି ପକ୍ଷରୁ ଖରିଫ ଧାନ ବିକ୍ରି ପାଇଁ ଚାଷୀ ପଞ୍ଜୀକରଣ ନିୟମକୁ ସରଳୀକୃତ କରିବା ପାଇଁ ଜଳେଶ୍ୱର ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବୀ ପତ୍ର ପ୍ରଦାନ କରାଯାଇଛି। ଖରିଫ ଧାନ ବିକ୍ରି ପାଇଁ ଚାଷୀ ପଞ୍ଜୀକରଣ ନିୟମକୁ ଦେଖିଲେ ସରକାର ଯେ ଚାଷୀଙ୍କ ପାଇଁ କୁମ୍ଭିର କାନ୍ଦଣା କାନ୍ଦୁଛନ୍ତି ସ୍ପଷ୍ଟ ବାରି ପଡୁଛି। ଏପରିକି ପୂର୍ବ ବର୍ଷ ତୁଳନାରେ ମଧ୍ୟ ପଂଜିକରଣ ନିୟମକୁ ଅଧିକ ଜଟିଳ କରାଯାଇଛି ବୋଲି କୃଷକ ସଭା ପକ୍ଷରୁ ଅଭିଯୋଗ କରାଯାଇଛି। ସୋସାଇଟିରେ ଧାନ ବିକ୍ରି ପାଇଁ ଚାଷୀଙ୍କ ନାମ ପଞ୍ଜୀକରଣ ନିମନ୍ତେ ସରକାର ଅଗଷ୍ଟ ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଦିନ ଧାର୍ଯ୍ୟ କରିଛନ୍ତି। କିନ୍ତୁ ପଂଜିକରଣ ନିୟମରେ ପୂର୍ବରୁ ଜମି ମାଲିକମାନେ ସମ୍ମତି ପତ୍ର ଲେଖିଦେଲେ ଭାଗଚାଷୀ ପଞ୍ଜୀକରଣ କରିପାରୁଥିବା ନିୟମରେ ପରିବର୍ତ୍ତନ କରି ନିଜେ ଚାଷୀର ଉପସ୍ଥିତି ନିୟମ ଯୋଗୁଁ ଜଣେ ଜମି ମାଲିକ ଦୂର ଦୁରାନ୍ତରୁ ଆସି ପଂଜକରଣ କରିପାରିବ ନାହିଁ। ଆମ ରାଜ୍ୟରେ ଅର୍ଦ୍ଧାଧିକ ଗରିବ ଭାଗଚାଷୀ। ପଞ୍ଜୀକରଣ ପାଇଁ ଫାର୍ମ ରେଜଷ୍ଟ୍ରେସନ ପ୍ରମାଣ ପତ୍ର ଦେବା ନିୟମ ଆମ ରାଜ୍ୟରେ ଆଦୌ ସମ୍ଭବ ନୁହେଁ। ପୁଣି କେୱାସି ଫର୍ମ ଦାଖଲ କରିବା ପାଇଁ ଯେଉଁ ଆଖି ସ୍କାନ ବ୍ୟବସ୍ଥା ରଖାଯାଇଛି ତାହା ଦ୍ୱାରା ସୋସାଇଟିକୁ ଦୌଡ଼ି ଦୌଡ଼ି ଚାଷୀକୁ ନୟାନ୍ତ ହେବାକୁ ପଡ଼ିବ। ଫଳରେ ବହୁ ଚାଷୀ ଏହି ନିୟମ ପୂରଣ କରି ନ ପାରି ପଂଜିକରଣରୁ ବାଦ ପଡ଼ିବା ସମ୍ଭାବନା ରହିଛି। ତେଣୁ ଏହି ଜଟିଳତାକୁ ଦୃଷ୍ଟିରେ ରଖି ଓଡ଼ିଶା କୃଷକ ସଭା ଜଳେଶ୍ୱର ବ୍ଲକ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ନିୟମକୁ ସରଳିକରଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନ ହେବ ବୋଲି କୃଷକ ସଭାର ଜିଲ୍ଲା ସମ୍ପାଦକ ଦିଲ୍ଲୀପ କୁମାର ଗିରି, ଶିଶିର ହୁଇ, ଦିପ୍ତୀମାନ ଆଚାର୍ଯ୍ୟ, ରବୀନ୍ଦ୍ର ବାରିକ, ପଲ୍ଟୁ ଦାସ, ଜ୍ଞାନେନ୍ଦ୍ର ଜେନା, ଧନଂଜୟ ପଲାଇ, ରବିନାରାୟଣ ମିଶ୍ର, ସନ୍ତୋଷ କୁମାର ଦାସ, ସୁଶାନ୍ତ ରାଉତ, ବସନ୍ତ ଦାସ, ପ୍ରମଥ ପ୍ରମାଣିକ, ଶଶିକାନ୍ତ ଜେନା, ସନ୍ତୋଷ ଦେ ନିରଞ୍ଜନ ପରିଡ଼ା, ରାଧା ରଞ୍ଜନ ଭୂୟାଁ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ଦେବଗିରି ପର୍ବତ ଶିଖରରେ ଉଡ଼ିଲା ଜାତୀୟ ପତାକା



ନୀଳଗିରି, ୧୨।୮ (ସମିସ): ସାରା ଭାରତ ବର୍ଷରେ ଅଗଷ୍ଟ ୧୫ତାରିଖରେ ପାଳନ ହେବାକୁ ଯାଉଛି ୮୦ତମ ସ୍ୱାଧୀନତା ଦିବସ। ଏହି ସ୍ୱାଧୀନତା ଦିବସ ପୂର୍ବରୁ ହର ଘର ତ୍ରିରଙ୍ଗା ଘର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ସବୁଠି କରାଯାଉଛି। ଏହି ଅବସରରେ ଆଜି ନୀଳଗିରି ନିର୍ବାଚନ ମଣ୍ଡଳୀର କାଣ୍ଡଗରଡି ପଞ୍ଚାୟତର ବିଶ୍ୱେଶ୍ୱର ପାହାଡ଼ ଉପରେ ବିଜେପି ଯୁବ ମୋର୍ଚ୍ଚା, ବାଲେଶ୍ୱର ତରଫରୁ ଏକ ଭବ୍ୟ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ତ୍ରିରଙ୍ଗା ଶୋଭାଯାତ୍ରା ବରାହାକୋଇଲି ଛକ ଠାରୁ ଏକ ବିଶାଳ ବାଇକ ରାଲି ବାହାରି ବିଶ୍ୱେଶ୍ୱର ମହାଦେବ ମନ୍ଦିର ଠାରେ ଶେଷ ହୋଇଥିଲା ଏହାପରେ ବିଶ୍ୱେଶ୍ୱର ପାହାଡ଼ ଉପରକୁ ୫୦ ଫୁଟର ତ୍ରିରଙ୍ଗା ପତାକା ଏବଂ ହାତରେ ତ୍ରିରଙ୍ଗା ଧରି ଯୁବମୋର୍ଚ୍ଚାର ସଦସ୍ୟ ମାନେ ଚଢି ଏକ ସୁନ୍ଦର ଶୋଭାଯାତ୍ରା କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ନାରାୟଣ ମହନ୍ତ, ରାଜ୍ୟ ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଦେବାଶିଷ ଆଚାର୍ଯ୍ୟ, ଜିଲ୍ଲା ପରିଷଦ ସଭ୍ୟା ଉଷାରାଣୀ ରାଉଳ, ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ଚନ୍ଦ୍ରଶେଖର ନନ୍ଦ, ଉପସଭାପତି ବିଜୟ ସାହୁ, ଜିଲ୍ଲା ସମ୍ପାଦକ ବଳରାମ ବିଶ୍ୱାଳ, ସରପଞ୍ଚ ରାଜେନ୍ଦ୍ର ରାଉତ, ମଣ୍ଡଳ ସଭାପତି ଅନନ୍ତ ଗିରି, ସମର ଶଙ୍କର କାନୁନଗୋ ଏବଂ ଶତାଧିକ ଯୁବମୋର୍ଚ୍ଚାର ସଦସ୍ୟ ସାମିଲ ହୋଇଥିଲେ। ଅନୁରୂପ ଭାବେ ନୀଳଗିରି ନିର୍ବାଚନମଣ୍ଡଳୀର ଭୂଧାରଚଣ୍ଡୀ ମଣ୍ଡଳ, ଜୋନ୍ ନମ୍ବର-୧୨ ଅନ୍ତର୍ଗତ ଅଯୋଧ୍ୟା ପଞ୍ଚାୟତରେ ମଣ୍ଡଳସ୍ତରୀୟ ଏକ ଭବ୍ୟ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।

## ବ୍ୟକ୍ତିଗତ ଜାଗାରେ ବିଧାୟକଙ୍କ ହାତପାଣ୍ଠି ବ୍ୟୟ ଅଭିଯୋଗ

ସିମୁଳିଆ, ୧୨।୮ (ସମିସ)




ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ବରି ପଞ୍ଚାୟତରେ ବିଧାୟକଙ୍କ ନିଜସ୍ୱ ହାତ ପାଣ୍ଠିରେ ଏକ ବ୍ୟକ୍ତିଗତ ଜାଗାରେ କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ସରକାରୀ ଅର୍ଥ ବ୍ୟୟ କରାଯାଇ ଥିବାର ଅଭିଯୋଗ ଆସିଛି। ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ରାଜନୈତିକ କ୍ଷମତା ପ୍ରୟୋଗ କରାଯାଇ ବିନା ଫିଜିବିଲିଟି ରିପୋର୍ଟ ରେ ଏଭଳି ବେଆଇନ କାର୍ଯ୍ୟ ହୋଇଥିବାର ଅଭିଯୋଗ ହୋଇଛି। ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଏବଂ ବ୍ଲକ ରେ ସହକାରୀ ଯନ୍ତ୍ରୀ କିଭଳି ବ୍ୟକ୍ତିଗତ ଜାଗାରେ ବିଧାୟକଙ୍କ ହାତପାଣ୍ଠିରେ କଂକ୍ରିଟ ରାସ୍ତା ନିର୍ମାଣ କରିବା ପାଇଁ ଅନୁମତି ଦେଲେ ତାହାକୁ ନେଇ ସରପଞ୍ଚ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ ଜିଲ୍ଲା ଯୋଜନା ବିଭାଗରୁ ଗତ ତା ୨/୬/୨୦୨୬ରେ ସିମୁଳିଆ ବ୍ଲକ କୁ ବିଧାୟକଙ୍କ ନିଜସ୍ୱ ପାଣ୍ଠିରେ ୨୯ ଟି ପ୍ରକଳ୍ପ ଅନୁମୋଦନ ହୋଇ ଆସିଥିଲା। ଏଥି ମଧ୍ୟରୁ ବରି ପଞ୍ଚାୟତରେ ବରୀ- ବେତଡା ଆରଡ଼ି ରୋଡ଼ ଠାରୁ ମାଗୁରଗଡିଆ ଭାୟା କୁନ୍ତଳାକୁମାରୀ ଘର ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ନିର୍ମାଣ ନାମରେ ଏକ ପ୍ରକଳ୍ପ ଅନୁମୋଦନ କରାଯାଇଛି। ନିର୍ମାଣ ହେବାକୁ ଥିବା ସ୍ଥାନରେ ଏ ସମ୍ପର୍କ ରେ ଏକ ଫଳକ ଲାଗିବା ସହିତ ଆର୍ଥିକ ବର୍ଷ ୨୦୨୫-୨୬ ରହିଥିବା ବେଳେ ପ୍ରକଳ୍ପ ମୂଲ୍ୟ ୧୦ ଲକ୍ଷ ଟଙ୍କା ଏବଂ କାର୍ଯ୍ୟାଦେଶ ଦାମୋଦର ବେହେରା ନାମ ଲେଖା ଥିବାର ଦେଖିବାକୁ ମିଳିଛି। ବର୍ତ୍ତମାନ ଫଳକ ଲାଗିବା ସହିତ ଉକ୍ତ ସ୍ଥାନରେ କଂକ୍ରିଟ ରାସ୍ତା ମଧ୍ୟ ନିର୍ମାଣ ସରିଛି ଏବଂ ବିଲ ପାସ କରିବା ପାଇଁ ଯୋଜନା ଚାଲିଛି। ଏହି ଘଟଣାକୁ ସେହି ପଞ୍ଚାୟତ ର ସରପଞ୍ଚ ବିମଳ ଲେଙ୍କା ପ୍ରଶ୍ନ ଉଠାଇବା ସହିତ ସରକାରୀ ଅର୍ଥ କିଭଳି ବ୍ୟକ୍ତିଗତ ଜାଗା ରେ ବ୍ୟବହାର ହୋଇଛି ସେ ନେଇ ବ୍ଲକ ପ୍ରଶାସନ ଏବଂ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବିଧାୟକ ଙ୍କ ହାତପାଣ୍ଠି ଅର୍ଥ ଜନକଲ୍ୟାଣ କାର୍ଯ୍ୟ ରେ ସରକାରୀ ନୀତି ନିୟମ ଅନୁଯାୟୀ ବ୍ୟବହାର ହେବା କଥା ହେଲେ କେଉଁ ସ୍ୱାର୍ଥ ରେ ୧୦ ଲକ୍ଷ ଟଙ୍କା କୁ ବ୍ୟକ୍ତିଗତ ଜାଗାରେ ବ୍ୟବହାର ହୋଇଛି ତାହାର ତଦନ୍ତ କରିବାର ଆବଶ୍ୟକତା ରହିଛି। ସରକାରଙ୍କ ନିୟମ ଅନୁଯାୟୀ ଅନୁମୋଦନ ହୋଇଥିବା ପ୍ରକଳ୍ପ କାର୍ଯ୍ୟ ପାଇଁ କନିଷ୍ଠ ଯନ୍ତ୍ରୀ ଏଷ୍ଟିମେଟ ଦେବାପରେ ଉନ୍ନୟନ ବିଭାଗ ବିଡ଼ିଓଙ୍କ ଜରିଆରେ ଫାଇଲ ଖୋଲିବା କଥା ଏବଂ ଉକ୍ତ ପ୍ରକଳ୍ପ କାର୍ଯ୍ୟ ପୂର୍ବରୁ ତହସିଲରୁ ଫିଜିବିଲିଟି ରିପୋର୍ଟ ଆସିବା ପାଇଁ ସରକାରୀ ନିର୍ଦ୍ଦେଶ ରହିଛି। ଫିଜିବିଲିଟି ରିପୋର୍ଟ ମଗାଯାଇଥିଲେ ଏହି ପ୍ରକଳ୍ପ ବ୍ୟକ୍ତିଗତ ଜାଗା ରେ ଅଛି କି ନାହିଁ ତାହା ସ୍ପଷ୍ଟ ହୋଇଥାନ୍ତା ଏବଂ ସରକାରୀ ଅର୍ଥ ଅପବ୍ୟବହାର ହୋଇପାରିନଥାନ୍ତା। ତାହା କରାନଯାଇ ବ୍ୟକ୍ତିଗତ ସ୍ୱାର୍ଥ ଦୃଷ୍ଟିରୁ ଏଭଳି କରାଯାଇଥିବାର ଗ୍ରାମବାସୀ ଏବଂ ଜନ ପ୍ରତିନିଧି ଅଭିଯୋଗ ଉଠାଇଛନ୍ତି. ତୁରନ୍ତ ଉଚ୍ଚ ସ୍ତରୀୟ ଏହି ଘଟଣାର ତଦନ୍ତ କରି ଉଚିତ ପଦକ୍ଷେପ ନେବାପାଇଁ ଦାବି ହୋଇଛି।

ଠାକୁରମୁଣ୍ଡା ଅବକାରୀ ବିଭାଗର ଚଢ଼ଉ

# ୭ ୭ ୫୦ ଲିଟର ମଦ ପ୍ରସ୍ତୁତି ସାମଗ୍ରୀ ଜବତ

ଠାକୁରମୁଣ୍ଡା, ୧୨।୮ (ସମିସ): ଠାକୁରମୁଣ୍ଡା ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ଚଢ଼ଉ କରାଯାଇ ବିପୁଳ ପରିମାଣର ମହୁଲି ମଦ ପ୍ରସ୍ତୁତି ସାମଗ୍ରୀ ଜବତ କରାଯାଇଛି । ବିଭାଗୀୟ କର୍ମଚାରୀଙ୍କ ଏକ ଟିମ୍ ଚଢ଼ଉ କରି ତିନୋଟି ସ୍ଥାନରୁ ବିପୁଳ ପରିମାଣର ବେଆଇନ ମଦ ପ୍ରସ୍ତୁତି ସାମଗ୍ରୀ ଓ ଦେଶୀ ମଦ ଜବତ କରି ନଷ୍ଟ କରିଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, ଟିମ୍ ପକ୍ଷରୁ ଚମ୍ପାଝର ପଞ୍ଚାୟତ ଦିଲିଗଞ୍ଜ, ତରାମରା, ଗିରିବେଡ଼ା ଓ ହାତିଗୋଡା ପଞ୍ଚାୟତ ର ଅସନକୁଦର ଅଞ୍ଚଳରେ ଚଢ଼ାଉ କରାଯାଇଥିଲା । ଚଢ଼ାଉ ସମୟରେ ଦାବିଦାର ବିହୀନ ଭାବେ ପଡ଼ିଥିବା ତିନୋଟି ମାମଲା ସାମ୍ନାକୁ ଆସିଥିଲା । ଏହି ତିନୋଟି ମାମଲାକୁ ନେଇ କେସ୍ ନମ୍ବର ୮୮, ୮୯



ଓ ୯୦ ରୁଜୁ କରାଯାଇଥିବା ସୂଚନା ମିଳିଛି ।ଚଢ଼ାଉରେ ମୋଟ ୭, ୭୫୦ ଲିଟର ମହୁଲ ପୋଚ ଏବଂ ୨୪୫ ଲିଟର ମହୁଲି ମଦ ଠାବ ହୋଇଥିଲା । ବେଆଇନ ଭାବେ ମଦ ପ୍ରସ୍ତୁତି ପାଇଁ ରଖାଯାଇଥିବା ଏହି ବିପୁଳ ପରିମାଣର ମହୁଲ ପୋଚ ୱାଶ୍ ଦେଶୀ ମଦକୁ ବିଭାଗୀୟ ନିୟମ ଅନୁଯାୟୀ ନଷ୍ଟ କରାଯାଇଛି । ଏହି ଚଢ଼ଉରେ ଠାକୁରମୁଣ୍ଡା ଅବକାରୀ ଥାନା ଓଆଇସି ଲକ୍ଷ୍ମୀଧର ମାଝୀ, ଏଏସଆଇ ଲକ୍ଷ୍ମଣ ନାୟକ, ଚନ୍ଦ୍ରକାନ୍ତ ମୁଦୁଲି, ସସ୍ମିତା ବେହେରା ପ୍ରମୁଖ ସାମିଲ ଥିଲେ ।ବେଆଇନ ମଦ ପ୍ରସ୍ତୁତି ଓ କାରବାର ଉପରେ ରୋକ୍ ଲଗାଇବା ପାଇଁ ଅବକାରୀ ବିଭାଗ ପକ୍ଷରୁ ଆଗାମୀ ଦିନରେ ମଧ୍ୟ ଏଭଳି ଚଢ଼ାଉ ଜାରି ରହିବ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି ।

## ଚୋରି ମୋଟରସାଇକଲ ଉଦ୍ଧାର, ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

ଯଶିପୁର, ୧୨।୮ (ସମିସ ): ମୟୂରଭଞ୍ଜ ଜିଲ୍ଲା ଯଶିପୁର ଥାନା ଅଞ୍ଚଳରୁ ଚୋରି ହୋଇଥିବା ଏକ ମୋଟରସାଇକେଲକୁ ପୁଲିସ ୪୮ ଘଣ୍ଟା ମଧ୍ୟରେ ଉଦ୍ଧାର କରିବା ସହ ଏହି ଘଟଣାରେ ଜଣେ ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ବଡ଼ଦୁଣ୍ଡୁ ଅଞ୍ଚଳର ଅକିର ଅନସାରୀ । ଗତ ୯ ତାରିଖରେ ଅଭିଯୋଗକାରୀ ସୁମନ୍ତ କୁମାର ବାରିକ ଯଶୀପୁର ଥାନାରେ ଏକ ଲିଖିତ ଅଭିଯୋଗ ଦାଖଲ କରିଥିଲେ । ଯଶିପୁର ଅଞ୍ଚଳରୁ ତାଙ୍କ ମୋଟରସାଇକେଲକୁ ଜଣେ ଅଜଣା ବ୍ୟକ୍ତି ଚୋରି କରିଥିବା ସେ ଦର୍ଶାଇଥିଲେ । ଏହି ଅଭିଯୋଗ ଆଧାରରେ ଯଶିପୁର ଥାନା ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ଯଶିପୁର ଥାନା ଅଧିକାରୀ ରାଜେଶ କୁମାର ସେଠୀଙ୍କ ନେତୃତ୍ୱରେ ପୁଲିସ ତଦନ୍ତକୁ ଗୁରୁତ୍ୱର ସହ ଆଗେଇ ନେଇଥିଲା । ଏଥିସହ ମୋଟରସାଇକେଲକୁ ମାତ୍ର ୪୮ ଘଣ୍ଟା ମଧ୍ୟରେ ଉଦ୍ଧାର କରିବା ସହ ଚୋରି ଘଟଣାରେ ଅକିର ଅନସାରୀକୁ ଗିରଫ କରିଥିଲା । ଉଦ୍ଧାର ମୋଟରସାଇକେଲକୁ ପୁଲିସ ଜବତ କରିଛି ଓ ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି । ଚୋରି ମାମଲାରେ ତ୍ୱରିତ ତଦନ୍ତ କରି ୪୮ ଘଣ୍ଟା ମଧ୍ୟରେ ଚୋରି ହୋଇଥିବା ମୋଟରସାଇକେଲ ଉଦ୍ଧାର କରିବା ସହ ଅଭିଯୁକ୍ତକୁ ଗିରଫ କରିବା ଯଶିପୁର ଥାନା ପୁଲିସର ଏକ ସଫଳତା ବୋଲି କୁହାଯାଉଛି ।



## ଶ୍ରୀରାମଚନ୍ଦ୍ର ପାଠାଗାରରେ ଲାଇବ୍ରେରିଆନ ଦିବସ

ବାରିପଦା,୧୨।୮ (ସମିସ): ଲାଇବ୍ରେରୀ ବିଜ୍ଞାନର ଜନକ ଏସ ଆର୍ ରଙ୍ଗାନାଥନଙ୍କ ଜନ୍ମଉତ୍ସବ ଲାଇବ୍ରେରୀଆନ ଦିବସ ଭାବେ ବାରିପଦାର ଶ୍ରୀରାମଚନ୍ଦ୍ର ପାଠାଗାର ଠାରେ ପାଳିତ ହୋଇଯାଇଛି । ଶ୍ରୀରାମଚନ୍ଦ୍ର ଲାଇବ୍ରେରୀ ପରିଚାଳନା ସମିତିର ସମ୍ପାଦକ ଅଶୋକ କୁମାର ବେହେରାଙ୍କ ସ୍ୱାଗତ ସମ୍ଭାଷଣ ପ୍ରଦାନ ପରେ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ସମାଜସେବୀ ଆଶିଷ କୁମାର ବଶା, ସମୀର କୁମାର ସାହୁ ନିଜର ବକ୍ତବ୍ୟ ରଖିଥିଲେ । ବନଜା ମହାନ୍ତିଙ୍କ ଦ୍ଵାରା ଲାଇବ୍ରେରିଆନ୍ କନିକା ସେନାପତିଙ୍କୁ ସମ୍ବର୍ଦ୍ଧିତ କରି ନିଜର ବକ୍ତବ୍ୟ ରଖିଥିଲେ । ପରିଚାଳନା ସମିତିର ସଭ୍ୟ ସନ୍ତୋଷ ପଟନାୟକ, ବଳଦେବ ଶତପଥୀ, ପ୍ରଦୀପ ମିସ୍ତ୍ରୀ, ଶୋଭାବତୀ ଓତା ପ୍ରମୁଖ ଅଂଶଗ୍ରହଣ କରିଥିଲେ । ପରିଶେଷରେ କୋଷାଧକ୍ଷ ଆଶିଷ ମହାନ୍ତି ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ବହଳଦା ବ୍ଲକ ବିଜେପି ପକ୍ଷରୁ ତ୍ରିରଙ୍ଗା ଯାତ୍ରା

ରାଇରଙ୍ଗପୁର, ୧୨।୮ (ସମିସ): ହଳଦା ବ୍ଲକ ବିଜେପି ପକ୍ଷରୁ ହର ଘର ତ୍ରିରଙ୍ଗା ଅଭିଯାନ ପରିପ୍ରେକ୍ଷୀରେ ବୁଧବାର ପୂର୍ବାହ୍ନରେ ଏକ ବିଶାଳ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବରିଷ୍ଠ ବିଜେପି ନେତା ମାଧବ ମହାପାତ୍ରଙ୍କ ସଂଯୋଜନାରେ ପ୍ରାକ୍ତନ ଜିଲ୍ଲା ପରିଷଦ ସଦସ୍ୟ ସୁନୀଲ ମହାନ୍ତ, ବୁଲା ପଣ୍ଡା, ସମୀର ମହାକୁଡ଼, ସନ୍ତୋଷ ମହାପାତ୍ର, ଶୁଭଜିତ ପାଲ, ରାଜେଶ ପାଲ, ରାତି ମଣ୍ଡଳଙ୍କ ସମେତ ସମସ୍ତ ମଣ୍ଡଳ ସଭାପତି ଓ କାର୍ଯ୍ୟକର୍ତ୍ତା, ମହିଳା ମୋର୍ଚ୍ଚା, ଯୁବ ମୋର୍ଚ୍ଚା, କୃଷକ ମୋର୍ଚ୍ଚା ତଥା ୮୦୦ ରୁ ଉର୍ଦ୍ଧ୍ୱ ବିଜେପି କର୍ମୀ ସାମିଲ ହୋଇଥିଲେ । ବହିଦାର ଅଧିଷ୍ଠାତ୍ରୀ ଦେବୀ ମା' କୀଚକେଶ୍ୱରୀ ପୀଠରୁ ଏକ ବିଶାଳ ଶୋଭାଯାତ୍ରା ଓ ବାଇକ୍ ରାଲି ସହ ହାତରେ ତ୍ରିରଙ୍ଗା ପତାକା ଧରି ଦେଶାତ୍ମବୋଧକ ସ୍ଲୋଗାନ ଦେଇ ବାଇପାସ୍, ତେନ୍ତଲା, ଗମ୍ଭାରିଆ, ଖିଜିରିତାଣ୍ଡି, ସୋସ, କୁଲଗି, ବହଳଦା ବ୍ଲକ, ବହଳଦା ଡାକବଙ୍ଗଳା ପର୍ଯ୍ୟନ୍ତ ପହଞ୍ଚି ସମାପ୍ତ କରିଥିଲେ । ଜନସାଧାରଣଙ୍କୁ ଦେଶାତ୍ମବୋଧକ ସଚେତନତା ବାର୍ତ୍ତା ଦେଇଥିଲେ ।

ବୈଶିଙ୍ଗା ପୁଲିସ ପକ୍ଷରୁ ସାଇବର ସଚେତନତା

# 'ସଚେତନତା ହିଁ ସାଇବର ଅପରାଧ ବିରୋଧରେ ପ୍ରଥମ ସୁରକ୍ଷା କବଚ'

ବୈଶିଙ୍ଗା, ୧୨।୮ (ସମିସ): ହାତରେ ସ୍ମାର୍ଟଫୋନ୍, ଆଖି ଆଗରେ ଡିଜିଟାଲ ଦୁନିଆଁ । ଅନଲାଇନ୍ ଶିକ୍ଷାଠାରୁ ସୋସିଆଲ ମିଡିଆ, ଡିଜିଟାଲ ପେମେଣ୍ଟଠାରୁ ଅନଲାଇନ୍ ସପିଂ, ଦୈନନ୍ଦିନ ଜୀବନରେ ଇଣ୍ଟରନେଟ୍‌ର ଭୂମିକା ବଢ଼ିଚାଲିଛି । ଏହି ଡିଜିଟାଲ ସୁବିଧା ସହିତ ସାଇବର ଠକେଇ, ତଥ୍ୟ ଚୋରି, ନକଲି ଲିଙ୍କ୍, ଅନଲାଇନ୍ ଧମକ ଓ ସୋସିଆଲ ମିଡିଆ ମାଧ୍ୟମରେ ଅପରାଧର ଆଶଙ୍କା ମଧ୍ୟ ବଢ଼ିଛି । ଏଭଳି ପରିସ୍ଥିତିରେ ଛାତ୍ରଛାତ୍ରୀଙ୍କୁ ଡିଜିଟାଲ ସୁରକ୍ଷାର ମନ୍ତ୍ର ଦେଇ ସଚେତନ କରିଛି ବୈଶିଙ୍ଗା ପୁଲିସ । ବୈଶିଙ୍ଗା ଥାନା ପକ୍ଷରୁ ବିଭିନ୍ନ ଶିକ୍ଷାନୁଷ୍ଠାନରେ ସାଇବର ଅପରାଧ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା । ମହାତ୍ମା ଗାନ୍ଧୀ କଲେଜ, କଳମା ବାଳିକା ଉଚ୍ଚପ୍ରାଥମିକ ବିଦ୍ୟାଳୟ, ଗଡ଼ଦେଉଳିଆ ହାଇସ୍କୁଲ, ମୁନିଲାଲ ହାଇସ୍କୁଲ, ବୈଶିଙ୍ଗା ବାଳିକା ଉଚ୍ଚବିଦ୍ୟାଳୟ ଓ ବୈଶିଙ୍ଗା ଶିଶୁମନ୍ଦିର ପରିସରରେ ଅନୁଷ୍ଠିତ ଏହି ସଚେତନତା ଅଭିଯାନରେ ବହୁ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ । ବୈଶିଙ୍ଗା ଥାନାଧିକାରୀ ବାରିଣୀ ଦାସ ଓ ଏଏସଆଇ ପ୍ରଦୀପ ଦେ ଛାତ୍ରଛାତ୍ରୀଙ୍କ ସହ ସିଧାସଳଖ ଆଲୋଚନା କରି ସାଇବର ଅପରାଧର ବିଭିନ୍ନ କୌଶଳ ଓ ଏଥିରୁ ବର୍ତ୍ତିବା ଉପାୟ ବୁଝାଇଥିଲେ । ଅଜଣା ଲିଙ୍କ୍‌ରେ କ୍ଲିକ୍ ନ କରିବା, ଓଟିପି, ପାସୱାର୍ଡ ଓ ବ୍ୟାଙ୍କ ସମ୍ପର୍କିତ ତଥ୍ୟ କାହାକୁ ନ ଦେବା, ଅପରିଚିତ ବ୍ୟକ୍ତିଙ୍କ ଫ୍ରେଣ୍ଡ ରିକ୍ୱେଷ୍ଟ କିମ୍ବା ମେସେଜ୍ ପ୍ରତି ସତର୍କ ରହିବା, ସୋସିଆଲ ମିଡିଆରେ ବ୍ୟକ୍ତିଗତ ତଥ୍ୟ ପ୍ରକାଶ ନ କରିବାକୁ ପରାମର୍ଶ ଦିଆଯାଇଥିଲା । ପୁଲିସ ଅଧିକାରୀ କହିଥିଲେ, ସାଇବର ଅପରାଧୀ ବିଭିନ୍ନ ପ୍ରଲୋଭନ, ଭୟ, ମିଛ ପରିଚୟ ଦେଇ



ଲୋକଙ୍କୁ ଫସାଇଥା'ନ୍ତି । ତେଣୁ ଅନଲାଇନ୍‌ରେ ମିଳୁଥିବା ପ୍ରତ୍ୟେକ ତଥ୍ୟକୁ ବିଶ୍ୱାସ କରିବା ପୂର୍ବରୁ ତାହାର ସତ୍ୟତା ଯାଞ୍ଚ କରିବା ଜରୁରୀ । ଡିଜିଟାଲ ଦୁନିଆରେ ଏକ ଛୋଟ ଅସାବଧାନତା ବଡ଼ କ୍ଷତିର କାରଣ ହୋଇପାରେ ବୋଲି ସତର୍କ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନର ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ସୁରକ୍ଷିତ ଡିଜିଟାଲ ବ୍ୟବହାର ପାଇଁ ପରାମର୍ଶ ଦେଇଥିଲେ ।

# ଯଶିପୁରରେ ତ୍ରିରଙ୍ଗା ପଦଯାତ୍ରା

ଯଶିପୁର, ୧୨।୮ (ସମିସ): ଭାରତର ଗୌରବ, ଏକତା, ଅଖଣ୍ଡତା ଓ ଦେଶପ୍ରେମର ପ୍ରତୀକ ଜାତୀୟ ପତାକାକୁ ଶହସ୍ରାଧିକ ଲୋକେ ହାତରେ ଧରି ଯଶିପୁରରେ ଏକ ଭବ୍ୟ ତ୍ରିରଙ୍ଗା ପଦଯାତ୍ରା କରିଛନ୍ତି । ପଦଯାତ୍ରା ଯଶିପୁରର ପୁରୁଣା ବଜାରରୁ ବାହାରି ମୁଖ୍ୟ ବଜାର ଦେଇ ଯଶିପୁର ବ୍ଲକ୍ ପର୍ଯ୍ୟନ୍ତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜଙ୍ଗଲ , ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ତଥା ଯଶିପୁର ବିଧାୟକ ଇଂ. ଗଣେଶ ରାମ ସିଂ ଖୁଣ୍ଟିଆ ତ୍ରିରଙ୍ଗା ଧରି ପଦଯାତ୍ରାରେ ସାମିଲ ହୋଇ ଥିଲେ । ତ୍ରିରଙ୍ଗା ପଦଯାତ୍ରାରେ ଅବସରପ୍ରାପ୍ତ ସେନା କର୍ମଚାରୀ,ଭାରତୀୟ ଡାକ ବିଭାଗ କର୍ମଚାରୀ,ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, କେତେକ ମହିଳା ସ୍ୱୟଂସହାୟକ ଗୋଷ୍ଠୀର ମହିଳା ସଦସ୍ୟା, ଯଶିପୁର ଏନ୍ଏସି, ଯଶିପୁର ବ୍ଲକ୍ କର୍ମଚାରୀ, ସ୍ୱେଚ୍ଛାସେବୀ, ସମାଜସେବୀ,ବିଜେପି କାର୍ଯ୍ୟକର୍ତ୍ତା,ଗଣମାଧ୍ୟମପ୍ରତିନିଧିଓଯଶିପୁରଅଞ୍ଚଳରଲୋକେଜାତୀୟ ପତାକା ଧରି 'ଭାରତମାତା କୀ ଜୟ', 'ବନ୍ଦେ ମାତରଂ' ସ୍ଲୋଗାନ ଦେଇ ତ୍ରିରଙ୍ଗା ପଦଯାତ୍ରାକୁ ଆକର୍ଷଣୀୟ କରିଥିଲେ । ମଙ୍ଗଳବାର ଯଶିପୁର ସାପ୍ତାହିକ ହାଟ ଥିବାରୁ ସହରାଞ୍ଚଳ ଓ ଗ୍ରାମାଞ୍ଚଳର ଅନେକ ଲୋକ ଏହି ପଦଯାତ୍ରାକୁ ଦେଖି ଉତ୍ସାହିତ ହୋଇଥିଲେ ।




## ଲଗାଣ ବର୍ଷାରେ ଘର ଭାଙ୍ଗି ଆହତ ହୋଇଥିବା ଯୁବକ ମୃତ

ମହୁଲଡିହା,୧୨।୮ (ସମିସ): ଗତ ଜୁଲାଇ ୨୯ ତାରିଖ ଲଗାଣ ବର୍ଷାରେ ହାଣ୍ଡିଫୁଟା ଗ୍ରାମର ଦୁକା ନାଏକଙ୍କ ଘର ଭାଙ୍ଗିବାରୁ ଗୁରୁତର ଆହତ ହୋଇଥିଲେ । ଘରର କାନ୍ଥ ଓ ଦଣ୍ଡା ତାଙ୍କ ଦୁଇଗୋଡ଼ ଉପରେ ପଡିବାରୁ ଦୁଇଟି ଯାକ ଗୋଡ଼ ଭାଙ୍ଗିଯାଇଥିଲା । ସେ ଅବିବାହିତ ଥିବାବେଳେ ଘରେ ନିଜ ବୁଢ଼ୀ ମା ସହ ରହୁଥିଲେ । ସ୍ଥାନୀୟ ଲୋକ କାନ୍ଥ ତଳୁ ଦୁକାକୁ ଉଦ୍ଧାର କରି ପ୍ରଥମେ ଠାକୁରମୁଣ୍ଡା ଗୋଷ୍ଠୀ ଚିକିତ୍ସାଳୟ ଏବଂ ପରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ନେଇଥିଲେ । ମାତ୍ର ସେଠାରୁ କଟକ ରେଫର ହେବାରୁ ଅର୍ଥ ଅଭାବରୁ ଘରକୁ ନେଇ ଫେରି ଆସିଥିଲେ ବଡ଼ଭାଇ । ରୋଗୀ ଫେରିଆସିବା ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଅତିରିକ୍ତ ଉପ ଜିଲ୍ଲାପାଳ ପ୍ରକାଶ ଦାସ,ବିଡ଼ିଓ ସ୍ୱପ୍ନେଶ୍ୱର ବେହେରା ଓ ତହସିଲଦାର ସମ୍ମିତ କର ପହଞ୍ଚି ବ୍ୟକ୍ତିଗତ ଭାବେ ୫ ହଜାର ଏବଂ ରେଡ଼କ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ । ହେଲେ ବଡ଼ ଭାଇ ତୁରନ୍ତ ମେଡିକାଲ ନ ନେବାରୁ ଦୁକାଙ୍କର ୧୧ ତାରିଖରେ ମୃତ୍ୟୁ ହୋଇଛି । ମୃତ୍ୟୁ ଖବର ପାଇବା ପରେ ଉଭୟ ଅଧିକାରୀ ଗଭୀର ଶୋକ ପ୍ରକାଶ କରିଛନ୍ତି । ଦୁକାର ଅଭାବନୀୟ ମୃତ୍ୟୁରେ ଗ୍ରାମବାସୀ ଦୁଃଖ ପ୍ରକାଶ କରିଛନ୍ତି ।

## ମୟୂରଭଞ୍ଜ ଜିଲ୍ଲା ପୁଲିସ ତରଫରୁ ସାଇବର ସଚେତନତା ଶିବିର

ବାରିପଦା, ୧୨।୮ (ସମିସ): ମହାବିଦ୍ୟାଳୟ ଓ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ସ୍ୱତନ୍ତ୍ର ଭାବେ ସାଇବର ସଚେତନ କରିବା ପାଇଁ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପଲ୍ଲୀଙ୍କ ନିର୍ଦ୍ଦେଶରେ ଓ ମୟୂରଭଞ୍ଜ ଜିଲ୍ଲା ପୁଲିସ ଆନୁକୂଲ୍ୟରେ ଜିଲ୍ଲାର ବିଭିନ୍ନ ଥାନା ପକ୍ଷରୁ ପ୍ରାଥମିକ ବିଦ୍ୟାଳୟଠାରୁ ଆରମ୍ଭ କରି ମହାବିଦ୍ୟାଳୟ ପର୍ଯ୍ୟନ୍ତ ବୁଧବାର ଦିନ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୟୂରଭଞ୍ଜ ସାଇବର ପୁଲିସ ଥାନା ପକ୍ଷରୁ ବାରିପଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟକ୍ରମରେ ଡିଏସ୍‌ପି ଅଜୟ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ପ୍ରଦୀପ କୁମାର ମାଝୀ, ଷଡାନନ ନାୟକ, ସ୍ନେହଲତା ଗିରି ଓ ପ୍ରଭାତୀ ସାହୁ ପ୍ରମୁଖ ପୁଲିସ ଇନ୍ସପେକ୍ଟରଙ୍କ ସମେତ ପୁଲିସ କର୍ମଚାରୀ ଅଂଶଗ୍ରହଣ କରି ବିଦ୍ୟାର୍ଥୀଙ୍କ ସହ ଶିକ୍ଷକ, ଶିକ୍ଷୟତ୍ରୀଙ୍କୁ ସାଇବର ସଚେତନତା କରାଇଥିଲେ । ଅନୁରୂପ ଭାବେ ବାରିପଦା ସଦର ସବ-ଡିଭିଜନର ବାରିପଦା ସଦର, ବାରିପଦା ଟାଉନ, ଭଞ୍ଜପୁର, କୁଳିଅଣା, ଶୁଳିଆପଦା, ବାଙ୍ଗିରିପୋଷୀ, ଝାରପୋଖରିଆ, ଚାନ୍ଦୁଆ, ଉଦଳା ସବ-ଡିଭିଜନର ଶରତ, ଖୁଣ୍ଟା, ଉଦଳା,କପ୍ତିପଦା ଓ ବେତନଟୀ ପୁଲିସ ସବ୍-ଡିଭିଜନର ବଡସାହି, ମୋରଡା, ବୈଶିଙ୍ଗା, ରାସଗୋବିନ୍ଦପୁର ଓ ବେତନଟୀର ପ୍ରମୁଖ ଥାନା ଅଧିକାରୀଙ୍କ ସହଯୋଗରେ ବିଭିନ୍ନ ପ୍ରକାର ସାଇବର ସଚେତନତା କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ପାଇଁ ଅନୁଷ୍ଠିତ ହୋଇଥିଲା । ଏଥିରେ ଅଜଣା ଲିଙ୍କକୁ କ୍ଲିକ୍ କରନ୍ତୁ ନାହିଁ -କ୍ଲିକ କରିବା ପୂର୍ବରୁ ଚିନ୍ତା କରନ୍ତୁ, ସତର୍କ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ, ଜ୍ଞାନ ଆଉ ସତର୍କତା - ସାଇବର ଠକେଇରୁ ରକ୍ଷା, ଶକ୍ତ ପାସୱାର୍ଡ-ଦୃଢ଼ ସୁରକ୍ଷା ଇତ୍ୟାଦି ଆଲୋଚନାର ମୁଖ୍ୟ ପ୍ରସଙ୍ଗ ଥିଲା । ମୟୂରଭଞ୍ଜ ଜିଲ୍ଲାରେ ସାଇବର ସଚେତନ ଅଭିଯାନର ସଫଳ ରୂପାୟନ ପାଇଁ ସାଇବର ସେଲର ନୋଡାଲ ଅଫିସର ତଥା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦୀପକ କୁମାର ଗୋଛାୟତ ଆଗାମୀ ଦିନରେ ଏହି ପ୍ରୟାସକୁ ତ୍ୱରାନିତ୍ୱ କରିବା ପାଇଁ ମୟୂରଭଞ୍ଜ ପୁଲିସର ବିଭିନ୍ନ ପ୍ରୟାସକୁ ବର୍ଣ୍ଣନା କରିଥିଲେ ।




ଜିଲ୍ଲାସ୍ତରୀୟ ୩୨ ତମ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ କର୍ମଶାଳା

# ଶିଶୁ ବିଜ୍ଞାନୀଙ୍କୁ ନୂତନ ଗବେଷଣାମୁଖୀ କରାଇବାକୁ ପରାମର୍ଶ

ବାରିପଦା, ୧୨।୮ (ସମିସ):ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସର ଦିନିକିଆ କର୍ମଶାଳା ସ୍ଥାନୀୟ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ନିରନ୍ତରତା ପାଇଁ ବିଜ୍ଞାନ ଓ ନବସୃଜନ ବିଷୟବସ୍ତୁକୁ ନେଇ ଆୟୋଜିତ କର୍ମଶାଳାକୁ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ବିନୋଦ କୁମାର ସିଂ ଓ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ ଉଦ୍‌ଘାଟନ କରିଥିଲେ । ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସର ଜିଲ୍ଲା ସଂଯୋଜକ ଅଜିତ୍ କୁମାର ଜେନା କର୍ମଶାଳାର ମୁଖ୍ୟ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ଅପରାହ୍ନରେ ଅନୁଷ୍ଠିତ ବୈଷୟିକ କର୍ମଶାଳାରେ ଶିଶୁ ବିଜ୍ଞାନ କଂଗ୍ରେସର ଏକାଡେମିକ କୋଡ଼ିନେଟର ବସନ୍ତ କୁମାର ଦତ୍ତ ପ୍ରକଳ୍ପ ପ୍ରସ୍ତୁତିକରଣ, ଉପସ୍ଥାପନା ଶୈଳୀ, କେଉଁ ବିଷୟ ଓ ବିଷୟବସ୍ତୁକୁ ନେଇ ପ୍ରକଳ୍ପ ପ୍ରସ୍ତୁତ କରିବେ, ତା'ଉପରେ ବିବରଣୀ ପ୍ରଦାନ କରିଥିବା ବେଳେ ସାଧନ କର୍ମୀ ନୟନ କୁମାର ଗିରି ପ୍ରକଳ୍ପ ଓ ସନ୍ଦର୍ଭ ପ୍ରସ୍ତୁତିକରଣରେ ପ୍ରଣାଳୀଗୁଡ଼ିକ ଉପରେ ଆଲୋକପାତ କରିଥିଲେ । ଏଥିସହ ମାର୍ଗଦର୍ଶକ ଶିକ୍ଷକ, ଶିକ୍ଷୟିତ୍ରୀ ନିଜ ବିଦ୍ୟାଳୟକୁ ଯାଇ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରକଳ୍ପ ପ୍ରସ୍ତୁତ କରି ଆସନ୍ତା ଅକ୍ଟୋବର ମାସରେ ହେବାକୁ ଥିବା ଜିଲ୍ଲାସ୍ତରୀୟ ପ୍ରଦର୍ଶନୀରେ ପ୍ରଦର୍ଶିତ କରିବାକୁ ପରାମର୍ଶ ଦେଇଥିଲେ । ପ୍ରଶିକ୍ଷଣ ଶିବିରରେ ଅତିରିକ୍ତ ଜିଲ୍ଲା ଶିକ୍ଷାଅଧିକାରୀ ବିନୋଦ ସିଂହ ନୂତନ ଚିନ୍ତାଧାରାରେ ଆଧୁନିକତାକୁ ପ୍ରାଥମିକତା ଦେଇ କିପରି ଉନ୍ନତମାନର ପ୍ରକଳ୍ପ ଜିଲ୍ଲାସ୍ତରରେ ସ୍ଥାନପାଇବ, ତା'ପ୍ରତି ପ୍ରାଧାନ୍ୟ ଦେଇଥିଲେ । ସେହିପରି ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ଭାଗିରଥୀ ମଲ୍ଲିକଙ୍କ ଉପସ୍ଥିତି ପ୍ରଶିକ୍ଷଣ ଶିବିରର ମାନ ବୃଦ୍ଧି କରିଥିଲା । ତାଙ୍କର ସୁଚିନ୍ତିତ ଚିନ୍ତାଧାରା, ଶିବିରାର୍ଥୀ ଶିକ୍ଷକ ଓ ଶିକ୍ଷାର୍ଥୀଙ୍କୁ ସୃଜନଶୀଳତା କିପରି ବୃଦ୍ଧି ଘଟିବ, ତା'ଉପରେ ମତ ବ୍ୟକ୍ତ କରିଥିଲେ । ଏଥି ସହିତ ଶିକ୍ଷକ ବିଦ୍ୟାଳୟରେ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ସନ୍ଦର୍ଭ ପ୍ରସ୍ତୁତ କରି, ଜିଲ୍ଲାସ୍ତରରେ ଅଂଶଗ୍ରହଣ କରିବା ପାଇଁ ଜିଲ୍ଲା ଶିକ୍ଷାଧିକାରୀ ମତ ପ୍ରଦାନ କରିଥିଲେ । ଉକ୍ତ ପ୍ରଶିକ୍ଷଣ ଶିବିରରେ ୧୫୨ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ । ସର୍ବଶେଷରେ ଶିକ୍ଷକ ସୁବ୍ରତ କିଶୋର ଆଚାର୍ଯ୍ୟ, ଧନ୍ୟବାଦ ଅର୍ପଣ କରିଥିବାବେଳେ କାର୍ଯ୍ୟ ପରିଚାଳନାରେ ଶିକ୍ଷକ ଦୀପକ୍ କୁମାର ମହାନ୍ତ, ତଟିନୀ ପଣ୍ଡା, ଶିଳିସ୍ୱପ୍ନା ପଟ୍ଟନାୟକ,ଅତଶୀ କୁଣ୍ଡୁ ତଥା ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର କର୍ମଚାରୀ ମାନେ ସହଯୋଗ କରିଥିଲେ ।




# କେନ୍ଦ୍ରୀୟ ରେଳ ଆହ୍ୱାନ କମିଟିର ରେଳମନ୍ତ୍ରୀଙ୍କୁ ଦାବିପତ୍ର

- ବାଲିଆପାଳ ଠାରୁ ବିଜୟୱାଡ଼ା ନୂତନ ରେଳପଥ ନିର୍ମାଣ ଦାବି
- ସର୍ଭେ ସହ ରିପୋର୍ଟ ଦାଖଲ ପାଇଁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

ବାରିପଦା, ୧୨।୮ (ସମିସ): ଉତ୍ତର ଓଡ଼ିଶାର ବାଲିଆପାଳ ଠାରୁ ଭାୟା ବସ୍ତା, ହରିପୁର, ମେରଦା, ବେତନଟୀ, ବଡ଼ସାହି, ଉଦଳା, ଦଇତାରୀ, ବୌଦ୍ଧ, ସୁବର୍ଣ୍ଣପୁର (ସୋନପୁର), ଭବାନୀପାଟଣା, ନବରଙ୍ଗପୁର, ବାଲିମେଳା, ମାଲକାନାଗିରି, ଭେଲାରପଦୁ, ଟି.ନରସାପୁରମ ଓ ଓନଜଭିଡ଼ ହୋଇ ଆନ୍ଧ୍ରର ବିଜୟୱାଡ଼ା ପର୍ଯ୍ୟନ୍ତ ନୂତନ ରେଳ ପଥ ନିର୍ମାଣ ପାଇଁ କେନ୍ଦ୍ରୀୟ ଓଡ଼ିଶା ରେଳପଥ କ୍ରିୟାନୁଷ୍ଠାନ କମିଟି ତରଫରୁ ଭାରତ ସରକାରଙ୍କର ରେଳ ବିଭାଗ ମନ୍ତ୍ରୀ ଅଶ୍ୱନୀ ବୈଷ୍ଣବଙ୍କୁ ତାଙ୍କର ରେଳ ଦପ୍ତରରେ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛି । ପୂର୍ବତନ ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁଙ୍କ ସହଯୋଗରେ ଓଡ଼ିଶା କେନ୍ଦ୍ରୀୟ ରେଳ ଆହ୍ୱାନ କମିଟିର ସଭାପତି ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ଉପସଭାପତି ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ରଙ୍କ ସହିତ ଅନ୍ୟମାନେ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଭେଟି ଦାବି ପତ୍ର ପ୍ରଦାନ କରିଛନ୍ତି । ଦାବି ମୁତାବକ ଓଡ଼ିଶାର ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶ ସମେତ ବଙ୍ଗୋପସାଗର ସୀମା ପାଖକୁ ଲାଗି ଏକାଧିକ ରେଳ ପଥ ଥିବାବେଳେ କେନ୍ଦ୍ରୀୟ ଓଡ଼ିଶାର ଦୂରଦୂର ପର୍ଯ୍ୟନ୍ତ ରେଳ ଲାଇନ ନଥିବା ଦୁର୍ଭାଗ୍ୟଜନକ କେନ୍ଦ୍ରୀୟ ଓଡିଶା ମଧ୍ୟଦେଇ ବାଲିଆପାଳ (ବଙ୍ଗୋପସାଗର ସମୁଦ୍ରକୂଳ) ଠାରୁ ଆନ୍ଧ୍ର ପ୍ରଦେଶର ବିଜୟୱାଡ଼ା ପର୍ଯ୍ୟନ୍ତ ନୂତନ ରେଳ ଲାଇନ ନିର୍ମାଣ କରାଗଲେ ଓଡ଼ିଶାର ମେଡ଼ିକାଲ କଲେଜ, ଆଇଆଇଟି ଭଳି ଅନୁଷ୍ଠାନ ପାଇଁ ସୁଯୋଗ ସୃଷ୍ଟି ହେବା ସହିତ ଦ୍ରବର ବନ୍ଦର, ବିମାନ ବନ୍ଦରର ସଂଯୋଗ ତଥା ସାଧାରଣ ଜନତାଙ୍କ ଗମନାଗମନରେ ଜନସୁବିଧା ଏବଂ ପରିବହନ ମଧ୍ୟ ସୁଗମ ହେବ ।



ରେଳ ଲାଇନ ଯାଉଥିବା ଅଞ୍ଚଳଗୁଡିକରେ ଶିକ୍ଷା ସ୍ୱାସ୍ଥ୍ୟ ରୋଜଗାର, କୃଷି, ଶିଳ୍ପ, କୁଟୀର ଶିଳ୍ପର ବିକାଶ ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ରୋଜଗାର ନିଯୁକ୍ତି ସୃଷ୍ଟି ହୋଇ ପାରିବ । ସେହିଭଳି ଉପାନ୍ତ ଅଞ୍ଚଳ, ବିଚ୍ଛିନ୍ନାଞ୍ଚଳକୁ ରେଳ ଯୋଗାଯୋଗ ସମ୍ଭବ ହେବା ସହ ଗଞ୍ଜେଇ ଚାଷ, ମାଓ ନକ୍ସଲ ଦମନ ଇତ୍ୟାଦି ସମ୍ଭବ ହୋଇପାରିବ ବୋଲି କୁହାଯାଇଛି । ତେବେ କେନ୍ଦ୍ରରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଦାବି ପତ୍ର ଗ୍ରହଣ ପୂର୍ବକ ସଙ୍ଗେ ସଙ୍ଗେ ରେଳ ବିଭାଗକୁ ଏହାର ସର୍ଭେ କରି ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଥିବାର ଜଣାଯାଇଛି ।

## ଶ୍ରୀତ୍ରୟମ୍ବକେଶ୍ୱର ମନ୍ଦିରକୁ ଭୂଦାନ

ଯଶିପୁର ୧୨।୮ (ସମିସ): ଯଶିପୁର ଥାନା ଅନ୍ତର୍ଗତ ଗୋଡାପଳସା ଏକ ପୁରାତନ ଧର୍ମପରାୟଣ ଗ୍ରାମ ଭାବେ ବେଶ୍ ପରିଚିତ ।ଆଜକୁ ୪ ବର୍ଷ ହେଲା ଏଠାରେ ଶ୍ରୀ ତ୍ରୟମ୍ବକେଶ୍ୱର ଶିବ ମନ୍ଦିର ପ୍ରତିଷ୍ଠା ହେବା ସହିତ ନାନାଦି ପବିତ୍ର ଧାର୍ମିକ ଓ ଆଧାତ୍ମିକ ଅନୁଷ୍ଠାନ ହୋଇ ଆସୁଛି । ଇତିମଧ୍ୟରେ ଗ୍ରାମର ବିଶିଷ୍ଟ ଶିବଭକ୍ତ, ଅବସରପ୍ରାପ୍ତ ପୋଷ୍ଟମାଷ୍ଟର କ୍ଷେତ୍ରମୋହନ ତନ୍ତୀ ୩୦ ଡେସିମିଲ୍ ଜମି ଉକ୍ତ ମନ୍ଦିରକୁ ଦାନ କରିଛନ୍ତି । ଯଦ୍ୱାରା ମନ୍ଦିରର ଆନୁଷଙ୍ଗିକ ସାଂସ୍କୃତିକ ଓ ଧାର୍ମିକ କାର୍ଯ୍ୟ ସଂପାଦନ ହୋଇପାରିବ । ଏଥିସହିତ ଏହାଦ୍ୱାରା ଆର୍ଥିକ ଭିତ୍ତିଭୂମି ସୁଦୃଢ ହେବା ଆଶା କରାଯାଉଛି । ଗତକାଲି ରରୁଆଁ ସବରେଜିଷ୍ଟ୍ରାର୍ ଅଫିସ୍ରେ ଜମିର କବଲା ମନ୍ଦିର ନାମରେ କରାଯାଇଛି । ପବିତ୍ର ଶ୍ରାବଣ ମାସରେ ଗ୍ରାମର କାଉଡିଆମାନେ ବହୁ ସଂଖ୍ୟାରେ ବୈତରଣୀ ନଦୀରୁ ଜଳ ଆଣି ମନ୍ଦିରରେ ଜଳାଭିଷେକ କରିଛନ୍ତି । ପୂଜକ କୁମାର ପାଣିଗ୍ରାହୀ ଏହି ପବିତ୍ର ପୂଜାକୁ ସମାପନ କରିଥିଲେ । ଗ୍ରାମର ବହୁ ଭକ୍ତ ଏଥିରେ ଯୋଗ ଦେଇଥିଲେ ।



# ଆଦିମ ଜନଜାତି ବହୁଳ ୪ ବ୍ଲକ୍‌ର ବିକାଶ ଅବହେଳିତ

- ହରାଇଛନ୍ତି ମୌଳିକ ଅଧିକାର ଓ ରୋଜଗାର
- ଯୋଜନା ସତ୍ତ୍ୱେ ହଟିନି ଜୁଆଙ୍ଗଙ୍କ ଦାଦନ ଦୁଃଖ
- ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲାରେ ଆଦିବାସୀ ଖୋଜୁଛନ୍ତି ରାହା

କେନ୍ଦୁଝର, ୧୨।୮ (ସମିସ)

କେନ୍ଦୁଝର ଏକ ଜନଜାତି ବହୁଳ ଜିଲ୍ଲା ଅଟେ। ଜିଲ୍ଲାରେ ୧୨ ପ୍ରକାରରୁ ଅଧିକ ଜନଜାତି ବସବାସ କରନ୍ତି। ଏମାନଙ୍କ ମଧ୍ୟରେ ଆଦିମ ଜନଜାତି ଅନ୍ୟତମ ଅଟନ୍ତି। ତେବେ, କେନ୍ଦୁଝର ଜିଲ୍ଲା ଏବେବି ବିଭିନ୍ନ କ୍ଷେତ୍ରରେ ପଛୁଆ ଜିଲ୍ଲା ରହିଥିବା ବେଳେ ଏଠାରେ ଆଦିମ ଜନଜାତି ଜୁଆଙ୍ଗ ଲୋକେ ଏବେ ଡିଜିଟାଲ ଯୁଗରେ ସେହି ଆଦିମ ଦୁନିଆରେ ରହି ଯାଇଥିବା ଅଭିଯୋଗ ହେଉଛି। ଜୁଆଙ୍ଗମାନଙ୍କର ଜୀବନ ଧାରଣ କ୍ଷମତା ସୁଦୃଢ ହୋଇପାରିନାହିଁ।

୧୯୭୮ରେ ତତକାଳୀନ ସରକାର ଜିଲ୍ଲାର ଜୁଆଙ୍ଗମାନଙ୍କର ଉନ୍ନୟନ ଉଦ୍ଦେଶ୍ୟରେ "ଜୁଆଙ୍ଗ ଉନ୍ନୟନ ସଂସ୍ଥା' ସ୍ଥାପନ କରିଥିଲେ। ବାଂଶପାଳ ବ୍ଲକର ୬ ପଞ୍ଚାୟତର ୫୪ଟି ଗ୍ରାମକୁ ସାମିଲ କରାଯାଇଥିଲା। ପରେ ୨୦୨୦ରେ ଏସଏସଡି ବିଭାଗ ବିଜ୍ଞପ୍ତି ସଂଖ୍ୟା ୭୭୪୩ ଅନୁସାରେ ଜୁଆଙ୍ଗ ବହୁଳ ହରିଚନ୍ଦନପୁର ବ୍ଲକର ୧୬ ପଞ୍ଚାୟତର ୫୫ ଗାଁ, ତେଲକୋଇ ବ୍ଲକର ୧୬ ପଞ୍ଚାୟତର ୩୬ ଗାଁ ଏବଂ ଘଟଗାଁ ବ୍ଲକର ୫ ଜୁଆଙ୍ଗ ବହୁଳ ପଞ୍ଚାୟତର ୧୧ଟି ଗାଁକୁ ସାମିଲ କରାଯାଇଥିଲା। ଏବେ ଜେଡିଏ ଅଧୀନରେ ଉପରୋକ୍ତ ୪ ବ୍ଲକ ଅଧୀନରେ ଥିବା ମୋଟ ୪୩ଟି ଗ୍ରାମପଞ୍ଚାୟତର ୧୫୬ଟି ଗାଁକୁ ସାମିଲ କରାଯାଇଛି। ୧୪ଟି ଅଣଆଦିମ ଜନଜାତି (ନନ-ପିଭିଟିଜି) ଲୋକ ଜେଡିଏ ଅଧୀନରେ ସାମିଲ ଅଛନ୍ତି।

ଜୁଆଙ୍ଗମାନଙ୍କର ମୁଖ୍ୟ ଜୀବିକା କୃଷି ଏବଂ ଦିନମଜୁରିଆ ହୋଇଥିବାବେଳେ ଧାନ, ମକ୍କା, ସୋରିଷ ଏବଂ ଆଳୁ ଚାଷକୁ ସେମାନେ ଅଧିକ ପରିମାଣରେ କରିଥାନ୍ତି। ଜନଜାତି ଜୁଆଙ୍ଗମାନେ ସଂସ୍କୃତି ପ୍ରିୟ ଏବଂ ଧାନ ନୂଆଖାଇ, ମାଘପୁଡି, ଆମ୍ବ ନୂଆଖାଇ, ଆଷଢ଼ୀ ପର୍ବ ସେମାନଙ୍କର ମୁଖ୍ୟ ପର୍ବ ଭାବେ ଜଣା। ଚାଙ୍ଗୁ ନୃତ୍ୟ ସେମାନଙ୍କ ପାରମ୍ପରିକ ଅଭ୍ୟାସ ଅଟେ। ସହରୀ ଚାଲିଚଳନଠାରୁ ଦୂରରେ ଘଣ ଜଙ୍ଗଲ ଏବଂ ଦୁର୍ଗମ ଅଞ୍ଚଳର ପ୍ରାକୃତିକ ପରିବେଶ ମଧ୍ୟରେ ବସବାସ କରିବାକୁ ଭଲ ପାଉଥିବା ମଣିଷ ହେଲେ ଜୁଆଙ୍ଗ ଲୋକ। ବର୍ତ୍ତମାନ ଜିଲ୍ଲାରେ ପାଖାପାଖି ୫୦ ହଜାର ଜୁଆଙ୍ଗ ଲୋକ ବସବାସ କରୁଥିଲେ ମଧ୍ୟ ଜେଡିଏ ଅଧୀନରେ କାର୍ଯ୍ୟକାରୀ ଯୋଜନାରେ ବାଂଶପାଳ ବ୍ଲକର ୨୬୦୯ ପରିବାରର ୧୨୬୫୩ ଜଣ, ହରିଚନ୍ଦନପୁର ବ୍ଲକର ୨୪୫୯ ପରିବାର ୧୨୬୮୩ ଜଣ, ତେଲକୋଇ ବ୍ଲକର ୧୪୭୮ ପରିବାରର ୮୨୧୮ ଜଣ, ଘଟଗାଁ ବ୍ଲକର ୫୦୦ ଜନଜାତି ପରିବାରର ୨୨୧୫ ଜଣ ଲୋକଙ୍କୁ ମିଶାଇ ମୋଟ ୭୦୪୬ ଗୋଟି ଆଦିମ ଜନଜାତି ଜୁଆଙ୍ଗ ପରିବାର ୩୫୭୬୯ ଜଣ ଲୋକ ଜୁଆଙ୍ଗ ଉନ୍ନୟନ ସଂସ୍ଥା ଅଧୀନରେ ଥିବା କୁହାଯାଉଛି। ଜେଡିଏ ଅଧୀନରେ ୨୦୨୨ରୁ ଓଡିଶା ଆଦିମ ଜନଜାତି ପୋଷଣ ଉନ୍ନତିକରଣ କାର୍ଯ୍ୟକ୍ରମ, ମାତୃ ଏନଂ ଶିଶୁ ପୋଷଣ କେନ୍ଦ୍ର, ପଡା ପୁଷ୍ଟିକର କାର୍ଯ୍ୟକ୍ରମ, ଗର୍ଭବତୀ ଓ ପ୍ରସୂତି ମହିଳାଙ୍କୁ ଗରମ ରନ୍ଧାଖାଦ୍ୟ କାର୍ଯ୍ୟକ୍ରମ ପ୍ରଭୃତି ଯୋଜନାକୁ ମିଶାଇ ସରକାରଙ୍କ ବିଭିନ୍ନ ବିଭାଗ ଦ୍ୱାରା କରାଯାଉଥିବା ବିଭିନ୍ନ କଲ୍ୟାଣ କାରୀ ବିକାଶ ମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯାଉଥିଲେ ମଧ୍ୟ ଜୁଆଙ୍ଗ ଆଦିମ ଜନଜାତିମାନଙ୍କର ଅବସ୍ଥାରେ ଆଖିଦୃଶିଆ ଉନ୍ନତି ହୋଇନାହିଁ। ଏବେ ମଧ୍ୟ ଶିକ୍ଷା ସ୍ୱାସ୍ଥ୍ୟ, ଗମନାଗମନ, ଶିଶୁଙ୍କ ମଧ୍ୟରେ ପୁଷ୍ଟିହୀନତା ସହିତ କର୍ମସଂସ୍ଥାନ କ୍ଷେତ୍ରରେ ସେମାନେ ଯୁଝି ହେଉଛନ୍ତି। ରାଜ୍ୟରେ ଥିବା ସରକାର କିମ୍ବା ଜିଲ୍ଲା ପ୍ରଶାସନ ଜୁଆଙ୍ଗ ଉନ୍ନୟନ ସଂସ୍ଥା ମାଧ୍ୟମରେ ସେମାନଙ୍କର ବିକାଶକୁ ଛୁଇଁ ପାରି ନଥିବା ଏବେବି ଜଳଜଳ ହୋଇ ଦୃଶ୍ୟମାନ ହେଉଛି। ସରକାର ଯୋଜନା ପରେ ଯୋଜନା କରିଛନ୍ତି କିନ୍ତୁ ସେମାନଙ୍କର ଆର୍ଥିକ ବ୍ୟବସ୍ଥାରେ ସୁଧାର ହୋଇପାରିନି। ବାଧ୍ୟ ହୋଇ ଜୁଆଙ୍ଗ ଯୁବକ ଯୁବତୀ ମାନେ ଦଲାଲମାନଙ୍କ ଜରିଆରେ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି ପରିବାର ପ୍ରତିପୋଷଣ ପାଇଁ।

ଏଇ ନିକଟରେ ତାମିଲନାଡୁଠାରେ ଦାଦନକୁ ଯାଇଥିବା ଜୁଆଙ୍ଗମାନେ କିପରି ମୃତ୍ୟୁ ମୁଖରେ ପଡି ପରିବାରକୁ ଦୁଃଖ ଆଣିଦେଇଥିଲେ। ଘଟଣାକୁ ନେଇ ସାରା ଓଡିଶା ସ୍ତବ୍ଧ ହୋଇଯାଇଥିଲା। ଏହି ଘଟଣା ଜିଲ୍ଲାର ଜୁଆଙ୍ଗମାନଙ୍କର ଅବସ୍ଥାକୁ ଦର୍ଶାଉଥିବାବେଳେ ଏବେକାର ସରକାରଙ୍କ ପାଖରେ ଜିଲ୍ଲାରେ ବସବାସ କରୁଥିବା ଜୁଆଙ୍ଗମାନଙ୍କୁ ସ୍ଥାୟୀ କର୍ମସଂସ୍ଥାନ ଯୋଗାଇବା ଦିଗରେ ସେଭଳି କିଛି ଠୋସ ଯୋଜନା ନାହିଁ ବୋଲି ଜୁଆଙ୍ଗମାନେ ଅଭିଯୋଗ କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲାରେ ଜୁଆଙ୍ଗ ଉନ୍ନୟନ ଯୋଜନା ଏବଂ ଜେଡିଏ କିପରି ଦିଗହରା ହୋଇପଡିଛି ତା'ର ନମୁନା ଜୁଆଙ୍ଗ ବହୁଳ ଯେ କୌଣସି ଗ୍ରାମକୁ ଗଲେ ଦୃଶ୍ୟମାନ ହେବ।

## ଉଦଳାରେ ତ୍ରିରଙ୍ଗା ଶୋଭାଯାତ୍ରା



ଉଦଳା,୧୨।୮ (ସମିସ): ମୟୂରଭଞ୍ଜ ଉଦଳାରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେପିର ଦଳୀୟ କର୍ମକର୍ତ୍ତା ଓ ସ୍ଥାନୀୟ ଲୋକଙ୍କ ସହ ବହୁ ସଂଖ୍ୟାରେ ଯୁବକ-ଯୁବତୀ ଯୋଗ ଦେଇଥିଲେ। ହାତରେ ଜାତୀୟ ପତାକା ଧରି ରାଢ଼ କଲେଜ ଛକ ଠାରୁ ଆରମ୍ଭ ହୋଇ ରାଢ଼ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏହି ତ୍ରିରଙ୍ଗା ଯାତ୍ରା ଯାଇଥିଲା। ମୁଖ୍ୟ ଅତିଥି ଭାବେ ଉଦଳା ବିଧାୟକ ତଥା ମୟୂରଭଞ୍ଜ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଭାସ୍କର ମଡେଇ ଏବଂ ଉଦଳା ସଦର ମଣ୍ଡଳର ସଭାପତି ଭାଗୀରଥି ସେଠୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସଦର ମଣ୍ଡଳର ପ୍ରଭାରୀ ପ୍ରଭାତ ପରିଡ଼ା, ବରିଷ୍ଠ ନେତା ସନ୍ତୋଷ ବାଛିନି, ଯୁବମୋର୍ଚ୍ଚା ସଭାପତି ଜନ୍ମେଞ୍ଜୟ ସାହୁ, ମୟୂରଭଞ୍ଜ ଜିଲ୍ଲା ସାଂସଦ ପ୍ରତିନିଧି ଜିତେନ୍ ଦତ୍ତ, ନୁଦୁଡିହକ୍ଷ ମଣ୍ଡଳ ପ୍ରଭାରୀ ବିଜୟ ସେନାପତି, ଯୁବ ନେତା ରାକେଶ ପୁହାଣ, ଦୀପକ ମିଶ୍ର, ଦୁଲାଲ ସୋରେନ, ଗୁଣମଣି ଖଣ୍ଡେଇ, ପୀତବାସ ସେଠୀ, ହିମାଂଶୁ ବେହେରା, ମଙ୍ଗଳ ସିଂ ପ୍ରମୁଖ ଯୋଗ ଦେଇଥିଲେ।

## ଯୋଡ଼ାରେ ତ୍ରିରଙ୍ଗା ଯାତ୍ରା

ଯୋଡ଼ା, ୧୨/୮ (ସମିସ): ସ୍ୱାଧୀନତା ଦିବସ ପରିପ୍ରେକ୍ଷୀରେ ଯୋଡ଼ା ସହରରେ ବିଜେପି ପକ୍ଷରୁ ଏକ ଭବ୍ୟ ତ୍ରିରଙ୍ଗା ଯାତ୍ରା ଆୟୋଜିତ ହୋଇଛି। ଦେଶପ୍ରେମ ଓ ଜାତୀୟ ଏକତାର ବାର୍ତ୍ତା ନେଇ ଦଳୀୟ ନେତା, କର୍ମୀ ଓ ସମର୍ଥକମାନେ ଏହି ଯାତ୍ରାରେ ସାମିଲ ହୋଇଥିଲେ। ହାତରେ ଜାତୀୟ ପତାକା ଧରି ଶତାଧିକ କର୍ମୀ ସହରର ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲେ। ଏହି ସମୟରେ 'ଭାରତ ମାତା କି ଜୟ', 'ବନ୍ଦେ ମାତରମ୍' ଧ୍ୱନିରେ ସମଗ୍ର ଅଞ୍ଚଳ ଉତ୍ସବମୁଖର ହୋଇଉଠିଥିଲା। ଦେଶର ସ୍ୱାଧୀନତା ପାଇଁ ବଳିଦାନ ଦେଇଥିବା ମହାନ ସ୍ୱାଧୀନତା ସଂଗ୍ରାମୀ ଓ ସହିଦମାନଙ୍କୁ ଯାତ୍ରା ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଜଣାଯାଇଥିଲା। ସ୍ଥାନୀୟ ବିଜେପି ନେତା, ପଦାଧିକାରୀ, ଯୁବ କର୍ମୀଙ୍କ ସମେତ ବହୁ ସଂଖ୍ୟକ ଦଳୀୟ ସମର୍ଥକ ଯୋଗଦେଇଥିଲେ। ଯାତ୍ରାକୁ ନେଇ ସହରରେ ଉତ୍ସାହର ପରିବେଶ ସୃଷ୍ଟି ହୋଇଥିଲା।

## ସାଇବର ଠକଙ୍କ ଜାଲରେ ଖୁଣ୍ଟା କଲେଜ ଅଧ୍ୟକ୍ଷ

ବାରିପଦା, ୧୨।୮ (ସମିସ): ସରକାରୀ କାର୍ଯ୍ୟକ୍ରମର ନାଁରେ ଠକମାନେ କିପରି ସହଜରେ ଲୋକଙ୍କୁ ପ୍ରତାରଣା କରୁଛନ୍ତି, ତାହାର ଏକ ଉଦାହରଣ ମିଳିଛି ଖୁଣ୍ଟାରୁ। ଖୁଣ୍ଟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ(ଯୁକ୍ତ ଦୁଇ କଲେଜ) ର ଅଧ୍ୟକ୍ଷ ନନ୍ଦ କିଶୋର ପଟ୍ଟନାୟକ ଏକ ସାଇବର ଠକେଇର ଶିକାର ହୋଇ ୨୦ ହଜାର ଟଙ୍କା ହରାଇଛନ୍ତି। ଜଣେ ଅଜଣା ବ୍ୟକ୍ତି ନିଜକୁ ବିଡିଓ ବୋଲି ପରିଚୟ ଦେଇ ଫୋନ କଲ କଲେ। ସେ କହିଲେ ଯେ ବିଦ୍ୟାଳୟରେ ସୋଲାର ପ୍ୟାନେଲ୍ ଲାଗିବ ଏବଂ ସେଥିପାଇଁ ୪୦ ହଜାର ଟଙ୍କା ପଠାଯିବ। ଏହି କଥାରେ ବିଶ୍ୱାସ କରି ଅଧ୍ୟକ୍ଷ ନିଜ ବ୍ୟାଙ୍କ ଖାତାର ବିବରଣୀ ଦେଇଦେଲେ। ପରେ ଭାରତୀୟ ଷ୍ଟେଟ ବ୍ୟାଙ୍କର ୟୋନୋ ଆପ୍ ମାଧ୍ୟମରେ ତଥ୍ୟ ଦେବା ବେଳେ ତାଙ୍କ ଖାତାରୁ ୨୦ ହଜାର ଟଙ୍କା କଟିଯାଇଥିଲା। ସେହି ସମୟରେ ବିଦ୍ୟାଳୟର ଆଉ ଜଣେ ଅଧ୍ୟାପକ ମଧ୍ୟ ସମାନ ଭାବେ ଆଉ ୨୦ ହଜାର ଟଙ୍କା ପାଇଁ ତଥ୍ୟ ଦେବାକୁ ଯାଉଥିଲେ। କିନ୍ତୁ ଅଧ୍ୟକ୍ଷଙ୍କ ଖାତାରୁ ଟଙ୍କା କଟିଯାଇଥିବା ଜାଣିବା ପରେ ସେ ଠକେଇରୁ ବର୍ଞ୍ଚିଯାଇଥିଲେ। ଏହି ଘଟଣାର ଅଭିଯୋଗ ଖୁଣ୍ଟା ଥାନାରେ ଦାଖଲ ହୋଇଛି। ପୁଲିସ ଠକ ବ୍ୟବହାର କରିଥିବା ମୋବାଇଲ୍ ନମ୍ବର ଓ ବ୍ୟାଙ୍କ ଖାତା ଭିତ୍ତିରେ ତଦନ୍ତ ଆରମ୍ଭ କରିଛନ୍ତି।

## ପିଏମ୍‌ଶ୍ରୀ ମହାରାଜା ପ୍ରତାପ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ 'ସାଇବର ସୁରକ୍ଷା ଅଭିଯାନ'



ବେତନଟୀ,୧୨।୮ (ସମିସ): ବୁଧବାର ପିଏମ୍‌ଶ୍ରୀ ମହାରାଜା ପ୍ରତାପ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ସାଇବର୍ ସୁରକ୍ଷା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅର୍ଜୁନ ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବେତନଟି ଥାନା ଅଧିକାରୀ ଶ୍ରୀକ୍ରିଷ୍ଣା ପିଙ୍ଗୁଆ ଏବଂ ସହକର୍ମୀ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଏବଂ ସଦସ୍ୟ ବୃନ୍ଦ ଯୋଗ ଦେଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ଶ୍ରୀ ପିଙ୍ଗୁଆ ଛାତ୍ରଛାତ୍ରୀଙ୍କ ପାଇଁ ସାଇବର ସୁରକ୍ଷାର ନିର୍ଦ୍ଦେଶାବଳୀ ଗୁଡ଼ିକ ଯଥା- ସାଇବର ସୁରକ୍ଷିତ ରହିବେ କିପରି, ସୋସିଆଲ୍ ମିଡିଆ ବ୍ୟବହାର କରିବା ସମୟରେ ସତର୍କତା, ଅନଲାଇନ୍ ଆର୍ଥିକ କାରବାର ସମୟରେ ସତର୍କତା, ଚାକିରି ଠକେଇ, ଇ କେୱାଇସି ନାମରେ ଠକେଇ, ଲୋନ୍ ଆପ୍ ନାମରେ ଠକେଇ ଇତ୍ୟାଦି ସମ୍ବନ୍ଧରେ ସଚେତନତାର ବାର୍ତ୍ତା ଦେଇଥିଲେ। ଶେଷରେ ଛାତ୍ରଛାତ୍ରୀ ମୋବାଇଲର ସଦୁପଯୋଗ କରିବା ପାଇଁ ଶପଥ ଗ୍ରହଣ କରିଥିଲେ। ଏହି ଅବସରରେ ଆୟୋଜିତ ସାଇବର ସୁରକ୍ଷା ଅଭିଯାନରେ ଶିକ୍ଷୟିତ୍ରୀ ଇତିଶ୍ରୀ ମନ୍ତ୍ରୀ, ଶିକ୍ଷକ ପ୍ରକାଶ କୁମାର ଗିରି, ହେମନ୍ତ କୁମାର ଦାସ, ଅମରଜ୍ୟୋତି ସ୍ୱାଇଁ, ରାଜକମଲ ସାଥୁଆ, ଅଜୟ କୁମାର ବାରିକ୍, ସୌରଭ କୁମାର୍ ନନ୍ଦ, ସୁନୀଲ୍ କୁମାର ସାହୁ, ଶିକ୍ଷୟିତ୍ରୀ ମନସ୍ୱିନୀ ପଟ୍ଟନାୟକ, କାପୁରା ସୋରେନ, ଯାଜ୍ଞସେନୀ ବେହେରା, ମୌସୁମୀ ମଣ୍ଡଳ, ଗାୟତ୍ରୀ ରାଉତ ଓ ଖଗେନ୍ ଚନ୍ଦ୍ର ମହାନ୍ତ, ହୃଷୀକେଶ ମହାପାତ୍ର, ହିତେଶ ଗନ୍ତାୟତ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ବାଲିପଷିରେ ବିଶ୍ୱ ହସ୍ତୀ ଦିବସ

ଠାକୁରମୁଣ୍ଡା,୧୨।୮ (ସମିସ): ଠାକୁରମୁଣ୍ଡା ବନାଞ୍ଚଳ ଅନ୍ତର୍ଗତ ବାଲିପଷି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ବିଶ୍ୱ ହସ୍ତୀ ଦିବସ ପାଳିତ ହୋଇଯାଇଛି। ବନପାଳ ପ୍ରଦୀପ କିଶୋର ହାଇବ୍ରୁରୁଙ୍କ ସଭାପତିତ୍ୱରେ ଆୟୋଜିତ ସଚେତନତା ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରେଞ୍ଜ ଅଧିକାରୀ ଉମାକାନ୍ତ ବେହେରା ହାତୀ ପରିବେଶର ବନ୍ଧୁ ବୋଲି ଆଖ୍ୟା ଦେଇଥିଲେ।




ହାତୀକୁ ଲୋକେ ଲକ୍ଷ୍ମୀଙ୍କ ସହ ତୁଳନା କରୁଥିଲେ। ହାତୀର ଆବାସ ନଷ୍ଟ ହେବା କାରଣରୁ ହାତୀ ଏବେ ଜନବସତି ମୁହାଁ ଫଳରେ ହାତୀ ମଣିଷ ଲଢେଇ ଲାଗି ରହୁଛି କ୍ଷ ଏଣୁ ଆମେ ଜଙ୍ଗଲ ସୃଷ୍ଟି, ପରିବେଶ ସୁରକ୍ଷା, ଜଙ୍ଗଲ ସଂରକ୍ଷଣ କରିପାରିଲେ ଲଢେଇ ବନ୍ଦ ହେବା ସହ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ସମ୍ଭବ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ଠାକୁରମୁଣ୍ଡା ପ୍ରେସ କ୍ଲବ ସଭାପତି ଶରତ କୁମାର ତ୍ରିପାଠୀ ଯୋଗଦେଇ ହାତୀ ଏକ ସାମାନ୍ୟ ପଶୁ ନୁହେଁ ବରଂ ଜଙ୍ଗଲର ଇଞ୍ଜିନିଅର ବୋଲି କହିଥିଲେ। ହାତୀ ଯେଉଁଠି ଚାଲେ ସେଠାରେ ଅନ୍ୟ ଜୀବଙ୍କ ପାଇଁ ରାସ୍ତା ଫିଟି ଯାଏ। ଯେଉଁ ଫଳ ଖାଏ ତାର ମଞ୍ଜି ମଳ ଦ୍ୱାରା ବିକ୍ଷିପ୍ତ କରି ନୂଆ ଜଙ୍ଗଲ ସୃଷ୍ଟିରେ ସହାୟକ ହୁଏ। ଯେଉଁଠି ପାଣି ପିଏ ସେଠାରେ ଅନ୍ୟ ଜୀବଙ୍କ ପାଇଁ ଜଳ ଉତ୍ସ ତିଆରି ହୋଇଯାଏ। ତେଣୁ ହାତୀ ପରିବେଶ ଓ ଅନ୍ୟମାନଙ୍କ ପାଇଁ ଉପକାରୀ ସାବ୍ୟସ୍ତ ହୋଇଛି। ହାତୀ ଭଳି ସର୍ବ ବୃହତ ଜୀବ ଆମର ସଚେତନତା ଓ ସୁରକ୍ଷା ଅଭାବ ହେଲେ ବିଲୁପ୍ତ ହୋଇଯିବ। ହାତୀକୁ ବନ୍ଧୁ ଭାବି ଆଚରଣ କଲେ ବିବାଦ କମିବ ବୋଲି ମତ ରଖିଥିଲେ। ବନପାଳ ବିଦ୍ୟାଧର ମହାନ୍ତ, ଶିକ୍ଷକ ବସନ୍ତ କୁମାର ସେଣ୍ଠ ବକ୍ତବ୍ୟ ରଖିଥିଲେ। ଶେଷରେ ଓଏଫଏସଡିପି ପ୍ରକଳ୍ପ ସଂଯୋଜକ ସୁକାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବନରକ୍ଷୀ ବିକାଶ କୁମାର ମହାନ୍ତ, ବନପାଳ ବିଶ୍ୱଜିତ ମହାନ୍ତ, ଶିବ ଦଣ୍ଡପାଟ, ଲୁଲୁ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

## ରବୀନ୍ଦ୍ର ଜେନାଙ୍କ ବେତନଟୀ ଗସ୍ତ

# ହିଙ୍ଗୁଳା ପୀଠର ବିକାଶ ନେଇ ଆଲୋଚନା



ବେତନଟୀ,୧୨।୮ (ସମିସ): ବାଲେଶ୍ୱର ଲୋକସଭା ନିର୍ବାଚନ ମଣ୍ଡଳୀର ପ୍ରାକ୍ତନ ସାଂସଦ ରବୀନ୍ଦ୍ର କୁମାର ଜେନା ବୁଧବାର ବଡ଼ସାହି ନିର୍ବାଚନ ମଣ୍ଡଳୀ ଗସ୍ତ କରିଛନ୍ତି। ବିଜେପିରେ ଯୋଗଦାନ ପରେ ପ୍ରଥମ ଥର ପାଇଁ ଏହି ଅଞ୍ଚଳକୁ ଆସିଥିବାରୁ ବେତନଟୀ ପୁରୁଣା ଦମକଳ କେନ୍ଦ୍ର ଛକ ନିକଟରେ ଦଳୀୟ କର୍ମୀ ଓ ନେତାଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଜେପି ନେତା ସୁନୀଲ କୁମାର ଖଣ୍ଡେଲୱାଲ, ପ୍ରଦୀପ ମହାନ୍ତ, ଯାମିନୀକାନ୍ତ ନାଏକ ଓ ରାଜେଶ ନାୟକଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ। ଅଳ୍ପ ସମୟର ରହଣି ମଧ୍ୟରେ ଶ୍ରୀ ଜେନା ବଡ଼ସାହି ନିର୍ବାଚନ ମଣ୍ଡଳୀର ବିଭିନ୍ନ ଆଞ୍ଚଳିକ ଉନ୍ନୟନ ଯୋଜନା ସମ୍ପର୍କରେ ଉପସ୍ଥିତ ନେତୃବୃନ୍ଦଙ୍କ ସହ ସମୀକ୍ଷା ଓ ଆଲୋଚନା କରିଥିଲେ। ଏହାପରେ ସେ ବଡ଼ସାହିସ୍ଥିତ ପ୍ରସିଦ୍ଧ ମା' ହିଙ୍ଗୁଳାଙ୍କ ପୀଠରେ ପହଞ୍ଚି ମା'ଙ୍କ ଦର୍ଶନ କରିଥିଲେ। ଶ୍ରଦ୍ଧାଳୁଙ୍କ ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ପୀଠର ଆନୁଷଙ୍ଗିକ ଭିତ୍ତିଭୂମିର ସୁଦୃଢ଼ୀକରଣ ଓ ଆଞ୍ଚଳିକ ବିକାଶ ନେଇ ସେ ହିଙ୍ଗୁଳା ଟ୍ରଷ୍ଟ ମୁଖ୍ୟ ସୁନୀଲ କୁମାର ଦାଶଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ଏହି ଗସ୍ତ କାର୍ଯ୍ୟକ୍ରମରେ ବଡ଼ସାହି ବ୍ଲକ ଅଧ୍ୟକ୍ଷା ମୀନତି ସିଂ, ବେତନଟୀ ବ୍ଲକ ଅଧ୍ୟକ୍ଷା କୌଶଲ୍ୟା ମାଝୀ, ବଡ଼ସାହିର ଅନନ୍ତ ପଶା ଓ ପ୍ରକାଶ ଦାସ ପ୍ରମୁଖ ସ୍ଥାନୀୟ ପ୍ରତିନିଧି ଯୋଗ ଦେଇଥିଲେ।

- କେନାଲରେ ଘାଇ ଯୋଗୁଁ ଚାଷଜମି ଜଳଚର

# ପ୍ରତିବାଦରେ ଚାଷୀଙ୍କ ରାସ୍ତାରୋକ





ଆନନ୍ଦପୁର, ୧୨।୮ (ସମିସ): ବୈତରଣୀ ବନ୍ୟା ସମୟରେ ବଡରମ୍ପାସ ଡିଷ୍ଟ୍ରିବ୍ୟୁଟାରୀ କେନାଲରେ ଘାଇ କରାଯାଇଥିବା ଯୋଗୁଁ ବର୍ଷାଜଳ ନିଷ୍କାସନ ହୋଇପାରୁ ନଥିବାରୁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏଭଳି ଅଭିଯୋଗ ଆଣି ଆଖ ପାଖ ଅଞ୍ଚଳର ଏକାଧିକ ଗ୍ରାମର ଚାଷୀମାନେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ଚାଷୀଙ୍କ ଅଭିଯୋଗ ଅନୁଯାୟୀ, ଶାସଙ୍ଗ, ସୁଲଣ, ଆବୁଲୁପୁରା, ବିରିଡି, ସରଳ, କୋଳିପଦି ଆଦି ଗ୍ରାମର ବର୍ଷାଜଳ ବଡରମ୍ପାସ ଡିଷ୍ଟ୍ରିବ୍ୟୁଟାରୀ କେନାଲରେ ଆସୁଛି। ଆବଶ୍ୟକ ଭାବେ ଜଳ ନିଷ୍କାସନ ହେଉନଥିବାରୁ ବର୍ଷାଜଳ କେନାଲ ଘାଇ ଦ୍ୱାରା ଟୁକୁଣା, ଈଶଳା, ଖସିପୁର, ଓସ୍ତପାଳ, ଧାନଘର, ସଡ଼ଙ୍ଗା, ଇଞ୍ଚୋଳ ଆଦି ଗ୍ରାମକୁ ଯାଇ ଚାଷ ଜମିସବୁ ବୁଡ଼ି ଯାଉଛି। ଫଳରେ ଚାଷ ଜମିରେ ପାଣି ଜମି ରହିବା ସହ ଚାଷ କାର୍ଯ୍ୟ ଆଗେଇ ନେବା କଷ୍ଟକର ହୋଇପଡ଼ିଛି। ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନି। ଯାହାକୁ ନେଇ ଚାଷୀମାନେ ଅଣା-ସମଣା ରାସ୍ତାର ଈଶଳା ନିକଟରେ ରାସ୍ତାରୋକ କରିଛନ୍ତି।

## କରଞ୍ଜିଆରେ ଦ୍ୱିତୀୟ ଟ୍ରାଫିକ୍ ପୁଲିସ ୟୁନିଟ୍ କାର୍ଯ୍ୟକ୍ଷମ

କରଞ୍ଜିଆ,୧୨।୮ (ସମିସ): କରଞ୍ଜିଆରେ ଦ୍ୱିତୀୟ ଟ୍ରାଫିକ୍ ପୁଲିସ ୟୁନିଟ୍ ମଙ୍ଗଳବାରଠାରୁ କାର୍ଯ୍ୟକ୍ଷମ ହୋଇଛି। ଏହା ପୂର୍ବରୁ ପୁଲିସ କର୍ମଚାରୀଙ୍କୁ ଦୁଇଦିନିଆ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଇଥିଲା। କରଞ୍ଜିଆ ଥାନା ପରିସରରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମ କରଞ୍ଜିଆ ଥାନା ଭାରପ୍ରାପ୍ତ ଅଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ରାଇରଙ୍ଗପୁର ଆରକ୍ଷୀ ଅଧିକ୍ଷକ ସୁରେଶ ଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟ୍ରାଫିକ୍ ୟୁନିଟ୍‌ର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ପାଞ୍ଚପୀଢ଼ ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା, ଉପଖଣ୍ଡ ପୁଲିସ ଅଧିକାରୀ ନବକୃଷ୍ଣ ନାୟକ, କରଞ୍ଜିଆ ବିଡିଓ ପ୍ରଦ୍ୟୁମ୍ନ ନାୟକ, ତହସିଲଦାର ରୁପାଲୀ ହାଁସଦାଙ୍କ ସମେତ ଠାକୁରମୁଣ୍ଡା, ଯଶିପୁର, ମହୁଲଡିହା, ରରୁଆଁ ଓ ଘାଗରବେଡ଼ା ଥାନାର ଅଧିକାରୀ ଏବଂ ଅନ୍ୟାନ୍ୟ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ଏହାପରେ ପ୍ରଶିକ୍ଷଣପ୍ରାପ୍ତ ପୋଲିସ କର୍ମଚାରୀ ଓ ସହରବାସୀଙ୍କୁ ନେଇ ଥାନା ପରିସରରୁ ଏକ ସଚେତନତା ଶୋଭାଯାତ୍ରା ବାହାରିଥିଲା। ଟ୍ରାଫିକ୍ ନିୟମ ମାନିବା, ରାସ୍ତାରେ ଶୃଙ୍ଖଳା ବଜାୟ ରଖିବା ଏବଂ ସହରର ଟ୍ରାଫିକ୍ ସମସ୍ୟା ଦୂର କରିବା ନେଇ ବିଭିନ୍ନ ସ୍ଲୋଗାନ ଦିଆଯାଇଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ନେତାଜୀ ଛକରେ ସିଫ୍ଟ ଅନୁଯାୟୀ ଦୁଇଜଣ ହୋମଗାର୍ଡ ଓ ଜଣେ କନଷ୍ଟେବଲଙ୍କୁ ନିୟୋଜିତ କରାଯାଇଛି। ପରବର୍ତ୍ତୀ ସମୟରେ ସହରର ଅନ୍ୟାନ୍ୟ ପ୍ରମୁଖ ଛକ ଓ ସ୍ଥାନକୁ ଟ୍ରାଫିକ୍ ବ୍ୟବସ୍ଥା ବିସ୍ତାର କରାଯିବ ବୋଲି ଏସ୍‌ପି ସୁରେଶ ଚନ୍ଦ୍ର ପାତ୍ର କହିଛନ୍ତି। ଏପଟେ ନେତାଜୀ ଛକରେ ଟ୍ରାଫିକ୍ ନିୟନ୍ତ୍ରଣକୁ ସୁଗମ କରିବା ପାଇଁ ରାସ୍ତାକଡ଼ରେ ଥିବା ବଡ଼ ବଡ଼ ଗଛ କାଟିବା କାର୍ଯ୍ୟ ମଧ୍ୟ ପ୍ରାରମ୍ଭିକ ପର୍ଯ୍ୟାୟରେ ଆରମ୍ଭ ହୋଇଛି। ନୂତନ ଟ୍ରାଫିକ୍ ୟୁନିଟ୍ ଦ୍ୱାରା ସହରର ଟ୍ରାଫିକ୍ ସମସ୍ୟା ହ୍ରାସ ପାଇବା ସହ ଯାତାୟାତ ବ୍ୟବସ୍ଥା ଅଧିକ ଶୃଙ୍ଖଳିତ ହେବ ବୋଲି ସହରବାସୀ ଆଶା ପ୍ରକାଶ କରିଛନ୍ତି।


## ବେଆଇନ ଖାଦାନରେ ଛାତ୍ରମୃତ୍ୟୁ ଘଟଣା

# ଓଏଚ୍‌ଆର୍‌ସିରେ ମାମଲା ରୁଜୁ

- ୫୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦାବି
- ଲିଜ୍‌ଧାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ଆନନ୍ଦପୁର, ୧୨।୮ (ସମିସ)

କେନ୍ଦୁଝର ଜିଲ୍ଲା ଘଷିପୁରା ତହସିଲ ଓସ୍ତପୁରା/ଭୋଳନୂଆଗାଁ ବେଆଇନ ପଥର ଖାଦାନରେ ବୁଡ଼ି ଛାତ୍ର ପ୍ରାଣ ହରାଇବା ଘଟଣା ଏବେ ମାନବାଧିକାର କମିସନଙ୍କ ନିକଟରେ ପହଞ୍ଚିଛି। ଜୁନ୍ ୧୪ ତାରିଖରେ ଖାଲି ଆମେଣ୍ଟା ଗ୍ରାମର ରାମଚନ୍ଦ୍ର ବେହେରାଙ୍କ ପୁଅ ନିହାର ରଞ୍ଜନ ବେହେରା (୧୭) ଏହି ବେଆଇନ ଖାଦାନରେ ଅସାବଧାନତା କାରଣରୁ ପଡ଼ିଯାଇଥିଲେ। ସେଠାରେ ପାଣିରେ ବୁଡି ମୃତ୍ୟୁବରଣ କରିଥିଲେ। ପରିବାରବର୍ଗ, ଗ୍ରାମବାସୀଙ୍କ ସମେତ ଅଗ୍ନିଶମ ବାହିନୀ ୨ ଦିନ ଖୋଜାଖୋଜି କରିବା ପରେ ଗଭୀର ପାଣିରୁ ମୃତଦେହ ଉଦ୍ଧାର ହୋଇଥିଲା। ନିହାର ପରିବାରର ଏକମାତ୍ର ସନ୍ତାନ ଥିଲେ। ଏହି ଘଟଣାରେ ଯୁବ ବିଜେପି ନେତା ଯଜ୍ଞପ୍ରସାଦ ସାହୁ ପରିବାର ବର୍ଗଙ୍କ ସହ ଆଲୋଚନା କରିବା ସହ ପରିବାରକୁ ନ୍ୟାୟ ଦାବିରେ ରାଜ୍ୟ ମାନବାଧିକାର କମିସନ (ଓ ଏ ଚ୍ ଆ ର ସି) ନିକଟରେ ଅଭିଯୋଗ କରିଛନ୍ତି। ଶ୍ରୀ ସାହୁଙ୍କ ଅଭିଯୋଗର ଗୁରୁତ୍ୱକୁ ଅନୁଭବ କରି କମିସନ ୩୨୩୨/୨୦୨୬ରେ ଏକ ମାମଲା ରୁଜୁ କରିଛନ୍ତି। ଶ୍ରୀ ସାହୁ ନିଜ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି, ଏହି ଖାଦାନର ଗଭୀରତା ପ୍ରାୟ ୩ ଶହ ଫୁଟରୁ ଅଧିକ; ଯାହାକି ସମ୍ପୂର୍ଣ୍ଣ ବେଆଇନ। ସେହିପରି ଖଣି ବନ୍ଦ ଯୋଜନା ଅନୁସାରେ ଏହି ପଥର ଖାଦାନଗୁଡିକୁ ପୋତା ଯାଇନାହିଁ। ଯେଉଁଥିପାଇଁ ଏଭଳି ଅଭାବନୀୟ ଓ ଦୁଃଖଦ ଘଟଣା ଘଟିଲା। ଅପରପକ୍ଷରେ ଏହା ସ୍ଥାନୀୟ ଜନସାଧାରଣଙ୍କ ପ୍ରତି ବିପଦ ସୃଷ୍ଟି କରୁଛି। ମୃତ ଛାତ୍ରଙ୍କର ପରିବାରବର୍ଗଙ୍କୁ କ୍ଷତିପୂରଣ ବାବଦକୁ ୫୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ପାଇଁ ଶ୍ରୀ ସାହୁ ଦାବି କରିଛନ୍ତି। ଲିଜଧାରୀ ଓ ଅବହେଳା କରିଥିବା ବିଭାଗୀୟ ଅଧିକାରୀଙ୍କ ବିରୋଧରେ ଅପରାଧିକ ମାମଲା ରୁଜୁ ପାଇଁ କମିସନଙ୍କ ନିକଟରେ ସେ ପ୍ରାର୍ଥନା କରିଛନ୍ତି। ଏହି ଘଟଣାରେ ରାଜ୍ୟ ମୁଖ୍ୟ ଶାସନ ସଚିବ, ଖଣି ସଚିବ, କେନ୍ଦୁଝର ଜିଲ୍ଲାପାଳ, ଏସପି, ଖଣି ଉପନିର୍ଦ୍ଦେଶକ କେନ୍ଦୁଝରଙ୍କ ସମେତ ୧୦ ଜଣକୁ ଯଜ୍ଞପ୍ରସାଦ ସାହୁ ପକ୍ଷଭୁକ୍ତ କରିଛନ୍ତି।





## ଆଜିର ରାଶିଫଳ

**ମେଷ:** ଯୋଜନା ମୁତାବକ କାମ କରିବେ। ଅଟକି ଥିବା ଧନ ମିଳିପାରେ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ରାଜନେତାଙ୍କ ପାଇଁ ଦିନଟି ବହୁତ ଭଲ।

**ବୃଷ:** ଦୀର୍ଘ ଦିନର ଆଶା ପୂରଣ ହେବ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ମହିଳାମାନେ ପୂଜାର୍ଚ୍ଚନାରେ ବ୍ୟସ୍ତ ରହିବେ। ଲୋକ ସମ୍ପର୍କ ବୃଦ୍ଧି ପାଇବ। ଜମି କିଣିବା ଯୋଗ ରହିଛି।

**ମିଥୁନ:** ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ପୁରୁଣା ନିବେଶରୁ ଲାଭ ମିଳିପାରେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ଦାନ ଧର୍ମ କରିବେ। ଅଫିସ୍ କାର୍ଯ୍ୟ ପାଇଁ ବିଦେଶ ଯାତ୍ରା କରିପାରନ୍ତି।

**କର୍କଟ:** ପରିବାର ଲୋକଙ୍କ ସହ ହସ ଖୁସିରେ ସମୟ ଅତିବାହିତ କରିବେ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। କୋର୍ଟ କଚେରୀ ମାମଲାର ଶୁଣାଣି ହୋଇପାରେ।

**ସିଂହ:** ପୁରୁଣା ନିବେଶରୁ ଲାଭ ମିଳିପାରେ। ପୈତୃକ ସମ୍ପତ୍ତିକୁ ନେଇ ଭାଇଭାଇଙ୍କ ମଧ୍ୟରେ ବିବାଦ ଦେଖାଦେବ। ନିଜ ଲୋକ ଶତ୍ରୁ ସାଜି ପାରନ୍ତି। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**କନ୍ୟା:** ଦୀର୍ଘ ଦିନର ଆଶା ପୂରଣ ହେବ। କଣ୍ଠଶିଳ୍ପୀଙ୍କ ପାଇଁ ଦିନଟି ଭଲ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ। ବନ୍ଧୁ ମିଳନ ଯୋଗ ରହିଛି।

**ତୁଳା:** ବ୍ୟବସାୟରେ ଲାଭ ମିଳିପାରେ। ମନ ଚଞ୍ଚଳ ରହିବ। ବୈବାହିକ ଜୀବନ ସୁଖମୟ ହେବ। ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିବେ। କୋର୍ଟ କଚେରୀ ମାମଲାର ଶୁଣାଣି ହୋଇପାରେ।

**ବିଛା:** ଅଫିସ୍ କାର୍ଯ୍ୟ ପାଇଁ ବିଦେଶ ଯାତ୍ରା କରିପାରନ୍ତି। ଆୟ ଓ ବ୍ୟୟ ସମାନ ରହିବ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ମାନ ସମ୍ମାନ ବୃଦ୍ଧି ପାଇବ। ଚକ୍ଷୁ ସମସ୍ୟା ହୋଇପାରେ।

**ଧନୁ:** କ୍ରୋଧ ଉପରେ ନିୟନ୍ତ୍ରଣ ରଖିବା ଭଲ। ଉଧାର ଦେଇଥିବା ଟଙ୍କା ଫେରିପାଇବେ। ବ୍ୟକ୍ତିଗତ କଥା ଅନ୍ୟମାନଙ୍କ ସହ ସେୟାର କରନ୍ତୁନି। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।


**ମକର:** ସମୟର ସଠିକ ଉପଯୋଗ କରିବେ। ମହିଳାମାନେ ପୂଜାର୍ଚ୍ଚନାରେ ସମୟ ଅତିବାହିତ କରିବେ। ସାମାଜିକ କାର୍ଯ୍ୟରେ ସାମିଲ ରହିବେ। ଆଶା କରିଥିବା ଦିଗରୁ ଧନ ମିଳିପାରେ।

**କୁମ୍ଭ:** ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିପାରେ। ବନ୍ଧୁ ମିଳନ ଯୋଗ ଅଛି। ରାଜନେତାଙ୍କ ପାଇଁ ଦିନଟି ଭଲ।

**ମୀନ:** ମାନ ସମ୍ମାନ ବୃଦ୍ଧି ପାଇବ। ଅଚାନକ ବିଦେଶ ଯାତ୍ରା କରିପାରନ୍ତି। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ଉଧାର ଦେଇଥିବା ଟଙ୍କା ଫେରି ପାଇବେ।

## ଆଜିର ଇତିହାସ

- ୧୬୪୫- ସ୍ୱିଡେନ ଓ ଡେନ୍‌ମାର୍କ ମଧ୍ୟରେ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ।
- ୧୭୯୫- ମହାରାଣୀ ଅହଲ୍ୟାବାଇ ହୋଲକରଙ୍କ ପରଲୋକ।
- ୧୯୩୬- ଭାରତୀୟ ମହିଳା କ୍ରାନ୍ତିକାରୀ ଭିକାଜି କାମାଙ୍କ ପରଲୋକ।
- ୧୯୫୬- ଲୋକସଭାରେ ରାଷ୍ଟ୍ରୀୟ ରାଜମାର୍ଗ ବିଧେୟକ ପାରିତ ହେଲା।



# ବିଶ୍ୱ ଅଙ୍ଗଦାନ ଦିବସ

ଅଙ୍ଗଦାନ ହେଉଛି ଏକ ମହାନ ଦାନ, ଯେଉଁଥିରେ ଜଣେ ମୃତ କିମ୍ବା ଜୀବିତ ବ୍ୟକ୍ତିଙ୍କ ସୁସ୍ଥ ଅଙ୍ଗ ଅନ୍ୟ ଜଣେ ଅସୁସ୍ଥ ବ୍ୟକ୍ତିଙ୍କ ଶରୀରରେ ପ୍ରତିରୋପଣ କରାଯାଇଥାଏ। ଏହାଦ୍ୱାରା ଜଟିଳ ରୋଗରେ ପୀଡ଼ିତ ବ୍ୟକ୍ତିମାନେ ଏକ ନୂତନ ଜୀବନ ପାଇପାରୁଛନ୍ତି। ଗୋଟିଏ ମୃତ ଶରୀରରୁ ହୃଦୟ, ଯକୃତ, କିଡ୍‌ନୀ, ଓ ଫୁସ୍‌ଫୁସ୍ ଭଳି ଅନେକ ଅଙ୍ଗଦାନ କରି ଏକାଧିକ ଜୀବନ ରକ୍ଷା କରାଯାଇପାରିବ। ଅଙ୍ଗଦାନ ସମ୍ପର୍କରେ ସଚେତନା ସୃଷ୍ଟି କରିବା ଏବଂ ଅଙ୍ଗଦାନ କରିବା ପାଇଁ ଲୋକଙ୍କୁ ଉତ୍ସାହିତ କରି ଅନ୍ୟର ଜୀବନ ବଞ୍ଚାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଅଗଷ୍ଟ ୧୩ ତାରିଖକୁ 'ବିଶ୍ୱ ଅଙ୍ଗଦାନ ଦିବସ' ଭାବେ ପାଳନ କରାଯାଉଛି। ରକ୍ତ ଦାନ ପରେ ଅଙ୍ଗ ଦାନ ସବୁଠାରୁ ବଡ଼ ଦାନ ଭାବରେ ବିବେଚନା କରାଯାଏ। ମୃତ୍ୟୁ ପରେ ମଧ୍ୟ ଅନ୍ୟ ଶରୀରରେ ଜୀବିତ ରହିବାର ଏହା ଏକ ଶ୍ରେଷ୍ଠ ମାଧ୍ୟମ। ଆମ ଦେଶରେ ଯକୃତ୍, ବୃକ୍କ, ହୃଦୟ, ଅଗ୍ନ୍ୟାଶୟ ପ୍ରତ୍ୟାରୋପଣ କରିବାର ସୁବିଧା ରହିଛି। ଏହାବ୍ୟତୀତ ଇଣ୍ଟେଷ୍ଟାଇନ୍, ଫୁସ୍‌ଫୁସ୍, ତ୍ୱଚା, ଅସ୍ଥି ଏବଂ ଅସ୍ଥିମଜ୍ଜା ଓ ଆଖି ଆଦି ମଧ୍ୟ ଦାନ କରାଯାଏ। ଅଙ୍ଗଦାନ ଦୁଇ ପ୍ରକାର, ଯଥା ସମ୍ପୂର୍ଣ୍ଣ ଅଙ୍ଗଦାନ ଏବଂ ଟିସୁ ଦାନ। ଅଙ୍ଗଦାନ ଅଧୀନରେ ବୃକ୍କ, ଯକୃତ୍, ହୃଦୟ, ଅନ୍ତ୍ର, ଅଗ୍ନ୍ୟାଶୟ, ଫୁସ୍‌ଫୁସ୍ ଆଦି ଦାନ କରାଯାଏ। ଟିସୁ ଦାନରେ ରହିଛି ଚକ୍ଷୁ, ଅସ୍ଥିମଜ୍ଜା ଏବଂ ତ୍ୱଚା। ଅଧିକାଂଶ ଅଙ୍ଗ ମନୁଷ୍ୟର ମୃତ୍ୟୁ ପରେ ଦାନ କରାଯାଏ। କିଛି ଅଙ୍ଗ ଏବଂ ଟିସୁ ମନୁଷ୍ୟର ଜୀବିତାବସ୍ଥାରେ ମଧ୍ୟ ଦାନ କରାଯାଇପାରେ। ଜୀବିତ ବ୍ୟକ୍ତିଙ୍କ ଦ୍ୱାରା ଦାନ କରାଯାଉଥିବା ସାଧାରଣ ଅଙ୍ଗ ହେଉଛି ବୃକ୍କ। କାରଣ ଦାନ ଦେଉଥିବା ବ୍ୟକ୍ତି ଗୋଟିଏ ବୃକ୍କ ସହ ସ୍ୱାଭାବିକ ଭାବରେ ବଞ୍ଚିପାରେ। ଭାରତରେ ହେଉଥିବା ଅଧିକାଂଶ ବୃକ୍କ ପ୍ରତ୍ୟାରୋପଣ ଜୀବିତଦାତାଙ୍କଠାରୁ ହିଁ ମିଳେ। ଫୁସ୍‌ଫୁସ୍ ଏବଂ ଯକୃତ୍ ମଧ୍ୟ ଜୀବିତ ବ୍ୟକ୍ତି ଦାନ କରିପାରେ। ଆଖି ସମେତ ଅନ୍ୟ ସମସ୍ତ ଅଙ୍ଗ ମୃତ୍ୟୁ ପରେ ହିଁ ଦାନ କରାଯାଏ। ଘରେ ହେଉଥିବା ସାଧାରଣ ମୃତ୍ୟୁ ମାମଲାରେ କେବଳ ଆଖି ଦାନ କରାଯାଇପାରେ। କୌଣସି ବ୍ୟକ୍ତି ବ୍ରେନ୍ ଡେଡ୍ ଘୋଷିତ ହେଲେ ଏବଂ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲେ ତାଙ୍କ ଶରୀରରୁ ଅନ୍ୟ ଅଙ୍ଗ ଗ୍ରହଣ କରିହୁଏ। ଯଦିଓ ୧୮ ରୁ ୬୫ ବର୍ଷ ବୟସ୍କ ସ୍ୱଇଚ୍ଛାରେ ଅଙ୍ଗଦାନ କରିପାରିବେ, ତଥାପି ଅଙ୍ଗଦାନ କରୁଥିବା ବ୍ୟକ୍ତି ସମ୍ପୂର୍ଣ୍ଣ ସୁସ୍ଥ ଥିବା ଆବଶ୍ୟକ। ସେହିପରି କ୍ୟାନସର, ଏଚ୍‌ଆଇଭି ଏବଂ ହୃଦ୍‌ରୋଗରେ ପୀଡ଼ିତ ଲୋକ ଅଙ୍ଗଦାନ କରିପାରିବେ ନାହିଁ। ଓଡ଼ିଶା ସରକାର ଅଙ୍ଗଦାନକୁ ପ୍ରୋତ୍ସାହିତ କରିବା ପାଇଁ ଅଙ୍ଗଦାତାଙ୍କ ପରିବାରକୁ 'ସୂରଜ ସମ୍ମାନ'ରେ ସମ୍ମାନିତ କରୁଛନ୍ତି। ଏହା ବ୍ୟତୀତ, ଓଡ଼ିଶା ସରକାର ଏବେ ଅଙ୍ଗଦାତାଙ୍କ ଅନ୍ତିମ ସଂସ୍କାରକୁ ରାଷ୍ଟ୍ରୀୟ ମର୍ଯ୍ୟାଦା ସହିତ ସମ୍ପନ୍ନ କରୁଛନ୍ତି।

# ଦୀର୍ଘାୟୁର ରାଜ୍ କହିଲେ ୧୧୧ ବର୍ଷୀୟା ବୃଦ୍ଧା



ବୟସ ବଢ଼ିବା ସହିତ ଅଧିକାଂଶ ଲୋକଙ୍କର ଚଳପ୍ରଚଳ କରିବାରେ ସମସ୍ୟା ହୁଏ। ଏମିତି ବି ସମୟ ଆସେ, ସେମାନେ ଖାଇବା ପିଇବା ପାଇଁ ମଧ୍ୟ ଅନ୍ୟମାନଙ୍କ ଉପରେ ନିର୍ଭର କରନ୍ତି। ହେଲେ କିଛି ଲୋକ ଏମିତି ବି ଥାଆନ୍ତି ଯେଉଁମାନେ ବୟସର ଏଭଳି ଏକ ସ୍ତରରେ ପହଞ୍ଚି ମଧ୍ୟ ନିଜର ସମସ୍ତ ଛୋଟବଡ଼ କାମ ନିଜେ କରିଥାଆନ୍ତି। ଏହି କ୍ରମରେ ଚୀନ୍‌ର ଜଣେ ୧୧୧ ବର୍ଷୀୟା ବୃଦ୍ଧାଙ୍କ କାହାଣୀ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେଉଛି। ପୂର୍ବ ଚୀନ୍‌ର ଜିଆଙ୍ଗସୁ ପ୍ରାନ୍ତରେ ରୁଗାଓ ନାମକ ଏକ ଅଞ୍ଚଳ ଅଛି, ଏହା ଦୀର୍ଘାୟୁ ଲୋକଙ୍କ ସହର ଭାବେ ଜଣାଯାଏ। ଏହି ଅଞ୍ଚଳରେ ୧୧୧ ବର୍ଷୀୟା ୱାଙ୍ଗ ଗାଇୟିଙ୍ଗ୍ ରୁହନ୍ତି। ୱାଙ୍ଗ ଜିମ୍ ଯାଆନ୍ତି ନାହିଁ କି କୌଣସି ସୁପର ଏନର୍ଜି ଡ୍ରିଙ୍କ୍ ମଧ୍ୟ ନିଅନ୍ତି ନାହିଁ। ଏସବୁ ପରେ ବି ସେ ତାଙ୍କର ଦୈନନ୍ଦିନ କାର୍ଯ୍ୟଗୁଡ଼ିକ ନିଜେ କରନ୍ତି। ୱାଙ୍ଗ ଘରର ଛୋଟମୋଟ କାମକୁ ହିଁ ନିଜର ପ୍ରକୃତ ୱର୍କଆଉଟ୍ ବୋଲି ମାନନ୍ତି। ତାଙ୍କ ମତରେ, ଝାଡ଼ୁ-ପୋଛା କରିବା, ଟେବୁଲ୍ ସଫା କରିବା ଏବଂ କପଡ଼ା ଭାଙ୍ଗିବା ଦ୍ୱାରା ତାଙ୍କର ବ୍ୟାୟାମ ହୋଇ ଯାଉଛି। ଯେତେବେଳେ ବି ପରିବାର ଲୋକେ ତାଙ୍କୁ ଆରାମ କରିବାକୁ ପରାମର୍ଶ ଦିଅନ୍ତି, ସେ କୁହନ୍ତି , କାମ କରିବା ଦ୍ୱାରା ତାଙ୍କ ଶରୀରରେ ରକ୍ତ ସଞ୍ଚାଳନ ଭଲ ଭାବରେ ହୋଇଥାଏ ଏବଂ ଶାରୀରିକ ସ୍ତରରେ ବେଶ୍ ସକ୍ରିୟ ରୁହନ୍ତି। ଅପରପକ୍ଷରେ ଚାଇନିଜ୍ ଏକାଡେମୀ ଅଫ୍ ସାଇନ୍ସେସ୍‌ର ବୈଜ୍ଞାନିକମାନେ ଗବେଷଣାରୁ ଜାଣିବାକୁ ପାଇଛନ୍ତି ଯେ, ରୁଗାଓ ଅଞ୍ଚଳର ମାଟିରେ କିଛି ବିଶେଷ ପ୍ରକାରର ଖଣିଜ ପଦାର୍ଥ ମିଳିଥାଏ। ଏହି କାରଣରୁ ସେଠାରେ ଉତ୍ପନ୍ନ ହେଉଥିବା ଫସଲରେ ମଣିଷ ଶରୀର ପାଇଁ ଆବଶ୍ୟକ ଜରୁରୀ ପୋଷକତତ୍ତ୍ୱ ପ୍ରଚୁର ପରିମାଣରେ ଥାଏ। କେବଳ ଏହି ଅଞ୍ଚଳରେ ୧୦୦ ବର୍ଷରୁ ଅଧିକ ବୟସର ୬୭୨ ଜଣ ଲୋକ ବାସ କରନ୍ତି। ୱାଙ୍ଗ ସାଧାରଣ ଖାଦ୍ୟପେୟ ପସନ୍ଦ କରନ୍ତି। ସେ ମାଛ ଖାଇବାକୁ ବହୁତ ଭଲ ପାଆନ୍ତି। ସେ କେବେ ହେଲେ ବି ଓଭରଇଟିଂ କରନ୍ତି ନାହିଁ ଏବଂ ସବୁବେଳେ ସନ୍ତୁଳିତ ଖାଦ୍ୟ ହିଁ ଖାଇଥାଆନ୍ତି। ତେବେ ତାଙ୍କର ଦୀର୍ଘାୟୁ ହେବାର ଅନ୍ୟ ଏକ ରହସ୍ୟ ହେଉଛି ମାନସିକ ଶାନ୍ତି। ସେ କେବେହେଲେ କୌଣସି କଥାକୁ ରାଗ ରଖି ଶୁଅନ୍ତି ନାହିଁ। ତାଙ୍କ କହିବା ଅନୁଯାୟୀ, ଭଲ ନିଦରେ ଶୋଇବା ପରେ ଅଧା ସମସ୍ୟାର ସମାଧାନ ହୋଇଯାଏ। ତାଙ୍କର ଶୋଇବା ସମୟ ମଧ୍ୟ ସମ୍ପୂର୍ଣ୍ଣ ଭାବେ ନିର୍ଦ୍ଧାରିତ ଅଟେ। ସେ ସନ୍ଧ୍ୟା ୭ ଟାରେ ଶୋଇଯାଆନ୍ତି ଏବଂ ସକାଳ ୭ ଟାରେ ଉଠନ୍ତି। ଏହା ବ୍ୟତୀତ ସେ ଦିନରେ ମଧ୍ୟ ଥରେ-ଦୁଇ ଥର ଅଳ୍ପ ସମୟ ପାଇଁ ଶୋଇଥାନ୍ତି।

# ଅର୍ଜୁନଙ୍କ ନୂଆ ପ୍ରେମିକା

ବଲିଉଡ୍ ଅଭିନେତା ଅର୍ଜୁନ କପୁର, ଦୁବାଇର ମଡେଲ ତଥା ରିଆଲିଟି ଶୋ' ତାରକା ପାମେଲା ସେରେନାଙ୍କୁ ଡେଟ୍ କରୁଥିବା ଖବର ଏବେ ସୋସିଆଲ ମିଡିଆରେ ଚର୍ଚ୍ଚା ହେଉଛି। ମଲାଇକା ଅରୋରାଙ୍କ ସହ ବ୍ରେକଅପ୍ ପରେ ଅର୍ଜୁନ ଏବେ ପାମେଲାଙ୍କ ପ୍ରେମରେ ପଡ଼ିଥିବା କୁହାଯାଉଛି। ନିକଟରେ ରିଆଲିଟି ଶୋ' 'ଲକ୍ ଅପ୍: ସତ୍ ୟା ସଜା'ର ଏକ ଏପିସୋଡ୍‌ରେ ଅର୍ଜୁନ ଅତିଥି ଭାବେ ଯୋଗ ଦେଇଥିଲେ। ଏପିସୋଡ୍‌ରେ ସେ ପାମେଲାଙ୍କୁ ମଜାଳିଆ ଅନ୍ଦାଜରେ କହିଥିଲେ, "ମୁଁ ଏବେ ବି ଯୁବକ ଅଛି ଏବଂ ବିବାହ ପାଇଁ ପ୍ରସ୍ତୁତ"। ଏହାଶୁଣି ପାମେଲା ଲାଜେଇ ଯାଇଥିଲେ। ଏହି ଭିଡିଓଟି ଭାଇରାଲ ହେବା ପରେ ଦୁହିଁଙ୍କ ଡେଟିଂ ଗୁଜବ ନେଇ ଚର୍ଚ୍ଚା ଆରମ୍ଭ ହୋଇଥିଲା। ଏହାପରେ ଦୁହିଁଙ୍କୁ 'ଲକ୍ ଅପ୍'ର ସକ୍ସେସ୍ ପାର୍ଟିରେ ମଧ୍ୟ ଏକାଠି ଦେଖିବାକୁ ମିଳିଥିଲା, ଯାହା ଚର୍ଚ୍ଚାକୁ ଆହୁରି ବଢ଼ାଇ ଦେଇଥିଲା। ସେହିପରି ଶୋ' ପରେ ଏକ ସାକ୍ଷାତକାରରେ ଯେତେବେଳେ ପାମେଲାଙ୍କୁ ଅର୍ଜୁନଙ୍କ ସହ ସମ୍ପର୍କ ବିଷୟରେ ପଚରାଗଲା, ସେ ହସି କହିଥିଲେ, ଗତକାଲି ରାତିରେ ସେ ମୋ ସହ ହିଁ ଥିଲେ। ଦୁହେଁ ପରସ୍ପରକୁ ଡେଟ୍ କରୁଛନ୍ତି କି ବୋଲି ପଚରାଯିବାରୁ ପାମେଲା ସ୍ପଷ୍ଟ ଭାବେ ହଁ କି ନା କିଛି କହି ନଥିଲେ। ଏହାପୂର୍ବରୁ ଗତ ଜୁଲାଇ ମାସରେ ଲଣ୍ଡନର ଲର୍ଡସ୍ କ୍ରିକେଟ ଗ୍ରାଉଣ୍ଡରେ ଅର୍ଜୁନ କପୁରଙ୍କୁ ଅଭିନେତ୍ରୀ ତଥା କଣ୍ଟେଣ୍ଟ କ୍ରିଏଟର ସାହିବା ବାଲିଙ୍କ ସହ ଦେଖିବାକୁ ମିଳିଥିଲା। ଉଭୟ ସମାନ ରଙ୍ଗର ପୋଷାକ ପିନ୍ଧିଥିବାରୁ ସୋସିଆଲ ମିଡିଆରେ ସେମାନଙ୍କ ଡେଟିଂକୁ ନେଇ ଗୁଜବ ସୃଷ୍ଟି ହୋଇଥିଲା।



## ସୁଶ୍ରୀ

### ହଜିଯାଉଥିବା ସ୍ୱାଦ

# ଚିକେନ୍ ପୋସ୍ତ



**ଆବଶ୍ୟକ ସାମଗ୍ରୀ**

ଚିକେନ୍ – ୫୦୦ ଗ୍ରାମ, ଆଳୁ – ଦୁଇଟି, କଟା ପିଆଜ – ଏକ କପ୍, କଟା ଟମାଟୋ - ଏକଟି, ଅଦା – ଖଣ୍ଡେ, ରସୁଣ – ଏକ କୋଳା, ଧନିଆ ପତ୍ର ଅଳ୍ପ, କାଜୁ – ଚାରି ପାଞ୍ଚଟି, ପୋସ୍ତ- ଦୁଇଚାମଚ, ଲଙ୍କା ଗୁଣ୍ଡ – ଏକ ଚାମଚ, ଧନିଆ ଗୁଣ୍ଡ- ଏକ ଚାମଚ, ହଳଦୀଗୁଣ୍ଡ– ଏକ ଚାମଚ, ଗରମ ମସଲା – ଏକ ଚାମଚ, ଲୁଣ – ସ୍ୱାଦ ଅନୁସାରେ, ତେଲ – ଆବଶ୍ୟକତା ଅନୁସାରେ।

**ପ୍ରସ୍ତୁତି ପ୍ରଣାଳୀ**

ପ୍ରଥମେ ଚିକେନ୍‌କୁ ଧୋଇ ସେଥିରେ ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ତେଲ ଦେଇ ଗୋଳାଇ ରଖନ୍ତୁ। ଏହାପରେ ଆଳୁକୁ ଦୁଇଫାଳରେ କାଟି ଧୋଇ ଦିଅନ୍ତୁ। କଡ଼େଇରେ ତେଲ, ତେଜପତ୍ର ସହ ଗୋଳା ଚିକେନ୍‌କୁ ଦେଇ ଭାଜନ୍ତୁ। ଏକ ଗ୍ରାଇଣ୍ଡିଂ ଜାରରେ ଅଦା,ରସୁଣ, ଧନିଆ ପତ୍ର, କାଜୁ ଏବଂ ପୋସ୍ତ ଦେଇ ଗ୍ରାଇଣ୍ଡିଂ କରନ୍ତୁ। ଏହାପରେ ଢାଙ୍କୁଣି ଖୋଲି ଚିକେନ୍‌ରେ ଭଜା ଆଳୁ,କଟା ଟମାଟୋ, ହଳଦୀଗୁଣ୍ଡ ଦେଇ ଏପାଖସେପାଖ କରନ୍ତୁ। ପରେ ଗ୍ରାଇଣ୍ଡିଂ କରି ରଖିଥିବା ପେଷ୍ଟ ଦେଇ ଲଙ୍କାଗୁଣ୍ଡ, ଗରମ ମସଲା ଓ ଧନିଆଗୁଣ୍ଡ ଦେଇ କଷନ୍ତୁ। ଭଲରେ କଷି ହୋଇଆସିଲେ ସାମାନ୍ୟ ପାଣି ଦେଇ ୧୦ ମିନିଟ୍ ଫୁଟାଇ ଗ୍ୟାସ୍ ବନ୍ଦ କରନ୍ତୁ। ଶେଷରେ ଧନିଆପତ୍ର ଦେଇ ପରଷନ୍ତୁ ସ୍ୱାଦିଷ୍ଟ 'ଚିକେନ ପୋସ୍ତ ତରକାରି'।

# ବେଲୁନ୍ ଟ୍ରାଉଜର୍



**ସମୟାନୁସାରେ ମହିଳାମାନେ ସୁନ୍ଦର ସହ ଆରାମଦାୟକ ପୋଷାକକୁ ପ୍ରାଧାନ୍ୟ ଦେଉଛନ୍ତି। ଏଥିପାଇଁ ବେଲୁନ୍ ଟ୍ରାଉଜର୍ ଲୋକପ୍ରିୟ ରହିଛି। ଢିଲା ଏବଂ ଆରାମଦାୟକ ଫ୍ୟାବ୍ରିକ୍ ଏହାକୁ ଭିନ୍ନ ଓ ଆକର୍ଷଣୀୟ ଲୁକ୍ ଦେଇଥାଏ। ଏହା ଉଭୟ ଖରା, ବର୍ଷା ଏବଂ ଅଫିସ୍ ପିନ୍ଧା ପାଇଁ ଭଲ ହୋଇଥାଏ।**

**ଆକର୍ଷଣୀୟ ଅଫିସ୍ ଲୁକ୍**

ଏହି ଟ୍ରାଉଜର୍‌କୁ ସବୁ ପ୍ରକାର ଟପ୍ସ, ଆସେସରିଜ୍ ସହ ପିନ୍ଧି ନିଜକୁ ଏକ ଭିନ୍ନ ଲୁକ୍ ଦେଇପାରିବେ। ସେହିପରି ଅଫିସ୍ ପାଇଁ ମଧ୍ୟ ଏହା ଖୁବ୍ ଭଲ। ସାଙ୍ଗସାଥୀଙ୍କ ସହ ଆଉଟିଙ୍ଗ୍‌ରେ ଯାଉଥିଲେ କ୍ରପ୍ ଟପ୍ସ ଏବଂ ଟି-ସାର୍ଟ ସହ ପିନ୍ଧିପାରିବେ। କାଜୁଆଲ୍ ମିଟିଙ୍ଗ୍‌ସ ପାଇଁ ଲେନିନ୍ ସାର୍ଟକୁ ଭଲ ମାନିଥାଏ। କେବଳ ସେତିକି ନୁହେଁ, ସନ୍ଧ୍ୟାପାର୍ଟିରେ ଟପ୍ ଏବଂ ଷ୍ଟେଟ୍‌ମେଣ୍ଟ ଜୁଏଲାରୀ ସହ ମଧ୍ୟ ଏହାକୁ ପେୟାର୍ କରିପାରିବେ।

**ସମସ୍ତ ଶାରୀରିକ ଗଠନକୁ ମାନିବ**

ଏହା ମୋଟା ପତଳା ସମସ୍ତ ଶାରୀରିକ ଗଠନକୁ ଭଲ ମାନିଥାଏ। ଏଥିପାଇଁ ଠିକ୍ ଲମ୍ବା ଏବଂ ଡିଜାଇନ୍ ବାଛିବା ଜରୁରି। ପେଟବଡ଼ ଥିଲେ ହାଇୱେଷ୍ଟ ଡିଜାଇନ୍ ପିନ୍ଧିପାରିବେ। ଡେଙ୍ଗା ଥିଲେ ଓଭରସାଇଜ୍ ବେଲୁନ୍ ଟ୍ରାଉଜର ଭଲ ମାନିଥାଏ।

# ମ୍ୟୁଟେଡ୍ ବ୍ଲଶ୍



**ସାଧାରଣତଃ ମେକ୍‌ଅପ୍ କହିଲେ ଗାଲରେ ଚମକଯୁକ୍ତ ଗାଢ଼ ବ୍ଲଶ୍‌କୁ ବୁଝାଏ। ଗାଢ଼ ପିଙ୍କ୍ ଏବଂ କୋରାଲ୍ ବ୍ଲଶ୍‌କୁ ଅଧିକ ଆକର୍ଷଣୀୟ ଜଣାଯାଏ। ହେଲେ ଏବେ ଫେଶନରେ ନୂଆ ମ୍ୟୁଟେଡ୍ ବ୍ଲଶ୍ ଟ୍ରେଣ୍ଡ ଦେଖିବାକୁ ମିଳିଛି। ଏହା ତ୍ୱଚାରେ ପ୍ରାକୃତିକ ଏବଂ ନାଚୁରାଲ୍ ଚମକ ଆଣିଥାଏ।**

**ମ୍ୟୁଟେଡ୍ ବ୍ଲଶ୍ କ'ଣ**

ଏହା ହାଲୁକା, ସ୍ମୁଥ୍ ବ୍ଲଶ୍ ସେଡ୍ ଭାବେ ଜଣାଯାଏ। ଏହା ତ୍ୱଚାରେ ସହଜରେ ମିଶିବା ସହ ଆବଶ୍ୟକତାଠୁ ଅଧିକ ଚମକ କରେ ନାହିଁ। ଏହା ଏକ ପ୍ରାକୃତିକ ଚମକ ଦେଇଥାଏ। ନୋ ମେକ୍‌ଅପ୍ ଲୁକ୍ ପସନ୍ଦଥିବା ମହିଳାଙ୍କ ପାଇଁ ଏହା ଭଲହୋଇଥାଏ। ମେକ୍‌ଅପ୍ ଆର୍ଟିଷ୍ଟଙ୍କ କହିବାନୁଯାୟୀ ଅଧିକାଂଶ ଲୋକ ହାଲୁକା ମେକ୍‌ଅପ୍ ପସନ୍ଦ କରୁଛନ୍ତି।

**ପାରମ୍ପରିକ, ମ୍ୟୁଟେଡ୍ ବ୍ଲଶ୍**

ପାରମ୍ପରିକ ବ୍ଲଶ୍ ତ୍ୱଚାକୁ ବୋଲଡ୍ ଏବଂ ଉଜ୍ଜ୍ୱଳ କରିଥିବାବେଳେ ମ୍ୟୁଟେଡ୍ ବ୍ଲଶ୍ ହାଲୁକା ଏବଂ ସଫ୍ଟଗ୍ଲୋ ଦେଇଥାଏ। ଏହା ତ୍ୱଚାରେ ପ୍ରାକୃତିକ ଚମକ ଆଣିଥାଏ।

# ସ୍ୱାଧୀନତା ସଂଗ୍ରାମରେ ବୀର ରମଣୀ

**ଭାରତର ସ୍ୱାଧୀନତା ସଂଗ୍ରାମ ଇତିହାସରେ ମହିଳା ସଂଗ୍ରାମୀମାନଙ୍କ ଅବଦାନ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ। ବ୍ରିଟିଶ ଶାସନ କବଳରୁ ଦେଶକୁ ମୁକ୍ତ କରିବା ପାଇଁ ପୁରୁଷମାନଙ୍କ ସହ କାନ୍ଧରେ କାନ୍ଧ ମିଶାଇ ହଜାର ହଜାର ସାହସୀ ମହିଳା ଘରର ଚାରିକାନ୍ଥରୁ ବାହାରି ସଂଗ୍ରାମ ଭୂମିକୁ ଓହ୍ଲାଇଥିଲେ। ମହିଳାମାନଙ୍କ ଭାଗିଦାରୀ ବିନା ଭାରତର ସ୍ୱାଧୀନତା ଅସମ୍ଭବ ଥିଲା। ସେମାନେ କେବଳ ଇଂରେଜମାନଙ୍କ ବିରୁଦ୍ଧରେ ଲଢ଼ିନଥିଲେ, ବରଂ ସମାଜରେ ଥିବା କୁସଂସ୍କାର, ବାଲ୍ୟ ବିବାହ ଏବଂ ଜାତିପ୍ରଥା ବିରୁଦ୍ଧରେ ମଧ୍ୟ ସଂଗ୍ରାମ କରି ମହିଳା ସଶକ୍ତୀକରଣର ମୂଳଦୁଆ ପକାଇଥିଲେ। ସେହିପରି କିଛି ମହିଳା ସ୍ୱାଧୀନତା ସଂଗ୍ରାମୀଙ୍କୁ ନେଇ ଏହି ଉପସ୍ଥାପନା।**



## ରାଣୀ ଲକ୍ଷ୍ମୀବାଈ

ଝାନ୍‌ସୀ ରାଣୀ ଲକ୍ଷ୍ମୀବାଈ ଥିଲେ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମର ଜଣେ ମହାନ ବୀରାଙ୍ଗନା। ୧୮୫୭ ମସିହାର ପ୍ରଥମ ଭାରତୀୟ ସ୍ୱାଧୀନତା ସଂଗ୍ରାମ ବା ସିପାହୀ ବିଦ୍ରୋହରେ ସେ ନେତୃତ୍ୱ ନେଇ ନିଜ ପିଠିରେ ପୁତ୍ରକୁ ବାନ୍ଧି, ହାତରେ ଖଣ୍ଡା ଧରି ବ୍ରିଟିଶ ସେନା ବିରୋଧରେ ସମ୍ମୁଖ ଯୁଦ୍ଧ ଲଢ଼ିଥିଲେ। ଶେଷ ନିଶ୍ୱାସ ପର୍ଯ୍ୟନ୍ତ ସେ ଶତ୍ରୁ ସହ ମୁକାବିଲା କରି ୧୮୫୮ରେ ଗ୍ୱାଲିଅର୍‌ଠାରେ ମାତ୍ର ୨୯ ବର୍ଷ ବୟସରେ ବୀରଗତି ପ୍ରାପ୍ତ ହୋଇଥିଲେ। ତାଙ୍କର ଏହି ଅତୁଳନୀୟ ବଳିଦାନ ଓ ସ୍ୱାଭିମାନ ଆଜି ବି ପ୍ରତ୍ୟେକ ଭାରତୀୟଙ୍କ ହୃଦୟରେ ଜୀବନ୍ତ ଅଛି ।

## କସ୍ତୁରବା ଗାନ୍ଧୀ

କସ୍ତୁରବା ଗାନ୍ଧୀ ଜଣେ ପ୍ରେରଣାଦାୟୀ ଭାରତୀୟ ସ୍ୱାଧୀନତା ସଂଗ୍ରାମୀ ହେବା ସହ ସେ ମହାତ୍ମା ଗାନ୍ଧୀଙ୍କ ଧର୍ମପତ୍ନୀ ଥିଲେ । ସମଗ୍ର ଦେଶ ତାଙ୍କୁ ଆଦରରେ "ବା" (ମାଆ) ବୋଲି ଡାକୁଥିଲା । ଗାନ୍ଧୀଜୀଙ୍କ ପ୍ରତ୍ୟେକ ଆନ୍ଦୋଳନରେ ସେ ପାଦରେ ପାଦ ମିଶାଇ ଚାଲିଥିଲେ ଏବଂ ଭାରତର ସ୍ୱାଧୀନତା ସଂଗ୍ରାମରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଗାନ୍ଧୀଜୀଙ୍କ ଅନୁପସ୍ଥିତିରେ ସେ ସତ୍ୟାଗ୍ରହ ଆନ୍ଦୋଳନକୁ ପରିଚାଳନା କରୁଥିଲେ । ସେ ବିଶେଷ କରି ମହିଳା ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା ଉପରେ ଅଧିକ କାର୍ଯ୍ୟ କରୁଥିଲେ । ସାବରମତୀ ଏବଂ ସେବାଗ୍ରାମ ଆଶ୍ରମର ସମସ୍ତ ବ୍ୟବସ୍ଥା ସେ ନିଜେ ବୁଝୁଥିଲେ ।





## ସରୋଜିନୀ ନାଇଡୁ

ଭାରତର ସ୍ୱାଧୀନତା ସଂଗ୍ରାମରେ ସରୋଜିନୀ ନାଇଡୁଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। ସେ ନିଜର ଓଜସ୍ୱିନୀ ଭାଷଣ, ସାହସିକ ନେତୃତ୍ୱ ଏବଂ ଦେଶପ୍ରେମ ଦ୍ୱାରା ଦେଶର ହଜାର ହଜାର ମହିଳା ଓ ଯୁବପିଢ଼ିଙ୍କୁ ଆନ୍ଦୋଳନକୁ ଆଣିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସେ ସମଗ୍ର ଦେଶ ଭ୍ରମଣ କରି ମହିଳାମାନଙ୍କୁ ପରଦା ପ୍ରଥା ଓ ଘରର ଚାରିକାନ୍ଥରୁ ବାହାରି ଦେଶ ପାଇଁ ଲଢ଼ିବାକୁ ପ୍ରେରଣା ଦେଇଥିଲେ। ତାଙ୍କ ଯୋଗୁଁ ହିଁ ସ୍ୱାଧୀନତା ସଂଗ୍ରାମରେ ମହିଳାମାନଙ୍କର ବଡ଼ ଭାଗିଦାରୀ ଦେଖିବାକୁ ମିଳିଥିଲା। ସେ ମହାତ୍ମା ଗାନ୍ଧୀଙ୍କ ସହ ଅସହଯୋଗ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ ଏବଂ ଭାରତ ଛାଡ଼ ଆନ୍ଦୋଳନରେ ସକ୍ରିୟ ଭାଗ ନେଇଥିଲେ।

୧୦ ବର୍ଷର ଡେଟିଂ, ୫ ପିଲାର ପିତା

# ଶେଷରେ ବିବାହ କଲେ ରୋନାଲ୍ଡୋ



ଲିସବନ୍, ୧୨।୮ (ଏଜେନ୍ସି): ବିଶ୍ୱର ମହାନ ଫୁଟବଲ୍ ଖେଳାଳି ତଥା ପର୍ତ୍ତୁଗାଲ ସୁପରଷ୍ଟାର କ୍ରିଷ୍ଟିଆନୋ ରୋନାଲ୍ଡୋ ଶେଷରେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ଦୀର୍ଘ ବର୍ଷର ବାନ୍ଧବୀ ଜର୍ଜିନା ରୋଡ୍ରିଗେଜଙ୍କୁ ରୋନାଲ୍ଡୋ ଆନୁଷ୍ଠାନିକ ଭାବରେ ବିବାହ କରିଛନ୍ତି। ଅଗଷ୍ଟ ୧୧ ତାରିଖରେ ରାଜଧାନୀ ଲିସବନ୍ ନିକଟସ୍ଥ ଏକ ଉପକୂଳବର୍ତ୍ତୀ ସହର କାସାଇସ୍‌ରେ ଏହି ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ରୋନାଲ୍ଡଙ୍କ ପାଞ୍ଚ ପିଲା ମଧ୍ୟ ଯୋଗ ଦେଇଥିଲେ। ୩୯ ବର୍ଷୀୟ ରୋନାଲ୍ଡ ଓ ଜର୍ଜିନା ସେମାନଙ୍କର ବିବାହ ଉତ୍ସବକୁ ଗୋପନ ରଖିବାକୁ ନିଷ୍ପତ୍ତି ନେଇଥିଲେ। ପରେ ସାମାଜିକ ଗଣମାଧ୍ୟମରେ ଉଭୟ ବିବାହ ମୁଦି ପିନ୍ଧିଥିବା ଏକ ଫଟୋ ସେୟାର କରି ପ୍ରଶଂସକଙ୍କୁ ଏହି ଖୁସି ଖବର ଜଣାଇଛନ୍ତି। ପ୍ରକାଶଯୋଗ୍ୟ ୨୦୧୬ରେ ରୋନାଲ୍ଡୋ ପ୍ରଥମଥର ଲାଗି ୩୨ ବର୍ଷୀୟା ଆର୍ଜେଣ୍ଟିନା-ସ୍ପାନିସ୍ ମଡେଲ ଜର୍ଜିନାଙ୍କୁ ଭେଟିଥିଲେ। ୨୦୧୭ରେ ଜୁରିଚ୍‌ରେ ଫିଫା ଫୁଟବଲ୍ ପୁରସ୍କାରରେ ଏକାଠି ପ୍ରଥମ ଉଭୟ ରେଡ୍-କାରପେଟ୍ ଦେଖା ଦେଇଥିଲେ। ପରେ ସାର୍ବଜନୀନ ଭାବରେ ସେମାନଙ୍କର ସମ୍ପର୍କକୁ ନିଶ୍ଚିତ କରିଥିଲେ। ସେବେଠାରୁ ସେମାନେ ଏକାଠି ରହିଆସୁଥିଲେ। ଏହି ଦମ୍ପତି ଠିକ୍ ବର୍ଷକ ତଳେ ୨୦୨୫ ଅଗଷ୍ଟ ୧୧ ତାରିଖରେ ସେମାନଙ୍କ ନିର୍ବନ୍ଧ ଘୋଷଣା କରିଥିଲେ। ଉଭୟଙ୍କ ଔରସରୁ ୮ ବର୍ଷର ଆଲାନ ଓ ୪ ବର୍ଷର ବେଲା ନାମକ ଝିଅ ରହିଛି। ୧୬ ବର୍ଷର ପୁଅ କ୍ରିଷ୍ଟିଆନୋ ଜୁନିଅର ହେଉଛନ୍ତି ରୋନାଲ୍ଡୋଙ୍କ ପୂର୍ବ ସମ୍ପର୍କରୁ ଆସିଥିବା ପୁଅ। ଯମଜ ଇଭା ମାରିଆ ଏବଂ ମାଟେଓଙ୍କୁ ରୋନାଲ୍ଡୋ ପାଳନ କରୁଛନ୍ତି।

## ଭାରତ-ଆଫ୍‌ଗାନିସ୍ତାନ ଟି-୨୦ ସିରିଜ୍ ଦିଲ୍ଲୀରେ

ନୂଆଦିଲ୍ଲୀ,୧୨।୮ (ଏଜେନ୍ସି): ଆଫଗାନିସ୍ତାନ କ୍ରିକେଟ ବୋର୍ଡ କରିଥିବା ଘୋଷଣା ଅନୁଯାୟୀ ଭାରତ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ନୂଆଦିଲ୍ଲୀରେ ସେପ୍ଟେମ୍ବର ମାସ ଖେଳାଯିବ। ୩ଟି ଯାକ ମ୍ୟାଚ୍ ନୂଆଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବ। ଏହି ୩ଟି ମ୍ୟାଚ୍ ଯଥାକ୍ରମେ ସେପ୍ଟେମ୍ବର ୧୩, ୧୫ ଓ ୧୭ରେ ଖେଳାଯିବ। ଏସିଆନ ଗେମ୍ସ ପୂର୍ବରୁ ଏହି ସିରିଜ୍ ଆୟୋଜିତ ହେଉଥିବାରୁ ଭାରତ ଲାଗି ଏହା ବେଶ ସହାୟକ ହେବ ବୋଲି କୁହାଯାଉଛି।

## ୨୦୨୬ରେ ଟି-୨୦ରେ ନୂଆ ବିଶ୍ୱ ରେକର୍ଡ କରିବ ଭାରତ

ନୂଆଦିଲ୍ଲୀ,୧୨।୮ (ଏଜେନ୍ସି): ଟି-୨୦ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଭାରତ ଚଳିତ ବର୍ଷ ନୂଆ ବିଶ୍ୱ ରେକର୍ଡ କରିବାକୁ ଯାଉଛି। ୨୦୨୬ରେ ଭାରତ ମୋଟ ୪୩ଟି ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବ। ଫଳରେ ୨୦୨୨ରେ ଖେଳିଥିବା ୪୦ଟି ମ୍ୟାଚ୍‌ର ନିଜ ରେକର୍ଡକୁ ଭାରତ ଭାଙ୍ଗିବ। ଚଳିତ ବର୍ଷ ଏପର୍ଯ୍ୟନ୍ତ ଭାରତ ୨୪ ଟି-୨୦ ଖେଳିସାରିଛି। ଆଉ ୧୯ଟି ମ୍ୟାଚ୍ ଖେଳିବାକୁ ରହିଛି। ଆଫଗାନିସ୍ତାନ ବିପକ୍ଷରେ ୩ଟି ମ୍ୟାଚ୍‌ରୁ ଏହି ପର୍ଯ୍ୟାୟ ଆରମ୍ଭ ହେବ। ଏହାପରେ ଏସିଆନ୍ ଗେମ୍ସ, ୱେଷ୍ଟଇଣ୍ଡିଜ୍ ଓ ନ୍ୟୁଜିଲାଣ୍ଡ ବିପକ୍ଷରେ ୫ଟି ଲେଖାଏ ଏବଂ ଡିସେମ୍ବରରେ ଶ୍ରୀଲଙ୍କା ବିପକ୍ଷରେ ୩ଟି ମ୍ୟାଚ୍ ଖେଳିବ ଭାରତ। ୨୦୨୨ରେ ଭାରତ ୪୦ଟି ଟି-୨୦ ଖେଳି ୨୮ ଟି ଜିତିଥିଲା।

ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜ୍‌ରେ କିଏ ସମ୍ଭାଳିବ କିପିଙ୍ଗ୍ ଭାର

# ଜୁରେଲ ନା ସର୍ଫରାଜ; ଦ୍ୱନ୍ଦ୍ୱରେ ଭାରତ

ଗଲ,୧୨।୮ (ଏଜେନ୍ସି)

ଭ୍ରମଣକାରୀ ଭାରତ ଓ ଘରୋଇ ଶ୍ରୀଲଙ୍କା ମଧ୍ୟରେ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଗଲ୍‌ରେ ଅଗଷ୍ଟ ୧୫ରୁ ଆରମ୍ଭ ହେବ। ଏହା ମଧ୍ୟରେ ଉଭୟ ଦଳ ଭଲଭାବେ ଏହି ସିରିଜ୍ ଲାଗି ପ୍ରସ୍ତୁତ କରିନେଇଛନ୍ତି। ଟେଷ୍ଟ ସିରିଜ୍ ଆରମ୍ଭ ହେବାକୁ ଆଉ ୩ ଦିନ ବାକିଥିଲାବେଳେ ପ୍ରଥମ ଟେଷ୍ଟର ଚୂଡ଼ାନ୍ତ ଏକାଦଶ ଚୟନ ନେଇ ଦ୍ୱନ୍ଦ୍ୱରେ ରହିଛି ଭାରତ। ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଲଢ଼େଇ କରିବାକୁ ଯାଉଥିବା ଭାରତ ପ୍ରଥମ ଟେଷ୍ଟରେ କାହାକୁ ଖେଳାଇବ ଓ କାହାକୁ ବାଦ୍ ଦେବ ତାହାକୁ ନେଇ ସାମାନ୍ୟରେ ପଡ଼ିଛି। ବ୍ୟାଟିଂରେ ସମସ୍ତ ପୋଜିସନ ଲାଗି ଖେଳାଳି ଚୟନ ହୋଇଥିଲେ ମଧ୍ୟ ନଂ-୬ ଲାଗି ଦ୍ୱନ୍ଦ୍ୱ ଉପୁଜିଛି। ଏହି ସ୍ଥାନରେ ଦଳରେ ନିୟମିତ ଖେଳୁଥିବା ୱିକେଟରକ୍ଷକ ବ୍ୟାଟର ଧ୍ରୁବ ଜୁରେଲ କିମ୍ବା ଶେଷ ମୁହୂର୍ତ୍ତରେ ଦଳରେ ସ୍ଥାନ ପାଇଥିବା ସର୍ଫରାଜ ଅହମ୍ମଦ୍‌ଙ୍କୁ ଖେଳାଇବ ତାହାକୁ ନେଇ ଏହି ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ସେହିପରି ଶ୍ରୀଲଙ୍କାର ପିଚ୍ ସ୍ପିନରଙ୍କୁ ସୁହାଇଥାଏ। ଏଭଳି ସମୟରେ ଦଳରେ ୩ଜଣ ପେସ୍‌ର ନେବା ଲାଗି ଦାବି ହେଉଛି। କିନ୍ତୁ ଦଳ ୩ ପେସ୍‌ର ନା ୩ ସ୍ପିନର ଖେଳାଇବ ତାହାକୁ ନେଇ ମଧ୍ୟ ସଂଶୟ ସୃଷ୍ଟି ହୋଇଛି।

ସମସ୍ତେ ଜାଣନ୍ତି ଶ୍ରୀଲଙ୍କାର ପିଚ୍ ସ୍ପିନରଙ୍କୁ ଅଧିକ ସୁହାଇଥାଏ। ଏଣୁ ଏଠାରେ ଯେଉଁ ବ୍ୟାଟର ସ୍ପିନ ବିପକ୍ଷରେ ଭଲ ଖେଳିବେ ତାଙ୍କୁ ପ୍ରାଧାନ୍ୟ ଦିଆଯିବ। ଲୋକେଶ ରାହୁଲ, ଯଶସ୍ୱୀ ଜୟସ୍ୱାଲ, ଦେବଦତ୍ତ ପାଡିକଲ, ଶୁବମନ ଗିଲ୍ ଓ ଋଷଭ ପନ୍ତ ପ୍ରଥମ ୫ଟି ସ୍ଥାନରେ ବ୍ୟାଟିଂ କରିବେ। ନଂ-୬ରେ ଟେଷ୍ଟ ଖେଳିବାରେ ଅଭିଜ୍ଞତା ଥିବା ଜୁରେଲଙ୍କୁ ସୁଯୋଗ ମିଳିବା କଥା। ସେ ୧୦ଟି ଟେଷ୍ଟ ଖେଳି ୩୪.୧୪ ହାରରେ ଗୋଟିଏ ଶତକ ଓ ଗୋଟିଏ ଅର୍ଦ୍ଧଶତକ ସହ ୪୭୮ ରନ୍ କରିଛନ୍ତି। ଏଠାରେ ରେକର୍ଡ କଥାକୁ ଗୁରୁତ୍ୱ ଦିଆଯାଉ





ନାହିଁ। ସ୍ପିନରଙ୍କ ବିପକ୍ଷ ସେ କିପରି ଖେଳିଛନ୍ତି ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଦକ୍ଷିଣ ଆଫ୍ରିକା ବିପକ୍ଷରେ ସେ ଖେଳିଥିବା ୨ଟି ଟେଷ୍ଟ ସିରିଜ୍‌ରେ ୪ଥର ଜଣେ ସ୍ପିନର ସାଇମନ ହାର୍ମରଙ୍କ ଦ୍ୱାରା ଆଉଟ ହୋଇଥିଲେ। ଏଥିରେ ସେ ଯଥାକ୍ରମେ ୧୪, ୧୩, ୦ ଓ ୨ ରନ୍ କରିଥିଲେ। ତାଙ୍କ ଏଭଳି ଫର୍ମ ଶ୍ରୀଲଙ୍କାରେ ମଧ୍ୟ ଜାରି ରହିଛି। ଏଠାରେ ଅନୁଷ୍ଠିତ ଅଭ୍ୟାସ ମ୍ୟାଚ୍‌ରେ ସେ ୧ ଓ ୧୭ ରନ୍ କରି ପୁଣିଥରେ ଅଫ୍ ସ୍ପିନର ରମେଶ ମେଣ୍ଡିସଙ୍କ ଦ୍ୱାରା ଆଉଟ ହୋଇଛନ୍ତି। ଏଥିରୁ ଶ୍ରୀଲଙ୍କାର ସ୍ପିନରଙ୍କୁ ସହାୟତା ଦେଉଥିବା ପିଚ୍‌ରେ ସେ କେତେ ଫଳପ୍ରଦ ହେବେ ତାହାକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି। ଅନ୍ୟ ପକ୍ଷରେ ସର୍ଫରାଜ ସ୍ପିନରଙ୍କ ବିପକ୍ଷରେ ଜଣେ କୁଶଳୀ ବ୍ୟାଟର। ଘରୋଇ କ୍ରିକେଟ ହେଉ କିମ୍ବା ସେ ଖେଳିଥିବା ଟେଷ୍ଟରେ ସ୍ପିନରଙ୍କୁ ସେ ଉଚିତ ମୁକାବିଲା କରିଛନ୍ତି। ପ୍ରଥମ ଶ୍ରେଣୀ କ୍ରିକେଟରେ ୬୨ଟି ମ୍ୟାଚ୍ ଖେଳି ୬୪.୭୩ ହାରରେ ୧୭ ଶତକ ସହ ୫,୧୧୪ ରନ୍ କରିଛନ୍ତି। ଏଣୁ ସେ ସ୍ପିନରଙ୍କ ବିପକ୍ଷରେ ପ୍ରଭାବଶାଳୀ ହେବେ ବୋଲି ମଧ୍ୟ ଅନେକେ ଯୁକ୍ତି କରିଛନ୍ତି। ଏହା ହିଁ ଭାରତୀୟ ଟିମ୍ ମ୍ୟାନେଜ୍‌ମେଣ୍ଟକୁ ଅଡୁଆରେ ପକାଇଛି।

ଦ୍ୱିତୀୟ ଦ୍ୱନ୍ଦ୍ୱଟି ହେଲା ୩ ପେସର ନା ୩ ସ୍ପିନର। ମହମ୍ମଦ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣା ପେସ ବାହିନୀର ନେତୃତ୍ୱ ନେବେ। ତୃତୀୟ ପେସର କଥା ଚିନ୍ତା କରାଗଲେ ଗୁରନୁର ବ୍ରାର ପ୍ରସ୍ତୁତ ଅଛନ୍ତି। ଦଳରେ ୪ଜଣ ସ୍ପିନର ଯଥା ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ମାନବ ସୁତାର ଓ ସାରାଂଶ ଜୈନ ଅଛନ୍ତି। ଏମାନଙ୍କ ମଧ୍ୟରୁ ୩ଜଣ କିମ୍ବା ୨ଜଣ ଖେଳିବେ। ଜାଡେଜା ଓ କୁଲଦୀପଙ୍କ ଖେଳିବା ନିଶ୍ଚିତ। ତୃତୀୟ ସ୍ପିନରଭାବେ କାହାକୁ ନିଆଯିବ ତାହା ମଧ୍ୟ ମ୍ୟାନେଜମେଣ୍ଟର ଚିନ୍ତା ବଢ଼ାଇଛି। ଡେବ୍ୟୁ ଅପେକ୍ଷାରେ ଥିବା ସାରାଂଶ ଜୈନଙ୍କୁ ବାଦ୍ ଦେଲେ ଅନ୍ୟ ୩ଜଣ ବାମହାତୀ। ଏଣୁ ଜଣେ ଅଫ୍ ସ୍ପିନରଙ୍କୁ ନେବାକୁ ଯୋଜନା ହେଲେ ସୁତାରଙ୍କୁ ଚୂଡାନ୍ତ ଏକାଦେଶରେ ସ୍ଥାନ ମିଳିବ କଷ୍ଟକର। ଏଭଳି ସ୍ଥିତିରେ ଦଳ ମ୍ୟାଚ୍ ଦିନ ଚୂଡାନ୍ତ ଏକାଦଶ ଚୟନ କରିବ ବୋଲି ଟିମ୍ ମ୍ୟାନେଜମେଣ୍ଟ ସୂତ୍ରରୁ ଜଣାଯାଇଛି।

### ଘରୋଇ ଦଳର ନେତୃତ୍ୱ ନେବେ ଧନଞ୍ଜୟ

ଭାରତ ବିପକ୍ଷ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଲାଗି ଅଲ୍‌ରାଉଣ୍ଡର ଧନଞ୍ଜୟ ଡି ସିଲ୍‌ଭାଙ୍କୁ ଘରୋଇ ଶ୍ରୀଲଙ୍କା ଦଳର ଅଧିନାୟକ ମନୋନୀତ କରାଯାଇଛି। ଦଳରେ ଟପ୍ ଅର୍ଡର ବ୍ୟାଟର କାମିନ୍ଦୁ ମେଣ୍ଡିସ୍ ସାମିଲ ହୋଇଥିଲେ ମଧ୍ୟ କୁଶାଲ ମେଣ୍ଡିସ୍‌ଙ୍କୁ ଆଘାତ ଯୋଗୁଁ ଦଳରୁ ବାଦ୍ ଦିଆଯାଇଛି। ତାଙ୍କ ସ୍ଥାନରେ ବରିଷ୍ଠ ୱିକେଟରକ୍ଷକ ନିରୋସନ ଡିକ୍‌ୱେଲାଙ୍କୁ ସାମିଲ କରାଯାଇଛି। ଓପନର ପାଥୁମ ନିଶାଙ୍କାଙ୍କୁ ମଧ୍ୟ ଦଳରେ ସ୍ଥାନ ମିଳିନାହିଁ। ନିଶାନ ମଦୁସ୍କା, ଲାହିରୁ ଉଦାରା, ନିଶାନ ମଦୁସ୍କା, ଦିନେଶ ଚାଣ୍ଡିମଲ, ଡେବ୍ୟୁ ଆଶାରେ ଥିବା ପାସିନ୍ଦୁ ସୁରିଆବାନ୍ଦରା, ଓ ସୋନାଲ ଦିନୁଶା ବ୍ୟାଟିଂ ଭାର ସମ୍ଭାଳିବେ। ୧୬ ଜଣିଆ ଦଳରେ ୪ଜଣ ସ୍ପେଶାଲିଷ୍ଟ ପେସର ଓ ୪ଜଣ ସ୍ପିନର ରହିଛନ୍ତି।

**ଘୋଷିତ ଶ୍ରୀଲଙ୍କା ଟେଷ୍ଟ ଦଳ** : ଧନଞ୍ଜୟ ଡି ସିଲ୍‌ଭା (ଅଧିନାୟକ), ଲାହିରୁ ଉଦାରା, ନିଶାନ ମଦୁସ୍କା, କାମିନ୍ଦୁ ମେଣ୍ଡିସ୍ (ଉପଅଧିନାୟକ), ଦିନେଶ ଚାଣ୍ଡିମଲ, ପାସିନ୍ଦୁ ସୁରିଆବାନ୍ଦରା, ସୋନାଲ ଦିନୁଶା, ନିରୋସନ ଡିକ୍‌ୱେଲା (ୱିକେଟ ରକ୍ଷକ), ରମେଶ ମେଣ୍ଡିସ୍, ପ୍ରବାତ ଜୟସୁରିଆ, କେଶରା ନୁୱାନ୍ଥା, ମିଲନ ରତନାୟକେ, ଅସିଥା ଫର୍ଣ୍ଣାଣ୍ଡୋ, ଲାହିରୁ କୁମାରା, ବିଶ୍ୱ ଫର୍ଣ୍ଣାଣ୍ଡୋ ଓ ଦିଲସାନ ମଦୁଶଙ୍କା।

## କ୍ଷମତା ବିବାଦ ଓ ପ୍ରଶାସନିକ ତ୍ରୁଟି : ଟିଟିଏଫ୍‌ଆଇ ନିଲମ୍ବିତ

ନୂଆଦିଲ୍ଲୀ,୧୨।୮ (ଏଜେନ୍ସି): କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ବୁଧବାର 'ଟେବୁଲ୍ ଟେନିସ୍ ଫେଡେରେସନ୍ ଅଫ୍ ଇଣ୍ଡିଆ' (ଟିଟିଏଫ୍‌ଆଇ)କୁ ନିଲମ୍ବିତ କରିଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ନିର୍ବାଚନ କରିବାରେ ବିଫଳ ହେବା ଏବଂ ପ୍ରଶାସନିକ ତ୍ରୁଟି ଯୋଗୁଁ ଏହି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ମହାସଂଘର ପରିଚାଳନା ପାଇଁ ଏକ ଆଡ୍-ହକ୍ କମିଟି ଗଠନ କରିବାକୁ ଭାରତୀୟ ଅଲିମ୍ପିକ୍ ଆସୋସିଏସନ୍ (ଆଇଓଏ)କୁ କ୍ରୀଡ଼ା ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଛି। ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ମହାସଂଘକୁ ଦିଆଯାଇଥିବା 'କାରଣ ଦର୍ଶାଅ' ନୋଟିସ୍‌ର ଉତ୍ତର ସନ୍ତୋଷଜନକ ନଥିଲା। ବର୍ତ୍ତମାନ ହରିୟାଣା ବିଧାୟକ ଦୁଷ୍ୟନ୍ତ ଚୌତାଲାଙ୍କ ପତ୍ନୀ ମେଘନା ଅହଲାୱାତ୍ ଟିଟିଏଫ୍‌ଆଇର ସଭାପତି ରହିଛନ୍ତି। ବିଗତ କିଛି ମାସ ହେବ ମହାସଂଘ ଭିତରେ କ୍ଷମତା ପ୍ରତିଦ୍ୱନ୍ଦ୍ୱିତା ଏବଂ ପ୍ରଶାସନିକ ବିବାଦ ଚାଲିଆସୁଥିଲା। ଏହାଛଡ଼ା, ନିକଟରେ ଏସୀୟ କ୍ରୀଡ଼ା ଦଳରୁ ତାରକା ଖେଳାଳି ମାନିକା ବାତ୍ରାଙ୍କୁ ବାଦ୍ ଦିଆଯାଇଥିଲା। ଚୟନ ପ୍ରକ୍ରିୟାରେ ଅସ୍ୱଚ୍ଛତା ନେଇ ବାତ୍ରା ସାର୍ବଜନୀନ ଭାବେ ଅଭିଯୋଗ ଆଣିବା ପରେ ମନ୍ତ୍ରଣାଳୟ ଏହାକୁ ଗମ୍ଭୀରତାର ସହ ନେଇଥିଲା। ଜାତୀୟ ଚାମ୍ପିୟନ୍‌ସିପ୍ ଆୟୋଜନରେ ବିଳମ୍ବ ହେବା ସହ ଖେଳାଳିଙ୍କ କଲ୍ୟାଣ ପ୍ରତି ମହାସଂଘ ଅବହେଳା କରିଥିବା ମଧ୍ୟ ମନ୍ତ୍ରଣାଳୟ ଦର୍ଶାଇଛି। ସୂଚନାଯୋଗ୍ୟ, ଫେବୃଆରୀ ୨୦୨୨ରେ ମଧ୍ୟ ଦିଲ୍ଲୀ ହାଇକୋର୍ଟ ଟିଟିଏଫ୍‌ଆଇକୁ ନିଲମ୍ବିତ କରିଥିଲେ। ଅନ୍ତର୍ଜାତୀୟ ଟେବୁଲ୍ ଟେନିସ୍ ଫେଡେରେସନ୍ (ଆଇଟିଟିଏଫ୍) ସହ ଆଲୋଚନା କରି ଆଇଓଏ ଏକ ଅସ୍ଥାୟୀ ନିୟନ୍ତ୍ରକ କମିଟି ଗଠନ କରିବ। ଯାହାଫଳରେ ଗଣତାନ୍ତ୍ରିକ ପ୍ରକ୍ରିୟା ପୁନଃପ୍ରତିଷ୍ଠିତ ହେବା ପର୍ଯ୍ୟନ୍ତ କ୍ରୀଡ଼ା ପରିଚାଳନା ବାଧାପ୍ରାପ୍ତ ହେବନାହିଁ।

ଆଇସିସି ଟେଷ୍ଟ ର୍ୟାଙ୍କିଙ୍ଗ୍

## ଦୁଇ ବର୍ଷ ପରେ ଟପ୍-୧୦କୁ ଫେରିଲେ ବାବର୍



ଦୁବାଇ, ୧୨।୮ (ଏଜେନ୍ସି): ପାକିସ୍ତାନ ଭେଟେରାନ କ୍ରିକେଟର୍ ବାବର ଆଜାମ ଦୀର୍ଘ ୨ ବର୍ଷର ବ୍ୟବଧାନ ପରେ ଆଇସିସି ଟେଷ୍ଟ ର୍ୟାଙ୍କିଙ୍ଗ୍‌ର ଟପ୍-୧୦କୁ ଫେରିଛନ୍ତି। ଆଇସିସି ପକ୍ଷରୁ ସଦ୍ୟ ପ୍ରକାଶିତ ବ୍ୟାଟିଂ ତାଲିକାରେ ବାବର ୫ଟି ପାହାଚ ଉପରକୁ ଉଠି ୧୦ମ ସ୍ଥାନ ହାସଲ କରିଛନ୍ତି। ନିକଟରେ ସମାପ୍ତ ହୋଇଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜରେ ବାବର ୪ଟି ଇନିଂସରେ ଦୁଇଟି (୫୮ ଓ ୮୮ ରନ) ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଯେଉଁଥି ପାଇଁ ତାଙ୍କ ମାନ୍ୟତାରେ ଏହି ଉନ୍ନତି ଘଟିଛି। ବାବର ଶେଷଥର ଲାଗି ୨୦୨୪ ସେପ୍ଟେମ୍ବରେ ବ୍ୟାଟିଂ ତାଲିକାର ଟପ୍-୧୦ରେ ରହିଥିଲେ। ନିକଟରେ ୱେଷ୍ଟଇଣ୍ଡିଜ ସିରିଜ ଲାଗି ସାନ୍ ମାସୁଦଙ୍କ ସ୍ଥାନରେ ବାବରଙ୍କୁ ମଧ୍ୟ ଦଳର ନେତୃତ୍ୱ ଭାର ଦିଆଯାଇଥିଲା। ଅପରପକ୍ଷରେ ଟେଷ୍ଟ ବ୍ୟାଟିଂ ତାଲିକାରେ ଶ୍ରୀଲଙ୍କାର ଦୀନେଶ ଚାଣ୍ଡିମଲ୍, ନ୍ୟୁଜିଲାଣ୍ଡର ଡାରୀଲ ମିଚେଲ, ଅଷ୍ଟ୍ରେଲିଆର ଆଲେକ୍ସ କେରୀ, ଭାରତର ଋଷଭ ପନ୍ତ ଓ ଇଂଲଣ୍ଡର ବେନ୍ ଡକେଟ ଗୋଟିଏ ଲେଖାଏ ସ୍ଥାନ ହରାଇଛନ୍ତି। ଏହି ପାଞ୍ଚଜଣ ଖେଳାଳି ଯଥାକ୍ରମେ ୧୧ରୁ ୧୫ତମ ସ୍ଥାନ ମଧ୍ୟରେ ରହିଛନ୍ତି। ସେହିଭଳି ଟପ୍-୧୦ରେ ଦୁଇଜଣ ଭାରତୀୟ ଖେଳାଳି ଶୁବମନ ଗିଲ୍ (୭ମ) ଓ ଯଶସ୍ୱୀ ଜୟସ୍ୱାଲ (୯ମ) ସ୍ଥାନରେ ସ୍ଥିର ରହିଛନ୍ତି।

## ଲାଉସାନ୍ ଡାଇମଣ୍ଡ ଲିଗ୍‌ରୁ ଓହରିଲେ ଅର୍ଶଦ ନଦୀମ

ଇସଲାମାବାଦ,୧୨।୮ (ଏଜେନ୍ସି): ପାକିସ୍ତାନର ଅଲିମ୍ପିକ୍ ସ୍ୱର୍ଣ୍ଣପଦକ ବିଜେତା ଜାଭେଲିନ୍ ତାରକା ଅର୍ଶଦ ନଦୀମ ଚଳିତ ମାସର ଲାଉସାନ୍ ଡାଇମଣ୍ଡ ଲିଗ୍‌ରୁ ଓହରି ଯାଇଛନ୍ତି। ଜାପାନରେ ହେବାକୁ ଥିବା ଏସିଆନ୍ ଗେମ୍ସ ପାଇଁ ପ୍ରସ୍ତୁତି ଉପରେ ଧ୍ୟାନ ଦେବାକୁ ସେ ଏହି ନିଷ୍ପତ୍ତି ନେଇଛନ୍ତି। ନିକଟରେ ଶେଷ ହୋଇଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ନଦୀମ ଆଶାନୁରୂପ ପ୍ରଦର୍ଶନ କରି ନପାରି ୯ମ ସ୍ଥାନରେ ରହିଥିଲେ। ଅସାଧାରଣ ଥଣ୍ଡା ପାଗ ଯୋଗୁଁ ତାଙ୍କ ପ୍ରଦର୍ଶନ ପ୍ରଭାବିତ ହୋଇଥିବା ସେ କହିଥିଲେ। ପ୍ୟାରିସ୍ ୨୦୨୪ ଅଲିମ୍ପିକ୍ସରେ ୯୨.୯୭ ମିଟର ଥ୍ରୋ ସହ ଅଲିମ୍ପିକ୍ ରେକର୍ଡ କରି ସ୍ୱର୍ଣ୍ଣପଦକ ଜିତିଥିବା ନଦୀମ ଇତିହାସ ସୃଷ୍ଟି କରିଥିଲେ ଓ ଏବେ ଏସିଆନ୍ ଗେମ୍ସ ଉପରେ ନଜର ରଖିଛନ୍ତି।


## ଅଷ୍ଟ୍ରେଲିଆ ଟେଷ୍ଟ ଦଳରେ ୪ କିଂବଦନ୍ତୀ ବୋଲର

ସିଡ୍‌ନୀ, ୧୨।୮ (ଏଜେନ୍ସି): ଆସନ୍ତାକାଲିଠାରୁ ଅଷ୍ଟ୍ରେଲିଆର ଡାରୱିନ୍‌ଠାରେ ଖେଳାଯିବାକୁ ଥିବା ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟ ଲାଗି ଅଷ୍ଟ୍ରେଲିଆ ଟେଷ୍ଟ ଦଳ ଘୋଷଣା କରାଯାଇଛି। ଏହି ଦଳରେ ୪ଜଣ ଶ୍ରେଷ୍ଠ ବୋଲର ଯଥା ଅଧିନାୟକ ପ୍ୟାଟ କମିନ୍ସ, ମିଚେଲ ଷ୍ଟାର୍କ, ଜୋଶ ହାଜ୍‌ଲେଉଡ୍ ଓ ଏକମାତ୍ର ସ୍ପିନର ନାଥନ ଲାୟନଙ୍କୁ ସାମିଲ କରାଯାଇଛି।



ଦୀର୍ଘ ଏକବର୍ଷ ହେବ ଏହି ୪ ବୋଲର ଏକତ୍ର ଖେଳି ନାହାନ୍ତି। ଅଷ୍ଟ୍ରେଲିଆ ଚଳିତ ସିଜନରେ ୨୦ଟି ଏବଂ ସଫଳତା ପାଇଲେ ୨୧ଟି ଟେଷ୍ଟ ମ୍ୟାଚ୍ ଖେଳିବ। ଅନ୍ୟ ପକ୍ଷରେ ବାଂଲାଦେଶର ୩ଜଣ ଅଭିଜ୍ଞ ଫାଷ୍ଟ ବୋଲର ନାହିଦ୍ ରାଣା, ମୁସ୍ତାଫିଜର ରହମନ ଓ ଶୋରିଫୁଲ ଇସ୍‌ଲାମ ଓ ବ୍ୟାଟର ମୁସ୍‌ଫିକର ରହିମ ଆଘାତ ଯୋଗୁଁ ଏହି ମ୍ୟାଚରେ ଖେଳୁନାହାନ୍ତି। ଦୀର୍ଘ ୨୦ ବର୍ଷ ପରେ ଅଷ୍ଟ୍ରେଲିଆରେ ଟେଷ୍ଟ ମ୍ୟାଚ୍ ଖେଳିବାକୁ ବାଂଲାଦେଶ ଯାଇଛି।

## ଟରୋଣ୍ଟୋ ମାଷ୍ଟର୍ସ: ସେମିରେ ରିବାକିନା, ଗଫ୍



ଟରୋଣ୍ଟୋ, ୧୨।୮ (ଏଜେନ୍ସି): କାଜାଖସ୍ତାନ ଟେନିସ ତାରକା ଏଲିନା ରିବାକିନା ଏଠାରେ ଚାଲିଥିବା ଟରୋଣ୍ଟୋ ମାଷ୍ଟର୍ସର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ବୁଧବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ରିବାକିନା ୪-୬, ୭-୬ (୭/୫), ୬-୪ ସେଟରେ ଜାପାନର ନାଓମି ଓସାକାଙ୍କୁ ପରାସ୍ତ କରିଥିଲେ। ଦ୍ୱିତୀୟ ସିଡ୍ ରିବାକିନା ସେମିଫାଇନାଲରେ ଆମେରିକାର କୋକୋ ଗଫ୍‌ଙ୍କୁ ଭେଟିବେ। ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ଚତୁର୍ଥ ସିଡ୍ ଗଫ୍ ୱାକଓଭର ପାଇ ସେମିଫାଇନାଲକୁ ଉଠିଛନ୍ତି। ଗଫ୍‌ଙ୍କ ପ୍ରତିଦ୍ୱନ୍ଦ୍ୱୀ ସୁଇଜରଲାଣ୍ଡର ବେଲିଣ୍ଡା ବେନସିକ୍ ଆହତଜନିତ ସମସ୍ୟା ଲାଗି କ୍ୱାର୍ଟର ଫାଇନାଲ ଲଢ଼େଇରୁ ଓହରିଯାଇଥିଲେ।

## ରକି ଫ୍ଲିଣ୍ଟଫଙ୍କ ଶତକ



ଲଣ୍ଡନ, ୧୨।୮ (ଏଜେନ୍ସି): କିମ୍ବଦନ୍ତୀ ଇଂଲଣ୍ଡ ଅଲ୍‌ରାଉଣ୍ଡର ଆଣ୍ଡ୍ରିଉ ଫ୍ଲିଣ୍ଟଫଙ୍କ ପୁଅ ରକି ଫ୍ଲିଣ୍ଟଫ ପ୍ରଫେସନାଲ କ୍ରିକେଟରେ ପ୍ରଥମ ଶତକ ମାରିଛନ୍ତି। ଇଂଲଣ୍ଡର ଘରୋଇ ଦିନିକିଆ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ 'ୱାନ-ଡେ କପ୍'ରେ ୧୮ ବର୍ଷୀୟ ରକି ବିଧ୍ୱଂସୀ ଶତକୀୟ ଇନିଂସ ଖେଳିଛନ୍ତି। କାଉଣ୍ଟି କ୍ଲବ ଲଙ୍କାଶାୟର ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ରକି ସମରସେଟ୍ ବିପକ୍ଷରେ ମାତ୍ର ୭୬ଟି ବଲରେ ୧୨୩ ରନ ସଂଗ୍ରହ କରିଥିଲେ। ଯେଉଁଥିରେ ୭ଟି ଛକା ଓ ୧୦ଟି ଚୌକା ମାରିଥିଲେ। ଫଳରେ ତାଙ୍କ ଦଳ ଲଙ୍କାଶାୟର ୫୦ ଓଭରରେ ୬ ୱିକେଟ ହରାଇ ୪୪୩ ରନର ବିଶାଳ ସ୍କୋର କରିଥିଲା। ଜବାବରେ ସମରସେଟ୍ ଦଳ ୩୯.୨ ଓଭରରେ ମାତ୍ର ୨୬୯ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା।

ୱାଇଜିଟିଟିଏ ରାଜ୍ୟ ର୍ୟାଙ୍କିଙ୍ଗ୍ ଟିଟି ଉଦ୍‌ଯାପିତ

## ଜିଜ୍ଞାସୁ ସାଇ କିରଣ, ଉର୍ଜାଙ୍କୁ ଦ୍ୱିମୁକୁଟ

ଭୁବନେଶ୍ୱର,୧୨।୮ (ସମିସ)




କଟକ ସିଡିଏସ୍ଥିତ ବିଜୁ ପଟ୍ଟନାୟକ ବହୁମୁଖୀ ଇଣ୍ଡୋର ହଲ୍‌ରେ ଚାଲିଥିବା ୱାଇଜିଟିଟିଏ ରାଜ୍ୟ ର୍‌ୟାଙ୍କିଙ୍ଗ୍ ଟେବୁଲ ଟେନିସ ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ପୁରୀର ଜିଜ୍ଞାସୁ ସାଇ କିରଣ ପ୍ରଧାନ ଓ କଟକର ଉର୍ଜା ବର୍ମା ଦ୍ୱିମୁକୁଟ ହାସଲ କରିଛନ୍ତି। ଜିଜ୍ଞାସୁ ସାଇ କିରଣ ୧୭ ଓ ୧୫ ବର୍ଷରୁ କମ୍ ବାଳକ ବିଭାଗରେ ଚାମ୍ପିଅନ ଓ ୧୯ ବର୍ଷରୁ କମ୍ ବିଭାଗରେ ରନର୍ସ ଅପ୍ ହୋଇଥିଲେ। କଟକର ଉର୍ଜା ୧୯ ଓ ୧୭ ବର୍ଷରୁ କମ୍ ବାଳିକା ବିଭାଗରେ ଟାଇଟଲ ଜିତିଥିଲେ। କଟକର ଜିଜ୍ଞାସୁ ସାହୁ ବାଳକ ୧୯ ବର୍ଷରୁ କମ୍ ବିଭାଗରେ ଓ ପୁରୁଷ ବିଭାଗରେ ଆର୍‌ବିଆଇର ଆସିଫ୍ ହକ୍‌କୁ ହରାଇ ଏଜିର ମୈନାକ ଦାସ ଚାମ୍ପିଅନ ହୋଇଥିଲେ।

ମହିଳା ବିଭାଗରେ ରେଲୱେ ଅଡିଟ୍‌ର ନେହା କୁମାରୀ ଚାମ୍ପିଅନ ଓ ଭୁବନେଶ୍ୱରର ଶ୍ୱେତପଦ୍ମା ଦଳାଇ ରନର୍ସଅପ୍ ହୋଇଛନ୍ତି। ୧୫ ବର୍ଷରୁ କମ୍ ବାଳିକାରେ ଖୋର୍ଦ୍ଧାର ଶ୍ୱେତା ବର୍ମା ଟାଇଟଲ ଜିତିଥିଲାବେଳେ ୧୭ ଓ ୧୯ ବର୍ଷରୁ କମ୍ ବିଭାଗରେ ରନର୍ସ ଅପ୍ ହୋଇଥିଲେ। ୧୩ ବର୍ଷରୁ କମ୍ ବାଳକ ବିଭାଗରେ ଅଭନୀଶ ସୁବ୍ରମଣ୍ୟମ ଓ ରୁଦ୍ର ରଣବୀର, ବାଳିକାରେ ଆରାଧ୍ୟା ସାହୁ ଓ ଅନ୍ୱେଷା ଅନିରୁଦ୍ଧ, ୧୧ ବର୍ଷରୁ କମ୍ ବାଳକରେ କଟକର ସୟଦ ଅର୍ଶାଜ୍ ଅଲି ଓ ଖୋର୍ଦ୍ଧାର ଶୁଭାଂଶୁ ମୋହନ ସାହୁ, ବାଳିକା ବିଭାଗରେ କଟକର ସିଦ୍ଧିକା ଭଗତ ଯଥାକ୍ରମେ ଚାମ୍ପିଅନ ଓ ରନର୍ସଅପ୍ ହୋଇଛନ୍ତି। ପ୍ରତିଯୋଗିତା ଶେଷରେ ଓଡ଼ିଶା କ୍ରିକେଟ ସଂଘ ସମ୍ପାଦକ ସଞ୍ଜୟ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଓଡ଼ିଶା ରାଜ୍ୟ ଟିଟି ସଂଘ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା ଓ ଅନ୍ୟମାନେ ଅତିଥିଭାବେ ଉପସ୍ଥିତ ଥିଲେ।

ଏଫ୍‌ଆଇଏଚ୍ ହକି ବିଶ୍ୱକପ୍: ଆଉ ୨ ଦିନ

## ପାକିସ୍ତାନକୁ ୪ଟି, ନେଦରଲ୍ୟାଣ୍ଡସକୁ ୯ ଟାଇଟଲ୍

ନୂଆଦିଲ୍ଲୀ,୧୨।୮ (ଏଜେନ୍ସି): ଅନ୍ତର୍ଜାତୀୟ ହକି ଫେଡେରେସନ ଦ୍ୱାରା ଆୟୋଜିତ ହୋଇ ଆସୁଥିବା ହକି ବିଶ୍ୱକପ୍‌ର ୧୫ଟି ସଂସ୍କରଣ ଶେଷ ହୋଇଛି। ଏହି ୧୫ଟି ମଧ୍ୟରୁ ପାକିସ୍ତାନ ପୁରୁଷ ଦଳ ସର୍ବାଧିକ ୪ଥର ଚାମ୍ପିଅନ ହୋଇଛି। ଏହି ଦଳ ୧୯୭୧, ୧୯୭୮, ୧୯୮୨ ଓ ୧୯୯୪ରେ ଟାଇଟଲ କବ୍‌ଜା କରିଛି। ପୁରୁଷ ବିଭାଗରେ ନେଦରଲ୍ୟାଣ୍ଡସ, ଜର୍ମାନୀ ଓ ଅଷ୍ଟ୍ରେଲିଆ ୩ଥର ଲେଖାଏଁ ଚାମ୍ପିଅନ ହୋଇଛନ୍ତି। ଭାରତ ଓ ବେଲଜିୟମ ଥରେ ଲେଖାଏଁ ହକି ବିଶ୍ୱକପ୍ ଟାଇଟଲ ଜିତିଛନ୍ତି। ଭାରତ ୧୯୭୫ରେ ପ୍ରଥମ ଓ ଶେଷଥର ଲାଗି ଟାଇଟଲ ଜିତିଥିଲା। ମହିଳା ବିଭାଗରେ ନେଦରଲ୍ୟାଣ୍ଡସ ସର୍ବାଧିକ ତଥା ରେକର୍ଡ ୯ଥର ଚାମ୍ପିଅନ ହୋଇଛି। ଆର୍ଜେଣ୍ଟିନା, ଜର୍ମାନୀ ଓ ଅଷ୍ଟ୍ରେଲିଆ ୨ଥର ଲେଖାଏଁ ଟାଇଟଲ ଜିତିଛନ୍ତି। ଅଗଷ୍ଟ ୧୫ ତାରିଖରୁ ନେଦରଲ୍ୟାଣ୍ଡସର ଆମଷ୍ଟଲଭିନ୍ ଓ ବେଲଜିୟମ୍ ୱାଭରେ ସହରରେ ସେପ୍ଟେମ୍ବର ୩୦ ତାରିଖ ଯାଏ ଉଭୟ ପୁରୁଷ ଓ ମହିଳା ହକି ବିଶ୍ୱକପ୍ ଖେଳାଯିବ। ପୁରୁଷ ବିଭାଗରେ ଜର୍ମାନୀ ଓ ମହିଳାରେ ନେଦରଲ୍ୟାଣ୍ଡସ ଡିଫେଣ୍ଡିଂ ଚାମ୍ପିଅନ ରହିଛି।


୧୯୭୫ ବିଜେତା ଭାରତୀୟ ଦଳ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA